ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜୁଲାଇ ୧୩/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, July 13 / 2019 ★★

୧୫ଶ ଭାଗ ୨୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ଜୋକୋଭିଚ୍ ଫାଇନାଲରେ

ଗତଥରର ଚାମ୍ପିୟନ ସର୍ବିୟାର ନୋଭାକ ଜୋକୋଭିଚ୍ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୫

୦୨

'କାର୍‌ଗିଲ ଗର୍ଲ'ରେ ଜାହ୍ନବୀ

ଜର୍ଜିଆରେ 'କାର୍‌ଗିଲ ଗର୍ଲ'ର ଶୁଟିଂ ପାଇଁ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଅଙ୍ଗଦ ବେଦୀ ପୂରା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।

ଶୁକ୍ରବାର ଅପରାହ୍ନ ସାଢ଼େ ୫ଟାରେ ତିନି ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ଦାରୁବିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ।

ବାହୁଡ଼ିଲେ ଲୀଳାମୟ

ପୁରୀ ଅଫିସ,୧୨।୭

ଜନ୍ମବେଦୀରେ ଲୀଳାଖେଳା ସାରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି ପ୍ରଭୁ ଲୀଳାମୟ। ଦାରୁଦିଅଁଙ୍କ ଏହି ବାହୁଡା ଯାତ୍ରା ପାଇଁ ଶୁକ୍ରବାର ସକାଳୁ ବଡ଼ଦାଣ୍ଡ ପାଲଟିଥିଲା ଜନସମୁଦ୍ର। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ବାହୁଡା ନୀତିକାନ୍ତି ଓ ପହଣ୍ଡି ସଅଳ ହୋଇଥିଲା। ଅଝଟ ନ ହୋଇ ନିର୍ଦ୍ଧାରିତ ସମୟର ୩ ଘଣ୍ଟା ୧୫ ମିନିଟ୍ ପୂର୍ବରୁ ରଥାରୂଢ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। ନିର୍ଦ୍ଧାରିତ ସମୟର ୨ ଘଣ୍ଟା ୪୫ ପୂର୍ବରୁ ଆରମ୍ଭ ହେଲା ରଥଟଣା। ଭାଇଭାଉଣୀଙ୍କୁ ସାଥିରେ ଧରି କାଳିଆ ଠାକୁର ବାହାରିଥିଲେ ଶ୍ରୀମନ୍ଦିର ଅଭିମୁଖେ। ଅପରାହ୍ନ ସାଢେ ୫ଟା ସୁଦ୍ଧା ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା ତିନିରଥ। ଶନିବାର ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା।

ଆଷାଢ ଶୁକ୍ଳ ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଛି ବାହୁଡା ଯାତ୍ରା। ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ଫେରାଇ ନେବା ଲାଗି ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ। ସକାଳୁ ପାଗ ଖରାଟିଆ ରହିଥିଲେ ବି ଏହା ଭଗବାନଙ୍କଠାରୁ ଭକ୍ତଙ୍କୁ ଅଲଗା କରିପାରି ନ ଥିଲା। ସକାଳ ୯ଟାରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ମଙ୍ଗଳାର୍ପଣ ହୋଇ ବାଜିଥିଲା ବିଜେ କାହାଳି।

- **ସଅଳ ହେଲା ପହଣ୍ଡି, ରଥଟଣା**
- **ସିଂହଦ୍ୱାରରେ ରଥ ପହଞ୍ଚିବାରେ ରେକର୍ଡ**

ବାହୁଡା ପହଣ୍ଡି ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହେବା ପାଇଁ ନୀତିନିର୍ଘଣ୍ଟ ହୋଇଥିବା ବେଳେ ୨ ଘଣ୍ଟା ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ସକାଳ ୯ଟା ୧୦ରେ ହୋଇଥିଲା ଦାରୁବିଗ୍ରହମାନଙ୍କ ପହଣ୍ଡି। ଧାଡି ପହଣ୍ଡିରେ ପ୍ରଥମେ ସୁଦର୍ଶନ ରଥାରୂଢ ହୋଇଥିଲେ। ପରେ ବଡ଼ଠାକୁର ବଳଭଦ୍ର, ହଳଦୀମୁଖୀ ମା' ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ ହୋଇଥିଲେ। ୧୧ଟା ୧୫ ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା। ୧୧ଟା ୩୦ରେ ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ ହୋଇଥିଲେ। ମଧ୍ୟାହ୍ନ ୧୨ଟା ୧୦ରେ ଆରମ୍ଭ ହୋଇଥିଲା ଛେରାପହଁରା। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁନାବେଷ ଲଗା ଖଡିକାରେ ଛେରାପହଁରା କରିଥିଲେ। ୧୨ଟା ୫୫ ସୁଦ୍ଧା ଛେରାପହଁରା ସରିବା ପରେ ଚାରମାଳ ଫିଟା ହୋଇ ଘୋଡା ଓ ସାରଥି ଲାଗିଥିଲା। ପୂର୍ବରୁ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅପରାହ୍ନ ୧ଟା ୧୫ରେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ଟଣାଯାଇଥିଲା। ଏହାପରେ ଅପରାହ୍ନ ୧ଟା ୫୦ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ନ ୨ଟା ୫ରେ ନନ୍ଦିଘୋଷ ରଥକୁ ଭକ୍ତ ଟାଣିଥିଲେ। ମାଉସୀ ମା' ମନ୍ଦିର ସମ୍ମୁଖରେ ପ୍ରତି ରଥ ପହଞ୍ଚିବା ପରେ ଠାକୁରଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା। ଅପରାହ୍ନ ୩ଟା ୫୦ରେ ତାଳଧ୍ୱଜ ଏବଂ ୪ଟାରେ ଦର୍ପଦଳନ ରଥ ସିଂହଦ୍ୱାର ନିକଟରେ ପହଞ୍ଚିଥିଲା। ନନ୍ଦିଘୋଷ ରଥ ଶ୍ରୀନହରଠାରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୫ଟା ୧୦ରେ ଶ୍ରୀଜଗନ୍ନାଥଙ୍କ ରଥଟଣା ଯାଇ ସିଂହଦ୍ୱାରକୁ ନିଆଯାଇଥିଲା। ସାଢେ ୫ଟାରେ ନନ୍ଦିଘୋଷ ସିଂହଦ୍ୱାରରେ ଲାଗିଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ରଥ ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ରଥାରୂଢ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ବାହୁଡା ଯାତ୍ରାରେ ପ୍ରାୟ ୫ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

ଗତବର୍ଷ ତିନିରଥ ଅପରାହ୍ନ ୫ଟା ୩୫ରେ ସିଂହଦ୍ୱାରରେ ଲାଗିଥିଲା। ଏଥର ଆହୁରି ୫ ମିନିଟ୍ ପୂର୍ବରୁ ତିନିରଥ ପହଞ୍ଚିଯାଇଛି। ତେଣୁ ବିଗତ କିଛିବର୍ଷକୁ ଦେଖିଲେ ପହଣ୍ଡି, ରଥଟଣା ଏବଂ ସିଂହଦ୍ୱାରରେ ରଥ ଲାଗିବା ଏକ ରେକର୍ଡ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ଦୋଳମଣ୍ଡପ ସାହି ପ୍ରବେଶ ପଥରେ ହୋଇଥିବା ଦଳାଚକଟା

ଦଳାଚକଟା: ୫୦ ଆହତ

ପୁରୀ ଅଫିସ,୧୨।୭

ନନ୍ଦିଘୋଷ ରଥ ଶୁକ୍ରବାର ଅପରାହ୍ନ ସାଢ଼େ ୫ଟାରେ ସିଂହଦ୍ୱାରରେ ପହଞ୍ଚିବା ସମୟରେ ଦୋଳମଣ୍ଡପ ସାହି ପ୍ରବେଶ ପଥରେ ଦଳାଚକଟା ହୋଇଥିଲା। ବଡ଼ଦାଣ୍ଡରେ ଥିବା ଭକ୍ତମାନଙ୍କୁ ପୋଲିସ ଦୋଳମଣ୍ଡପ ସାହି ଦେଇ ବାହାରକୁ ଛାଡୁଥିଲା। ହେଲେ ପ୍ରବେଶ ପଥରେ ହଠାତ୍ ଭିଡ଼ ହୋଇଯିବାରୁ ଦଳା ଚକଟା ହୋଇଥିଲା। ବହୁ ଭକ୍ତ ତଳେ ପଡିଯାଇଥିଲେ। ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜିଲା ହସ୍ପିଟାଲରେ ଚିକିତ୍ସା କରାଯାଇଛି।

ଆସ୍ଥାଭୋଟ ଲୋଡ଼ିବେ କୁମାରସ୍ୱାମୀ

ବେଙ୍ଗାଲୁରୁ,୧୨।୭(ପି.ଟି.)

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ବିଧାନସଭାରେ ଆସ୍ଥାଭୋଟ ଲୋଡିବେ ବୋଲି ଶୁକ୍ରବାର କହିଛନ୍ତି। ଏଥିପାଇଁ ସମୟ ଧାର୍ଯ୍ୟ କରିବା ନିମନ୍ତେ ସେ ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ଅନୁରୋଧ କରିଛନ୍ତି। ସେ କ୍ଷମତା ଜାବୁଡ଼ି ଧରିବାକୁ ଚାହାନ୍ତି ନାହିଁ। ସବୁକିଛି କରିବା ଲାଗି ସେ ପ୍ରସ୍ତୁତ ବୋଲି ଜେଡିଏସ୍ ନେତା ବିଧାନସଭାରେ କହିଥିଲେ। କର୍ନାଟକରେ ରାଜନୈତିକ ସଙ୍କଟ ଗୁରୁତର ହୋଇପଡ଼ିଥିବାବେଳେ ଶୁକ୍ରବାର ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ବିଧାନସଭାରେ କଂଗ୍ରେସର ୧୩ ଜଣ ଏବଂ ଜେଡିଏସ୍‌ର ୩ ବିଧାୟକ ଇସ୍ତଫା ଦେଇଥିବାବେଳେ ଦୁଇ ସ୍ୱାଧୀନ ବିଧାୟକ ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ୧୩ ମାସର ମେଣ୍ଟ ସରକାର ଭାଙ୍ଗିବା ସ୍ଥିତିରେ ପହଞ୍ଚିଛି।

- **ନାବାଳିକା ଛାତ୍ରୀ ବଳାତ୍କାର ଘଟଣା**

ମୁଣ୍ଡରୁ ଦୋଷ ଛଡାଇ ଦେଲେ ମନ୍ତ୍ରୀ

୩

- **ସଦସ୍ୟଙ୍କ ଉଦ୍‌ବେଗ**

ଆଇକନିକ୍ ଡେଷ୍ଟିନେଶନରୁ ଓଡ଼ିଶା ଗାଏବ

୪

- **ଚିଟ୍‌ଫଣ୍ଡ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଦାଖଲ**

୧,୩୬,୦୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ

୩

ଆଜିର ସମ୍ପାଦକୀୟ

ବାବୁଙ୍କ ଆଇନଗତ ଲଢ଼େଇ

ଆଜିର ମନ୍ତବ୍ୟ

ଆମେରିକା ଅହିଂସା ଆନ୍ଦୋଳନରେ ମହାତ୍ମା ଗାନ୍ଧୀ ଆଧ୍ୟାତ୍ମିକ ନେତା ଥିଲେ।

–ନାନ୍ସି ପେଲୋସି
ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ବାଚସ୍ପତି

AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR
For Admission please Contact:
7873006705, 7873006725, 7978326206,
7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

ଜଳ ଯନ୍ତ୍ରଣା

ସ୍ୱତନ୍ତ୍ର ଟ୍ରେନରେ ପାଣି ଚେନ୍ନାଇ ପଠାଗଲା

ଚେନ୍ନାଇ,୧୨।୭

ତାମିଲନାଡୁର ଚେନ୍ନାଇରେ ଜଳସଙ୍କଟ ଏଡ଼ାଇବା ଲାଗି ଏକ ସ୍ୱତନ୍ତ୍ର ଟ୍ରେନରେ ଭେଲୋର ଜିଲା ଅନ୍ତର୍ଗତ ଜୋଲାରପେଟାଇରୁ ସେଠାକୁ ପିଇବା ପାଣି ପଠାଯାଇଛି। ୫୦ ୱାଗନ୍‌ଯୁକ୍ତ ଟ୍ରେନରେ ମୋଟ ୨.୫ ନିୟୁତ ଲିଟର ପାଣି ଶୁକ୍ରବାର ସକାଳେ ପଠାଯାଇଥିବାବେଳେ ଅପରାହ୍ନରେ ଏହା ଚେନ୍ନାଇର ଭିଲ୍ଲିଭାକ୍କମ ଷ୍ଟେଶନରେ ପହଞ୍ଚିଥିବା ପ୍ରକାଶ। ପ୍ରତ୍ୟେକ ୱାଗନ୍‌ରେ ୫୫ ହଜାର ଲିଟର ପାଣି ରହିଛି।

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ଦୈନିକ ୧୦ ନିୟୁତ ଲିଟର ପାଣି ଟ୍ରେନରେ ଜୋଲାରପେଟାଇରୁ ଅଣାଯାଇ ଚେନ୍ନାଇବାସୀଙ୍କ ଆବଶ୍ୟକତା ପୂରଣ କରାଯିବ ବୋଲି ଘୋଷଣା କରିଥିଲେ। ଏଥିଲାଗି ୬୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଗତ ୪ ମାସ ହେବ ଚେନ୍ନାଇବାସୀ ଜଳଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ୪ଟି ଯାକ ଜଳାଶୟ ଶୁଖିଲା ପଡ଼ିଛି। ଏଭଳି ସ୍ଥିତିରେ ସେଠାକୁ ଶୁକ୍ରବାର ପାଣି ଟ୍ରେନ ପଠାଯିବା ପରେ ଚେନ୍ନାଇବାସୀଙ୍କୁ ଆଶ୍ୱସ୍ତି ମିଳିଛି।

NATIONAL EGG CO-ORDINATION COMMITTEE
12.07.2019
Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	81	133	143
CTC	78	129	139
DKL	78	129	139
BDK	78	129	139
BLS	78	129	139
ANG	78	129	139

*Conditions Apply
Eggs Retail Price- 51/-Dozen
Issued in the Interest of Consumers

ଭାରତରେ ୧୯.୪୭ ଲକ୍ଷରୁ ଅଧିକ ଡାକ୍ତର ଅଛନ୍ତି।
-ହର୍ଷବର୍ଦ୍ଧନ,କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ

କର୍ନାଟକ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

୧୬ ଯାଏ କାର୍ଯ୍ୟାନୁଷ୍ଠାନ ନେଇପାରିବେନି ବାଚସ୍ପତି

ନୂଆଦିଲ୍ଲୀ,୧୨।୭(ପି.ଟି.)

କର୍ନାଟକର ବିଦ୍ରୋହୀ ବିଧାୟକମାନଙ୍କ ମାମଲାର ଶୁଣାଣି ୧୬ ତାରିଖରେ ସୁପ୍ରିମକୋର୍ଟରେ ହେବ। ସେ ପର୍ଯ୍ୟନ୍ତ ୧୦ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାର କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଶୁକ୍ରବାର କହିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ୍ଙ୍କୁ ନେଇ ଗଠିତ ଖଣ୍ଡପୀଠ କର୍ନାଟକ ମାମଲାକୁ ଏକ ଗୁରୁତର ପ୍ରସଙ୍ଗ ବୋଲି କହିବା ସହିତ ଏହା ଉପରେ ବିଚାର ନ ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେ ପର୍ଯ୍ୟନ୍ତ ବାଚସ୍ପତି ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫା ଏବଂ ଅଯୋଗ୍ୟ ଘୋଷଣା ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ।

ସମ୍ବିଧାନର ଧାରା ୩୨ ଅନୁଯାୟୀ ବିଦ୍ରୋହୀ ବିଧାୟକମାନଙ୍କ ଆବେଦନର ଉଲ୍ଲେଖଯୋଗ୍ୟତା ପ୍ରସଙ୍ଗ ଉପରେ କର୍ନାଟକ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ପ୍ରଶ୍ନ ଉଠାଇଛନ୍ତି। ବିଦ୍ରୋହୀ ବିଧାୟକମାନଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ବାଚସ୍ପତିଙ୍କ ରିପୋର୍ଟକୁ ବିରୋଧ କରିଥିଲେ। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଶାସକ ମେଣ୍ଟ ପକ୍ଷରୁ ଆବେଦନ କରାଯାଇଥିବାରୁ ଏଭଳି ନିଷ୍ପତ୍ତି ବିଧାୟକମାନଙ୍କ ଇସ୍ତଫା ପୂର୍ବରୁ ନେବାର ଥିଲା ବୋଲି ରୋହତଗୀ କହିଛନ୍ତି। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମାମଲାର ଅଧିକ ଶୁଣାଣି ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ଏଥିସହିତ ପରବର୍ତ୍ତୀ ଶୁଣାଣି ୧୬ ତାରିଖକୁ ଧାର୍ଯ୍ୟ କରିଥିଲେ।

ବିଧାୟକମାନେ ସୁପ୍ରିମକୋର୍ଟ ଯାଇଥିବାରୁ ବାଚସ୍ପତି ସେମାନଙ୍କୁ ଗଣମାଧ୍ୟମ ଆଗରେ ଭର୍ତ୍ସନା କରିଛନ୍ତି। ବାଚସ୍ପତିଙ୍କୁ ଦିନେ କିମ୍ବା ଦୁଇଦିନ ମଧ୍ୟରେ ବିଧାୟକମାନଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ତାଙ୍କ ବିରୋଧରେ ଅଦାଲତ ଅବମାନନା ନୋଟିସ ଜାରି କରାଯାଇପାରିବ ବୋଲି ରୋହତଗୀ କହିଛନ୍ତି। ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ବିଧାନସଭାରେ ବିଧେୟକ ତଥା ଅନ୍ୟାନ୍ୟ କାର୍ଯ୍ୟରେ ବାଚସ୍ପତିଙ୍କୁ କହିଥିଲେ। ବିଧାୟକମାନେ ସେମାନଙ୍କ ଆବେଦନରେ ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି। ଅଥଚ ଏ ସମ୍ପର୍କରେ ଶୁଣାଣି କରା ନ ଯାଇ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଧାୱନ କହିଛନ୍ତି। ଏହା ବ୍ୟତୀତ ଇସ୍ତଫା ଦେଇଥିବା ଜଣେ ବିଦ୍ରୋହୀ ବିଧାୟକ ଟିଟ୍‌ଫଣ୍ଡରେ ସମ୍ପୃକ୍ତ ଯେଉଁଥିରେ ରାଜ୍ୟ ସରକାରଙ୍କୁ ଅଭିଯୁକ୍ତ କରାଯାଇଛି। ବିଧାୟକମାନଙ୍କ ଇସ୍ତଫା ସ୍ୱେଚ୍ଛାକୃତ

'ଅର୍ଥବଳ ପ୍ରୟୋଗ କରୁଛି ଭାଜପା'

ଅହମଦାବାଦ,୧୨।୭: କର୍ନାଟକରେ ସରକାର ଭାଙ୍ଗିବାକୁ ଭାଜପା ଅର୍ଥବଳ ପ୍ରୟୋଗ କରିବା ସହ ଭୟଭୀତ କରାଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଶାସକ ମେଣ୍ଟର ୧୬ ବିଧାୟକ ଇସ୍ତଫା ଦେବା ଫଳରେ ସରକାର ଭାଙ୍ଗିବା ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ଗୋଆ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଭାଜପା ଏଭଳି କରି କ୍ଷମତା ଦଖଲ କରିଥିଲା। ଏବେ ସେହି ସୂତ୍ରକୁ କର୍ନାଟକରେ ପ୍ରୟୋଗ କରୁଛି। ସେମାନଙ୍କ ପାଖରେ ଅର୍ଥ, କ୍ଷମତା ସବୁକିଛି ରହିଛି ଏବଂ ସେମାନେ ତାହାର ଉପଯୋଗ କରୁଛନ୍ତି ବୋଲି ଅହମଦାବାଦରେ ଖବରଦାତାମାନଙ୍କୁ ରାହୁଲ କହିଛନ୍ତି। କଂଗ୍ରେସ ସତ୍ୟ ପାଇଁ ଲଢୁଛି, କାରଣ ସତ୍ୟ ହିଁ ତାଙ୍କ ଦଳକୁ ମଜଭୁତ କରିବ ବୋଲି ରାହୁଲ କହିଥିଲେ।

କୋଲକାତାରେ ଜଳ ସଂରକ୍ଷଣ ସଚେତନତା ରାଲିରେ ମୁଖ୍ୟମନ୍ତ୍ରୀ ବାନାର୍ଜୀ ଓ ଅନ୍ୟମାନେ ଯୋଗ ଦେଇଛନ୍ତି।

ଟିଏମ୍‌ସି ବିଧାୟକଙ୍କୁ ମମତାଙ୍କ ପରାମର୍ଶ

ଭୁଲ କରିଥିଲେ ଲୋକଙ୍କୁ କ୍ଷମା ମାଗ

କୋଲକାତା,୧୨।୭

ଗତ ଲୋକ ସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ସେଭଳି ଦମ୍ଭ ରହି ନ ଥିବାବେଳେ ଲୋକଙ୍କ ନିକଟତର ହୋଇ ସେମାନଙ୍କ ଆସ୍ଥାଭାଜନ ହେବା ଲାଗି ଦଳର ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳର ବିଧାୟକଙ୍କୁ କହିଛନ୍ତି। ଆବଶ୍ୟକ ପଡ଼ିଲେ କରିଥିବା ଭୁଲ ଲାଗି ଲୋକଙ୍କୁ କ୍ଷମା ମାଗିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ନିର୍ବାଚନ ପରେ ଗୁରୁବାର ଦଳୀୟ ବୈଠକରେ ମମତା ନମ୍ରତାର ସହ ଲୋକଙ୍କ ସମସ୍ୟା ବୁଝିବାକୁ ବିଧାୟକଙ୍କୁ କହିଛନ୍ତି। ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଲୋକଙ୍କ ଆସ୍ଥାଭାଜନ ହେବା ଲାଗି ପରାମର୍ଶ ଦେଇଛନ୍ତି। ବୁଥ୍ ଲେଭଲରେ ଦଳକୁ ସଜାଡ଼ିବା, ସରକାରଙ୍କ ଜନମଙ୍ଗଳ କାର୍ଯ୍ୟ ଲୋକଲୋଚନକୁ ଆଣିବା ସହ ତୃଣମୂଳସ୍ତରରେ ଲୋକଙ୍କ ସହ ରହିବା ଲାଗି ଦଳୀୟ ବିଧାୟକ ଓ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ପଶ୍ଚିମବଙ୍ଗରେ ଭାଜପାର ଶକ୍ତିବୃଦ୍ଧି ଟିଏମ୍‌ସିର ଚିନ୍ତା ବଢ଼ାଇ ଦେଇଛି।

ଆସ୍ଥାଭୋଟ ପୂର୍ବରୁ ଘୋଡ଼ାବେପାର ଭୟ

ବିଧାୟକଙ୍କୁ ଜଗିଲେ ସବୁ ଦଳ

ବେଙ୍ଗାଲୁରୁ,୧୨।୭: କର୍ନାଟକର ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫା ଏବଂ ଅଯୋଗ୍ୟ ଘୋଷଣା ସମ୍ପର୍କରେ ବାଚସ୍ପତି ୧୬ ତାରିଖ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାର ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆସ୍ଥାଭୋଟ ଲୋଡ଼ିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଫଳରେ ତିନି ଦଳ ପକ୍ଷରୁ ଆସ୍ଥାଭୋଟ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ରାଜନୈତିକ ଅନିଶ୍ଚିତତା ଲାଗି ରହିଥିବାବେଳେ ଘୋଡ଼ାବେପାର ଆଶଙ୍କା ଥିବାରୁ ଦଳଗୁଡିକ ସେମାନଙ୍କ ବିଧାୟକମାନଙ୍କୁ ସୁରକ୍ଷିତ ରଖିବା ଲାଗି ଯୋଜନା ଆରମ୍ଭ କରିଦେଇଛନ୍ତି। ଇତିମଧ୍ୟରେ ଭାଜପା ତା'ର ବିଧାୟକମାନଙ୍କୁ ବେଙ୍ଗାଲୁରୁ ନିକଟବର୍ତ୍ତୀ ଏକ ରିସର୍ଟକୁ ନେବା ଲାଗି ନିଷ୍ପତ୍ତି ନେଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଜେଡିଏସ୍ ବିଧାୟକମାନେ ମଧ୍ୟ ଏକ ରିସର୍ଟରେ ରହିଛନ୍ତି।

୨୨୪ ଆସନ ବିଶିଷ୍ଟ କର୍ନାଟକ ବିଧାନସଭାରେ ମ୍ୟାଜିକ ନମ୍ବର ୧୧୩ ହୋଇଥିବାବେଳେ ଶାସକ ମେଣ୍ଟରେ କଂଗ୍ରେସର ୭୮, ଜେଡିଏସ୍‌ର ୩୭ ଏବଂ ବିଏସ୍‌ପିର ଜଣେ ବିଧାୟକଙ୍କୁ ମିଶାଇ ମୋଟ ସଂଖ୍ୟା ୧୧୬ ରହିଛି। ଅନ୍ୟପକ୍ଷରେ ଭାଜପା ପାଖରେ ୧୦୭ ବିଧାୟକ ଅଛନ୍ତି। ୧୬ ବିଧାୟକଙ୍କ ଇସ୍ତଫା ଯଦି ଗୃହୀତ ହୁଏ ତେବେ ମେଣ୍ଟର ବିଧାୟକ ସଂଖ୍ୟା ୧୦୦କୁ ହ୍ରାସ ପାଇବ। ତେବେ କୁମାରସ୍ୱାମୀ ସ୍ୱେଚ୍ଛାକୃତ ଭାବେ ଆସ୍ଥାଭୋଟ ଲୋଡିବା ପାଇଁ ନିଷ୍ପତ୍ତି ନେବା ଏବଂ ସେ ଯେତେବେଳେ ଚାହିଁବେ ସମୟ ଦିଆଯିବ ବୋଲି ବାଚସ୍ପତି କହିଥିବାରୁ ଶାସକ ମେଣ୍ଟ ବିରୋଧୀ ଦଳରୁ ବିଧାୟକ କିଣିବା ଯୋଜନାରେ ଥିବା ଭାଜପା ଆଶଙ୍କା କରିଛି। ସେଥିପାଇଁ ବିଧାୟକମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ଲାଗି ଦଳ ନିଷ୍ପତ୍ତି ନେଇଛି।

ଆଇନଗତ ଯାଞ୍ଚରୁ ବାଦ୍ ଦିଆଯାଇଛି। ତେବେ ଇସ୍ତଫା ପ୍ରସଙ୍ଗରେ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ କହିଛନ୍ତି। ବାଚସ୍ପତି ଏକ ସାମ୍ବିଧାନିକ ପଦବୀ ହୋଇଥିବାରୁ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ସମ୍ପର୍କରେ ସେ ନିଷ୍ପତ୍ତି ନେଇପାରିବେ ବୋଲି କୁମାରସ୍ୱାମୀଙ୍କ ଓକିଲ ଏ.ଏମ୍. ସିଙ୍ଘଭି ଯୁକ୍ତି ବାଢ଼ିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରିବା କ୍ଷମତା ବାଚସ୍ପତିଙ୍କର ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ନୋଟିସ ଜାରି ନ କରି ବିଦ୍ରୋହୀ ବିଧାୟକମାନଙ୍କ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିଥିବା ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାଜୀବ ଧାୱନ ଖଣ୍ଡପୀଠଙ୍କୁ କି ନୁହେଁ ଅନୁଧ୍ୟାନ କରିବା ବାଚସ୍ପତିଙ୍କ ଦାୟିତ୍ୱ ବୋଲି ଧାୱନ କହିଥିଲେ।

ସୂଚନାଯୋଗ୍ୟ ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫାପତ୍ରକୁ ବାଚସ୍ପତି ଗ୍ରହଣ କରୁ ନ ଥିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ସନ୍ଧ୍ୟା ୬ଟାରେ ବାଚସ୍ପତିଙ୍କୁ ଭେଟିବା ଲାଗି ସୁପ୍ରିମକୋର୍ଟ ଉକ୍ତ ବିଧାୟକମାନଙ୍କୁ କହିବା ସହ ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇଦେବାକୁ କର୍ନାଟକ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ନାଟକ ବିଧାନସଭାରେ ଶାସକ ମେଣ୍ଟର ୧୬ ଜଣ ବିଧାୟକ ଇସ୍ତଫା ଦେଇଥିବାରୁ ସରକାର ଭାଙ୍ଗିବା ସ୍ଥିତିରେ ପହଞ୍ଚିଛି। ୨ ସ୍ୱାଧୀନ ବିଧାୟକ ମଧ୍ୟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି।

ଗୋଖାଦ୍ୟ ଦୁର୍ନୀତି ମାମଲା

ଲାଲୁ ଯାଦବଙ୍କୁ ଜାମିନ

ରାଞ୍ଚି,୧୨।୭(ପି.ଟି.)

ଏକ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ତେବେ ଅନ୍ୟ ଦୁଇଟି ମାମଲାରେ ତାଙ୍କୁ ଜେଲ ଦଣ୍ଡାଦେଶ ଦିଆଯାଇଥିବାରୁ ବିହାରର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ ଜେଲରେ ହିଁ ରହିବେ ବୋଲି ଜଣାପଡ଼ିଛି। ଦେଓଘର ଟ୍ରେଜେରିରୁ ୮୯.୨୭ ଲକ୍ଷ ଟଙ୍କା ବେଆଇନଭାବେ ଉଠାଇ ଅର୍ଥ ତୋସରପାତ କରିଥିବା ମାମଲାରେ ବିଚାରପତି ଅପରେଶ କୁମାର ସିଂ ଲାଲୁପ୍ରସାଦଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହି ମାମଲାରେ ସେ ଏପର୍ଯ୍ୟନ୍ତ ସାଢେ ୩ ବର୍ଷ ଜେଲଦଣ୍ଡ ଭୋଗିସାରିଲେଣି। ଲାଲୁ ପ୍ରସାଦ ମୋଟ ୪ଟି ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଦେଓଘର, ଦୁମ୍କା, ଚାଇବାସା ଓ ଡୋରାଣ୍ଡ ଟ୍ରେଜେରିରୁ ବେଆଇନଭାବେ ଅର୍ଥ ଉଠାଇ ତୋଷାରପାତ କରିଥିବା ମାମଲା ତାଙ୍କ ବିରୋଧରେ ରହିଛି। ୨୦୧୭ ଡିସେମ୍ବରରୁ ଲାଲୁ ପ୍ରସାଦ ଜେଲରେ ଅଛନ୍ତି। ଅସୁସ୍ଥ ହେବା ପରେ ତାଙ୍କୁ ଏବେ ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସରେ ଚିକିତ୍ସିତ କରାଯାଉଛି।

ପାକିସ୍ତାନ କୋର୍ଟକୁ ଜଣାଇଲେ ହଫିଜ୍

୨୬/୧୧ ଆକ୍ରମଣରେ ସମ୍ପୃକ୍ତ ନୁହେଁ

ଇସଲାମାବାଦ,୧୨।୭

ଜମାତ୍-ଉଦ୍-ଦାୱା (ଜେୟୁଡି)ର ମୁଖ୍ୟ ହଫିଜ୍ ସୟିଦ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ନୁହଁନ୍ତି ବୋଲି ଶୁକ୍ରବାର ଲାହୋର ହାଇକୋର୍ଟଙ୍କୁ ଜଣାଇଛନ୍ତି। ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ନେଇ ଦାଏର ମାମଲାକୁ ହଫିଜ୍ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ହଫିଜ୍ ସମେତ ଅମିର ହମ୍‌ଜା, ଅବଦୁର୍ ରେହମନ ମକ୍କି, ଏମ୍. ୟାହ୍ୟା ଅଜିଜ ଏବଂ ଅନ୍ୟ ୪ ଜଣ ଲାହୋର ହାଇକୋର୍ଟରେ ପିଟିଶନ୍ ଦାଏର କରିଛନ୍ତି। ସେମାନଙ୍କ ବିରୋଧରେ ଦାଏର ଏତଲାକୁ ଖାରଜ କରିବା ଲାଗି ପିଟିଶନ୍‌ରେ ଅନୁରୋଧ କରାଯାଇଛି। ବେଆଇନ ଘୋଷିତ ଲଶ୍କର-ଇ-ତୋଇବା ଏବଂ ଅଲ୍-କଏଦା କିମ୍ବା ଅନ୍ୟ କୌଣସି ଆତଙ୍କବାଦୀ ସଂଗଠନ ସହ ହଫିଜ୍‌ର ସମ୍ପୃକ୍ତି ନ ଥିବା ପିଟିଶନ୍‌ରେ ଉଲ୍ଲେଖ କରାଯାଇଛି। ହଫିଜକୁ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି ଭାରତ ଅଭିଯୋଗ କରୁଥିବାବେଳେ ଏହା ବାସ୍ତବତା ଉପରେ ଆଧାରିତ ନୁହେଁ ବୋଲି ପିଟିଶନ୍‌ରେ କୁହାଯାଇଛି।

ମହାରାଷ୍ଟ୍ର ସରକାରଙ୍କୁ ନୋଟିସ

ନୂଆଦିଲ୍ଲୀ,୧୨।୭(ଆଇଏଏନ୍‌ଏସ୍)

ମରାଠା କୋଟା ମାମଲା
ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନାକଲେ

ମରାଠାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଉପରେ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଏହି ସମ୍ପ୍ରଦାୟ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଦିଆଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିବା ବେଳେ ଖଣ୍ଡପୀଠ ଏହା ଉପରେ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ମରାଠା କୋଟା ୨୦୧୮ ନଭେମ୍ବରରେ କାର୍ଯ୍ୟକାରୀ କରାଯାଇଥିଲା। ବମ୍ବେ ହାଇକୋର୍ଟ ଏହାକୁ କାଏମ ରଖିବା ସହ କାର୍ଯ୍ୟକାରୀ କରାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ।

ସର୍ବୋଚ୍ଚ ଅଦାଲତ ସ୍ଥାନ ସଂରକ୍ଷଣ ଉପରେ ରହିତାଦେଶ ଦେବାକୁ ମନା କରିଦେଇଥିବାରୁ ଏହା ରାଜ୍ୟ ସରକାରଙ୍କୁ ଆଶ୍ୱସ୍ତ କରିଛି। କୋଟା ସୁବିଧା ୨୦୧୮ ନଭେମ୍ବରରୁ ଜାରି ରହିବ ବୋଲି ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ନିଶାନ୍ତ କଟନେଶ୍ୱରକର କହିଛନ୍ତି। ଏହି କୋଟା ଆଇନର ସାମ୍ବିଧାନିକ ବୈଧତାକୁ ବମ୍ବେ ହାଇକୋର୍ଟ କାଏମ ରଖିଥିଲେ। ତେବେ ଏହି ସ୍ଥାନ ସଂରକ୍ଷଣ କେବଳ ମରାଠାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଏହାକୁ ୨୦୧୪ରୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ୧୬ ପ୍ରତିଶତ ସଂରକ୍ଷଣ ଠିକ୍ ନୁହେଁ ବୋଲି ହାଇକୋର୍ଟ କହିବା ସହିତ ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ ସୁପାରିସ୍ ଅନୁଯାୟୀ ଏହାକୁ ୧୨ରୁ ୧୩ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବା ଆବଶ୍ୟକ ବୋଲି କହିଥିଲେ। କୋଟାର ସାମ୍ବିଧାନିକ ବୈଧତା ସମ୍ପର୍କିତ ହାଇକୋର୍ଟଙ୍କ ରାୟକୁ ଜେ. ଲକ୍ଷ୍ମଣ ରାଓ ପାଟିଲ ଚ୍ୟାଲେଞ୍ଜ କରିଥିଲେ।

୨୦୧୮ ନଭେମ୍ବର ୩୦ରେ ମହାରାଷ୍ଟ୍ର ବିଧାନସଭାରେ ମରାଠାମାନଙ୍କ ଲାଗି ୧୬ ପ୍ରତିଶତ ସଂରକ୍ଷଣ ସୁବିଧା ଦେବା ଲାଗି ବିଲ୍ ଗୃହୀତ ହୋଇଥିଲା। ସମ୍ବିଧାନର ୧୦୨ତମ ସଂଶୋଧନ ଅନୁଯାୟୀ ଯଦି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତୁତ ତାଲିକାରେ ସ୍ଥାନ ପାଇଥାଏ, ତେବେ ତାହାକୁ ସଂରକ୍ଷଣ ସୁବିଧା ଦିଆଯାଇପାରିବ।

ଏଲ୍‌ଓସିରେ ପାକିସ୍ତାନର ମୋର୍ଟାର ମାଡ଼

ଜମ୍ମୁ,୧୨।୭(ପି.ଟି.)

ଜମ୍ମୁ-କଶ୍ମୀରର ରାଜୌରୀ ଓ ପୁଞ୍ଚ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଶୁକ୍ରବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଜୋରଦାର ମୋର୍ଟାର ମାଡ଼ କରିଛି। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସକାଳ ପ୍ରାୟ ୮ଟା ସମୟରେ ପାକ୍ ସୈନ୍ୟ ହଠାତ ଅସ୍ତ୍ରବିରତି ଉଲ୍ଲଂଘନ କରି ପୁଞ୍ଚର ମାନକୋଟ୍, କ୍ରିଷ୍ଣା ଘାଟି ସେକ୍ଟର ଏବଂ ରାଜୌରୀର ନଓସେରା ସେକ୍ଟରରେ ପ୍ରଥମେ ଗୁଳିଚାଳନା କରିବା ପରେ ମୋର୍ଟାର ମାଡ଼ କରିଥିଲେ ବୋଲି ପ୍ରତିରକ୍ଷା ଜନସମ୍ପର୍କ ଅଧିକାରୀ କହିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ପାକ୍ ସେନା ମାନକୋଟ ଅଞ୍ଚଳରେ ଥିବା ଜନବସତିକୁ ମଧ୍ୟ ଟାର୍ଗେଟ କରିଥିଲା। ଫଳରେ ସେଠାରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ଚଳିତ ବର୍ଷ ପାକିସ୍ତାନ ୧୨୪୮ ଥର ଅସ୍ତ୍ରବିରତି ଉଲ୍ଲଂଘନ କଲାଣି। ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ରାଜ୍ୟ ସଭାକୁ ସୂଚନା ଦେଇଥିଲେ। ମାର୍ଚ୍ଚରେ ସର୍ବାଧିକ ୨୬୭ ଥର ଅସ୍ତ୍ରବିରତି ଉଲ୍ଲଂଘନ ହୋଇ ୩ ଜଣ ନିହତ ହୋଇଥିଲେ।

ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ବିମାନ

କାଠମାଣ୍ଡୁ,୧୨।୭(ପି.ଟି.): ନେପାଳର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏକ ଘରୋଇ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ବିମାନଟି ଅବତରଣ କରୁଥିବାବେଳେ ରନ୍‌ୱେରୁ ଖସିଯିବା ଫଳରେ ଦୁଇଜଣ ଯାତ୍ରୀ ଆହତ ହୋଇଛନ୍ତି। ୟେତି ଏୟାରଲାଇନ୍ସ ବିମାନ ଏନ୍‌୨୍ୱାଇଟି-୪୨୨ ନେପାଳଗଞ୍ଜରୁ କାଠମାଣ୍ଡୁ ଆସୁଥିବାବେଳେ ତ୍

ସଂକ୍ଷେପରେ

ପାଟକୁରା:ଉତ୍କଳ ପରିଡା ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୧୨।୭(ବ୍ୟୁରୋ): ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡାଙ୍କୁ ବିଜେଡି ପକ୍ଷରୁ ଶୁକ୍ରବାର ପାଟକୁରା ବିଧାନସଭା ନିର୍ବାଚନ ପାଇଁ ସଂଯୋଜକଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି କରାଯାଇଛି ବୋଲି ଦଳର ସାଧାରଣ ସମ୍ପାଦକ ବିଜୟ୍ ନାୟକ ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

ଜିଲ୍ଲା ଚିଠି

ବୌଦ୍ଧ

ସବୁଜ ବିଷବଳୟ

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବୌଦ୍ଧ ଜିଲା। ଆଜି ପର୍ଯ୍ୟନ୍ତ ଏହି ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ। ସେଥିପାଇଁ କୃଷିଭିତ୍ତିକ ଜିଲା ଭାବେ ମାନ୍ୟତା ପାଇଛି ବୌଦ୍ଧ। ଜିଲାବାସୀଙ୍କ ମୁଖ୍ୟ ଆୟ ଚାଷ ଉପରେ ନିର୍ଭର କରିଥାଏ। ଚାଷ ପାଇଁ ଜଳସେଚନର ସେପରି କୌଣସି ବ୍ୟବସ୍ଥା ନାହିଁ। ବର୍ଷାଜଳ ଉପରେ ଚାଷୀ ନିର୍ଭର କରେ। ନିଜ ରକ୍ତ ନିଗାଡ଼ି ସେ ଫସଲ ଫଳାଏ। ହେଲେ ଅଧିକାଂଶ ସମୟରେ ତା'ପରିଶ୍ରମ ମୂଲ୍ୟ ମିଳେନାହିଁ। ଏହା ସହିତ ଧୋଇ ମରୁଡ଼ି ବି ଅଛି। ଏପରି ପରିସ୍ଥିତିରେ ଚାଷୀମାନେ ଚାଷକୁ ଛାଡିବାକୁ ବସିଛନ୍ତି। ଯୁବପିଢିଙ୍କ କଥା ନ କହିବା ଭଲ। ଅଳ୍ପ ପରିଶ୍ରମରେ ଅଧିକ ଲାଭ ପାଇବା ପାଇଁ ସେମାନେ ଚାହିଁ ବସିଛନ୍ତି। ସମୟର ପରିବର୍ତ୍ତନ ସହିତ ସବୁ ଯେମିତି ବଦଳିବାରେ ଲାଗିଛି। ଚାଷରୁ ମୁହଁ ଫେରାଇ ଆଣିଥିବା କେତେଜଣ ଚାଷୀ ଏବେ ଗଞ୍ଜେଇ ଚାଷ କରିବାକୁ ମନ ବଳାଇଛନ୍ତି। ଅଳ୍ପ ସମୟରେ ଅମଳ ଓ କମ୍ ପରିଶ୍ରମରେ ଅଧିକ ଲାଭ ପାରିବାର ଲୋଭ ସେମାନଙ୍କୁ ଏଥିରେ ବାନ୍ଧି ରଖିଛି। ଏଥିପାଇଁ ପ୍ରତିବର୍ଷ ଗଞ୍ଜେଇ ଚାଷୀଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ସେଥିପାଇଁ ୩ଟି ବ୍ଲକ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳକୁ ନେଇ ଗଠିତ ଏହି ଜିଲା ଏବେ ସବୁଜ ବିଷବଳୟ ଭିତରକୁ ଚାଲି ଯାଇଛି। ପ୍ରତିବର୍ଷ ସବୁଜ ବଳୟ କଟାଯାଇ ଗଞ୍ଜେଇ ଚାଷ କରାଯାଉଛି। ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଭାଗୀୟ କର୍ମଚାରୀମାନେ ପ୍ରତିବର୍ଷ ଶହ ଶହ ଗଞ୍ଜେଇ ଗଛ କାଟି ନଷ୍ଟ କରୁଛନ୍ତି। କୋଟି କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଉଛି। ହେଲେ କିଛି ଲାଭ ହେଉନି। ଭୌଗୋଳିକ ଦୃଷ୍ଟିକୋଣରୁ ରାଜ୍ୟର ମଧ୍ୟସ୍ଥଳରେ ଥିବା ଏହି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ସଂରକ୍ଷିତ ଜଙ୍ଗଲ, ସରକାରୀ ଜାଗା ଓ ନାଳକୂଳ ରହିଛି। ମାଫିଆମାନେ ଉପରୋକ୍ତ ଅଞ୍ଚଳରେ ଗରିବ, ନିରୀହ ଆଦିବାସୀମାନଙ୍କୁ ଅଳ୍ପ ପଇସା ଦେଇ ଗଞ୍ଜେଇ ଚାଷ କରୁଛନ୍ତି। ଜିଲା ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ବେଳେ ଯୁବପିଢି ଅଧିକ ରୋଜଗାର ଆଶାରେ ଗଞ୍ଜେଇ ଚାଷ ଓ ବେପାରକୁ ଆଦରି ନେଉଛନ୍ତି। ଜିଲାରେ ବର୍ଷକୁ ବର୍ଷ ଗଞ୍ଜେଇ ଚାଷ ଓ କାରବାର ବୃଦ୍ଧି ଘଟୁଛି। ପ୍ରତ୍ୟହ ଅବକାରୀ ଓ ପୋଲିସ ହାତରେ ଗରିବ ଲୋକମାନେ ଧରାପଡି ଜେଲ ଯାଉଛନ୍ତି। ଏସବୁ ସତ୍ତ୍ୱେ ଗଞ୍ଜେଇ ବେପାର କମିବାର ନା ନେଉନି। ଏହି ଚାଷ ପଛରେ କୁଆଡ଼େ ସ୍ଥାନୀୟ ପୋଲିସ, ବନ ବିଭାଗ, ରାଜସ୍ୱ ବିଭାଗ ଓ ଅବକାରୀ ବିଭାଗର ଭିତିରି ସମ୍ପତି ରହିଛି। କାରଣ ସେମାନଙ୍କୁ ହାତ ନ କଲେ ଗଞ୍ଜେଇ ଚାଷ କରିବା ଅସମ୍ଭବ। ଜିଲାରେ ଉତ୍ପାଦିତ ଗଞ୍ଜେଇର ଚହିଦା ରାଜ୍ୟ ଓ ରାଜ୍ୟ ବାହାରେ ଥିବାରୁ ତାହା ସ୍ଥାନୀୟ ବେପାରୀମାନଙ୍କୁ ଉତ୍ସାହିତ କରିଛି। ଏଣେ ଗଞ୍ଜେଇ କାରବାରଜନିତ ମାମଲା ଜିଲାର ବିଭିନ୍ନ ଥାନାରେ ବଢ଼ି ଚାଲିଛି। ନିରୀହ ଲୋକ ପୋଲିସ ଓ ଅବକାରୀ କର୍ମଚାରୀଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ହେଲେ ଅସଲ ମାଫିଆମାନେ ବାରମ୍ବାର ଖସି ଯାଉଛନ୍ତି। ସେମାନଙ୍କ ପ୍ରତି ଯଦି ପ୍ରଶାସନିକ ଅଧିକାରୀମାନେ କଠୋର ହୁଅନ୍ତେ ଜିଲାବାସୀ ଏହି ବିଷବଳୟରୁ ମୁକ୍ତି ପାଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

– ଅଜିତ କୁମାର ବାରିକ

ଆଜି କ'ଣ କେଉଁଠି

ଟିଟିଲାଗଡ଼
- ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ, କୋର୍ଟ ପରିସର, ପୂର୍ବାହ୍ନ ୧୦ଟା।

ଦେବଗଡ଼
- ଗୀତା ଯଜ୍ଞ, ପଧାନପାଟ ସାଇ ମନ୍ଦିର, ପୂର୍ବାହ୍ନ ୯ଟା।
- ପହଣ୍ଡି ରଥଯାତ୍ରା, ପୁରୁଣାଗଡ, ଅପରାହ୍ନ ୫ଟା।
- ପ୍ରକୃତିକ ବିପର୍ଯ୍ୟୟ ସଚେତନତା କାର୍ଯ୍ୟକ୍ରମ, ମଡେଲ କଲେଜ, ପୂର୍ବାହ୍ନ ୯ଟା।

ଝୁରିବାହାଲ
- ବାହୁଡା ଯାତ୍ରା ରଥଟଣା, ମାଉସୀ ମା' ମନ୍ଦିର ସମ୍ମୁଖ, ଅପରାହ୍ନ ୪ଟା୧୫।

ବୌଦ୍ଧ
- ଜଗନ୍ନାଥଙ୍କ ସୁନାବେଶ, ଜଗନ୍ନାଥ ମନ୍ଦିର, ବଡଦାଣ୍ଡ, ଅପରାହ୍ନ ୫ଟା।

ସମ୍ବଲପୁର
- ମୁଦିପଡା ଜଗନ୍ନାଥଙ୍କ ସୁନା ବେଶ, ମୁଦିପଡା ହଟଲି, ସକାଳ ୮ଟା।
- ଏଲଆଇସି କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁରା ଠାକୁରଙ୍କ ସୁନା ବେଶ ଦର୍ଶନ, ଝାଡୁଆପଡା ବଡଦୁଆର, ସନ୍ଧ୍ୟା ୬ଟା।
- ଗୋପାଳଜୀ ଠାକୁରଙ୍କ ସୁନା ବେଶ, ଧନୁପାଲି ମନ୍ଦିର ପରିସର, ସନ୍ଧ୍ୟା ୬ଟା।
- ରାଧା ମଦନଗୋପାଳଙ୍କ ସୁନା ବେଶ, ସାକ୍ଷୀପଡା ମନ୍ଦିର ପରିସର, ସନ୍ଧ୍ୟା ୬ଟା।

ବଲାଙ୍ଗୀର
- ଇନ୍‌ଟାକ୍ ବଲାଙ୍ଗୀର ଶାଖା ପକ୍ଷରୁ ଆଲୋଚନାଚକ୍ର, ସାମ୍ବାଦିକ ଭବନ, ସନ୍ଧ୍ୟା ୭ଟା।
- ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସିଭିଲ କୋର୍ଟ ପରିସର, ପୂର୍ବାହ୍ନ ୧୦ଟା।

'ଜବରଦଖଲକୁ ନେଇ ଷ୍ଟାଣ୍ଡି କମିଟିର ଉଦବେଗ'

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ରାଜ୍ୟର ବହୁ ସ୍ଥାନରେ ସରକାରୀ ଜମି ଜବରଦଖଲ ହେଉଛି। ତେଣୁ ଏହାକୁ ଜବରଦଖଲମୁକ୍ତ କରିବା ପାଇଁ ସରକାର ଜମି ସୁରକ୍ଷା ବଳ ଗଠନ ନେଇ ଚିନ୍ତା କରିବା ଉଚିତ। ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ଶୁଣାଣି ବିଭାଗୀୟ ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏଭଳି ଦାବି କରାଯାଇଛି। ସେହିପରି କମିଶନଙ୍କ ଦ୍ୱାରା ପ୍ରତିବର୍ଷ ନିଯୁକ୍ତି ନେଇ ପରୀକ୍ଷା ପରିଚାଳନା ହେବାର ଆବଶ୍ୟକତା ରହିଥିବା କୁହାଯାଇଛି।

ପୂର୍ବରୁ ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ଥିବା ସିଙ୍ଗଲ୍ ସରକାରୀ କ୍ୱାଟର୍ସ ଗୁଡିକ ଭାଙ୍ଗି ଫ୍ଲାଟ୍ କରିବା ନେଇ କମିଟି ଦାବି କରିଛି। ପୂର୍ବରୁ ପ୍ରଚଳିତ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ବୋଲି ଅଭିଯୋଗ ହୋଇଛି। ତେଣୁ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସରକାର ଷ୍ଟାପ ସିଲେକ୍ସନ କମିଶନ ନିୟମାବଳୀରେ ସଂଶୋଧନ ଆଣିବାକୁ କୁହାଯାଇଛି। ଭିଜିଲାନ୍ସ ସଂସ୍ଥା ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଭତ୍ତା ୨୦ରୁ ୨୫ ପ୍ରତିଶତ ବୃଦ୍ଧି କରାଯାଉ। ସେହିପରି ରାଜ୍ୟ ଭିଜିଲାନ୍ସ ଏକାଡେମୀରେ ନିୟମିତ ପଦବୀ ସୃଷ୍ଟି ନେଇ ଷ୍ଟାଣ୍ଡି କମିଟି ଦାବି କରିଛି। ବହୁ ପ୍ରତୀକ୍ଷିତ ତାରା ଦତ୍ତ କମିଟି ସୁପାରିସ କାର୍ଯ୍ୟକାରୀ କରିବା ନେଇ ପ୍ରତି ବିଭାଗୱାରୀ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବା ପାଇଁ କମିଟି ପ୍ରସ୍ତାବ ଦେଇଛି। ସେହିପରି ପରବର୍ତ୍ତୀ ବୈଠକରେ ଏହି ରିପୋର୍ଟ ଉପସ୍ଥାପିତ କରିବାକୁ କୁହାଯାଇଛି। ସାପ କାମୁଡା, ବ୍ରଜାଘାତ ଭଳି ଆଂଶୁଘାତଜନିତ ମୃତ୍ୟୁର ସହାୟତା ରାଶି ବୃଦ୍ଧି ନେଇ କମିଟି ସୁପାରିସ କରିଛି। ରାଜଧାନୀ ଭୁବନେଶ୍ୱରରେ କେତେ ପରିମାଣରେ ଜମି ଜବରଦଖଲ ହୋଇ ପଡି ରହିଛି, ସେ ସମ୍ବନ୍ଧରେ ମାହାଲା ନିର୍ଦ୍ଦେଶାଳୟ ପକ୍ଷରୁ ରିପୋର୍ଟ ପ୍ରକାଶ କରିବାକୁ ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ଏହି କମିଟିରେ କିଶୋର ମହାନ୍ତି ଅଧ୍ୟକ୍ଷ ଥିବା ବେଳେ ବିଧାୟକ ଅନନ୍ତ ଦାସ ସଭ୍ୟ ରହିଛନ୍ତି। ଶୁକ୍ରବାର ବିଧାନସଭାରେ ଏହି ରିପୋର୍ଟ ପ୍ରଦାନ କରାଯାଇଛି।

ନାବାଳିକା ଛାତ୍ରୀ ବଳାତ୍କାର ଘଟଣା

ମୁଣ୍ଡରୁ ଦୋଷ ଛଡାଇଲେ ମନ୍ତ୍ରୀ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

- ଛାତ୍ରାନିବାସ ନୁହେଁ, ପଡ଼ୋଶୀଙ୍କ ଦ୍ୱାରା ଗର୍ଭବତୀ ହୋଇଛନ୍ତି ଛାତ୍ରୀ
- ଥାନାରୁ ମାମଲା ରଫାଦଫା କରି ଦେଉଛନ୍ତି ପିପି: କଂଗ୍ରେସ

ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ସରକାରୀ ସ୍କୁଲ ଛାତ୍ରୀ ନିବାସରେ ଯେଉଁ ନାବାଳିକା ଗର୍ଭବତୀ ହୋଇଛନ୍ତି , ସେଭଳି ଘଟଣା ଛାତ୍ରୀ ନିବାସରେ ହୋଇନାହିଁ। ଛୁଟିରେ ଗାଁକୁ ଯିବା ବେଳେ ଏସବୁ ଘଟଣା ଘଟିଛି। ଏମିତି କହି ଏସସି/ଏସଟି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଛନ୍ତି। ନାବାଳିକା ବଳାତ୍କାର ଘଟଣା ଉପରେ ଶୁକ୍ରବାର ବିଧାନସଭାରେ ବିବୃତି ଦେଇ ମନ୍ତ୍ରୀ କହିଛନ୍ତିଯେ ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଅନୁଯାୟୀ ଗ୍ରୀଷ୍ମଛୁଟିରେ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷାରୁ ୪ଜଣ ଛାତ୍ରୀ ଗର୍ଭବତୀ ଥିବା ସନ୍ଦେହ କରାଯାଇଥିଲା। ଏହାପରେ ସମ୍ପୃକ୍ତ ଛାତ୍ରୀମାନଙ୍କର ପୁନର୍ବାର ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାପିଟାଲ ହସ୍ପିଟାଲରେ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ବ୍ୟତୀତ ୩ ଜଣଙ୍କ ନେଗେଟିଭ ବାହାରିଥିଲା। ଏହାପରେ ସମ୍ପୃକ୍ତ ଛାତ୍ରୀଙ୍କୁ ଆବଶ୍ୟକ କାଉନସେଲିଂ କରାଯାଇ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଇଥିଲା। ଏହାଛଡ଼ା ଛାତ୍ରୀଙ୍କ ଅଭିଭାବକଙ୍କୁ ଡକାଯାଇ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଉକ୍ତ ଘଟଣା ସମ୍ପର୍କରେ ମଧ୍ୟ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୯ ଗ୍ରୀଷ୍ମଛୁଟିରେ ସମ୍ପୃକ୍ତ ଛାତ୍ରୀ ତାଙ୍କ ନିଜ ଘରକୁ ଯାଇଥିଲେ। ସେହି ସମୟରେ ଛାତ୍ରୀଙ୍କ ପଡ଼ୋଶୀ ଭାବେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ଘରକୁ ବାରମ୍ବାର ଯିବା ଆସିବା କରିଥିଲେ। ଏହି ସମୟରେ ଉକ୍ତ ବ୍ୟକ୍ତି ତାଙ୍କ ନିଜ ଘରେ ଛାତ୍ରୀଙ୍କ ସହ ସମ୍ପର୍କ ରଖିଥିଲେ। ୨୦୧୯ ଜୁଲାଇ ୨ ତାରିଖରେ ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟ ପକ୍ଷରେ ମନ୍ତ୍ରୀ କହିଛନ୍ତି ଯେ ୨୦୧୯ ଜାନୁୟାରୀ ଏବଂ ଫେବୃୟାରୀରେ ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାର ୨ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିଲେ। ଏହାକୁ ପୋଲିସ ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଛାତ୍ରୀମାନେ ଛୁଟିରେ ନିଜ ଘରକୁ ଯାଇଥିବା ସମୟରେ ଏଭଳି ଅଶୋଭନୀୟ ପରିସ୍ଥିତିର ଶିକାର ହୋଇଥିଲେ। ଏସବୁ ଘଟଣା ଛାତ୍ରୀମାନେ ଛୁଟିରେ ନିଜ ଗ୍ରାମରେ ଥିବା ବେଳେ ଘଟିଛି ବୋଲି ମନ୍ତ୍ରୀ ସଫେଇ ଦେଇଛନ୍ତି। ସମସ୍ତ ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ଆଇନ ଅନୁଯାୟୀ ମାମଲା ଦାଏର କରାଯାଇଛି।

ରାଜ୍ୟରେ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସରକାରୀ ଛାତ୍ରୀନିବାସରେ ରହୁଥିବା ଆଦିବାସୀ ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି। ଖୋଦ୍ ଭୁବନେଶ୍ୱରର ଏକ ଛାତ୍ରୀନିବାସରେ ନାବାଳିକାଙ୍କୁ ବଳାତ୍କାର କରିବା ନେଇ ଚଳିତ ବିଧାନସଭାର ପ୍ରଥମ ଅଧିବେଶନରେ ବିରୋଧୀ ଦଳ ସଦସ୍ୟମାନେ ସରକାରଙ୍କୁ ଘେରିଥିଲେ। ଏହି ଘଟଣାର ତଦନ୍ତ କରିବା ସହ ଗୃହରେ ବିଭାଗୀୟ ମନ୍ତ୍ରୀ କିୟା ମୁଖ୍ୟମନ୍ତ୍ରୀ ବିବୃତି ଦେବା ଲାଗି ସେମାନେ ଦାବି କରିଥିଲେ। ଏହାକୁ ନେଇ କଂଗ୍ରେସ ଦଳ ସଦସ୍ୟମାନେ ବିଧାନସଭାକୁ ଅଚଳ କରିଥିଲେ। ବାଧ ହୋଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଭାଗ ମନ୍ତ୍ରୀଙ୍କୁ ଗୃହରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ବିବୃତିକୁ ନେଇ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଭିନ୍ନ ସମୟରେ ଅନୁସୂଚୀତ ଜନଜାତି ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ସେମାନଙ୍କୁ ଆଇନ ସହାୟତା ଯୋଗାଇ ଦିଆଯାଉ ନାହିଁ। ବହୁ ସଂଖ୍ୟାରେ ସରକାରୀ ଓକିଲ (ପିପି) ଓ ସହକାରୀ ସରକାରୀ ଓକିଲ(ଏପିପି) ପଦବୀ ଖାଲି ପଡିଛି। ରାଜ୍ୟରେ ୬/୭ ଜଣ ମହିଳା ଦୈନିକ ବଳାତ୍କାର ଶିକାର ହେଉଛନ୍ତି। ରଥ ଯାତ୍ରାରେ ୧୦ ହଜାର ପୋଲିସ ନିୟୋଜିତ ହୋଇ ମଧ୍ୟ ବସ ଭିତରେ ନାବାଳିକା ବଳାତ୍କାର ହେଲେ। ନ୍ୟାୟ ପ୍ରଦାନରେ ବିଳମ୍ବ ହେବା ଏବଂ ଦଣ୍ଡ ନ ମିଳିବାରୁ ଅଭିଯୁକ୍ତମାନେ ଆରାମରେ ବୁଲୁଛନ୍ତି। ପିପି ଓ ଏପିପି ପଦ ପୂରଣ କରିବା ପାଇଁ ନରସିଂହ ଦାବି କରିଛନ୍ତି। କଂଗ୍ରେସର ବରିଷ୍ଠ ସଦସ୍ୟ ତାରା ପ୍ରସାଦ ବାହିନୀପତି ଅଭିଯୋଗ କରିଛନ୍ତି ଯେ ବିଜେଡିର ପିପି ଥାନାରେ ବସୁଛନ୍ତି। ଯାହା ମାମଲା ଥାନାକୁ ଆସୁଛି ସେଠାରେ ସେମାନେ ରଫାଦାଫା କରି ଦେଉଛନ୍ତି। ଥାନା ଅଧିକାରୀ ଓ ପିପି ଅଧା ଅଧା ବାଣ୍ଟି ନେଇ ଯାଉଛନ୍ତି । ଏହାଦ୍ୱାରା ଆଦିବାସୀ ନାବାଳିକାଙ୍କୁ ନ୍ୟାୟ ମିଳିବ କେମିତି ବୋଲି ପ୍ରଶ୍ନ କରିଥିଲେ।

ଚିଟ୍‌ଫଣ୍ଡ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଦାଖଲ

୧,୩୬,୦୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ

କଟକ ଅଫିସ, ୧୨।୭

ବହୁ କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ଜଷ୍ଟିସ ଏମ୍.ଏମ୍. ଦାସ କମିଶନ ତାଙ୍କ ସପ୍ତମ ଅନ୍ତରୀଣ ରିପୋର୍ଟ ଶୁକ୍ରବାର ଗୃହ ବିଭାଗ ନିକଟରେ ଦାଖଲ କରିଛନ୍ତି। କମିଶନଙ୍କ ସଚିବ ଦେବରାଜ ରାଉତଙ୍କ ପକ୍ଷରୁ ଏହି ରିପୋର୍ଟ ଦାଖଲ କରାଯାଇଛି। ସପ୍ତମ ଅନ୍ତରୀଣ ରିପୋର୍ଟରେ ୧ ଲକ୍ଷ ୩୬ହଜାର ୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ଏଥିରେ ବେସିଲ ଇଣ୍ଟରନ୍ୟାଶନାଲ ଲିମିଟେଡ୍ କମ୍ପାନୀର ୧୯,୮୯୨ ଜଣ, କଲିକତାର ୱେର ଇଣ୍ଡଷ୍ଟ୍ରିଜର ୩୩୮୦୦, ଗ୍ରୀନରେ ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ୮୯୦୪ ଓ ରୋଜଭ୍ୟାଲି ଗ୍ରୁପ ଅଫ କମ୍ପାନୀର ୮୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ଅଦ୍ୟାବଧି ୭ଟି ପର୍ଯ୍ୟାୟ ରିପୋର୍ଟରେ କମିଶନଙ୍କ ପକ୍ଷରୁ ମୋଟ ୪ ଲକ୍ଷ ୯୭ହଜାର ୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ୪୨୧ଟି ଚିଟଫଣ୍ଡ କମ୍ପାନୀକୁ ଚିହ୍ନଟ କରାଯାଇଥିବାବେଳେ ୧୯୮୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସରକାରଙ୍କ ପକ୍ଷରୁ ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ ନିମନ୍ତେ ୨୦୧୩ ଜୁଲାଇ ୯ରେ କମିଶନ ଗଠନ କରାଯାଇଥିଲା। ଫେବୃୟାରୀରେ କମିଶନଙ୍କ ପକ୍ଷରୁ ଷଷ୍ଠ ଅନ୍ତରୀଣ ରିପୋର୍ଟ ଦାଖଲ କରାଯାଇଥିଲା।

ବ୍ୟାଙ୍କ କର୍ମଚାରୀଙ୍କଠୁ ୧.୩୭ ଲକ୍ଷ ଲୁଟ୍

ତିହିଡ଼ି, ୧୨।୭ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ଜିଝାରପୁର ରେଳଧାରଣା ନିକଟରେ ଗୁରୁବାର ଅପରାହ୍ନରେ ବନ୍ଧନ ବ୍ୟାଙ୍କର ଜଣେ ମହିଳା କର୍ମଚାରୀଙ୍କଠାରୁ ୧ ଲକ୍ଷ ୩୭ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ତିହିଡ଼ି ଥାନାରେ ଅଭିଯୋଗ ହୋଇଛି । ବ୍ୟାଙ୍କର କର୍ମଚାରୀ ସସ୍ମିତା ମହାରଣା ସ୍ଥାନୀୟ ଅଞ୍ଚଳରୁ ଟଙ୍କା ଆଦାୟ କରି ଅପରାହ୍ନରେ ସ୍କୁଟିରେ ଫେରୁଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ସ୍କୁଟି ଓ ଟଙ୍କା ଛଡ଼ାଇ ନେଇ ପଳାଇଯାଇଥିଲେ।

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US– 8 TO 11AM (OFFICE) EVERYDAY

ଜାତୀୟ କୃମିନାଶକ ଦିବସ ପାଇଁ ସମନ୍ୱୟ କମିଟି ବୈଠକ

ଅଗଷ୍ଟ ୮ରେ ପିଲାଙ୍କୁ ଦିଆଯିବ କୃମିନାଶକ ଔଷଧ

ଭୁବନେଶ୍ୱର, ୧୨।୭ (ବ୍ୟୁରୋ): ମାଟିରୁ ଶରୀରକୁ କୃମି ସଂକ୍ରମଣ ହୋଇଥାଏ। ବିଶ୍ୱରେ ୨୪୧ ନିୟୁତରୁ ଅଧିକ ଶିଶୁ କୃମିଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ଓଡ଼ିଶାରେ ପ୍ରାୟ ୩୬ ପ୍ରତିଶତ ଶିଶୁ ଏଥିରେ ପୀଡ଼ିତ। ଶିଶୁଙ୍କ ଶରୀରରୁ କୃମି ନାଶ ପାଇଁ ଅଗଷ୍ଟ ୮ କୃମିନାଶକ ଦିବସ ପାଳନ ଅବସରରେ ୧୯ବର୍ଷ ବୟସ ପର୍ଯ୍ୟନ୍ତ ରାଜ୍ୟର ମୋଟ୍ ୧କୋଟି ୪୨ଲକ୍ଷ ୯୦ହଜାର ୪୯୧ଜଣ ପିଲାଙ୍କୁ ଏକକାଳୀନ କୃମିନାଶକ ଔଷଧ ଖୁଆଯିବାର ବ୍ୟବସ୍ଥା ହୋଇଛି। ଏଥି ମଧ୍ୟରେ ୧ ରୁ ୫ବର୍ଷ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଅଲିଶା
ପରିବାରବର୍ଗ

ଚିତ୍ତରଞ୍ଜନ
ପରିବାରବର୍ଗ

ଜିତ୍
ପରିବାରବର୍ଗ

ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଚଣ୍ଡିଖୋଲରେ ପ୍ରସ୍ତାବିତ ଭୂତଳ ତୈଳଭଣ୍ଡାର

ମିଳିଲା କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ

ଯାଜପୁର ଅଫିସ, ୧୨।୭

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ ପାଦଦେଶରେ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବକୁ ଗୁରୁବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଦେଶରେ ଅତିରିକ୍ତ ୬.୫ ମିଲିୟନ ମେଟ୍ରିକ ଟନ୍ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ସୁବିଧା ପ୍ରତିଷ୍ଠା ପାଇଁ ଚଣ୍ଡିଖୋଲ ସମେତ କର୍ନାଟକର ପାଦୁର ଭୂତଳ ତୈଳ ସଂରକ୍ଷଣ ଭଣ୍ଡାରର ପ୍ରକଳ୍ପ ପରିକଳ୍ପନା କରାଯାଇଥିଲା। ୨୦୧୭-୧୮ ବର୍ଷର ସାଧାରଣ ବଜେଟରେ ଏନେଇ ସ୍ଥାନ ପାଇଥିଲା। ଏହାପରେ ଡଙ୍କାରୀରେ କଳାପଥର ଉତ୍ତୋଳନକୁ ନେଇ ବାଦବିବାଦ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ହେଲେ ପଥର ଖାଦାନରୁ ଆଦାୟ ହେଉଥିବା ୧୪୧୩ କୋଟି ୮୬ଲକ୍ଷ ୯୧ହଜାର ୮୩୦ ଟଙ୍କା ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ ହୋଇଥିଲା। ତେଣୁ ଜମି ଯୋଗାଇବା ଦେବାରେ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷେ ୨୦୦୨ମସିହାରୁ ପରିବେଶଗତ ଅନୁମତି ନ ଥାଇ ବେଆଇନ ଭାବେ କୋଟି କୋଟି

ବାଦବିବାଦ ମଧ୍ୟରେ ପୁଣି ସ୍ଥାପନ ଆଶା ଭଙ୍ଗୀବିତ

ଟଙ୍କାର କଳାପଥର ଉତ୍ତୋଳନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ମାମଲା ରୁଜୁ ହେବା ପରେ ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ଦାୟୀ କରି ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିରୋଧରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାୟର ହୋଇଛି। ଯେଉଁଥିପାଇଁ ଚଣ୍ଡିଖୋଲ ଭୂତଳ ତୈଳ ଭଣ୍ଡାର ପ୍ରତିଷ୍ଠା ପ୍ରସଙ୍ଗ ଏକ ପ୍ରକାର ଝୁଲି ରହିଛି। ଏଭଳିସ୍ଥିତିରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିବା ପରେ ତୈଳ ଭଣ୍ଡାର ପ୍ରତିଷ୍ଠା ହେବା ଆଶା ପୁଣି ଉଜ୍ଜୀବିତ ହୋଇଛି।

ସୂଚନାଯୋଗ୍ୟ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀଠାରେ ଦେଶର ୪ର୍ଥ ସର୍ବବୃହତ୍ ୪୪.୪ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ହେବାକୁ ପ୍ରସ୍ତାବ ରହିଥିଲା। ଏଥିପାଇଁ ପ୍ରାୟ ୫ହଜାର କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଦେଶର ଆନ୍ଧ୍ରପ୍ରଦେଶ, କେରଳ, ରାଜସ୍ଥାନ ପରେ ଓଡ଼ିଶାରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେଉଥିବାରୁ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ମଧ୍ୟରେ ନିଯୁକ୍ତି ଆଶା ସୃଷ୍ଟି ହୋଇଥିଲା। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ପ୍ରାୟ ୫୦୦ଲୋକ ନିଯୁକ୍ତି ସୁଯୋଗ ପାଇବାର ସମ୍ଭାବନା ରହିଛି। ଡଙ୍କାରୀ ପାହାଡ଼ରେ ୪ଟି ଖାଦାନ ଜରିଆରେ ୩୯୍ୟଏକର ଜମିରୁ କଳାପଥର ଉତ୍ତୋଳନ ପାଇଁ ୨୦୧୫-୧୬ ରୁ ୨୦୧୯-୨୦ ପର୍ଯ୍ୟନ୍ତ ୫ବର୍ଷିଆ ଲିଜ୍ ଦିଆଯାଇଛି। ଏହାବାଦ ଆଖପାଖ ଅଞ୍ଚଳରେ ଅନ୍ୟ ୧୫ରୁ ଊର୍ଦ୍ଧ୍ୱ ପଥର ଖାଦାନ ରହିଛି। ଲିଜ୍‌ଧାରୀମାନେ ପରିବେଶ ଅନୁମତି, ରୟାଲଟି ଓ ଜିଲା ମିନେରାଲ ଫଣ୍ଡ ବାବଦରେ ପ୍ରାୟ ୧୪ଶହ କୋଟି ଟଙ୍କା ସରକାରଙ୍କ ପାଖରେ ଜମା କରିଛନ୍ତି। ତୈଳ ଭଣ୍ଡାର କାର୍ଯ୍ୟକାରୀ ହେଲେ ଏହିସବୁ ବନ୍ଦ ହୋଇଯିବ। ଏଭଳିସ୍ଥଳେ ପ୍ରକଳ୍ପର ସୁରକ୍ଷା ଦୃଷ୍ଟିରୁ ଡଙ୍କାରୀ, ଗୋବରସର, ନିମୁଟି, ନୂଆବରଡ଼ା ଓ ଚଢେଇଧରା ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇପାରେ। ତେବେ ପ୍ରକଳ୍ପକୁ ଅଞ୍ଚଳବାସୀ ସ୍ୱାଗତ କରୁଥିବାରୁ କ୍ୟାବିନେଟ ମଞ୍ଜୁରୀକୁ ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ

ପ୍ରସ୍ତୁତି ଅନୁଧ୍ୟାନ କଲେ କ୍ରୀଡ଼ାମନ୍ତ୍ରୀ

ପ୍ରସ୍ତୁତି ଅନୁଧ୍ୟାନ କରୁଛନ୍ତି କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା।

କଟକ ଅଫିସ, ୧୨।୭

ଆଉ ୪ ଦିନ ପରେ ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ା ଆରମ୍ଭ ହେବ । ଏ ନେଇ ଶୁକ୍ରବାର ଅପରାହ୍ନରେ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା । ବଡ଼ଧରଣର ଏହି ଟୁର୍ନାମେଣ୍ଟ ନିମନ୍ତେ ସମସ୍ତ କାର୍ଯ୍ୟ ଠିକ ଭାବରେ ଚାଲିଛି ବୋଲି ମନ୍ତ୍ରୀ ବେହେରା ଅନୁଧ୍ୟାନ ଶେଷ କରି କହିଛନ୍ତି । ଅନ୍ୟପକ୍ଷରେ ୧୫ ତାରିଖରେ ଦଳ ଗୁଡ଼ିକ ଓଡ଼ିଶାରେ ପହଞ୍ଚିବା କାର୍ଯ୍ୟ ସୂଚୀ ରହିଥିବା ବେଳେ ଏବେ ସୁଦ୍ଧା ଉଗାଣ୍ଡା ଓ ଜର୍ସି ଦଳ ଭିଜା ସମସ୍ୟା ଭିତରେ ରହିଛନ୍ତି । ଉଭୟ ଦଳ ଆସିବା ନେଇ ପୂର୍ବରୁ ସ୍ପଷ୍ଟ କରିଥିଲେ ମଧ୍ୟ ଏବେ ସୁଦ୍ଧା ସେମାନଙ୍କୁ ଭିଜା ମିଳି ପାରିନାହିଁ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି ।

କିଛି ତଥ୍ୟ

ଚଳିତବର୍ଷମାର୍ଚ୍ଚ୩୧ ସୁଦ୍ଧା ବ୍ୟାଙ୍କଗୁଡ଼ିକ ଦ୍ୱାରା ୨,୨୬,୩୬୩ କୋଟି ଟଙ୍କା ରପ୍ତାନି ଋଣ ପ୍ରଦାନ କରାଯାଇଛି।
–ଶିଳ୍ প ଓ ବାଣିଜ୍ୟ ମନ୍ତ୍ରଣାଳୟ

ଆଇକନିକ୍ ଡେଷ୍ଟିନେଶନରୁ ଓଡ଼ିଶା ଗାଏବ

ଭୁବନେଶ୍ୱର, ୧୨।୭(ଟ୍ୟୁରୋ)

କେନ୍ଦ୍ର ସରକାର ସମଗ୍ର ଦେଶରେ ୧୭ଟି ପର୍ଯ୍ୟଟନ ସ୍ଥଳକୁ ଆଇକନିକ୍ ଡେଷ୍ଟିନେଶନ ମାନ୍ୟତା ଦେଇଛନ୍ତି। ଦୁର୍ଭାଗ୍ୟର ବିଷୟ ଯେ, ୨୦୧୯-୨୦ ବଜେଟରେ ବିଶ୍ୱପ୍ରସିଦ୍ଧ ପୁରୀ ଓ କୋଣାର୍କକୁ ସ୍ଥାନ ଦିଆଯାଇ ନାହିଁ। ଏହାଛଡ଼ା ରାଜ୍ୟର କୌଣସି ସ୍ଥାନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଶାସକ ଦଳର ସଦସ୍ୟମାନେ ଶୁକ୍ରବାର ବିଧାନସଭାରେ ବିରୋଧ କରିଛନ୍ତି। ସର୍ବସମ୍ମତି କ୍ରମେ ଏ ନେଇ ଏକ ପ୍ରସ୍ତାବ ଗୃହରେ ପାରିତକରି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଉ ବୋଲି ସଦସ୍ୟମାନେ ଏକ ସ୍ୱରରେ କହିଛନ୍ତି।

ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କହିଥିଲେ ଯେ, କେନ୍ଦ୍ର ସରକାର ଦେଶର ୧୭ଟି ଜାଗାକୁ ଆଇକନିକ୍ ଡେଷ୍ଟିନେଶନ ଘୋଷଣା କଲେ। ପୁରୀ ଭଳି ତୀର୍ଥକ୍ଷେତ୍ର ବିଶ୍ୱରେ ପ୍ରସିଦ୍ଧ। ତୁରନ୍ତ କେନ୍ଦ୍ର ସରକାର ପୁରୀକୁ ଆଇକନିକ୍ ଡେଷ୍ଟିନେଶନ ପରିସରଭୁକ୍ତ କରିବାକୁ ମହାରଥୀଙ୍କ ସମେତ

ବିଧାନସଭାରେ ଉଦ୍‌ବେଗ

ଅନ୍ୟ ସଦସ୍ୟମାନେ ଦୃଢ଼ ସମର୍ଥନ କରିଥିଲେ। କେନ୍ଦ୍ର ସରକାର କେଉଁ ପରିସ୍ଥିତିରେ ଏଭଳି ଘୋଷଣା କଲେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପ୍ରତିବାଦ କରି କେନ୍ଦ୍ରକୁ ଚିଠି ଲେଖିଛନ୍ତି। ରାଜ୍ୟ ଅଭିବୃଦ୍ଧିରେ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁରୀ ଓ କୋଣାର୍କ ବ୍ୟତୀତ ଚିଲିକା, ଭିତରକନିକା ଭଳି ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି। ଏଥିସହିତ ଓଡ଼ିଶାରେ ୬୨ ଶ୍ରେଣୀର ଆଦିବାସୀ ରହିଛନ୍ତି। ଏହା ସତ୍ତ୍ୱେ କେନ୍ଦ୍ର ବଜେଟରେ ଓଡ଼ିଶାରୁ କୌଣସି ସ୍ଥାନକୁ ଆଇକନିକ୍ ଡେଷ୍ଟିନେଶନରେ ସାମିଲ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧକରି ସର୍ବସମ୍ମତି କ୍ରମେ ଗୃହରେ ଏକ ପ୍ରସ୍ତାବ ପାରିତ କରାଯାଉ। ଏଥିପାଇଁ ଏକ କମିଟି ମଧ୍ୟ ଗଠନ ହେଉ। କମିଟି ଏ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ସାକ୍ଷାତ କରିବାକୁ ଦାବି କରାଯାଇଛି।

ଅର୍ଥମନ୍ତ୍ରୀ ସୀତାରାମନ୍ ଦେଶର ୧୭ଟି ସ୍ଥାନରେ ଆଦର୍ଶ ପର୍ଯ୍ୟଟନ ସ୍ଥଳ ଚିହ୍ନଟ ହୋଇଥିବା ବିଷୟରେ ଉଲ୍ଲେଖ କରିଥିଲେ। ତେବେ କେଉଁ ପର୍ଯ୍ୟଟନ ସ୍ଥଳକୁ ଚିହ୍ନଟ କରାଯାଇଛି ସେ ବିଷୟରେ କୌଣସି ସୂଚନା ଦେଇ ନ ଥିଲେ। ହେଲେ ୨୦୧୮ ମାର୍ଚ୍ଚରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ. ଜେ. ଅଲଫନ୍ସ ଲୋକ ସଭାରେ ପର୍ଯ୍ୟଟନସ୍ଥଳ ନାମ ଘୋଷଣା କରିଥିଲେ। ସେହି ପର୍ଯ୍ୟଟନ ସ୍ଥଳଗୁଡିକ ହେଲା ଉତ୍ତରପ୍ରଦେଶର ତାଜମହଲ ଓ ଫତେପୁରସିକ୍ରି, ମହାରାଷ୍ଟ୍ରର ଅଜନ୍ତା-ଏଲୋରା ଗୁମ୍ଫା, ଦିଲ୍ଲୀର ହୁମାୟୁନ ଟମ୍ବ, କୁତବ ମିନାର ଏବଂ ଲାଲକିଲ୍ଲା। ଅନ୍ୟ ପର୍ଯ୍ୟଟନ ସ୍ଥଳଗୁଡିକ ହେଲା ରାଜସ୍ଥାନର ଅମ୍ବରଦୁର୍ଗ, ଗୁଜରାଟର ସୋମନାଥ ଏବଂ ଧୋଲୋଭିରା, ମଧ୍ୟପ୍ରଦେଶର ଖଜୁରାଓ, କର୍ନାଟକର ହାମ୍ପି, ତାମିଲନାଡୁର ମହାବଳିପୁରମ୍, ଆସାମର କାଜିରଙ୍ଗା, କେରଳର କୁମାରାକୋମ ଏବଂ ବିହାରର ମହାବୋଧି ମନ୍ଦିର।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ । ପାରିବାରିକ,ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ, ମାତ୍ର ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ସାଧାରଣ କଥାରେ ସ୍ୱାମୀଙ୍କ ସହ ଯୁକ୍ତିତର୍କ ହୋଇପାରେ।

ବୃଷ

କୌଣସି କାମ ଠିକ୍ ସମୟରେ ନ ହେବା କାରଣରୁ ମନ ଦୁଃଖ ନ କରି ଓ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

ମିଥୁନ

ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା,ଯାନ୍ତ୍ରିକ ତ୍ରୁଟି, ଜମିଜମା କାରବାର ପ୍ରଭୃତି ବିଭିନ୍ନ ପ୍ରକାର କାମରେ ମନୋନିବେଶ କରିପାରନ୍ତି।

କର୍କଟ

ଦୀର୍ଘଦିନର ପ୍ରତୀକ୍ଷା ପରେ ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରିବେ। କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଖଳଲୋକ ମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିଯାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ଏବଂ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

ସିଂହ

ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ବନ୍ଧୁଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ଦୂରଯାତ୍ରା କରିପାରନ୍ତି। ବନ୍ଧୁ ମେଳରେ ଦେବଦର୍ଶନର ସୁଯୋଗ ପାଇବେ।

କନ୍ୟା

ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶତ୍ରୁତାର ଅବସାନ ଘଟିବା ସାଙ୍ଗକୁ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଯୋଗୁ ମନ ଖୁସି ରହିବ।

ତୁଳା

ବନ୍ଧୁ ପୂର୍ବରୁ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହଠାତ୍ ଘରେ ବନ୍ଧୁମିଳନର ଆୟୋଜନ କରିପାରନ୍ତି। ଆତ୍ମୀୟମାନଙ୍କଠାରୁ ସ୍ନେହ, ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ। ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

ବିଛା

ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିସ୍ଥିତିବଶତଃ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଆକସ୍ମିକ ଭାବରେ ହଠାତ୍ ବହୁ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

ଧନୁ

ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନିଜ ପାରିବାରିକ ଉନ୍ନତି ଦିଗରେ ଚେଷ୍ଟିତ ହେବେ। ଦେବଦର୍ଶନର ସୁଯୋଗ ପାଇ ଖୁସି ରହିବେ।

ମକର

ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା କେତେକାଂଶରେ ମନକୁ ହାଲୁକା କରିଦେବ। କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ପରିବାରରେ କଳହ ଲାଗିପାରେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

କୁମ୍ଭ

ସକାଳୁ ସକାଳୁ ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ ।ଯାତ୍ରାକାଳରେ ଯାନବାହନରେ ସତର୍କତା ରକ୍ଷା କରିବା ଭଲ।

ମୀନ

ବନ୍ଧୁଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ । ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

ଆଜି ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ, ଆଷାଢ଼ ଶୁକ୍ଳପକ୍ଷର ଗରୁଡ଼ ଶୟନ ଦ୍ୱାଦଶୀ ଶନିବାର, ଜୁଲାଇ ୧୩ ତାରିଖ, ରାଶିନକ୍ଷତ୍ର-ଅନୁରାଧା/ବିଛା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧ ।୪୫ମି. ଗତେ ଘ୧ ।୨୬ମି. ମଧ୍ୟେ, ଘ୨ ।୫୮ମି. ଗତେ ଘ୪ ।୩୫ମି. ମଧ୍ୟେ ଅମୃତବେଳା । ଦିବା ଘ୬ ।୫୦ମି. ଗତେ ଘ୮ ।୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮ ।୩୫ମି. ଗତେ ଘ୧୦ ।୧୪ମି. ମଧ୍ୟେ ରାହୁକାଳ।

classifieds Everyday
0674-2580101, 2549302

real estate

SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-13082

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617. D-13083

Gharabari plot NH Road side at Khordha available for sharing basis. 9439778849. D-64984

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/- ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି **Kurang Sasan sqft. 450/-, Hanspal NH-5 ରୁ 4k.m.** ଦୂରରେ ଘରଉପଯୋଗୀ ଜମି **Balianta** ରେ **sqft. 590/- housing available at Chakeisiani/ Andharua. 9853289161, 8917267426.** D-66920

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

4BHK duplex with gated community at Balianta (Land-1400 construction 2200 @ 55lakh and 2600 @ 65lakh) Contact: 9938219397, 9861022055. D-13388

Bhubaneswar-Pitapalli ଛକଠାରେ possession/ ପାଚେରି ଥାଇ sqft. 550/- Xavier University-250/-. 8280860015 / 7750068828. D-13342

Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267. D-67305

1500 sqft. gharabari plot in Chandrasekhar

ଦାରୁଦିଅଁଙ୍କ ଘୋଷଯାତ୍ରା

ଶନିବାର, ୧୩ ଜୁଲାଇ, ୨୦୧୯

ଶେଷ ହୋଇଛି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା। ବ୍ରଜଧାମ ଅର୍ଥାତ୍ ଆଡପମଣ୍ଡପରେ ଲୀଳାଖେଳା ସାରି ଦାରୁଦିଅଁ ଶୁକ୍ରବାର ଐଶ୍ୱର୍ଯ୍ୟଧାମ୍ ତଥା ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ମହାପଥ ବଡ଼ଦାଣ୍ଡରେ ପ୍ରଭୁ ଜଗନ୍ନାଥଙ୍କୁ ପାଖରେ ପାଇ ଧନ୍ୟ ହୋଇଛନ୍ତି ଜଗତଜନ।

ବ୍ରଜଧାମରୁ ଐଶ୍ୱର୍ଯ୍ୟଧାମ

ବାହୁଡ଼ା ଯାତ୍ରା ଅବସରରେ ଶୁକ୍ରବାର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିବା ତିନିରଥ।

ଶ୍ରୀସୁଦର୍ଶନଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।

ଶ୍ରୀବଳଭଦ୍ରଙ୍କ ପହଣ୍ଡି

ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ରଥ ଉପରକୁ ନିଆଯାଉଛି।

ଶ୍ରୀଜଗନ୍ନାଥଙ୍କୁ ସେବାୟତମାନେ ପହଣ୍ଡି କରି ନେଉଛନ୍ତି।

ରଥ ସମ୍ମୁଖରେ ବନାଟି ପ୍ରଦର୍ଶନ।

ରଥ ସମ୍ମୁଖରେ କଳାକାରଙ୍କ ମାହାରୀ ନୃତ୍ୟ।

ସାଧୁସନ୍ଥଙ୍କ ଦ୍ୱାରା ବିଶାଳ ଅଗରବତି ପ୍ରଜ୍ୱଳନ।

ବଳଭଦ୍ରଙ୍କ ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରା ପହଁରା କରୁଛନ୍ତି।

ଶ୍ରୀମଦନମୋହନଙ୍କୁ ସେବାୟତମାନେ ରଥକୁ ନେଉଛନ୍ତି।

ରଥ ଉପରକୁ ରାମ ଓ କୃଷ୍ଣଙ୍କୁ ବିଜେ କରାଯାଉଛି।

ଭୁବନେଶ୍ୱର

ଇସ୍କନ ମନ୍ଦିର ଅଭିମୁଖେ ତିନି ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।

କଟକ

ରାଣୀହାଟସ୍ଥିତ ରଥକୁ ମନ୍ଦିର ଅଭିମୁଖେ ଭକ୍ତମାନେ ଟାଣି ନେଉଛନ୍ତି।

ଖୋର୍ଦ୍ଧା

ଜାଗୁଳାଇପାଟଣାରେ ରଥାରୂଢ଼ ଶ୍ରୀ ଅନନ୍ତ ପୁରଷୋତ୍ତମ ଦେବ।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା' ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।
–ଶ୍ରୀମା

ବାବୁଙ୍କ ଆଇନଗତ ଲଢ଼େଇ

ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

କେରଳ ସରକାର ନିକଟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜୁ ନାରାୟଣ ସ୍ୱାମୀଙ୍କୁ ଚାକିରିରୁ ବହିଷ୍କାର କରିଥିବାରୁ ଏହାକୁ ନେଇ ଆଇନଗତ ଲଢ଼େଇ ହୋଇପାରେ। ଦୁର୍ନୀତି–ବିରୋଧୀ ଧର୍ମଯୁଦ୍ଧ ପାଇଁ ଜଣାଶୁଣା ସ୍ୱାମୀ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଅବସର ନେବାକୁ ଆହୁରି ୧୦ ବର୍ଷ ବାକି ଅଛି। ସରକାର ତାଙ୍କୁ ବହିଷ୍କାର ସମ୍ପର୍କରେ ଆଗରୁ ନୋଟିସ୍ ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ସ୍ୱାମୀ ପୂର୍ବରୁ କେନ୍ଦ୍ର ସରକାରରେ ନାରିକେଳ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଥିଲେ। କେନ୍ଦ୍ର ସରକାର ତାଙ୍କୁ ନିଜ ରାଜ୍ୟ କ୍ୟାଡର କେରଳକୁ ପଠାଇଦେବା ବିରୋଧରେ ସେ ଆଇନଗତ ଲଢ଼େଇ ଲଢୁଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଚାକିରିରୁ ବହିଷ୍କାର କରିଦେଇଛନ୍ତି। ରାଜ୍ୟ ହାଇକୋର୍ଟ ସ୍ୱାମୀଙ୍କୁ ନାରିକେଳ ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଦରୁ ନିଜ ରାଜ୍ୟ କ୍ୟାଡରକୁ ପଠାଇଦେବା ବା ପ୍ରତ୍ୟାବାସନ (ରିପାଟ୍ରିଏଶନ) ଉପରେ ରହିତାଦେଶ ଜାରି କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସ୍ୱାମୀ ଚାକିରିରୁ ପ୍ରତ୍ୟାବାସନର ତିନିମାସ ପର୍ଯ୍ୟନ୍ତ ନିଜ ରାଜ୍ୟକୁ ଫେରି ନ ଥିବା ନେଇ ରାଜ୍ୟ ସରକାର କେନ୍ଦ୍ରକୁ ଅବଗତ କରାଇଥିଲେ। ତେଣୁ ବିନା ଅନୁମତିରେ ଅନୁପସ୍ଥିତ ରହିଥିବାରୁ ଏବଂ ନାରିକେଳ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ କାର୍ଯ୍ୟକାଳ ପୂରିବା ପରେ ସେ କେଉଁଠି ଅଛନ୍ତି ଓ କ'ଣ କରୁଛନ୍ତି ସେ ବିଷୟରେ ସରକାରଙ୍କୁ ଜଣାଇ ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଏହି ଅଭିଯୋଗକୁ ସ୍ୱାମୀ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

ବାବୁଙ୍କ କେନ୍ଦ୍ରୀୟ ତାଲିମ

ମୋଦି ସରକାର ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ସହକାରୀ ସଚିବ ଭାବେ ୧୬୯ ଜଣ ନୂତନ ଆଇଏଏସ୍ ଅଫିସରଙ୍କୁ ଜୁଲାଇରୁ ତିନିମାସ ପର୍ଯ୍ୟନ୍ତ ନିଯୁକ୍ତି ଦେଇଛନ୍ତି। ନୂତନ ଆଇଏଏସ୍ ଅଫିସରମାନଙ୍କୁ ପ୍ରଥମେ କେନ୍ଦ୍ରରେ କିଛିଦିନ ରଖି ତାଲିମ ଦେବା ଲାଗି କେନ୍ଦ୍ର ସରକାର ଗତବର୍ଷ ନେଇଥିବା ଅଭିନବ ପଦକ୍ଷେପର ଏହା ଅଂଶବିଶେଷ। ଏହି ନୂତନ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ବାବୁମାନଙ୍କୁ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ କାର୍ଯ୍ୟ କରିବାର ଅନୁଭୂତି ପ୍ରଦାନ କରିବା। ଏହି ଅଫିସରମାନେ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ, ମସୌରୀଠାରେ ସେମାନଙ୍କର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶେଷ କରିଛନ୍ତି। କେନ୍ଦ୍ରୀୟ ଡେପୁଟେଶନରେ ଉକ୍ତ ତିନିମାସିଆ ତାଲିମ ଶେଷ କରିବା ପରେ ସେମାନେ ନିଜ ରାଜ୍ୟ ସରକାରଙ୍କୁ ରିପୋର୍ଟ କରିବେ। ପୂର୍ବରୁ ନୂତନ ଅଫିସରମାନେ ସେମାନଙ୍କ କ୍ୟାଡର ରାଜ୍ୟରେ କ୍ୟାରିୟର ଆରମ୍ଭ କରୁଥିଲେ। ପ୍ରଶାସନିକ ଚାକିରିର ନିୟମ ଅନୁସାରେ ନିଜ ରାଜ୍ୟ କ୍ୟାଡରରେ ନଅବର୍ଷର ଚାକିରି ଶେଷ କରିବା ପରେ ବାବୁମାନେ କେନ୍ଦ୍ରୀୟ ଡେପୁଟେଶନ ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ। ପ୍ରାପ୍ତ ସୂତ୍ର ଅନୁସାରେ ନୂତନ କରି ଗଢ଼ାଯାଇଥିବା ସହକାରୀ ସଚିବ ହେଉଛି ଏପରି ପଦବୀ ଯେଉଁଥିରେ ଏହି ନୂତନ ବାବୁମାନେ କେନ୍ଦ୍ରୀୟ ସଚିବାଳୟ ସେବାରେ ବରିଷ୍ଠ ଆଇଏଏସ୍ ବାବୁମାନଙ୍କ ସହ କାର୍ଯ୍ୟ କରିବା ବେଳେ ବରିଷ୍ଠ ବାବୁମାନଙ୍କର ଅହଂକାର ବ୍ୟାହତ ହେବନାହିଁ।

ପାର୍ଶ୍ୱପ୍ରବେଶରେ ସଂରକ୍ଷଣକୁ ଉପେକ୍ଷା

ଅମଲାତନ୍ତ୍ରରେ ଘରୋଇ କ୍ଷେତ୍ରରୁ ମେଧାବୀମାନଙ୍କୁ ଆଣି ନିଯୁକ୍ତି ଦେବା ଲାଗି କେନ୍ଦ୍ର ସରକାରଙ୍କ ନୀତି ହେଉଛି ସରକାରଙ୍କ ବହୁ–ପ୍ରତ୍ୟାଶିତ ପ୍ରଶାସନିକ ସଂସ୍କାରର ଏକ ଅଂଶ। କିନ୍ତୁ ଏହାକୁ ଦଳିତ ଆଇଏଏସ୍ ଅଫିସରମାନେ ସମାଲୋଚନା କରିବାର ଦେଖାଯାଉଛି କାରଣ ସରକାର ଏଥିରେ ସଂରକ୍ଷଣ ନିୟମକୁ ମାନୁନାହାନ୍ତି। ଏହା ପୂର୍ବରୁ ଗତ ଏପ୍ରିଲମାସରେ ସରକାର ନଅଜଣ ଅଣ–ଆଇଏଏସ୍ ବ୍ୟକ୍ତିଙ୍କୁ ଯୁଗ୍ମ ସଚିବ ପଦରେ ନିଯୁକ୍ତି ଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ହେଲେ ସଂରକ୍ଷିତ ବର୍ଗର ବ୍ୟକ୍ତି ନାହାନ୍ତି। ତେବେ ଅନେକ ହିସାବନିକାଶ କରିବା ପରେ ସରକାର ଏହି ପାର୍ଶ୍ୱପ୍ରବେଶ ବ୍ୟବସ୍ଥା ଲାଗୁ କରିଛନ୍ତି। ଏବେ ଜଣାପଡୁଛି ଯେ, କେନ୍ଦ୍ର ସରକାର ଅତ୍ୟନ୍ତ ଚତୁରତାର ସହ ପାର୍ଶ୍ୱପ୍ରବେଶ କ୍ଷେତ୍ରରେ ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ପ୍ରଭୃତିଙ୍କ ଲାଗି ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଏଡ଼ାଇଯାଇଛନ୍ତି। ସରକାରଙ୍କ ଯୁକ୍ତି ହେଉଛି ପାର୍ଶ୍ୱପ୍ରବେଶ ବ୍ୟବସ୍ଥାରେ ସଂରକ୍ଷଣ ନୀତି ଲାଗୁ ହୋଇପାରିବ ନାହିଁ। କାରଣ ଏଥିରେ କେବଳ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶାସନିକ ସଂସ୍କାରର ପ୍ରମୁଖ ଅଂଶବିଶେଷ। ନିଜର କ୍ଷେତ୍ରାଧିକାରକୁ ସୁରକ୍ଷିତ କରିବା ଲାଗି ବାବୁମାନେ ପାର୍ଶ୍ୱପ୍ରବେଶକୁ ବିରୋଧ କରି ଆସୁଥିବା ବେଳେ ସରକାର ତାହାକୁ ଉପେକ୍ଷା କରି ଏହାକୁ କାର୍ଯ୍ୟକାରୀ କରିଚାଲିଛନ୍ତି।

Email: dilipcherian@gmail.com

ନାରୀ ନିର୍ଯାତନା କାହିଁକି

ଡ. ରମେଶଚନ୍ଦ୍ର ପରିଡ଼ା

ଆମ ସଂସ୍କୃତିରେ ନାରୀକୁ ସମ୍ମାନାସ୍ପଦ ସ୍ଥାନ ପ୍ରଦାନ କରାଯାଇ ଆସିଛି। ସେଇଥିପାଇଁ କୁହାଯାଏ ଯେ, ନାରୀ ଯେଉଁଠି ପୂଜାପାଏ ସେଠାରେ ଦେବତା ବିଦ୍ୟମାନ ହୁଅନ୍ତି। ତଥାପି ସେ ଶାରୀରିକ ସାମର୍ଥ୍ୟରେ ନ୍ୟୂନ ଏବଂ ଅଧିକ ଭାବପ୍ରବଣ ଓ କୋମଳମନା ହୋଇଥିବାରୁ ବାସ୍ତବ ଜୀବନର କଠୋରତାର ସମ୍ମୁଖୀନ ହେବାରେ ପୁରୁଷ ନେଇଛି ଅଗ୍ରଣୀ ଭୂମିକା। ସମ୍ଭବତଃ ଏହି କାରଣରୁ ସମାଜରେ ବଢିଆସିଛି ପୁରୁଷ ପ୍ରାଧାନ୍ୟ ଏବଂ ପରବର୍ତ୍ତୀ ଅବସ୍ଥାରେ ତହିଁରୁ ଆରମ୍ଭ ହୋଇଛି ନାରୀ ନିର୍ଯାତନା– ଦ୍ରୌପଦୀ ବା ଅହଲ୍ୟା ଯୁଗରୁ ଆଜି ପର୍ଯ୍ୟନ୍ତ ତାହା ବ୍ୟାପ୍ତ ହୋଇଚାଲିଛି ବିବିଧ ରୂପରେ। ପରିଣାମସ୍ୱରୂପ, ସମାଜକୁ କେତେ ଯେ ମୂଲ୍ୟ ଦେବାକୁ ପଡିଛି ତାହାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ମହାଭାରତ ଯୁଦ୍ଧ ତ ଏକ ପୌରାଣିକ କାହାଣୀ, ତେବେ ନିକଟରେ (ମେ'୨୦୧୯) ଏଥିସମ୍ପର୍କରେ ଏକ ସୁନିର୍ଦ୍ଦିଷ୍ଟ ଆକଳନ ପ୍ରସ୍ତୁତ କରିଛି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା।

ବିଶ୍ୱର ୩୫ ପ୍ରତିଶତ ନାରୀ ସେମାନଙ୍କ ଜୀବନକାଳ ମଧ୍ୟରେ ସ୍ୱାମୀ କିମ୍ବା ଅନ୍ୟ କେହି ପୁରୁଷ ଦ୍ୱାରା ଦୈହିକ ନତୁବା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି ବୋଲି ଏଥିରେ ସୂଚିତ କରାଯାଇଛି। ତେବେ, ବଡ଼ ପରିତାପର ବିଷୟ ଯେ, ତନ୍ମଧ୍ୟରୁ ପ୍ରାୟ ୬୮ ପ୍ରତିଶତ ହୋଇଥାଏ ବିବାହ ସମୟରେ ସ୍ତ୍ରୀଙ୍କୁ ସମସ୍ତ ସୁରକ୍ଷା ପ୍ରଦାନ କରିବା ଲାଗି ଅଗ୍ନିକୁ ସାକ୍ଷୀ ରଖି ପ୍ରତିଶ୍ରୁତି ଦେଇଥିବା ସ୍ୱାମୀଙ୍କ ଦ୍ୱାରା। ପୁନଶ୍ଚ ସମୁଦାୟ ନାରୀ ହତ୍ୟାର ୩୮ ଶତାଂଶ ସେହିମାନେ ହିଁ ଘଟାଇଥାନ୍ତି। ଅତଏବ ନାରୀ ନିର୍ଯାତନାର ଏକ ପ୍ରମୁଖ ଭାଗ ହେଲା ସ୍ତ୍ରୀ ନିର୍ଯାତନା। ଏପରି କି ସୁସଭ୍ୟ ବୋଲାଉଥିବା ଏବଂ ମାନବିକ ତଥା ନାରୀ ସ୍ୱାଧୀନତାର ପ୍ରବକ୍ତା ରୂପେ ଦାବି କରୁଥିବା ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରବର୍ଗ ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି। ଏଠାରେ ସ୍ତ୍ରୀ ନିର୍ଯାତନା ୨୩.୨ ଶତାଂଶ ହେଲାବେଳେ ପଶ୍ଚିମ ଭୂମଧ୍ୟସାଗରୀୟ ଅଞ୍ଚଳରେ ୨୪.୬ ଶତାଂଶ ଏବଂ ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳରେ ୩୭ ଶତାଂଶ। ଆମ ଦେଶ ଏ ଦୃଷ୍ଟିରୁ ସମଗ୍ର ଦକ୍ଷିଣ–ପୂର୍ବ ଏସିଆରେ ସବୁଠୁଁ ଅଗ୍ରଣୀ, ତାହା ୩୭.୬ ଶତାଂଶ।

ଇତିମଧ୍ୟରେ ପ୍ରକାଶ ପାଇଛି ଇକ୍ୟୁଆଲ୍ ମେଜର୍ସ–୨୦୩୦ ଦ୍ୱାରା ପ୍ରସ୍ତୁତ 'ସଷ୍ଟେନେବଲ୍ ଡେଭେଲପମେଣ୍ଟ ମୋଲସ୍–ଜେଣ୍ଡର୍ ଇଣ୍ଡେକ୍ସ' (ମେ' ୨୦୧୯)। 'ଦ ଆଫ୍ରିକାନ୍ ଓମେନ୍ସ କମ୍ୟୁନିକେଶନ୍ ଆଣ୍ଡ ଡେଭେଲପମେଣ୍ଟ', 'ମିଲ୍ ଆଣ୍ଡ ମାଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍', 'ଓମେନ୍ସ ହେଲ୍ଥ କୋଆଲିଶନ' ଏବଂ 'ପ୍ଲାନ ଇଣ୍ଟରନ୍ୟାଶନାଲ' ଭଳି ସ୍ୱନାମଧନ୍ୟ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ସହଯୋଗିତା ଏବଂ ସହଭାଗିତାରେ ପ୍ରତିଷ୍ଠିତ ଏହି ସଂସ୍ଥାର ଆକଳନ ଅନୁସାରେ ପୃଥିବୀରେ ଏଭଳି କୌଣସି ଦେଶ ନାହିଁ ଯେଉଁଠି କି ଲିଙ୍ଗଗତ ସମାନତା ରହିଛି। ତେବେ, ଏହି ସୂଚକାଙ୍କରେ ଶୀର୍ଷରେ ଥିବା ଦେଶଗୁଡିକ ହେଲେ ଡେନ୍‌ମାର୍କ, ଫିନ୍‌ଲ୍ୟାଣ୍ଡ, ସ୍ୱିଡେନ, ନରୱେ, ସୁଇଜରଲାଣ୍ଡ, ସ୍ଲୋଭେନିଆ, ଜର୍ମାନୀ, କାନାଡା, ଆୟର୍ଲାଣ୍ଡ, କାନାଡା ଏବଂ ସର୍ବନିମ୍ନରେ ଅଛନ୍ତି ସିରୋଲିଓନେ, ଲାଇବେରିଆ, ନାଇଜେରିଆ, ମାଳି, ମାହରିଟାନିଆ, ନାଇଗର୍, ୟେମେନ୍, କଙ୍ଗୋ, ଡି ଆର୍ କଙ୍ଗୋ ଓ ଚାଡ୍।

ଏହାର ପ୍ରସ୍ତୁତି ଲାଗି ବିଚାରକୁ ନିଆଯାଇଥିବା ୫୧ଟି ସୂଚକ ମଧ୍ୟରେ ଥିଲା 'ସଷ୍ଟେନେବ୍‌ଲ ଡେଭେଲପମେଣ୍ଟ ଗୋଲସ୍'ରେ ଥିବା ୧୪ଟି। ଉକ୍ତ ସୂଚକଗୁଡିକ ମୁଖ୍ୟତଃ ବାଳିକା ଏବଂ ନାରୀମାନଙ୍କ ସମସ୍ୟା ସମ୍ପର୍କିତ ଥିଲା। ଏଥିରେ ଗଣନା ପାଇଁ ବ୍ୟବହୃତ ପରିମାପକରେ ଥିଲା ଶୂନଠାରୁ ୧୦୦ ପର୍ଯ୍ୟନ୍ତ ଅଙ୍କ। ଆମ ଦେଶ ତହିଁରୁ ହାସଲ କରିଛି ୫୬.୨। ଅତଏବ ତାହା ଅଧ୍ୟୟନ ପରିସରଭୁକ୍ତ ହୋଇଥିବା ୧୨୯ଟି ଦେଶ ମଧ୍ୟରେ ୯୫ତମ ସ୍ଥାନ ଅଧିକାର କରି 'ଅତି ନିମ୍ନମାନର' ୪୩ଟି ଦେଶ ତାଲିକାର ଅନ୍ତର୍ଭୁକ୍ତ ହୋଇଛି। ଅନ୍ୟପକ୍ଷରେ ବିଶ୍ୱର ହାରାହାରି ହାସଲ ସଂଖ୍ୟା ହେଉଛି ୬୫.୭ (୧୦୦ରୁ), ଯାହାକି ଅତି ନିମ୍ନମାନର ବୋଲି ବିଚାର କରାଯାଏ। ଅତଏବ ସାରା ଦୁନିଆରେ ପ୍ରାୟ ୧.୪ ହଜାର ନିୟୁତ (୪୦%) ଝିଅ ଏବଂ ନାରୀ ଲିଙ୍ଗୀୟ ସମାନତାର ବହୁମାତ୍ରାରେ ତଳେ ଥିବାବେଳେ ଆହୁରି ୧.୪ ହଜାର ନିୟୁତ (ବିଲିୟନ୍) କେବଳ ଏହା ପାଖାପାଖି ଅଛନ୍ତି।

ପୁରୁଷଠାରେ ନାରୀ ନିର୍ଯାତନାକାରୀ ମନୋଭାବ ଉଦ୍ରେକ ହେବାର କିଛି କାରଣ ମଧ୍ୟ ନିର୍ଦ୍ଧାରଣ କରିଛି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା। ଅଧିକାଂଶ ସ୍ଥଳେ ନାରୀ କମ୍ ଶିକ୍ଷିତା ବା ଶିକ୍ଷାରହିତା ହେବା ଏବଂ ତା'ର ଶାରୀରିକ ସାମର୍ଥ୍ୟର ସ୍ୱଳ୍ପତାକୁ ଏହା ଏଥିପାଇଁ ଦାୟୀ କରିଛି। ଏହା ବ୍ୟତୀତ ସାଧାରଣତଃ କନ୍ୟାମାନେ ପରିବାର ମଧ୍ୟରେ ଅବହେଳିତ ହୋଇଥାନ୍ତି ଏବଂ ଅନେକ ସ୍ଥଳେ ସେମାନେ ସେମାନଙ୍କ ମା'ମାନେ ବାପାଙ୍କ ଦ୍ୱାରା ନିର୍ଯାତିତା ହେବାର ଦେଖିଆସନ୍ତି। ଏଣୁ ପିଲାଦିନୁ ତାଙ୍କଠାରେ ହୀନମନ୍ୟତା ସୃଷ୍ଟି ହୁଏ ଏବଂ ସେମାନେ ପରବର୍ତ୍ତୀ ଜୀବନରେ ନିର୍ଯାତନାକୁ ବିନା ପ୍ରତିବାଦରେ ଗ୍ରହଣ କରିନିଅନ୍ତି, ଯାହାକି ପୁରୁଷର ଏ ମନୋଭାବକୁ ତ୍ୱରାନ୍ୱିତ କରେ। ତେବେ ଏହାର କୁପରିଣାମ ପ୍ରତିଫଳିତ ହୁଏ ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ। ଉଦାହରଣସ୍ୱରୂପ, (୧) କମ୍ ବୟସରେ ଯୌନ ନିର୍ଯାତନା ପରବର୍ତ୍ତୀ ଜୀବନରେ ତାକୁ ଧୂମପାନ, ମଦ୍ୟପାନ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ ପ୍ରତି ଆକୃଷ୍ଟ କରେ ଏବଂ ତା'ର ସଙ୍କଟମୟ ଯୌନ ଆଚରଣର କାରଣହୁଏ। (୨) ପ୍ରାୟ ୪୨ ପ୍ରତିଶତ ନିର୍ଯାତିତା ନାରୀଙ୍କଠାରେ କୌଣସି ନା କୌଣସି ପ୍ରକାର ସ୍ଥାୟୀ କ୍ଷତ ସୃଷ୍ଟି ହୋଇଥାଏ, ଯାହାକି ଅନେକସ୍ଥଳେ ତାଙ୍କର ଶାରୀରିକ ସକ୍ରିୟତା ହ୍ରାସ କରେ। (୩) ସ୍ୱାମୀଠାରୁ ନିୟମିତ ଦୈହିକ କିମ୍ବା ଯୌନ ନିର୍ଯାତନା ଭୋଗ କରୁଥିବା ନାରୀର ଏଡ୍‌ସ ସମେତ ବିବିଧ ଯୌନବ୍ୟାଧିର ଶିକାର ହେବାର ସମ୍ଭାବନା ଦେଢ଼ଗୁଣ ଅଧିକ। (୪) ଏହା ତାଙ୍କଠାରେ ମାନସିକ ଚାପ, ଦୁଶ୍ଚିନ୍ତା, ନିଦ୍ରାହୀନତା, ଖାଦ୍ୟ ଗ୍ରହଣରେ ଅନିୟମିତତା ଏବଂ ଆତ୍ମହତ୍ୟା କରିବାର ମନୋଭାବ ସୃଷ୍ଟିକରେ। (୫) ସେମାନେ ଦୀର୍ଘସ୍ଥାୟୀ ମୁଣ୍ଡବ୍ୟଥା, ଅଣ୍ଟାରେ ଯନ୍ତ୍ରଣା, ତଳିପେଟରେ ଯନ୍ତ୍ରଣା, ଜଠରାନ୍ତ୍ରିକ ବିଶୃଙ୍ଖଳା, ଚଳତ୍‌ଶକ୍ତି ହ୍ରାସ ଏବଂ ସାମଗ୍ରିକ ଭାବେ ଅସୁସ୍ଥତା ଅନୁଭବ କରନ୍ତି। (୬) ଏହି ନାରୀମାନଙ୍କ କ୍ଷେତ୍ରରେ ଗର୍ଭପାତର ଏବଂ ଶାରୀରିକ ତଥା ମାନସିକ ରୁଗ୍ଣ ସନ୍ତାନ ଜନ୍ମଦେବାର ସମ୍ଭାବନା ପ୍ରାୟ ଦୁଇଗୁଣ ଅଧିକ।

ଏ ସମସ୍ତ ବିଚାରକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ସତର୍କବାଣୀ ଶୁଣାଇଛି ଯେ ସ୍ତ୍ରୀ ବା ନାରୀଙ୍କ ପ୍ରତି ହିଂସା ଆଚରଣ କେବଳ ତାଙ୍କର ମାନବିକ ଅଧିକାର କ୍ଷୁଣ୍ଣ କରେନା, ସେଥିସହିତ ତାହା ସୃଷ୍ଟି କରେ ଏକ ବୃହତ୍ ଜନସ୍ୱାସ୍ଥ୍ୟ ସମସ୍ୟା। ମାନବସମ୍ବଳ ତଥା ସାମାଜିକ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ଆକଳନ କରାଗଲେ ତାହା ଅଜସ୍ର ହେବ। ଏଣୁ ଏହା ଜାତିସଂଘ ଏବଂ ଅନ୍ୟାନ୍ୟ କିଛି ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ 'ରେସ୍‌ପେକ୍ଟ' ନାମକ ଏକ ମାର୍ଗଦର୍ଶିକାର ବିକାଶ କରିଛି ଏବଂ ନାରୀ ନିର୍ଯାତନାର ପ୍ରତିକାର ଲାଗି ସରକାରମାନଙ୍କୁ ଏହା ଅନୁସରଣ କରିବା ଲାଗି ସୂଚିତ କରିଛି।

ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ–୯୯୩୭୯୮୫୬୬୭

ସୁନାବେଶେ ଉଭା ପ୍ରଭୁ କାଳିଆ ସାଆନ୍ତ

ଡ. କିଶୋର ମହାନ୍ତି

ଶ୍ରୀକ୍ଷେତ୍ରରେ ବାରମାସରେ ତେରପର୍ବ ଅପୂର୍ବ ଓ ଅବର୍ଣ୍ଣନୀୟ, ଯେଉଁଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ପ୍ରକାର ବର୍ଣ୍ଣିଳ ଭବ୍ୟ ରୂପ ଶ୍ରଦ୍ଧାଳୁମାନଙ୍କର ମନକୁ ଆକର୍ଷି ନେଇଥାଏ। ସେଇସବୁ ବେଶ ମଧ୍ୟରୁ ଅବକାଶ ବେଶ, ବଡସିଂହାର ବେଶ, ସୁନାବେଶ, ଚନ୍ଦନଲାଗି ବେଶ, ଗଜାନନ ବେଶ, ଘୋଡ଼ଲାଗି ବେଶ, ନବାଙ୍କ ବେଶ, ବନଭୋଜି ବେଶ, କାଳୀୟ ଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣବଳରାମ ବେଶ, ରାଧାଦାମୋଦର ବେଶ, ଠିଆକିଆ ବେଶ, ଡାଳିକିଆ ବେଶ, ନାଗାର୍ଜୁନ ବେଶ, ରାଜରାଜେଶ୍ୱର ବେଶ, ବାମନ ବେଶ, ଶ୍ରାଦ୍ଧ ବେଶ, ଚାଚେରୀ ବେଶ ପ୍ରଧାନ।

ମହାପ୍ରଭୁଙ୍କ ସୁନା ବେଶ ଓ ଗଜାନନ ବେଶ ଆକର୍ଷଣୀୟ। ଶହ ଶହ ଭକ୍ତ ଏହି ଭବ୍ୟରୂପକୁ ତୃଷିତ ନୟନରେ ଦର୍ଶନ କରିଥାନ୍ତି। ମହାପ୍ରଭୁଙ୍କର ସୁନାବେଶ ପ୍ରାୟତଃ ବର୍ଷକୁ ପାଞ୍ଚ ଥର ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ସଂସ୍କୃତିର ଗବେଷକଙ୍କ ମତରେ ୧୨୩୨ ଖ୍ରୀଷ୍ଟାବ୍ଦରୁ ଏହି ରୀତି ପ୍ରଚଳିତ ହୋଇଆସୁଛି। ଏହି ପାଞ୍ଚୋଟି ସୁନାବେଶରୁ କେବଳ ଆଷାଢ଼ ଶୁକ୍ଳ ଏକାଦଶୀରେ ବା ବାହୁଡ଼ା ପରଦିନ ସିଂହଦ୍ୱାର ସମ୍ମୁଖରେ ମହାର୍ହ ସୁବର୍ଣ୍ଣବେଶ ପ୍ରଚଳିତ ହୋଇଆସୁଛି। ବଡ଼ଦାଣ୍ଡରେ ରଥ ଉପରେ ଥିଲା ବେଳେ ପ୍ରଭୁଙ୍କର ଏହି ବେଶ ହୋଇଥାଏ। ବାକି ଚାରୋଟି ବେଶ ଅନ୍ୟାନ୍ୟ ଦିବସରେ ହୋଇଥାଏ, ଯଥା ମାଘ ପୂର୍ଣ୍ଣିମା, ଦଶହରା, କାର୍ତ୍ତିକ ପୂର୍ଣ୍ଣିମା ଏବଂ ପୌଷ ପୂର୍ଣ୍ଣିମା।

କୁହାଯାଇଛି ଜଗନ୍ନାଥ ଷୋଳକଳା– ସେ ଯଥାର୍ଥରେ କଳାର ଠାକୁର। ଏହି ମାଟିର କବି ଜୟଦେବକୃତ ଗୀତଗୋବିନ୍ଦର ପ୍ରାରମ୍ଭରୁ ହିଁ କବି ରାଧାମାଧବଙ୍କୁ ସ୍ମରଣ କରିଛନ୍ତି। ତାଙ୍କ ରୂପ ବର୍ଣ୍ଣନାରେ ସେ ସିଦ୍ଧହସ୍ତ। ରାଧାମାଧବଙ୍କୁ ସେ ନାୟକନାୟିକା ଭାବରେ ଆଖ୍ୟାୟିତକରିଛନ୍ତିତାଙ୍କ କାବ୍ୟରେ, କିନ୍ତୁ ପ୍ରେମମୟ ଠାକୁରଙ୍କର ଅନନ୍ୟ କଳା ପ୍ରତି ଅନ୍ୟତ୍ର ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି–

''କିବା ଚବିଶ ଅବତାର,
କଳ୍ପିତ ବେଶେ ତୋ ପ୍ରଚାର।
ନାହିଁ ସେ ବେଶର ଉପମା,
ବାକ୍ୟେ କେ ବର୍ଣ୍ଣିବ ମହିମା।''

କଳାପ୍ରେମୀ ସେବକ ସିଂହାରୀ ପୁଷ୍ପାଳକଗଣ ମହାପ୍ରଭୁଙ୍କର ଏହି ଭବ୍ୟ ବେଶ ସମ୍ପାଦନ କରିଥାନ୍ତି। ମହାପ୍ରଭୁଙ୍କର ବେଶକର୍ମ ନିର୍ବାହ ନିମନ୍ତେ ସେବା ନିଯୋଗର 'ମେକାପ' ସଂଜ୍ଞକ ସେବକଙ୍କ ସମ୍ପୃକ୍ତି ବାସ୍ତବରେ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ।

ପ୍ରଭୁ ଶ୍ରୀମଧୁସୂଦନଙ୍କର ମଥୁରା ଯାତ୍ରା ହେଉ ଅବା ଶ୍ରୀମନ୍ଦିରରୁ

ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।
- ରାମାନୁଜ

ସଂକ୍ଷେପରେ

୫ ଫୁଟ ଲମ୍ବର ରଣାସାପ ଉଦ୍ଧାର

ଦେବଗଡ଼,୧୨।୭(ଡି.ଏନ.ଏ.)- ଶୁକ୍ରବାର ଦେବଗଡ଼ ପୌରାଞ୍ଚଳ ରଜାମୁଣ୍ଡାର ମନୋଜ ମହାପାତ୍ରଙ୍କ ଘରୁ ଏକ ୫ ଫୁଟ ଲମ୍ବର ରଣାସାପ ଉଦ୍ଧାର କରାଯାଇଛି। ସାପଧରାଳି ପୃଥ୍ୱୀରାଜ ମେହେର ଖବର ପାଇ ସାପଟିକୁ ସେଠାରୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

ବାହୁଡ଼ା ଯାତ୍ରା ସମ୍ପନ୍ନ: ମହିଳାମାନେ ଟାଣିଲେ ରଥ

ଦେବଗଡ଼,୧୨।୭ (ଡି.ଏନ.ଏ.)



ମହିଳାମାନେ ରଥକୁ ଟାଣୁଛନ୍ତି ।

ଦେବଗଡ଼ ସହରର ମଧ୍ୟସ୍ଥଳୀରେ ଥିବା ଗୋପାଳଜୀଉ ମନ୍ଦିରରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି । ଏହି ଅବସରରେ ମ୍ୟୁନିସିପାଲିଟି ସାହିସ୍ଥିତ ମାଉସୀ ମା'ମନ୍ଦିର ତଥା ନୃସିଂହ ମନ୍ଦିରର ପୂଜକଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ଶଙ୍ଖ, ହୁଳହୁଳି, ହରିବୋଲ, କାହାଳୀ ବାଦ୍ୟ ମାଧ୍ୟମରେ ଛୋଟ ଛୁଆଙ୍କଠାରୁ ଆରମ୍ଭ କରି ମହିଳାମାନେ ପ୍ରଥମେ କାରଗିଲ ଛକ ପର୍ଯ୍ୟନ୍ତ ରଥକୁ ଟାଣି ଆଣିଥିଲେ। ପରେ ଅନ୍ୟ ଶ୍ରଦ୍ଧାଳୁମାନେ ରଥଟାଣି ସହରର ଗଣେଶ ଛକ, ଟ୍ରାଫିକ ଛକ, ଗୋପବନ୍ଧୁ ଛକ, ଡେଲି ମାର୍କେଟ ,ଷ୍ଟେଟ ବ୍ୟାଙ୍କ ଛକ ଦେଇ ଗୋପାଳଜୀଉ ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ । ସେହିପରି ଜିଲାର ୩ଟି ବ୍ଲକର ବିଭିନ୍ନ ଗ୍ରାମର ଜଗନ୍ନାଥ ମନ୍ଦିରରେ ବାହୁଡାଯାତ୍ରା ସମ୍ପନ୍ନ ହୋଇଛି । ଶନିବାର ପୁରୁଣାଗଡସ୍ଥିତ ଗୁଣ୍ଡିଚାଗୁଡିଠାରେ ପହଣ୍ଡି ଯାତ୍ରା ହେବା ପରେ ରବିବାର ଓ ସୋମବାର ଦୁଇ ଦିନ ଧରି ରଥଟଣା ହେବ ବୋଲି ସୂଚନା ମିଳିଛି ।

ଚୋରି ମୋବାଇଲ ଉଦ୍ଧାର: ୫ ଗିରଫ

ଦେବଗଡ଼,୧୨।୭ (ଡି.ଏନ.ଏ.)

ଗତ ୩ ତାରିଖ ରାତିରେ ବାରକୋଟ ଥାନା ନିକଟସ୍ଥ ବଣାଇଁଛକ ସାଇ ମୋବାଇଲ ଦୋକାନରୁ ମୋବାଇଲ ଫୋନ୍ ଚୋରି ହୋଇଥିଲା । ଉକ୍ତ ଘଟଣାରେ ବାରକୋଟ ଥାନା ପୋଲିସ ୫ଜଣକୁ ଗିରଫ କରିଛି । ସେମାନେ ହେଲେ ସୁନ୍ଦରଗଡ଼ ଜିଲା ବଣାଇଁ ଅଧୀନ ମଧ୍ୟପୁର ଗ୍ରାମର ଚିନ୍ମୟ ସାମଲ(୨୪),ଭାଲୁଡୁଙ୍ଗରୀ ଗ୍ରାମର ଡମ୍ବରୁ ମୁଣ୍ଡା (୨୩)ରାଜୁ ଲୁହୁରା(୨୧),ଦଲ୍ଲିପ ଲୁହୁରା (୨୫)ବାରମୂଷା ଗ୍ରାମର ରାଜେନ୍ଦ୍ର କଳଶ (୨୪) । ସେମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନା ମୁତାବକ ଗତ ୩ ତାରିଖ ବିଳମ୍ବିତ ରାତିରେ ବାରକୋଟ ଥାନାର ଅନତି ଦୂରରେ ଥିବା ବଣାଇଁ ଛକ ସ୍ଥିତ ସାଇ ମୋବାଇଲ ଦୋକାନର କବାଟ ଭାଙ୍ଗି କେତେକ ଦୁର୍ବୃତ୍ତ ଦୋକାନ ମଧ୍ୟରେ ଥିବା ବିଭିନ୍ନ ବ୍ରାଣ୍ଡର ୧୦ରୁ ଉର୍ଦ୍ଧ୍ୱ ମୋବାଇଲ ଫୋନ ଚୋରି କରିନେଇଥିଲେ। ମାଲିକ ନିତ୍ୟାନନ୍ଦ ପ୍ରଧାନ ଦୋକାନ ଖୋଲିବାକୁ ଆସି କବାଟ ଭଙ୍ଗାଯାଇଥିବା ଦେଖିଥିଲେ । ଏହାପରେ ସେ ମୋବାଇଲ ଫୋନ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ୯ ଦିନ ପରେ ପୋଲିସ ଚୋରି ମୋବାଇଲ ଗୁଡିକ ଜବତ କରିବା ସହ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି ।

ସାହେବୀରେ ହାତୀ ଉପଦ୍ରବ

ନାକଟିଦେଉଳ,୧୨।୭ (ଡି.ଏନ.ଏ.)

ନାକଟିଦେଉଳ ବ୍ଲକର ବିଭିନ୍ନ ଗ୍ରାମରେ ଗତ କିଛି ଦିନ ହେଲା ହାତୀ ଉପଦ୍ରବ ଜାରିରହିଛି । ହାତୀ ପଲର ଉତ୍ପାତରେ ଚାଷୀମାନେ ଏବେଠାରୁ ଆତଙ୍କିତ ହୋଇପଡ଼ିଲେଣି। ଗୁରୁବାର ରାତିରେ ଏହି ହାତୀ ପଲ ବ୍ଲକର ସାହେବୀ ଗ୍ରାମକୁ ଆସି ଧାନକ୍ଷେତରେ ପଶି ଛୋଟଛୋଟ ଧାନଗଛ ସମେତ ଧାନପନ୍ଥା ସବୁ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ଏପରିକି ପନିପରିବା କ୍ଷେତରେ ପଶି ପନିପରିବା ସବୁ ଖାଇଯିବା ସହ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି ।

ବେକରେ ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା: ପ୍ରେମିକଙ୍କୁ ଦାୟୀ କଲେ ଯୁବତୀ

ନୂଆପଡା ଅଫିସ,୧୨।୭

ନୂଆପଡା ଜିଲା ବେଲଟୁକୁରୀ ଥାନା ଅନ୍ତର୍ଗତ ଆମୋଦି ଟାଣ୍ଡାପଡାର ସୁନିତା ନାଏକ (୧୯) ନାମ୍ନୀ ଜଣେ ଯୁବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ବିବରଣୀମତେ ଗୁରୁବାର ରାତି ଘରେ ସମସ୍ତେ ଶୋଇପଡିବା ପରେ ସୁନୀତା ଉପର ମହଲାକୁ ଚଢିଯାଇ ସେଠାରେ ଛାତରେ ଏକ ରସିଲଗାଇ ଆତ୍ମହତ୍ୟା କରିଥିଲେ । ସକାଳେ ପରିବାର ଲୋକ ସେଠାକୁ ଯାଇ ଦେଖିବାବେଳକୁ ତାଙ୍କ ମୃତଦେହ ଝୁଲି ରହିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ସେଠାରୁ ଏକ ସୁଇସାଇଡାଲ ନୋଟ ମଧ୍ୟ ଉଦ୍ଧାର କରିଛି । ଯୁବତୀଙ୍କ ସହ ସେହି ଗାଁର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଯୁବତୀଙ୍କ ପରିବାର ଲୋକଙ୍କ ଅରାଜି ସତ୍ତ୍ୱେ ଯୁବକ ଜଣକ ବାରମ୍ବାର ବିବାହ କରିବାକୁ ବାଧ୍ୟ କରୁଥିଲେ । ଅନନ୍ୟୋପାୟ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ସୁନୀତା ଚିଠିରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଯୁବକଙ୍କୁ ଦାୟୀ କରିଥିବା ପ୍ରକାଶ । ପୋଲିସ ଏ ସମ୍ପର୍କରେ ସବିଶେଷ ତଦନ୍ତ ଚଳାଇଛି।

ସୁଇସାଇଡାଲ ନୋଟ ଉଦ୍ଧାର

NOTICE

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ.MSM-BIOTOILET-SBP-19

କାର୍ଯ୍ୟର ନାମ : ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର କୋଚିଙ୍ଗ୍ ଡିପୋ ର କୋଚ୍‌ଗୁଡ଼ିକରେ ଜୈବ-ଶୌଚାଳୟ (DRDE ଟାଇପ୍) ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଚୁକ୍ତି (AMOC) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,47,15,347.80, **EMD (ଟଙ୍କାରେ) :** 2,73,600/-, **ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) :** 11,800/-, **କାର୍ଯ୍ୟ ଶେଷ ହେବା ଅବଧି :** 03 (ତିନି)ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.08.2019 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ୍ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ)
ସମ୍ବଲପୁର

PR-227/K/19-20

Odisha State PSUs Employees Welfare Society

1st Floor, IDCOL House, Near IG Park, Bhubaneswar

Group Health Insurance Scheme – KALYANI

A boon for State Government and State owned PSU Employees for Better Health care facilities in time of need.

A Group Health Insurance Policy **KALYANI** implemented by **Odisha State PSUs Employees Welfare Society (OSPEWS)** has been a great success for extending health care facilities to more than 10,300 employees, retired employees and members of the OSPEWS since last three years.

For the year 2019-20, Star Health Insurance is the coverage provider to the members of OSPEWS.

Who are eligible for membership:

- All serving Government officials/PSU Employees/Outsourced / Contractual Employees/Retired employees
- Onetime fee of Rs.500/- applicable per family.
- Insurance coverage is available till the age of 80 years.

Policy Highlights with unique features:

- Coverage from Birth - 80 years
- Coverage for family of 6 persons - Husband + wife, 2 children & parents / Parents in law.
- Annual coverage up to 5 Lakhs per family.
- Coverage from day one.
- Cashless claim settlement with hospitals and reimbursement.
- Pre-hospitalisation for 30 days/post hospitalisation benefit for 60 days.
- Day care treatment in hospitals.
- Maternity benefit for women employees admissible without any waiting period.
- Cataract, hernia and hysterectomy up to Rupees one lakh.

How the Insurance claims can be made and settled:

- Star Health Insurance is the Partner Company to settle all medical claims as per procedure.
- Mobile app & SMS facility for communication with Star Health Insurance
- Yearly premium of Rs. 14,500/- per family.
- Bank loan facility is available for payment, if required. Bank will pay your premium up front and recover over one year period.
- 6500 Speciality hospitals of country are currently empanelled.

For more details please refer policy document.
Contact Person:- Sri P.K.Pattanaik, Executive Director, OSPEWS, IDCOL House, Near Indira Gandhi Park, Bhubaneswar, Mob:9776854108

ODISHA JOINT ENTRANCE EXAMINATION-2019 (OJEE - 2019)

No: 322/OJEE19 **Date: 12.07.2019**

NOTICE

Schedule of Medical Board for Physically Challenged (PC) Candidates of MBA/MCA/LE-MCA/M.TECH/M.ARCH/M.PLAN/ M.PHARM and B.PHARM rank holders of OJEE2019

The Physically Challenged **(PC)** Category Candidates under MBA/MCA/LE-MCA/M.TECH/M.ARCH/M.PLAN/M.PHARM and B.PHARM of OJEE2019 rank holders, who are interested to take admission in **PC** Category OJEE 2019 Counselling are required to attend the Medical Board at **LT – II, SCB Medical College, Cuttack on 18-07-2019 at 10.00 AM**. Candidates are required to bring their **Admit Card /Rank Card and Photo Identity** to the Medical Board. Decision of Medical Board is final and binding. Admission to PC category will be made only as per the result of this board.

Sd/-
CHAIRMAN, OJEE

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝାରବନ୍ଧ

ପତ୍ର ସଂଖ୍ୟା: ୮୪୪ ତା।୦।୦୭।୨୦୧୯

ଏତଦ୍‌ଦ୍ୱାରା ଝାରବନ୍ଧ ପଞ୍ଚାୟତ ସମିତିର ବରଷାଧାରଣଙ୍କ ଅବଗତି ପାଇଁ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୮-୧୯ (୧ ଏପ୍ରିଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯) ଆର୍ଥିକ ବର୍ଷରେ ସମ୍ପାଦିତ ହେଇଥିବା ପୂରକ୍ କୃତିକର୍ମ ଶତ ପ୍ରତିଶତ ମଷ୍ଟରରୋଲ ଯାଞ୍ଚ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ବିଦ୍ୟୁତୀକରା ଘର ତଥା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ୨୦୧୮-୧୯ ବାବଦରେ ସାମାଜିକ ସମୀକ୍ଷା ନିମନ୍ତେ ମିନ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରା.ପ କାର୍ଯ୍ୟାଳୟମାନଙ୍କରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ। ଉକ୍ତ ଗ୍ରାମସଭା ଓ ମଷ୍ଟର କାର୍ଯ୍ୟାଦରେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବିଘ୍ନବ ଭାବେ ଆୟୋଜନ କରିବେ ଏବଂ ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / କାର୍ଯ୍ୟନିର୍ବାହୀ ଅଧିକାରୀ / କନିଷ୍ଠ ଯନ୍ତ୍ରୀ / ଜୁନ ସାମାଜିକ ସମୀକ୍ଷକ / ଗ୍ରାମ ସାଧାରଣ ବର୍ମୀ ଉପସ୍ଥିତ ରହି ସମସ୍ତ ସେବ୍ ସେବର୍ଙ୍କ ତଥା ଅନ୍ୟାନ୍ୟ କାରବାରୀ ଉପସ୍ଥାପନ କରିବେ।

ଏହି ସଭାରେ ଉକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସବ୍ୟ/ସବ୍ୟା/ସ୍ୱୟଂ ସହାୟକ ଗୋଷ୍ଠୀ / ସେଚ୍ଛାସେବୀ ଅନୁଷ୍ଠାନ / ନିର୍ବାଚିତ ପ୍ରତିନିଧି/ ସୁବକ-ସୁବତୀ ଏବଂ ବରିଷ୍ଠ/ବରିଷ୍ଠା ଶ୍ରମିକମାନଙ୍କୁ ନିର୍ବାଚିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକୃତ ସମ୍ପାଦନ ତଥା ମଷ୍ଟରରୋଲ ଯାଞ୍ଚ ବାବଦକୁ ବସ୍ତୁଷ୍ଠତ କରିବେ ଏବଂ ସାମାଜିକ ସମୀକ୍ଷା କରିବେ।

ନିମ୍ନ ପ୍ରବଲ କାର୍ଯ୍ୟସୂଚୀ ମତେ ଉକ୍ତ ପଞ୍ଚାୟତ ସମିତି ବରପ୍ରତ୍ମ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ

କ୍ର.ନଂ.	ଗ୍ରା.ପ.ର ନାମ	ସାମାଜିକ ସମୀକ୍ଷା ତାରିଖ	ସମୟ	ସ୍ଥାନ	ଗ୍ରାମସଭା ତାରିଖ	ଦନଶୁଣାଣି	ନୋଡାଲ ଅଫିସର
୧	ବୁର୍ଯ୍ୟପାଲି, ଝାରବନ୍ଧ, ବଲା	୨।୦୭।୧୯ରୁ ୨।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩।୦୭।୧୯	୨୪।୦୭।୧୯	ସମସ୍ତ ଗ୍ରାମ ରୋଜଗାର ସେବକ / କାର୍ଯ୍ୟନିର୍ବାହୀ ଅଧିକାରୀ / କନିଷ୍ଠ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୨	ଅମଠି, ବିଜାପଦର	୩।୦୭।୧୯ରୁ ୪।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୪।୦୭।୧୯		ସମସ୍ତ ଗ୍ରାମ ରୋଜଗାର ସେବକ / କାର୍ଯ୍ୟନିର୍ବାହୀ ଅଧିକାରୀ / କନିଷ୍ଠ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୩	ଲଭଡ଼ିବର୍ସା, ରୋପୁଝୁରା, ଲଭାବଙ୍ଗର	୫।୦୭।୧୯ରୁ ୬।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୫।୦୭।୧୯	୨୬।୦୭।୧୯	ସମସ୍ତ ଗ୍ରାମ ରୋଜଗାର ସେବକ / କାର୍ଯ୍ୟନିର୍ବାହୀ ଅଧିକାରୀ / କନିଷ୍ଠ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୪	ଭଲାଡବୁରା, ଭେରାବର୍ସା, ଭବଦଇପୁର	୭।୦୭।୧୯ରୁ ୮।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୧୦।୦୭।୧୯		ସମସ୍ତ ଗ୍ରାମ ରୋଜଗାର ସେବକ / କାର୍ଯ୍ୟନିର୍ବାହୀ ଅଧିକାରୀ / କନିଷ୍ଠ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୫	ଛୋଟଅନବୀ, ବଣ୍ଡିଭଲା	୯।୦୭।୧୯ରୁ ୧୩।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୧୨।୦୭।୧୯		ସମସ୍ତ ଗ୍ରାମ ରୋଜଗାର ସେବକ / କାର୍ଯ୍ୟନିର୍ବାହୀ ଅଧିକାରୀ / କନିଷ୍ଠ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୬	ଭୂମିର	୨।୦୭।୧୯ରୁ ୧୩।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩।୦୭।୧୯		ସମସ୍ତ ଗ୍ରାମ ରୋଜଗାର ସେବକ / କାର୍ଯ୍ୟନିର୍ବାହୀ ଅଧିକାରୀ / କନିଷ୍ଠ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଝାରବନ୍ଧ

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଟଲି, ବରଗଡ଼

ବିଜ୍ଞାପନ ସଂଖ୍ୟା: ୧୨୨୩ ତା: ୧୦।୭।୨୦୧୯

ଏତଦ୍‌ଦ୍ୱାରା ଭଟଲି ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଥିଲି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା ଯୋଜନା(NSAP)ର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ଚଳିତ ୨୦୧୯-୨୦ (୨୦୧୯ରୁ ୨୦୨୦ ପର୍ଯ୍ୟନ୍ତ) ଆର୍ଥିକ ବର୍ଷରେ ସମ୍ପାଦିତ ହେଇଥିବା ପୂରକ୍ କୃତିକର୍ମ ଶତ ପ୍ରତିଶତ ମଷ୍ଟରରୋଲ ଯାଞ୍ଚ ବାବଦକୁ ବସ୍ତୁଷ୍ଠତ କରିବେ ଏବଂ ଗ୍ରାମ ସାଧାରଣ ବର୍ମୀମାନଙ୍କ ଉପସ୍ଥିତିରେ ସାମାଜିକ ସମୀକ୍ଷା କରିବେ। ଏଥିପାଇଁ ଉକ୍ତ ଗ୍ରାମପଞ୍ଚାୟତ ଅଧିନସ୍ଥ ଗ୍ରାମ ରୋଜଗାର ସେବକ ଓ କନିଷ୍ଠ ଯନ୍ତ୍ରୀ ସମୟ ସଜାଡ଼ ୧୦ ଘଟିକା ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟରେ ଉପସ୍ଥିତ ରହିବେ।

କ୍ର. ନଂ.	ଗ୍ରାମ ପଞ୍ଚାୟତ	ସାମାଜିକ ସମୀକ୍ଷା ସମୟ ସାରଣୀ	ଗ୍ରାମସଭା ଧାର୍ଯ୍ୟ ତାରିଖ	ନୋଡାଲ ଅଧିକାରୀଙ୍କ ନାମ	ବ୍ଲକ ସ୍ତରୀୟ ଜନଶୁଣାଣି
୧	ବାଉଁସେନପୁରା, ଝୁମ୍ବେଇପାଲି, ଗର୍ଜଣା, ଭଟଲା	ତା.୧୬।୦୭।୧୯ରୁ ତା.୨୯।୦୭।୧୯	ତା.୩୦।୦୭।୧୯	ଏମ୍.କେ. ରଥ (JE), ଏସ୍. ବୁଧିଆ (APO), ଏ.କେ. ଭୋଇ (WEO), ଏସ୍. ବୋସ (JE)	ତା.୨୩।୦୭।୨୦୧୯
୨	ବିଜାପାଲି, ବିର୍ଜାମ, ସବକଣ୍ଡା, ତବରା	ତା.୩୧।୦୭।୧୯ରୁ ତା.୧୩।୦୮।୧୯	ତା.୧୪।୦୮।୧୯	ଆର.କେ. ହଂସଦା (JE), ମହମ୍ମଦ ଆକବର (GPEO), ସଞ୍ଜୀବ ପଧାନ (BLC), ବି.କେ. ମିଶ୍ର (JE)	
୩	ବେହେରାପାଲି, କଲଙ୍ଗାପାଲି ସନିମାଲ, ସୋହେଲା	ତା.୧୬।୦୮।୧୯ରୁ ତା.୨୦।୦୮।୧୯	ତା.୩୦।୦୮।୧୯	ଆର.କେ. ହଂସଦା (JE), ଏମ୍.କେ. ରଥ (JE), ସଞ୍ଜୀବ ପଧାନ (BLC), ଏ.କେ. ଭୋଇ (WEO)	
୪	କନାପାଲି, ଶ୍ରୀତିଡା, କରଖୋଲା, ଟୁଙ୍ଗିବନ୍ଧଲି, ଝୁରିଆପାଲି	ତା.୦୫।୦୯।୧୯ରୁ ତା.୧୮।୦୯।୧୯	ତା.୧୯।୦୯।୧୯	ଏ.କେ. ଭୋଇ (WEO), ଏସ୍. ବୁଧିଆ (APO), ମହମ୍ମଦ ଆକବର (GPEO), ବି.କେ. ମିଶ୍ର (JE), ଏସ୍. ବୋସ (JE)	
୫	ଝର, ସାଲେପାଲି, କୁଡିପାଲି, ପଞ୍ଚକିପାଲି, ପାଣିମୋରା	ତା.୨୦।୦୯।୧୯ରୁ ତା.୦୩।୧୦।୧୯	ତା.୦୪।୧୦।୧୯	ବି.କେ. ମିଶ୍ର (JE), ଆର.କେ. ହଂସଦା (JE), ମହମ୍ମଦ ଆକବର (GPEO), ସଞ୍ଜୀବ ପଧାନ (BLC), ଏସ୍. ବୁଧିଆ (APO)	
୬	କନର୍ଘା, ପେଟୁପାଲି, ଲେବିଡି, ଘେଁସ	ତା.୧୧।୧୦।୧୯ରୁ ତା.୨୪।୧୦।୧୯	ତା.୨୫।୦୫।୧୯	କବିର ଦାସ (AFO), ଏସ୍. ବୋସ (JE), ଏ.କେ. ଭୋଇ (WEO), ମହମ୍ମଦ ଆକବର (GPEO)	
	ରେଙ୍ଗାଲି	ତା.୧୧।୧୦।୧୯ରୁ ତା.୨୦।୧୦।୧୯	ତା.୨୧।୧୦।୧୯	ଏସ୍. ବୁଧିଆ (APO)	

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋହେଲା

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭୁବୁରିପାଲି

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭୁବୁରିପାଲି /- ପତ୍ର ସଂଖ୍ୟା.୧୨୧୯, ତାରିଖ.୧୧।୦୭।୨୦୧୯:- ଏତଦ୍‌ଦ୍ୱାରା ଭୁବୁରିପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନା(NSAP)ର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ଭୁବୁରିପାଲି ପଞ୍ଚାୟତସମିତି ଅଧ୍ୟାତ୍ମସ୍ଥ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ସଭାରେ ମହାତ୍ମାଗାନ୍ଧୀ

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

ଦୁର୍ଘଟଣା ପରେ ଭ୍ୟାନ ଜାଳିଦେଲେ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୧୨।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟୁରେକେଲା ଥାନା ଅନ୍ତର୍ଗତ ଲର୍କି ଗାଁ ନିକଟରେ ଶୁକ୍ରବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ମା' ଗୁରୁତର ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉଦ୍ଧ୍ୟକ୍ତ ଲୋକେ ଧକ୍କା ଦେଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଜାଳି ଦେଇଛନ୍ତି। ପରେ ସେମାନେ କଣ୍ଟାବାଞ୍ଜି–ଟୁରେକେଲା ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଟୁରେକେଲା ଥାନା ଲର୍କି ଗାଁ ନିକଟରେ ଶୁକ୍ରବାର ଅପରାହ୍ଣ ପ୍ରାୟ ୨ଟାରେ କଣ୍ଟାବାଞ୍ଜି ଆସୁଥିବା ଏକ ପିକଅପ୍ ଭ୍ୟାନ୍ (ନଂ.ସିଜି୦୪ଏଲଏଚ୍ ୮୨୭୯) ଏକ ନମ୍ବର ବିହୀନ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ସମୀର ପାତ୍ର (୧୮)ଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ପଛରେ ବସିଥିବା ସମୀରଙ୍କ ମା' ପ୍ରେମଲତା ଛିଟିକି ପଡି

- ବାଇକ୍ ଆରୋହୀ ମୃତ, ମା'ଗୁରୁତର
- ଉତ୍ତେଜନା,ମୃତଦେହ ରଖି ରାସ୍ତାରୋକୋ

ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଭ୍ୟାନ୍ ଛାଡି ନିକଟସ୍ଥ ଜଙ୍ଗଲକୁ ଖସି ପଳାଇ ଥିଲେ। ସ୍ଥାନୀୟ ଲୋକେ ଗୁରୁତର ପ୍ରେମଲତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଯାଇଥିଲେ । ଏ କଥା ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଦ୍ଧ୍ୟକ୍ତ ଲୋକ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌ରେ ନିଆଁ ଲଗାଇ ଦେଇଥିଲେ । ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ଦାବି କରି ଆନ୍ଦୋଳନକାରୀ ମୃତଦେହକୁ ରାସ୍ତା ଉପରେ ରଖି ଅପରାହ୍ଣ ୫ଟା ଯାଏଁ ଧାରଣାରେ ବସିଥିଲେ । ଟୁରେକେଲା ଓ କଣ୍ଟାବାଞ୍ଜି ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, କଣ୍ଟାବାଞ୍ଜି ତହସିଲଦାର ଅଶୋକ କୁମାର ମାଝି, ଟୁରେକେଲା ବିଡିଓ ପ୍ରଭାସ କୁମାର ସାହୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ମୃତକଙ୍କ ପରିବାରକୁ ବିଜୁ ପକ୍କା ଘର, ୪ ଡିସମିଲ ଜମି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କି ଘର ଛାଡ଼ିଲି, କି ବର ଛାଡ଼ିଲି;
କୁଣ୍ଡାପିଠା ପାଇଁ ଯୋଗିଆଣୀ ହେଲି ।

କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ମଜ୍ଜି ଯାଇଥାନ୍ତି। ଦୈହିକ ସୁଖ ଲାଳସାରେ ଅନ୍ଧହୋଇ ନିଜ ଘର ପରିବାରର ମାନ ସମ୍ମାନକୁ ମାଟିରେ ମିଶାଇ ଦେଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ପରକୀୟା ପ୍ରୀତି ପାଇଁ ଘର ପରିବାର ତ୍ୟାଗ କରିଥିବା ବିଟପୀ ନାରୀ ନିଜ କୃତକର୍ମ ପାଇଁ ପଶ୍ଚାତ୍ତାପ ବା ଅନୁଶୋଚନା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କରମ ଲିଖନ,
କେ କରିବ ଆନ ।

କପାଳରେ ଯାହା ଲେଖାହୋଇଥାଏ ତାହା ହିଁ ଘଟିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳଭୋଗ କରିଥାଏ। ଏହାକୁ କାଟିବା ବା ବଦଳାଇବା ସହଜସାଧ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

୫ ସହରରେ ବାୟୁ ପ୍ରଦୂଷଣ ସ୍ଥିତି ଉଦ୍‌ବେଗଜନକ

ଭୁବନେଶ୍ୱର, ୧୨।୭(ବ୍ୟୁରୋ): ପ୍ରାକୃତିକ ପରିବେଶର ବିକାଶ ସହ ସ୍ୱାସ୍ଥ୍ୟଜନିତ ବିପଦ ହ୍ରାସ ଦିଗରେ ରାଜ୍ୟ ସରକାର ଏକ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର ସ୍ୱଚ୍ଛ ବାୟୁ ଯୋଜନାର କାର୍ଯ୍ୟାନ୍ୱୟନକୁ ଅଗ୍ରାଧିକାର ଦେଇଛନ୍ତି। ଏନେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ଦେବୀଦତ୍ତ ବିଶ୍ୱାଳ ଯୋଗଦେଇ ବାୟୁ ପ୍ରଦୂଷଣ ସମ୍ପର୍କିତ ତଥ୍ୟ ଉପସ୍ଥାପିତ କରିଥିଲେ। ବୈଠକ ପରେ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟସ୍ତରରେ ହୋଇଥିବା ଏକ ଅଧ୍ୟୟନ ଅନୁସାରେ ଭାରତରେ ୧୦୨ଟି ସହରର ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ସ୍ଥିତିରେ ଅଛି। ଏଥିରେ ଓଡିଶାର କଟକ, ଭୁବନେଶ୍ୱର, ରାଉରକେଲା, ତାଳଚେର ଓ ଅନୁଗୋଳ ଆଦି ସହର ଅନ୍ତର୍ଭୁକ୍ତ। ଏସବୁ ସହରରେ ବାୟୁ ପ୍ରଦୂଷଣ ଜାତୀୟ ମାନଦଣ୍ଡଠାରୁ ଅଧିକ । ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ପ୍ରତି ଘନମିଟର ବାୟୁରେ ପି.ଏମ୍–୧୦ର ସ୍ତର ୬୦ ମାଇକ୍ରୋଗ୍ରାମ ଏବଂ ପି.ଏମ୍–୨.୫ର ସ୍ତର ୪୦ ମାଇକ୍ରୋଗ୍ରାମ ରହିବା ଗ୍ରହଣୀୟ। ଓଡିଶାର ଉପରୋକ୍ତ ୫ ସହରରେ ଏହି ସ୍ତର ଅଧିକ ରହିଥିବାରୁ ତାର ନିୟନ୍ତ୍ରଣ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀସ୍ଥିତ ବିଜ୍ଞାନ ଓ ପରିବେଶ କେନ୍ଦ୍ରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁମିତା ରାୟଚୌଧୁରୀ ବୈଜ୍ଞାନିକ ଅନୁଶୀଳନରୁ ପ୍ରାପ୍ତ ବିଭିନ୍ନ ପରାମର୍ଶଗୁଡିକ ଉପରେ ଆଲୋକପାତ କରିଥିଲେ। ଏସବୁ ସମସ୍ୟାକୁ ବିଚାରକୁ ନେଇ ସମ୍ପୃକ୍ତ ସହରର କାର୍ଯ୍ୟ କୌଶଳ ସ୍ଥିର କରିବାକୁ ମୁଖ୍ୟ ଶାସନ ସଚିବ ଭିଡିଓକନଫରେନ୍ସିଂ ଜରିଆରେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ସଂସ୍ଥାଗୁଡିକ ବିରୋଧରେ ବର୍ତ୍ତନ ଓ ନିୟାମକ କାର୍ଯ୍ୟାନ୍ୱୟନକୁ ଅଧିକ ନିୟମିତ ଏବଂ ଦୃଢୀଭୂତ କରିବା ପାଇଁ ଆଦିତ୍ୟ ପାଢୀ ଗୁରୁତ୍ୱାରୋପ କରିଛନ୍ତି। ଏହିସବୁକୁ ଦୀର୍ଘ–ସୂତ୍ରୀ, ମଧ୍ୟମ–ସୂତ୍ରୀ ଏବଂ ସ୍ୱଳ୍ପ–ସୂତ୍ରୀ ପଦକ୍ଷେପ ଅନୁଯାୟୀ ବିଭାଜିତ କରି କାର୍ଯ୍ୟାନ୍ୱୟନ ପଦ୍ଧତିକୁ ନିର୍ଦ୍ଧାରଣ କରିବା ପାଇଁ ଉନ୍ନୟନ କମିଶନର ଅସୀତ ତ୍ରିପାଠୀଙ୍କୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ସ୍ୱଚ୍ଛ–ବାୟୁ କାର୍ଯ୍ୟ ଯୋଜନାର ତଦାରଖ କରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗକୁ ନୋଡାଲ୍ ବିଭାଗ ଭାବେ ଦାୟିତ୍ୱ ଦିଆଯାଇଛି ଆଇ.ଆଇ.ଟି. ଭୁବନେଶ୍ୱରକୁ ପ୍ରଯୁକ୍ତବିଦ୍ୟା ସହ ଭାଗୀ ଭାବେ ମନୋନୟନ କରାଯାଇଛି।

ବାମରା ଓ ରେଙ୍ଗାଲିରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ବିଭାଗୀୟ ଅଧିକାରୀ ଓ ଅତିଥିଙ୍କ ସହ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ବାମରା, ୧୨।୭ (ସ୍ୱ.ପ୍ର.)

ବାମରା ବ୍ଲକ ୬ଟି ପଞ୍ଚାୟତର ୮୧ ଜଣ ହିତାଧିକାରୀଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିରେ ଟୁରେଇର ୪ଟି, ମହୁଲପାଲିର ୧୧ଟି, କବରିବାହାଲର ୧୧ଟି, ଜରାବଗାର ୬ଟି, ରଙ୍ଗିଆଟିକ୍ରାର ୧୨ଟି, ରବଗାର ୨୮ଟି ଓ କେଶାଇବାହାଲର ୮ଟି କାର୍ଯ୍ୟାଦେଶ ରହିଛି । ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ସରପଞ୍ଚ ଓରାମ, ଚମ୍ପାବତୀ ମିଞ୍ଜ, ବିପିନ କିଶୋର ବିଲୁଙ୍ଗ ଓ ଶାନ୍ତିଲତା ଟପ୍ପୋ ଏହିକାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତେବେ ଗୋବିନ୍ଦପୁର ପଞ୍ଚାୟତକୁ ସଂପୂର୍ଣ୍ଣ ଅବହେଳା କରାଯାଇଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି।

ରେଙ୍ଗାଲି,(ଡି.ଏନ.ଏ.): ରେଙ୍ଗାଲି ବ୍ଲକ ଅଫିସ ପରିସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡିଓ ଶିବଶଙ୍କର ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ରେଙ୍ଗାଲି ବ୍ଲକର ପ୍ରତ୍ୟେକ ପଞ୍ଚାୟତରୁ ୧୦ଜଣ ହିତାଧିକାରୀଙ୍କୁ ଏହା ବଣ୍ଟନ ହୋଇଛି। ୧୬ଟି ପଞ୍ଚାୟତର ୧୬୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସାଇବାନୀ ସେଠ, ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରେଙ୍ଗାଲି ଜୋନ– ୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଙ୍ଗା, ଜୋନ–୨ ଜିଲାପରିଷଦ ସଭ୍ୟା ଉତପୁଲା ଧରୁଆ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ଯୁଗଳ କଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୋସିଆଲ ମିଡିଆ ପରିଚାଳନା ଖର୍ଚ୍ଚ ପାଖାପାଖି ୨ କୋଟି

ଭୁବନେଶ୍ୱର, ୧୨।୭(ବ୍ୟୁରୋ): ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଓକାକ୍ ବିଭିନ୍ନ ଇ–ଗଭର୍ନାନ୍ସ ପ୍ରକଳ୍ପରେ କନ୍‌ସଲଟାନ୍ସି କାର୍ଯ୍ୟ ସମ୍ପାଦନ ପାଇଁ ନିଯୁକ୍ତ ଘରୋଇ କମ୍ପାନୀ କେତେ ଖର୍ଚ୍ଚ କରିଛନ୍ତି ସେନେଇ କିଛି ତଥ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୋସିଆଲ ମିଡିଆ ସେଲ୍ ପରିଚାଳନା ପାଇଁ ଓଡିଶାର ସିଏସ୍‌ଏମ୍ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ କମ୍ପାନୀକୁ କନ୍‌ସଲଟାଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏ ବାବଦରେ ୧କୋଟି ୮୩ଲକ୍ଷ ୪୩ହଜାର ୧୦୦ଟଙ୍କା ଦିଆଯାଇଛି। ବିଧାୟକ ଶଙ୍କର ଓରାମ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ସେହିପରି ଇ–ଡିଷ୍ଟ୍ରିକ୍ଟ ପ୍ରକଳ୍ପ ନିମନ୍ତେ ଇଉପ୍ରୋ ଲିମିଟେଡ କମ୍ପାନୀକୁ ଜୁଲାଇ ୨୦୧୨ଠାରୁ ମାର୍ଚ୍ଚ ୨୦୧୭ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଥିଲା। ଏଥିଲାଗି ଉକ୍ତ କମ୍ପାନୀକୁ ୧କୋଟ ୬୬ଲକ୍ଷ ୩୩ହଜାର୯୩୬ ଟଙ୍କା ଦିଆଯାଇଛି। ପରବର୍ତ୍ତୀ ସମୟରେ ଏହି କାମ ଥ୍ରିଆଇ ଇନ୍‌ଫୋଟେକ୍ ଲିମିଟେଡ କମ୍ପାନୀକୁ ଦିଆଯାଇଛି। ଏହି କମ୍ପାନୀ ଅଗଷ୍ଟ ୨୦୧୮ଠାରୁ ଜୁଲାଇ ୨୦୨୦ ପର୍ଯ୍ୟନ୍ତ ଦାୟିତ୍ୱ ପାଇଛି। ଏଥିଲାଗି ମୋଟ ୪୨ଲକ୍ଷ ୪୮ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଏବେ ସୁଦ୍ଧା ଦେୟ ବାବଦକୁ ୧୫ଲକ୍ଷ ୯୩ହଜାର ଉକ୍ତ କମ୍ପାନୀ ନେଇଛି। ମୁଖ୍ୟତଃ ରାଜ୍ୟ ସରକାର ଓସ୍ୱାନ ପ୍ରକଳ୍ପର ଅଗ୍ରଗତି ପାଇଁ ସେହି କମ୍ପାନୀକୁ ନିଯୁକ୍ତି ଦେଇଛନ୍ତି। ଏଥିପାଇଁ ଏହି କମ୍ପାନୀ ଏବେସୁଦ୍ଧା ୧୧ଲକ୍ଷ ୪୯ହଜାର ୭୪୫ ଟଙ୍କା ପାଇଥିବା ଜଣାପଡିଛି। ସେହିଭଳି ଇଣ୍ଟରନେଟ୍ ପ୍ରୋଟୋକଲ୍ ଭର୍ସନ–୬ ପ୍ରକଳ୍ପର ପରିଚାଳନା ପାଇଁ ଇଆଣ୍ଡୱାଇ ଏଲ୍‌ଏଲ୍‌ପିକୁ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ଉକ୍ତ କମ୍ପାନୀ ବର୍ତ୍ତମାନ ସୁଦ୍ଧା ୨୬ଲକ୍ଷ ୫୫ହଜାର ଟଙ୍କା ପାଇଛି। ଓଡିଶା ଷ୍ଟେଟ ଡାଟା ସେଣ୍ଟରର ସମ୍ପ୍ରସାରଣ କାର୍ଯ୍ୟ ଡିଟିଟିଆଇ ଏଲ୍‌ଏଲ୍‌ପ ନାମକ ଏକ କମ୍ପାନୀକୁ ମେ ୨୦୧୬ରେ ନିଯୁକ୍ତି ଦିଆଯାଇଥିଲା।

ଝିରପାଣି ବଳାତ୍କାର ଘଟଣା

ଥାନା ଘେରିଲେ ସରପଞ୍ଚଙ୍କ ସମର୍ଥକ

ରାଉରକେଲା ଅଫିସ, ୧୨। ୭

ଝିରପାଣି ଅଞ୍ଚଳରେ ଗୁରୁବାର ଜଣେ ନବ ବିବାହିତା ଯୁବତୀଙ୍କୁ ଗଣ ବଳାତ୍କାର ଅଭିଯୋଗ ଆସିବା ପରେ ଘଟଣା ଶୁକ୍ରବାର ସନ୍ଧ୍ୟାରେ ଭିନ୍ନ ମୋଡ ନେଇଛି। ଝିରପାଣି ସରପଞ୍ଚ ପ୍ରଭା ଖାଲକୋ ତାଙ୍କର ଶତାଧିକ ସମର୍ଥକଙ୍କୁ ନେଇ ଥାନା ଘେରିଛନ୍ତି। ଘଟଣାରେ ସମ୍ପୃକ୍ତ ସରପଞ୍ଚଙ୍କ ସ୍ୱାମୀ ଅଜୟ ଖାଲକୋ (୪୨) ଓ ତାଙ୍କ ସହଯୋଗୀ ରାଜେଶ ଟପୋ (୪୨) ନିର୍ଦ୍ଦୋଶ ବୋଲି ଦାବି କରିଛନ୍ତି ମହିଳା ସରପଞ୍ଚ ପ୍ରଭା ଓ ତାଙ୍କ ସମର୍ଥକ। ବସ୍ତି ବାସିନ୍ଦା ତଥା ସରପଞ୍ଚ ସମର୍ଥକଙ୍କ କହିବା କଥା ହେଲା ଅଜୟଙ୍କୁ ଜାଣିଶୁଣି ରାଜନୈତିକ ଆକ୍ରୋଶ ରଖି ଫସା ଯାଇଛି। ଏମାନେ ବଳାତ୍କାରରେ ସମ୍ପୃକ୍ତ ନୁହନ୍ତି। ଏଣୁ ତଦନ୍ତ ସତର୍କତା ସହ କରାଯିବା ଆବଶ୍ୟକ। ପ୍ରକୃତ ଦୋଷି ଯିଏ ତାକୁ ଧର। ବିନା କାରଣରେ ତାଙ୍କ ସ୍ୱାମୀଙ୍କୁ ଦୋଷ ଦିଆଯାଉଛି ବୋଲି ପ୍ରଭା ସଫେଇ ଦେଇଛନ୍ତି। ଏହାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଝିରପାଣି ଥାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରପଞ୍ଚଙ୍କ ପରିବର୍ତ୍ତେ ତାଙ୍କ ସମର୍ଥକ ଏକ ଲିଖିତ ଦାବି ପତ୍ର ପ୍ରଦାନ କରିଛନ୍ତି। ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଏଥିରେ କୁହାଯାଇଛି। ଅବଶ୍ୟ ବୁଝାସୁଝା ପରେ ସରପଞ୍ଚଙ୍କ ସମର୍ଥକ ଫେରିଯାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ୭ ତାରିଖରେ ସମ୍ପୃକ୍ତ ମହିଳାଙ୍କୁ ସରପଞ୍ଚଙ୍କ ସ୍ୱାମୀ ଓ ସହଯୋଗୀ ଚାଉଳ ଦେବାକୁ ଘରୁ ଡାକି ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ବଳାତ୍କାର କରିଥିଲେ। ମହିଳା ଜଣକ ଲୋକ ଲଜ୍ଜା ଭୟରେ ମୁହଁ ଖୋଲି ନ ଥିଲେ। କିଛିଦିନ ତଳେ ବିବାହ କରିଥିବା ଏହି ମହିଳାଙ୍କ ସ୍ୱାମୀ ଘଟଣା ବାବଦରେ ସୁରାକ ପାଇବା ପରେ ତାଙ୍କୁ ଛାଡି ଚାଲିଯିବାରୁ ସେ ବାଧ ହୋଇ ଝିରପାଣି ଥାନାରେ ଅଭିଯୋଗ କରିଥିଲେ। ପୀଡିତାଙ୍କୁ ଡାକ୍ତରୀ ମାଇନା କରାଯାଇଛି। ଘଟଣାରେ ସମ୍ପୃକ୍ତ ସରପଞ୍ଚ ଓ ତାଙ୍କ ସହଯୋଗୀ ଫେରାର ହୋଇ ଯାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ଝିରପାଣି ପୋଲିସ ତନାଘନା ଚଳାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
——Help LINE——
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ସ୍ପୁ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
——Helpline——
09485665198
PO- BARAHAGODA, BARAHAGODA, BARGARH, ODISHA 768040

ଭାରତର ନଂ. 1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743

ଅନ୍ତର୍ନିହିତ ଦେବତ୍ୱ
ବିକାଶର ନାମ ହିଁ ଧର୍ମ।
- ସ୍ୱାମୀ ବିବେକାନନ୍ଦ

ସରିଲା ରଥଯାତ୍ରା, ଦେଉଳକୁ ଫେରିଲେ ଠାକୁର

ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ପହଣ୍ଡି ବିଜେ କରାଯାଉଛି (ବାମ)। ଜଣେ ଶିଶୁଙ୍କୁ ରଥ ଛୁଆଁଯାଉଛି (ମଝି)। ସାକ୍ଷୀପଡ଼ା ରାଧା ମଦନଗୋପାଳ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଉଛି ।

ମୁଦିପଡାରେ ସୁଭଦ୍ରାଙ୍କ ପହଣ୍ଡି ବିଜେ କରାଯାଉଛି ।

ସମ୍ବଲପୁରରେ ଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଉଛି।

ଗୋବିନ୍ଦଡୋଲା ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଗୋପାଳଜୀ ଠାକୁରଙ୍କ ପହଣ୍ଡି ବିଜେ ହେଉଛି ।

ଗୋବିନ୍ଦଡୋଲାରେ ଭକ୍ତମାନେ ରଥ ଟାଣୁଛନ୍ତି ।



ରେଢାଖୋଲ ରଥଯାତ୍ରାରେ ଭକ୍ତଙ୍କ ଗହଳି ।

କୁଡିଙ୍ଗାରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରୁଛନ୍ତି ।

ନାକଟିଦେଉଳରେ ଭକ୍ତମାନେ ରଥ ଟାଣୁଛନ୍ତି ।

ବାମରା ଜଗନ୍ନାଥ ମନ୍ଦିର ନିକଟରେ ରଥ ଉପରେ ଠାକୁରଙ୍କୁ ଭକ୍ତମାନେ ଦର୍ଶନ କରୁଛନ୍ତି ।

ସମ୍ବଲପୁର, ୧୨।୭ (ବ୍ୟୁରୋ)

ରାଡିନାତି ଓ ପରଜ୍ଞରାରେ ଶୁକ୍ରବାର ବାହୁଡା ଯାତ୍ରା ସଂପନ୍ନ ହୋଇଛି । ଜଗତର ନାଥ ଜଗନ୍ନାଥ ସୁସଜ୍ଜିତ ରଥରେ ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ମାଉସୀ ମା ମନ୍ଦିରରୁ ନିଜସ୍ୱ ମନ୍ଦିରକୁ ବାହୁଡି ଛନ୍ତି । ଶନିବାର ରଥାରୁଢ଼ ଝାଡୁଆପଡା ବ୍ରହ୍ମପୁରା, ମୁଦିପଡା ଜଗନ୍ନାଥ, ଧନୁପାଲି ଗୋପାଳଜୀ ଏବଂ ସାକ୍ଷୀଗୋପିନାଥ ପଡା ରାଧା ମଦନଗୋପାଳ ଠାକୁର ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ଭୋର ୫ଟାରେ ମଙ୍ଗଳ ଆଳତୀ, ୬ଟାରେ ସୂର୍ଯ୍ୟପୂଜା ଓ ଖିଚିଡି ଭୋଗ ଲାଗି ନୀତି ହୋଇଥିଲା । ୮ଟା ଧ୍ୱଜାରୋହଣ, ୯ଟାରେ ବେଶକାର୍ଯ୍ୟ ଆରମ୍ଭ ହୋଇ ୧୦ଟାରେ ଶେଷ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସୁଦର୍ଶନ ରଥରୁଢ଼ ରାତି ହୋଇଥିଲା । ଏହାପରେ ତିନି ଠାକୁରଙ୍କୁ ଧାଡିପହଣ୍ଡିରେ ବିଜେ କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ରଥାରୁଢ଼ ଠାକୁରଙ୍କୁ ଆଳତୀ, ଅପରାହ୍ନ ସାଢ଼େ ୧୨ଟାରେ ପଶ୍ଚିମ ଓଡିଶାର ନିଆରା ପରଜ୍ଞରା ରଥଛୁଆଁ ନୀତି ହୋଇଥିଲା । ସାଢ଼େ ୧ଟାରେ ଅନ୍ନଭୋଗ ଓ ୪ଟାରେ ରଥଟଣା ହୋଇଥିଲା । ଅମରନାଥ ସୁପକାର ଓ ଆତ୍ମାରାମ ସୁପକାର ଛେରାପହଁରା କରିଥିଲେ । ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ ପଣ୍ଡିତ ଅମରନାଥ ମିଶ୍ର ଏବଂ ଗୋପାଳ ପଣ୍ଡା ଆଳତୀ କାର୍ଯ୍ୟ ତୁଲାଇଥିଲେ । ସଞ୍ଜୀବ ପାଢ଼ୀ, ପ୍ରାଣରଞ୍ଜନ ପଣ୍ଡା, ସୁଧାଂଶୁ ବାବୁ, ଶୁଭେନ୍ଦ୍ର ପଣ୍ଡା, ସୀତିକଣ୍ଠ ସୁପକାର, ସୀତାରାମ ସୁପକାର, ରାଜାରାମ ସୁପକାର, କୈଳାଶ ପଣ୍ଡା, ପ୍ରବୀଣ ଦୀକ୍ଷିତ, ସୀତାକାନ୍ତ ପାଣିଗ୍ରାହୀ ଠାକୁରଙ୍କୁ ବେଶ କରିଥିଲେ । ବ୍ରହ୍ମପୁରା ଟ୍ରଷ୍ଟବୋର୍ଡ ସଭାପତି ସରୋଜ ଦଲପତ, ଅଭିଷେକ ମିଶ୍ର, ଧୃନା ପ୍ରଧାନ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ । ସେହିପରି ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା ଠାକୁର, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନ ମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତ୍‌ରାର ରାମଜୀ ମଠ, ଧନୁପାଲିର ଗୋପାଲଜୀ, କମଳିବଜାରର ଗୋପାଲଜୀ ମଠର ଜଗନ୍ନାଥ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନ ଗୋପାଳଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି । ତେବେ ବାଲିବନ୍ଧା ରଘୁନାଥ ଜୀ ଓ କମିଶନର୍ସ କଲୋନୀ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିବା ବେଳେ ବାହୁଡା ଯାତ୍ରା ହୋଇ ନ ଥିଲା। ସୂଚନାଯୋଗ୍ୟ ଯେ, ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ମୋଟ ୨୭ଟି ଜଗନ୍ନାଥ ମନ୍ଦିର ଅଛି । ସେଥି ମଧ୍ୟରୁ ୨୫ଟି ମାଉସୀ ମା ମନ୍ଦିରରୁ ବାହୁଡା ଯାତ୍ରା ହୋଇଥିଲା । ଏଥିସହ ଶତାଧିକ ପିଲାମାନେ କୁନି ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆରୂଢ଼ କରି ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା । ଘଣ୍ଟ, ଶଙ୍ଖ, ସଂପ୍ରଦା, କୀର୍ତ୍ତନ, ହରିବୋଲ ହୁଳହୁଳି ଓ ଶଙ୍ଖନାଦରେ ସମ୍ବଲପୁର ସହର ପ୍ରକମ୍ପିତ ହୋଇଥିଲା।

ନାକଟିଦେଉଳ,(ଡି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ବିଭିନ୍ନ ଅଞ୍ଚଳରେ ଶ୍ରୀଜୀଉମାନଙ୍କର ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ନାକଟିଦେଉଳ ସି/୧୨ ବାଟାଲିୟନ ସିଆରପିଏଫ ପକ୍ଷରୁ ଆୟୋଜିତ ବାହୁଡ଼ା ଯାତ୍ରାରେ ୧୨ବାଟାଲିୟନର କମାଣ୍ଡାଣ୍ଟ ପ୍ରମୋଦ କୁମାର ସାହୁ ଛେରାପହଁରା କରିଥିଲେ । ଏହାପରେ ମାଉସୀ ମା'ମନ୍ଦିରରୁ ଜଗତର ନାଥ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବିଗ୍ରହକୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା । ନାମସଂକୀର୍ତ୍ତନ ଏବଂ ମୃଦଙ୍ଗର ତାଳେ ତାଳେ ଭକ୍ତମାନେ ରଥ ଟାଣି ଥିଲେ । ସିଆରପିଏଫ କ୍ୟାମ୍ପ ପରିସରେ ରଥ ପହଞ୍ଚିବା ପରେ ମନ୍ଦିର ବିଜେ କରାଯାଇଥିଲା। ଅନ୍ୟପକ୍ଷେ ଚୁହିଲାମାଳସ୍ଥିତ ଡି/୧୨ ବାଟାଲିୟନ ସିଆରପିଏଫ ପକ୍ଷରୁ ମଧ୍ୟ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତ୍ରିଲୋଚନ ବେହେରା ଛେରା ପହଁରା କରିଥିଲେ। ସେହିପରି ବ୍ଲକର କୁଞ୍ଜାମୁରା, ଜଗନ୍ନାଥ ପ୍ରସାଦ, ସରାପାଲି ଏବଂ କିସିଣ୍ଡା ଗ୍ରାମରେ ମଧ୍ୟ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି।

ରେଢ଼ାଖୋଲ,(ଡି.ଏନ.ଏ.): ରେଢ଼ାଖୋଲରେ ଆନନ୍ଦ ଉଲ୍ଲାସର ସହିତ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଛି। ଅନୁକୂଳ ପାଗ ଯୋଗୁ ବାହୁଡା ଯାତ୍ରାରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ମାଉସୀ ମା ମନ୍ଦିରରେ ଠାକୁରମାନଙ୍କ ପୂଜା ସଂପନ୍ନ ହେବା ପରେ ଜଗତର ନାଥ ଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରା, ଭାଇ ବଳଭଦ୍ର, ଦଧିବାମନ ଜୀଉ ଓ ସୁଦର୍ଶନଙ୍କୁ ବ୍ରହ୍ମସମାଜର ପଣ୍ଡିତମାନେ ପହଣ୍ଡି ବିଜେ କରି ରଥାରୂଢ଼ କରିଥିଲେ। ପହଣ୍ଡି ବିଜେ ଦୃଶ୍ୟ ଭକ୍ତଙ୍କ ମଧ୍ୟରେ ଏକ ଭାବାବେଗ ସୃଷ୍ଟି କରିଥିଲା। ରାଜପରିବାରର ପୃଥିରାଜ ଦେଓ ଜେନାମଣି ଛେରା ପହଁରା କରିଥିଲେ। ପହଣ୍ଡି ଓ ରଥଟଣା ସମୟରେ ଦୁଲଦୁଲି ବାଜା, ଘଣ୍ଟ ଶଙ୍ଖ ଧ୍ୱନୀରେ ସହର ଉତ୍ସବ ମୁଖର ହୋଇ ଉଠିଥିଲା। ପହଣ୍ଡି ବେଳେ ବିଷ୍ଣୁପ୍ରିୟା ସଂକୀର୍ତ୍ତନ ମଣ୍ଡଳିର ସଂକୀର୍ତ୍ତନ ଓ ହଜାର ହଜାର ଭକ୍ତଙ୍କ କରିବୋଲ, ହୁଳହୁଳି ସହ ଜୟ ଜଗନ୍ନାଥ ଧ୍ୱନିରେ ଏକ ଭକ୍ତି ପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ପହଣ୍ଡି ବିଜେ କରି ପ୍ରଭୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କୁ ବଡ ରଥରେ ରଥାରୂଢ଼ କରାଯାଇଥିବା ବେଳେ ଦଧିବାମନ ଜୀଉ ଓ ସୁଦର୍ଶନଙ୍କୁ ସାନ ରଥରେ ରଥାରୂଢ଼ କରାଯାଇଥିଲା। ଠାକୁରମାନଙ୍କୁ ରଥା ରୁଢ କରାଯିବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ଅପରାହ୍ନ ୪ ଟାରେ ରଥ ଟଣା ହୋଇ ବଡଦାଣ୍ଡରେ ଦୁଇ ରଥକୁ ରଖାଯାଇଛି। ଶନିବାର ରଥ ଟଣା ଯାଇ ରଥ ଉପରେ ଠାକୁରମାନଙ୍କ ସୁନା ବେଶ ଅନୁଷ୍ଠିତ ହେବ।

ରଥଯାତ୍ରାଠାରୁ ବାହୁଡା ଯାତ୍ରା ଶେଷ ପର୍ଯ୍ୟନ୍ତ ମେଳନ ପଡିଆରେ ମାନା ବଜାର ଓ ବିଭିନ୍ନ ଦୋକାନ ବଜାର ଖୋଲିଥିବା ଯୋଗୁ ପ୍ରତିଦିନ ଲୋକଙ୍କ ଗହଳି ଲାଗି ରହିଥିଲା। ରଥଟଣା ଓ ପହଣ୍ଡି ବିଜେ ସମୟରେ ଉପଜିଲାପାଳ ବିଶିକେସନ ଦେହୁରୀ, ଡେପୁଟି କଲେକ୍ଟର ଅମ୍ଲାନ ଅପରାଜିତା ମିଶ୍ର, ବରିଷ୍ଠ ଆଇନଜୀବୀ ଶମ୍ଭୁ ପ୍ରସାଦ ପ୍ରଧାନ, ଦେବୋଉର ସଭାପତି ଅରୁଣ କୁମାର ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନଙ୍କ ସହିତ କୁମୁଦ ପଣ୍ଡା, ଅନାଦି ସାହୁ, ଦେବୋଉର ମ୍ୟାନେଜର ରାଜେଶ କୁମାର ସାହୁଙ୍କ ସହିତ ବ୍ରହ୍ମ ସମାଜର ସଭ୍ୟ ତଥା ରଥଯାତ୍ରା ପରିଚାଳନା କମିଟିର ସଭ୍ୟମାନେ ଯୋଗ ଦେଇଥିଲେ। ରଥଯାତ୍ରା ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଭୋଗ ଓ ପାନୀୟ ଜଳ ବିତରଣ କରାଯାଇଥିଲା। ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଶିକ୍ଷକ ଜୟନ୍ତ କୁମାର ମାହାର ଓ ସ୍ୱାଧୀନ ପ୍ରଧାନ ଧାରା ବିବରଣି ପ୍ରଦାନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

ସାକ୍ଷୀପଡା ରାଧା ମଦନଗୋପାଳ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ ।

କୁଡିଙ୍ଗା,(ଡି.ଏନ.ଏ.): କୁଡିଙ୍ଗାରେ ରଥଯାତ୍ରା ସମ୍ପନ୍ନ ହୋଇଛି। ଆଠ ଦିନ ମାଉସୀ ମା ମନ୍ଦିରରେ ଅବସ୍ଥାନ ପରେ ଶୁକ୍ରବାର ସ୍ୱମନ୍ଦିରକୁ ଭକ୍ତଙ୍କ ଗହଣରେ ଫେରିଛନ୍ତି। ମୁଖ୍ୟ ପୂଜକ ପ୍ରଦୀପ ଶର୍ମା ଛୋରା ପହଁରା କରିଥିଲେ। ଏହାପରେ ପହଣ୍ଡି କରାଯାଇ ଠାକୁରଙ୍କୁ ରଥକୁ ନିଆ ଯାଇଥିଲା। ବିଭିନ୍ନ ବାଦ୍ୟ, ଘଣ୍ଟଘଣ୍ଟା, ସଂପ୍ରଦା ଆଦି ତାଳେ ତାଳେ ଭକ୍ତମାନେ ରଥ ଟାଣିଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭକ୍ତ ଠାକୁରଙ୍କୁ ଦର୍ଶନ କରିଥିଲେ । ପୂଜକ ଚିନ୍ତାମଣୀ ଶର୍ମା, ପୂର୍ଣ୍ଣ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ରଥ ଉପରେ ଶୁଖୁ ଶର୍ମା, ନବୀନ ସାହୁ, ଦ୍ୱାରିକା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଫୋର୍ସ ମୁତୟନ କରାଯାଇଥିଲା।

ବାମରା, ୧୨।୭ (ସ୍ୱ.ପ୍ର.): ବାମରା ଗୁଣ୍ଡିଚା ମନ୍ଦିରରେ ୮ ଦିନ ରହିବା ପରେ ଶୁକ୍ରବାର ଠାକୁର ନିଜ ଦେଉଳକୁ ବାହୁଡାଯାତ୍ରାରେ ଫେରିଛନ୍ତି। ଜମିଦାର ସଞ୍ଜୀବ କୁମାର ପାଲ ଛେରା ପହଁରା କରିଥିଲେ। ଗୁଣ୍ଡିଚା ମନ୍ଦିରରୁ ରଥଟଣା ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିରରେ ଥିବା ଯାତ୍ରା ପଡିଆ ପହଞ୍ଚି ଥିଲା। ସେଠାରେ ଭକ୍ତମାନେ ଦର୍ଶନ କରିଥିଲେ। ମନ୍ଦିର ପୁରୋହିତ ଅଜୟ ପୂଜାରାଙ୍କ ସହ ଲୋକନାଥ ମିଶ୍ର, ସୁବ୍ରତ ମିଶ୍ର ସହଯୋଗ କରିଥିଲେ । ମନ୍ଦିରକୁ ଶ୍ରୀଜୀଉ ପ୍ରବେଶ କରିବା ପରେ ଲକ୍ଷ୍ମୀଙ୍କ ପ୍ରତିନିଧି ଭାବେ କ୍ଷିତିଶ ଚନ୍ଦ୍ର ନାଏକ ଓ ଜଗନ୍ନାଥଙ୍କ ପ୍ରତିନିଧି ଭାବେ କୁମାର ଚନ୍ଦ୍ର ପଟେଲ ଲକ୍ଷ୍ମୀ ପୁରାଣ ପାଠ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ଗୁଣ୍ଡିଚା ମନ୍ଦିର କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ

ସଂକ୍ଷେପରେ

ବନ ବିଭାଗ ବାଘ ଖୋଜୁଛି

ସମ୍ବଲପୁର/ଧମା,୧୨।୭(ବ୍ୟୁରୋ/ଡି.ଏନ.ଏ.) ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଗିରିଙ୍ଗିଲାପାଲି ଗ୍ରାମ ଓ ୨ଆଖପାଖ ଗ୍ରାମରେ ବାଘ ଆତଙ୍କ ଖେଳି ଯାଇଛି । ବାଘଟି ଧନୁପାଲି-ଧମା ରାସ୍ତା ପାର ହେଉଥିବା ଜଣେ ଗାଡି ଚାଳକ ଦେଖିଥିବା କହିଛନ୍ତି। ବନ ବିଭାଗର ୧୫ ଜଣ କର୍ମଚାରୀ ୨ଟି ଟିମ୍ ହୋଇ ବାଘକୁ ଖୋଜୁଛନ୍ତି । ଶୁକ୍ରବାର ଅପରାହ୍ନ ୩ଟାରୁ ଆଖପାଖ ଗ୍ରାମ ଗୁଡିକୁ ଯାଇ ବାଘର ପାଦ ଚିହ୍ନ ଖୋଜୁଛି ବନ ବିଭାଗ । ଗ୍ରାମବାସୀ ମଧ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ବନ ବିଭାଗକୁ ଲୋକେ ବାଘ ଖୋଜିବାରେ ସାହଯ୍ୟ କରିଛନ୍ତି । ହେଲେ ରାତି ୯ ଟା ପର୍ଯ୍ୟନ୍ତ ବାଘର କୌଣସି ସୁରାକ ମିଳି ନ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ବସ୍-ବାଇକ ମୁହାଁ ମୁହିଁ ଧକ୍କାରେ ବାଇକ୍ ଆରୋହୀ ଆହତ

ନାକଟିଦେଉଳ,୧୨।୭(ଡି.ଏନ.ଏ.) ରେଢାଖୋଲ-ନାକଟିଦେଉଳ ରାସ୍ତାର ପେଣ୍ଡବାହାଳ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ଏକ ଯାତ୍ରୀବାହୀ ବସ୍ ସହିତ ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ଘଟିଛି । ଫଳରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନାକଟିଦେଉଳ ଥାନା ଅନ୍ତର୍ଗତ ସାଲେଭଟା ପଞ୍ଚାୟତ କେଉଟବେଣ୍ଡି ଗ୍ରାମର ଗନ୍ଧର୍ବ ରାଉତ (୫୨)। ଓଡ଼ି୧୫-୧୫୪୧ ନମ୍ବର ବିଶିଷ୍ଟ ହୋଡା ଟ୍ରାଭେଲ୍ସ ନାମକ ଏକ ଯାତ୍ରୀ ବାହୀ ବସ ରେଢାଖୋଲରୁ ନାକଟିଦେଉଳ ପଟକୁ ଆସୁଥିଲା । ତେବେ ପେଣ୍ଡବାହାଳ ନିକଟରେ କମାରସାହିରୁ କାମ ସାରି ଗନ୍ଧର୍ବ ନିଜର ଓଆର୧୫ଏଲ-୬୪୧୨ ନମ୍ବର ବିଶିଷ୍ଟ ବାଇକରେ ରାଜପଥ ଉପରକୁ ଆସୁଥିଲେ। ଏହି ସମୟରେ ବାଇକ୍ ଓ ବସ୍ ମୁହାଁମୁହିଁ ହୋଇଥଲା।

ଡଙ୍ଗା ଓଲଟି ପୁଅ ନିଖୋଜ, ବାପା ବଞ୍ଚିଗଲେ

ରେଙ୍ଗାଲି, ୧୨।୭ (ଡି.ଏନ.ଏ.) ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଦନ୍ତାମୁରା ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ର ନିଜ ବାପାଙ୍କ ସହିତ ହୀରାକୁଦ ଜଳଭଣ୍ଡାରକୁ ମାଛ ମାରିବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଦନ୍ତାମୁରା ଗ୍ରାମର ବିକାଶ ହାତା । ନିଜ ବାପାଙ୍କ ସହିତ ସେ ଗୁରୁବାର ଅପରାହ୍ନରେ ଡଙ୍ଗାରେ ହୀରାକୁଦ ଜଳଭଣ୍ଡାରକୁ ମାଛ ମାରିବାକୁ ଯାଇଥିଲେ । କୌଣସି କାରଣରୁ ଡଙ୍ଗାଟି ଓଲଟି ପଡିଥିଲା । ବିକାଶଙ୍କ ବାପା କୌଣସିମତେ ପହଁରି କୂଳକୁ ଆସିଥିବା ବେଳେ ବିକାଶଙ୍କ କୌଣସି ସନ୍ଧାନ ମିଳି ନ ଥିଲା ।

ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ

ରେଢାଖୋଲ,୧୨।୭(ଡି.ଏନ.ଏ.) ରେଢାଖୋଲ ଥାନା ଅନ୍ତର୍ଗତ ରାହାଣ ଗ୍ରାମର କ୍ଷେତ୍ର ନାଏକ (୪୫)ନାମକ ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ଗୁରୁବାର ସନ୍ଧ୍ୟାରେ କ୍ଷେତ୍ରଙ୍କ ଘରେ ବିଦ୍ୟୁତ ସମସ୍ୟା ଦେଖା ଦେଇଥିଲା। ଲାଇନମ୍ୟାନଙ୍କୁ ଖବର କରିବାରୁ ସେ ଆସିପାରିବେନି ବୋଲି କହିଥିଲେ। ଏଣୁ କ୍ଷେତ୍ର ନିଜେ ଏକ ପ୍ଲାସ ଧରି ବିଦ୍ୟୁତ ପୋଲ ଉପରକୁ ଉଠି ଯାଇ ସଜାଡିବାକୁ ଉଦ୍ୟମ କରିଥିଲେ। ହେଲେ ଆଘାତ ଲାଗିଥିଲା। ଗ୍ରାମବାସୀ ତାଙ୍କୁ ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରେଢାଖୋଲ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ କ୍ଷେତ୍ର ଜଣେ ସାଧାରଣ ଚାଷୀ। ତାଙ୍କ ମୃତ୍ୟୁରେ ପୁଅ, ଝିଅ ଓ ସ୍ତ୍ରୀ ଏବେ ଭାଙ୍ଗି ପଡିଛନ୍ତି।

ଡିସେମ୍ବର ସୁଦ୍ଧା ଶେଷ ହେବ ବୁର୍ଲା ମଲ୍ଟିଷ୍ଟୋରେଜ କମ୍ପ୍ଲେକ୍ସ

ସମ୍ବଲପୁର,୧୨।୭ (ବ୍ୟୁରୋ)

ବୁର୍ଲାଠାରେ ଏସ୍‌ଡିଏ ପକ୍ଷରୁ ନିର୍ମାଣାଧୀନ ମଲ୍ଟି ଷ୍ଟୋରେଜ କମ୍ପ୍ଲେକ୍ସ ।

ଶିକ୍ଷାନଗରୀ ବୁର୍ଲାରେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସଡିଏ) ପକ୍ଷରୁ ଏକ ମଲ୍ଟି ଷ୍ଟୋରେଜ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲିଛି । ଏହା ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଏସ୍‌ଡିଏ ଲକ୍ଷ୍ୟ ରଖିଛି । ବୁର୍ଲାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭିସୁଟ, ଭିମ୍‌ସାର, ଆଇଆଇଏମର ଅସ୍ଥାୟୀ କ୍ୟାମ୍ପସ ଭଳି ବଡ ବଡ ଶିକ୍ଷା ଅନୁଷ୍ଠାନ ଗୁଡିକ ରହିଛି । ଏହା ସହ ହୀରାକୁଦ ଡ୍ୟାମ୍, ଡେବରୀଗଡ, ପ୍ଲାନେଟୋରିୟମ ଭଳି ଦର୍ଶନୀୟ ସ୍ଥାନ ରହିଛି । ତେଣୁ ବାହାରୁ ପର୍ଯ୍ୟଟକ ଆସିଥାନ୍ତି । ଏହି କମ୍ପ୍ଲେକ୍ସ ହେବା ଦ୍ୱାରା ସେମାନେ ଲାଭ ପାଇ ପାରିବେ ଓ ଏସଡିଏର ମଧ ଲାଭ ହେବ ବୋଲି ଅଧ୍ୟକ୍ଷ ବିଜୟ ମହାନ୍ତି କହିଛନ୍ତି । ସେ କହିଛନ୍ତି ଯେ, ଏହି କମ୍ପ୍ଲେକ୍ସ ଭିତରେ ସମସ୍ତ ଆବଶ୍ୟକ ସମାଗ୍ରୀ ମିଳିବ । ଏଥିପାଇଁ ଭିନ୍ନ ଭିନ୍ନ ଦୋକାନ କରାଯିବ । ଏଥିରେ ଅନେକ ଯୁବତୀଯୁବକ ରୋଜଗାର ପାଇ ପାରିବେ । ଏହା ସହ ଦୋକାନ କରି ଅନେକ ପରିବାର ପ୍ରତିପୋଷଣ ହୋଇପାରିବେ । ଏସଡିଏ ପକ୍ଷରୁ ଏହି ପ୍ରୟାସ କରାଯାଉଛି । ସୂଚନାଯୋଗ୍ୟ ଯେ, ଏସଡିଏ ପକ୍ଷରୁ ୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି । ୧୮ ହଜାର ୪ ଶହ ବର୍ଗ ଫୁଟରେ ୬୩ ଦୋକାନ ଘର ରହିଛି । ଏହାର ବଣ୍ଟନ ପାଇଁ ଏସଡିଏ ପକ୍ଷରୁ ନିଷ୍ପତ୍ତି ନିଆଯିବ । ପୂର୍ବରୁ ଏସଡିଏ ପକ୍ଷରୁ ମୁଦିପଡା, ଜେଲଛକ, ଏସଆରଆଇଟି କଲୋନୀ, ବସଷ୍ଟାଣ୍ଡ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଭୁତାପଡାରେ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଭଡାରେ ଦିଆଯାଇଛି । ସେଥିରୁ ବାର୍ଷିକ ପ୍ରାୟ ୫୦ ଲକ୍ଷ ଟଙ୍କା ଆୟ ହୋଇଥାଏ । ସେହିପରି ବୁର୍ଲା କମ୍ପ୍ଲେକ୍ସ ମଧ ଏସଡିଏର ଆୟରେ ବୃଦ୍ଧି କରିବ ବୋଲି ଅଧ୍ୟକ୍ଷ ମହାନ୍ତି କହିଛନ୍ତି।

ଶାଳକାଠ ସହ ଗାଡି ଜବତ

ଧମା, ୧୨।୭ (ଡି.ଏନ.ଏ.)

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଅଧୀନ ବନ କର୍ମଚାରୀମାନେ ଏକ ମାରୁତି ଭ୍ୟାନ (ନଂ. ଓଆର ୧୭ ସି- ୪୭୨୯) ସହ ୫ଖଣ୍ଡ ଶାଳ କାଠ ଜବତ କରିଛନ୍ତି । ଡ୍ରାଇଭର ବଡବଜାରର ହର୍ଷ ମେହେରଙ୍କୁ ଗିରଫ କରାଯାଇଛି। ଗାଡିଟି ସୋନପୁର ପଟରୁ ସମ୍ବଲପୁରକୁ ଆସୁଥିଲା । ଖବର ପାଇ ଡିଏଫଓ ସଞ୍ଜିତ କୁମାର ଧମା ରେଞ୍ଜର ବିଦ୍ୟାଧର ସାହୁଙ୍କୁ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଧମା ଛକରେ ବନ ବିଭାଗ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଥିଲା । ଏହି ସମୟରେ ଡ୍ରାଇଭର ହର୍ଷ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ବନ ବିଭାଗ ୫ ଖଣ୍ଡ ଶାଳ କାଠ ଓ ଗାଡିକୁ ଜବତ କରିଥିଲା ।

ବିପର୍ଯ୍ୟୟ ହ୍ରାସ ପାଇଁ ପୂର୍ବ ପ୍ରସ୍ତୁତି କର୍ମଶାଳା

୯ ଜିଲାର ୧୬୫ ଅଧିକାରୀ ଯୋଗଦେଲେ

ସମ୍ବଲପୁର,୧୨।୭ (ବ୍ୟୁରୋ)



ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଦଳଗତ ଆଲୋଚନା ଚାଲିଛି ।

ସମ୍ବଲପୁର ଜିଲା ଡିଆରଡିଏ ସମ୍ମିଳନୀ କକ୍ଷରେ ବିପର୍ଯ୍ୟ ବିପଦ ହ୍ରାସ ପାଇଁ ପ୍ରସ୍ତୁତି ଉପରେ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା । ଏହି କର୍ମଶାଳାରେ ରାଜ୍ୟ ବିପର୍ଯ୍ୟ ପରିଚାଳନା ଜେନେରାଲ ମ୍ୟାନେଜର ପ୍ରଦୀପ ନାଏକ ଉପସ୍ଥିତ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ, ମହାନଗର ନିଗମ କମିଶନର ତ୍ରିଲୋଚନ ମାଝି ଯୋଗ ଦେଇଥିଲେ । ବିପର୍ଯ୍ୟୟ ସମୟରେ ମୁକାବିଲା କରିବା ଉପରେ ଆଲୋଚନା କରାଯାଇଥିଲା । ଏହା ସହ ବିପର୍ଯ୍ୟୟ ପରିମାଣ ଆକଳନ କରି କିଭଳି ଭାବେ ହ୍ରାସ ପାଇବ ସେ ଦିଗରେ ଆଲୋଚନା କରାଯାଇଥିଲା । ଏଥିରେ ସମ୍ବଲପୁର ସମେତ, ବିଭାଗର ୧୬୫ ଜଣ ଅଧିକାରୀ ଉପସ୍ଥିତ ରହିଥିଲେ । ସେମାନେ ନିଜ ନିଜ ବିଭାଗରେ ଥିବା ସମସ୍ୟା ଗୁଡିକ ଉପସ୍ଥାପନ କରିଥିଲେ । ବିଭାଗୀୟ ଅଧିକାରୀମାନେ ବିପଦ ସଂକୁଳ ଅବସ୍ଥାରେ ଥିବା ସ୍ଥାନ ଓ ସମସ୍ୟା ଉପରେ ରିପୋର୍ଟ ଦେଇଥିଲେ । ଏହାକୁ ସରକାରଙ୍କ ପାଖରେ ଦାଖଲ କରାଯିବ । ଉପସ୍ଥିତ ଅଧିକାରୀମାନଙ୍କୁ ନେଇ ୧୧ ଗୋଷ୍ଠୀ ଗଠନ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ୟୁନିସେଫ ଅଧିକାରୀ ଡା. ବଳରାମ ଯାଦବ, ଅକ୍ସଫାମ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ବିମଳ ପ୍ରସାଦ ପାଣ୍ଡିଆ, ଡ. ଦୀପଙ୍କର ଚାଉ ପଟ୍ଟନାୟକ, ଅମଳିନ ପଟ୍ଟନାୟକ, ୟୁଏନଡିପିର ମେଘନାଦ ବେହେରା, ସୁଶାନ୍ତ ମିଶ୍ର, ଜିଲା କୁରୁରୀକାଳୀନ ଅଧିକାରୀ ସୁଶ୍ରୀ ରାଜଶ୍ରୀ ମିଶ୍ର ଉପସ୍ଥିତ ଥିଲେ ।

ରେଢାଖୋଲରେ ଚୋରି ବୃଦ୍ଧି ପାଉଛି

ପୁଣି କପଡା ଦୋକାନରୁ ଚୋରି

ରେଢାଖୋଲ,୧୨।୭(ଡି.ଏନ.ଏ.)

ରେଢାଖୋଲ ସହରରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ରଥଯାତ୍ରା ପୂର୍ବଦିନ ରାତିରେ ଡାକ୍ତରଖାନା ଛକରେ ଥିବା ଏସ.ଏନ ୱାଚ୍ ଦୋକାନରୁ ମୋବାଇଲ, ହାତଘଣ୍ଟା ଚୋରି ହୋଇଛି। ବୁଧବାର ରାତିରେ ପୁଣି ସେହି ଦୋକାନ ପାଖରେ ଥିବା ଏମ. ଫେସନ କପଡା ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏବେ ରଥଯାତ୍ରା ଯୋଗୁ ସହର ପୋଲିସ ଛାଉଣିରେ ରହିଥିବା ବେଳେ ଦୁର୍ବୃତ୍ତ ପୋଲିସକୁ ଚ୍ୟାଲେଞ୍ଜ ଦେବା ଭଳି ଗୋଟିଏ ପରେ ଗୋଟିଏ ଦୋକାନରୁ ଚୋରି କରିଚାଲିଛନ୍ତି। ଶୁକ୍ରବାର କପଡା ଦୋକାନରୁ ଚୋରି ଅଭିଯୋଗ ପରେ ପୋଲିସ ଆସି ତଦନ୍ତ କରିଛି। ହେଲେ ବାରମ୍ବାର ଚୋରି ହେଉଥିଲେ ହେଁ କାହାରିକୁ ଧରିବାରେ ପୋଲିସ ସକ୍ଷମ ହୋଇ ପାରୁନାହିଁ। ଏହାକୁ ନେଇ ସାଧାରଣରେ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିଛି। ଅଭିଯୋଗ ଅନୁସାରେ, ବୁଧବାର ରାତିରେ ଡାକ୍ତରଖାନା ଛକରେ ଏମ.ଫେସନ କପଡା ଦୋକାନର ଉପର ପାର୍ଶ୍ୱରୁ ଭାଙ୍ଗି ଦୁର୍ବୃତ୍ତ ଦୋକାନ ଭିତରକୁ ପଶି ଜିନ୍ସ ପ୍ୟାଣ୍ଟ, ଟି ସାର୍ଟ, ବେଲ୍ଟ ଆଦି ଚୋରି କରି ନେଇଛନ୍ତି। ତେବେ ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି ।

ଟ୍ରକ୍ ସହ କେନ୍ଦୁପତ୍ର ଜବତ, ଚାଳକ ଫେରାର୍

ଜବତ କେନ୍ଦୁପତ୍ର ବୋଝେଇ ଟ୍ରକ୍ ସହ ବନ କର୍ମଚାରୀମାନେ ।

ଜମନକିରା,୧୨।୭ (ଡି.ଏନ୍.ଏ)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବଡ଼ରମା ବନଖଣ୍ଡ ବନ ବିଭାଗ ଟଂସରା ଛକରୁ ଏକ କେନ୍ଦୁପତ୍ର ବୋଝେଇ ୪୦୭ (ଓଆର୍ ୧୭ ୮୪୮) ଟ୍ରକ୍ ଜବତ କରିଛି। ଏଥିରୁ ୬ କୁଇଣ୍ଟାଲ ୬୦ କେଜି କେନ୍ଦୁପତ୍ର ମିଳିଛି। ତେବେ ଗାଡି ଚାଳକ ଫେରାର୍ ହୋଇଯାଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଷଣ୍ଢପଥରରୁ ସମ୍ବଲପୁର ଅଭିମୁଖେ ଏହି ଟ୍ରକ୍‌ଟି ଯାଉଥିଲା । ବନ ବିଭାଗ ଅଧିକାରୀ ଯାଞ୍ଚ କରି ଟ୍ରକ୍‌ରେ କେନ୍ଦୁପତ୍ର ବୋଝେଇ ହୋଇଥିବା ଜାଣି ପାରିଥିଲେ। ଟ୍ରକ୍‌କୁ ବଡ଼ରମା ରେଞ୍ଜକୁ ନେଇ କେନ୍ଦୁପତ୍ର ବିଭାଗକୁ ହସ୍ତାନ୍ତର କରାଯାଇଛି। ରେଞ୍ଜର ନୀଳାଦ୍ରୀନାଥ ସାହ, ଫରେଷ୍ଟର ରଞ୍ଜନ ଜିତ, କୃପାସିନ୍ଧୁ ପଧାନ, ପରେଶ ନାଏକ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ଚଢାଉରେ ସାମିଲ ହୋଇଥିଲେ।

ସୋସିଆଲ ମିଡିଆରେ ଡାକ୍ତରଙ୍କ ଆପତ୍ତିଜନକ ମନ୍ତବ୍ୟ

ପ୍ରତିବାଦ କଲେ ରେଙ୍ଗାଲିବାସୀ

ରେଙ୍ଗାଲି, ୧୨।୭ (ଡି.ଏନ.ଏ.)

ରେଙ୍ଗାଲି ମେଡିକାଲ୍ ଇନ୍‌ଚାର୍ଜଙ୍କୁ ସ୍ଥାନୀୟ ଲୋକେ ଦାବିପତ୍ର ଦେଉଛନ୍ତି।

ରେଙ୍ଗାଲି ପ୍ରାଥମିକ ଚିକିତ୍ସାଳୟରେ କାର୍ଯ୍ୟରତ ଆୟୁଷ ଡାକ୍ତର ଡା. ସୁବ୍ରତ ନନ୍ଦ ଫେସବୁକରେ ରେଙ୍ଗାଲି ଅଞ୍ଚଳବାସୀଙ୍କୁ ନେଇ ଆପତ୍ତିଜନକ ମତାମତ ଦେଇଛନ୍ତି। ଏହି ମତାମତକୁ ନେଇ ରେଙ୍ଗାଲି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି । ଏହାର ପ୍ରତିବାଦରେ ରେଙ୍ଗାଲି ଜୋନ-୧ ଜିଲାପରିଷଦ ସଭ୍ୟ ତଥା ରୋଗୀ କଲ୍ୟାଣ ସମିତିର ଅଧକ୍ଷ ତିରୋଜ ହେଡେଞ୍ଜା, ରୋଗୀ କଲ୍ୟାଣ ସମିତିର ସଭ୍ୟ ଶଶି ସାହୁ, ବିଶିକେସନ ପଣ୍ଡା, ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ସଭାପତି ବସନ୍ତ କୁମାର ନାଏକ, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ସ୍ୱାଧୀନତା ସଂଗଠନର ସଭାପତି ରାଜୀବ କୁମାର ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ବିନେଦା ବିହାରୀ ନନ୍ଦ, ରେଙ୍ଗାଲି ସରପଞ୍ଚ ଲକ୍ଷ୍ମୀ ଓରାମ, ଜଙ୍ଗଲା ସରପଞ୍ଚ ଗାନ୍ଧୀ ବେହେରା, ଅମିତ କୁମାର ସାହୁ ପ୍ରମୁଖଙ୍କ ସହ ରେଙ୍ଗାଲି ଅଞ୍ଚଳବାସୀ ଶୁକ୍ରବାର ରେଙ୍ଗାଲି ଡାକ୍ତରଖାନାରେ ପ୍ରତିବାଦ କରିଛନ୍ତି। ଏହାସହ ଉକ୍ତ ଆୟୁଷ ଡାକ୍ତରଙ୍କୁ ତୁରନ୍ତ ରେଙ୍ଗାଲିରୁ ସ୍ଥାନାନ୍ତର କରିବା ପାଇଁ ସିଡିଏମଓଙ୍କ ଉଦ୍ଦେଶ୍ୟରେ ମେଡିକାଲ ଇନଚାର୍ଜ ଚନ୍ଦ୍ର କୁମାର ମୋଦିଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ୧୦ ଦିନ ମଧ୍ୟରେ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଏମାନେ ଚେତାବନୀ ଦେଇଛନ୍ତି ।

ପଥରଖାଦାନ ବିସ୍ଫୋରଣରେ ଘର ଫାଟିବା ଘଟଣା

ତଦନ୍ତ କରି ପ୍ରତିଶ୍ରୁତି ଦେଲେ ତହସିଲଦାର

ସମ୍ବଲପୁର,୧୨।୭(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଗୁମୁରା ତହସିଲ ଅଧୀନରେ ଥିବା ପଥର ଖାଦାନାଗୁଡିକରେ ଅବାଧରେ ବିସ୍ଫୋରଣ କରାଯାଇ ପଥର ଉତ୍ତୋଳନ କରାଯାଉଛି। ଏହି ବିସ୍ଫୋରଣ ଯୋଗୁ ନିକଟରେ ଥିବା ଗାଁଗୁଡିକରେ ଲୋକଙ୍କ ଘର ଫାଟି ଯାଉଛି । ଝାଙ୍କରପାଲି ପଞ୍ଚାୟତ ଠର୍ଲି ଗ୍ରାମର ଯୁଗି ବାଙ୍କଙ୍କ ଘର ଫାଟି ଭାଙ୍ଗି ଯାଇଥିଲା। ଏହାକୁ ନେଇ ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଏହି ଖବର ପଢିବା ପରେ ତହସିଲଦାର ସୁକାନ୍ତ ନାଏକ ଯୁଗିଙ୍କ ପାଖରେ ପହଞ୍ଚି ଆଲୋଚନା କରିଛନ୍ତି। ତଦନ୍ତ କରି ପ୍ରତିଶ୍ରୁତି ବି ଦେଇଛନ୍ତି। ତେବେ ତହସିଲଦାରଙ୍କ ନିକଟରେ ଯୁଗି ଅଭିଯୋଗ କରିଛନ୍ତି ଯେ, ଗ୍ରାମ ନିକଟରେ ଥିବା ପଥର ଖଦାନରେ ବିସ୍ଫୋରଣ ହେଉଛି । ତେଣୁ ତାଙ୍କ ଘରେ ଫାଟ ହୋଇଥିଲା । ଗତ ଫେବୃୟାରୀ ମାସରେ ହାତୀ ପଲ ଆସି ସମ୍ପୂର୍ଣ୍ଣ ଘରକୁ ଭାଙ୍ଗି ଦେଲେ। ଏହାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ସରଜମିନ ତଦନ୍ତ କରାଯାଇଥିଲା । ହେଲେ କ୍ଷୟକ୍ଷତି ବାବଦକୁ ଟଙ୍କାଟିଏ ବି ମିଳିଲା ନାହିଁ । ବେଆଇନ ଭାବେ ବିସ୍ଫୋରଣ ରୋକାଯିବା, କ୍ଷତିପୂରଣ ଯୋଗାଇ ଦେବା, ଏକ ନୂଆ ଘର ନିର୍ମାଣ କରିବାକୁ ସହାୟତା କିମ୍ବା ସରକାରୀ ଘର ଯୋଜନାରେ ଏକ ଘର କରାଇଦେବାକୁ ସେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ନାୟକଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଯୁଗୀଙ୍କ ପରିବାର ଅସହାୟ ଓ ବାସହରା। ତାଙ୍କୁ ଶୀଘ୍ର ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ । ଗାଁ ନିକଟ ପଥରଖାଦାନରେ ଅବଦାଧ ବିସ୍ଫୋରଣ ଘଟଣାର ମଧ ତଦନ୍ତ କରାଯିବ ।

ଖର୍ଲି ଗ୍ରାମର ବାସହରା ଯୁଗି ବାଙ୍କ ଘରେ ତହସିଲଦାର ସୁକାନ୍ତ ନାଏକ ।

ବୁର୍ଲା ଭିମ୍‌ସାରରେ ଶୁକ୍ରବାର ପ୍ରଥମ କରି ଭାରତୀୟ ରୋଗୀସେବା ଦିବସ ପାଳନ ଅବସରରେ ୧୮ ମାସ ଧରି ଚିକିତ୍ସିତ ହେଉଥିବା ଜଣେ ମହିଳା ମାନସିକ ରୋଗୀଙ୍କୁ ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ନେତୃତ୍ୱରେ ଅନ୍ୟ ଡାକ୍ତରମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କ ଆରୋଗ୍ୟ କାମନା କରୁଛନ୍ତି।

PARADIP PORT TRUST

CORRIGENDUM-II TO TENDER CALL NOTICE NO. EM/MM/P/STEEL/07/2018(Pt)/1906TDR112, DT. 11/06/2019 FOR SUPPLY OF STEEL MATERIALS

The due date of submission of Tender & opening of Technical Bid is hereby further extended as below. (1) Last Date of submission of tender up to 13.30 PM of Dt. 24.07.2019. (2) Opening of Technical Bid at 15.30 PM of Dt. 26.07.2019. All other terms and conditions in the original tender remained unaltered. For details of the tender interested bidders may log on to our website **www.paradipport.gov.in** or contact the office of the undersigned.

PPT/PR/185/19-20 Date 12.07.2019

Sr. Dy. Materials Manager

PARADIP PORT TRUST

e-AUCTION NOTICE

Paradip Port Trust intent to **Disposal of Old Damaged Steel Cord Conveyor Belt and Cut Pieces of Iron Ballard** on "as is where is basis" by e-auction through M/s. MSTC. For details, interested bidders may log on to MSTC website www.mstcindia.co.in/ www.mstcecommerce.com

Sr. Dy. Materials Manager

PPT/PR/182/19-20, Dt.12/07/2019

'e' - Procurement Notice

No. 53-C

Tender Reference No.TCRM-76/2019-20
Bid Identification No.2019_ORULB_ 55394
No. 2059 / Dt. 11.07.2019

Bid documents consisting of works with their estimated cost, cost of tender paper, EMD, time of completion, Class of Contractor and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

1)	Name of the Work	:-	Civil work as mentioned in the website.
2)	No. of works	:-	03 Nos.
3)	Estimated Cost	:-	Rs.13.13 lakhs to 20.00 lakhs
4)	Period of Completion	:-	As per DTCN
5)	Date & time of availability of Bid document in the portal	:-	from dt.15.07.2019 to dt.24.07.2019 upto 5.00 PM
6)	Last date & time for receipt of Bid in the portal	:-	upto 5.00 PM of dt.24.07.2019
7)	Last date for receipt of financial document.	:-	upto 1.00 PM of dt.25.07.2019
8)	Bid received on line shall be opened on	:-	dt.25.07.2019 at 3.00 PM
9)	Name & Address of the Officer inviting the bid	:-	Executive Officer, Talcher Municipality

Further details can be seen from the procurement portal i.e. www.tendersorissa.gov.in

13077/11/0003/1920 Sd./- Executive Officer Talcher Municipality

THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

CAD-190

E-auction Notice (18.07.2019 – 60th E-auction)
Sub-Grade IRON ORE Fines

The Odisha Mining Corporation Ltd. intends to sell various grades of Sub-Grade Iron ore Fines produced at different iron ore mines at Gandhamardan Region in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00AM to 2.00PM on 18.07.2019.**

For details, please visit the website of MSTC i.e. www.mstcecommerce.com

30005/11/0022/1920 C.G.M. (Min.)

MARKFED - ODISHA
AREA OFFICE, CUTTACK
SEALED TENDER CALL NOTICE

Area Office, MARKFED, Cuttack invites sealed Tender Call Notice in two Bid System from adhok Rake Clearing & Transport Contractor in Odisha Cuttack Rake point for clearing of 50 Kg/45 Kg. weight fertilizer in HDPE bags received from Rail Rakes at Cuttack Railhead. Reputed and Financially Sound Contractor with minimum 5 (five) years experience in Fertilizer Rake Clearing are required to submit tender. The details terms & conditions along with tender paper may be obtained from MARKFED, Cuttack to submit the tender on or before Dtd.22.7.2019 upto 11 A.M. in the area office, MARKFED, Cuttack. The sealed tender will be opened on 22.7.2019 at 3 P.M. in the Office of the Area Manager, MARKFED, Area Office, Cuttack.

N.B.: The Selection Committee for Selection of Transport Contractor reserves the right to cancel/reject the tender at any time without assigning any reason thereof.

By order of the Committee
Sd./- Area Manager, MARKFED, Cuttack

See Career Appointment on every **Wednesday & Saturday**

RITES — ରାଇଟ୍ସ ଲିଃ

(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ସିଆଇଏନ୍ ନଂ.: ଏଲ୍୭୪୮୯୯ଡିଏଲ୍୧୯୭୪ଜିଓଆଇ୦୦୭୨୨୭

ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି

ଏନ୍ଆଇଟି ନଂ.: ଆର୍ଆଇଟିଇଏସ୍/ଡବ୍ଲ୍ୟୁଏସ୍/ଇସିଓଆର୍/ଏସ୍ଏଆର୍ଏଲ୍ଏ/ଡବ୍ଲ୍ୟୁଟି/୨୦୧୯

ଜିଜିଏମ୍ (ଡବ୍ଲ୍ୟୁଏସ୍), ରାଇଟ୍ସ ଲିମିଟେଡ୍ ପୂର୍ବତଟ ରେଳପଥ, ଭୁବନେଶ୍ୱର ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର କାଗଜିପତ୍ରରେ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଠିକାଦାରମାନଙ୍କଠାରୁ ଦୁର ପ୍ୟାକେଟ୍ ପ୍ରଣାଳୀରେ ଇ-ଟେଣ୍ଡରିଂ ପ୍ରଣାଳୀ ମାଧ୍ୟମରେ ଅନ୍‌ଲାଇନ୍ ଶତଜଡ଼ା ଦର ବିଡ୍ ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ: ସର୍ଲା ଷ୍ଟେଶନ ୟାର୍ଡ, ସମ୍ବଲପୁର, ଓଡ଼ିଶାଠାରେ ଫ୍ରେଟ୍ ଖ୍ରାଗ୍‌ପୁଟ୍‌ରିକ ପାଇଁ ଆର୍ଓଏଚ୍ ସୁବିଧା ସହିତ ଫ୍ରେଟ୍ ଟ୍ରେନ୍ ରକ୍ଷଣାବେକ୍ଷଣ ସୁବିଧା ସ୍ଥାପନ। ଅଟକଳ ମୂଲ୍ୟ: ଟ.୫୦.୯୩ କୋଟି, ଅମାନତ ରାଶି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୧୮ ମାସ, ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ତା୦୫।୦୮।୨୦୧୯ରିଖ ୧୧.୦୦ ଘଟିକା। ଯୋଗ୍ୟତା ମାନଦଣ୍ଡ ସମେତ ସମ୍ପୂର୍ଣ୍ଣ ଟେଣ୍ଡର କାଗଜପତ୍ର ଟ.୧୫,୦୦୦/- ମୂଲ୍ୟରେ https://etenders.gov.in/eprocure/appରୁ କ୍ରୟ/ହାସଲ କରାଯାଇପାରିବ। ଯୋଗପତ୍ର/ଶୁଳ୍କପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ କରାଯିବ।

ପତ୍ର ସଂଖ୍ୟା: ୧୪୧୦ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଗପହଣ୍ଡି** ତାରିଖ: ୧୧।୦୭।୨୦୧୯

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରଙ୍ଗାମ, ଛତ୍ରପୁର ପତ୍ର ସଂଖ୍ୟା ୫୭୯୦ ତା.୨୭।୦୫।୨୦୧୯ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ୨୦୧୮–୨୦୧୯ ଆର୍ଥିକ ବର୍ଷରେ ୧ ଅପ୍ରେଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନୁସାରେ କାର୍ଯ୍ୟକାରୀ ହେଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ମଷ୍ଟର ରୋଲ ଯାଞ୍ଚ, କାର୍ଯ୍ୟସ୍ଥଳ ପରିଦର୍ଶନ ଓ ଯାଞ୍ଚ ଏବଂ NSAP ର ସାମାଜିକ ସମୀକ୍ଷା କରାଯିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ସାମାଜିକ ସମୀକ୍ଷା OSSAAT ଉଦ୍ଯାବଧାନରେ BSA ଏବଂ VRPSଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦିବା ୧୧ ଘଣ୍ଟା ସମୟରେ ଗ୍ରାମସଭା ଅନୁଷ୍ଠିତ ହେବ। ସରପଞ୍ଚ ମହାଶୟା/ମହାଶୟାମାନେ ଉକ୍ତ କାର୍ଯ୍ୟସୂଚୀ ସମୟରେ ବିଦ୍ୟାଳୟ ଓ ଧେଣ୍ଡୁରା ମାଧ୍ୟମରେ ଢଁଡୁର ଜାରେ ପ୍ରଚାର କରିବା ପାଇଁ ଅନୁରୋଧ କରାଯାଇ। ଏହି ସଭାରେ ପୁନର୍ବାର ଅସବର କରାଯାଇଛି ଯେ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ବାଚିତ ପ୍ରତିନିଧି, ଜନସାଧାରଣ, ମେମ୍ବର, କୁଲଙ୍କା ଓ ଅଙ୍କୁଶଳୀ ଶ୍ରମିମାନେ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏହି ବିଷୟରେ ସରପଞ୍ଚ, NGO, SARDHA, ସମ୍ପୃକ୍ତ ପଞ୍ଚାୟତ ସାଧିସିବେ ଥିବା କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ଦ୍ଦେଶୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହି ଦରଖାରୀ ରେକର୍ଡ ଉପସ୍ଥାପିତ କରାଇବେ।

କ୍ର. ନଂ.	ଗ୍ରାମ ପଞ୍ଚାୟତ	ସାମାଜିକ ସମୀକ୍ଷା NSAP (ବୟସ୍କ ଓ ଛେନ୍ଥ ଯାଞ୍ଚ)	ସାମାଜିକ ସମୀକ୍ଷା MGNREGS (ବୟସ୍କ ଓ ଛେନ୍ଥ ଯାଞ୍ଚ)	ଗ୍ରାମ ପଞ୍ଚାୟତ ଜନ ଶୁଣାଣି/ ସାମାଜିକ ସମୀକ୍ଷା ଗ୍ରାମ ସଭା ତାରିଖ	ଯୋଗାଯୋଗ ଅଧିକାରୀଙ୍କ ନାମ
୧	ଆଙ୍କୋରଡା, କୁଶପଡା, କଇଠାଖଣ୍ଡି, ଖଣ୍ଡାରାଗାଁ, ନିମ୍ବାଖଣ୍ଡି ସେନ୍ଥ	୧୫।୦୭।୨୦୧୯ ୧୮।୦୭।୨୦୧୯	୧୯।୦୭।୨୦୧୯ରୁ ୨୮।୦୭।୨୦୧୯	୨୯।୦୭।୨୦୧୯	IPO, WEO, AE, PA, GPEO
୨	ଚାନାମିଖଣ୍ଡି, ସିଞ୍ଚେଶ୍ୱର, କୋଟିବରା, ମହୁଲାଇପୁର, କାଲୁଝେପୁର	୩୦।୦୭।୨୦୧୯ ୦୨।୦୮।୨୦୧୯	୦୩।୦୮।୨୦୧୯ରୁ ୧୨।୦୮।୨୦୧୯	୧୩।୦୮।୨୦୧୯	APO, IPO, AE, PA, GPEO
୩	ଭଲ, ଜଇଠାଡି, ଚୌଧୁରାଡିକରପଡା, ଗରିଡ଼ ସ୍ତ୍ରୀ, ଭୁମିପୁର	୧୬।୦୮।୨୦୧୯ରୁ ୧୯।୦୮।୨୦୧୯	୨୦।୦୮।୨୦୧୯ରୁ ୨୯।୦୮।୨୦୧୯	୩୦।୦୮।୨୦୧୯	GPEO, WEO, APO, PA, AE
୪	ବରୁଆଝେଇ, ବି.ଏଚ୍.ପି.ପୁର, ଗଡଗୋଵିନ୍ଦପୁର, ରୋଜଖଣ୍ଡପୁର, ଓ ଭୁରୁଭୁଡି	୦୪।୦୯।୨୦୧୯ରୁ ୦୭।୦୯।୨୦୧୯	୦୮।୦୯।୨୦୧୯ରୁ ୧୬।୦୯।୨୦୧୯	୧୮।୦୯।୨୦୧୯	WEO, PA, APO, IPO, BSA
୫	ବରପଡା, ଫାସିଝୁରା, ସହଦେବ ବିରହପଡା, ଭାଙ୍ଗୁରିରି, ବଡ ଭୁଡୁଲା	୨୦।୦୯।୨୦୧୯ରୁ ୨୩।୦୯।୨୦୧୯	୨୪।୦୯।୨୦୧୯ରୁ ୦୩।୧୦।୨୦୧୯	୦୪।୧୦।୨୦୧୯	GPEO, IPO, APO, AE, BSA

ସ୍ୱା./- ଘୋଷ୍ଟୀ ଉନ୍ନୟନ ଅଧିକାରୀ, ବିଗପହଣ୍ଡି ପଞ୍ଚାୟତ ସମିତି

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ

ପତ୍ରସଂଖ୍ୟା: ୨୧୪୭ ତା୧୧।୦୭।୧୯

ଏତଦ୍ଦ୍ୱାରା ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଦ୍ୱାରା ପ୍ରତ୍ୟେକ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮–୧୯ ଅବଧି (୦୧।୦୪।୨୦୧୮ରୁ ୩୧।୦୩।୨୦୧୯) ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଏବଂ ସହାୟତା କାର୍ଯ୍ୟକ୍ରମଗୁଡ଼ିକର ଶତ ପ୍ରତିଶତ (୧୦୦%) ମଷ୍ଟର ରୋଲ ଯାଞ୍ଚ ଏବଂ ନଥିପତ୍ର, ଭାଉଚର, ବିଲ୍‌ଗୁଡ଼ିକର ସମୀକ୍ଷା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ।

ଏହି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ଜବ୍‌କାର୍ଡଧାରୀ, ଶ୍ରମିକ, ସମସ୍ତ ହିତାଧିକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ଓ ମନିଟରିଂ କମିଟିର ସଭ୍ୟ–ସଭ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗ୍ରାମ ରୋଜଗାର ସେବକ, ମେଟ୍, ବୈଷୟିକ ପରାମର୍ଶଦାତା ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

କ୍ର. ନଂ.	ଗ୍ରାମ ପଞ୍ଚାୟତ/ଗୁଡ଼ିକର ନାମ	ସାମାଜିକ ସମୀକ୍ଷା ସମୟ	ଗ୍ରାମସଭା ତାରିଖ	ବିଷୟ	ସ୍ଥାନ	ଯୋଗ ଦେବାକୁ ଥିବା ଅଧିକାରୀ	ବ୍ଲକ୍ ଜନ ଶୁଣାଣି
୧	ଭରମ, ବୃଦ୍ଧାମଣି, ଶାଶୁ ଭୁଆଶୁଣି, ସୁବର୍ଣ୍ଣନପୁର, ଆଣ୍ଠୁଁ, ଜଗନ୍ନାଥପୁର, ପଦୁଅଁା, ଅଡୁଅଁା, କୁମାରପୁଁର	୧୫।୦୭।୨୦୧୯ରୁ ୧୮।୦୭।୨୦୧୯ ୧୯।୦୭।୨୦୧୯ରୁ ୨୯।୦୭।୨୦୧୯	୨୯।୦୭।୨୦୧୯	NSAP MGN-REGA	ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ	ପ୍ରାଧିକୃତ ଅଧିକାରୀ	
୨	ନୂଆଗାଁ, ବାଲିମୁଣ୍ଡା, ବିବେଇପୁର, ବିନୋବାଭାବେ ନଗର, ଗୋପାବନ୍ଧୁନଗର, ବିରଜ, ନାୟକାଣୀତିହି, ଜରଞ୍ଜାଆଡିଆ, ରୋହିନ୍ଦପୁର	୩।୦୭।୨୦୧୯ରୁ ୦୨।୦୮।୨୦୧୯ ୦୩।୦୮।୨୦୧୯ରୁ ୧୩।୦୮।୨୦୧୯	୧୩।୦୮।୨୦୧୯	NSAP MGN-REGA	ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ	ପ୍ରାଧିକୃତ ଅଧିକାରୀ	
୩	ଆଇଦା, ରାଜଘରପୋଖରୀ, ବାଲିମେଦ, ଲକ୍ଷ୍ମୀଦାସପୁର, ଜଗନ୍ନାଥପ୍ରସାଦ, ଲୁଙ୍ଗା, ପୁରୋ, ଏଡତାର, ପଦୁପୁର	୧୬।୦୮।୨୦୧୯ରୁ ୧୯।୦୮।୨୦୧୯ ୨୦।୦୮।୨୦୧୯ରୁ ୨୩।୦୮।୨୦୧୯	୩।୧୦।୨୦୧୯ (ପଦ୍ମପୁର) ୨୮।୦୮।୨୦୧୯	NSAP MGN-REGA	ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ	ପ୍ରାଧିକୃତ ଅଧିକାରୀ	
୪	ଗୁଆସଡିଆ, ଡ୍ରାକ୍ଷଗାଁ, ଖରିବା ବିନାୟକପୁର, ଅରଖୁଆ, ନରସିଂହପୁର, ବରଖୁଆ, ଆରୁହା, ସାନକୁଷ୍ପୁର, କିଂସ୍ତିକ କୁଷ୍ପପୁର	୦୪।୦୯।୨୦୧୯ରୁ ୦୭।୦୯।୨୦୧୯ ୦୮।୦୯।୨୦୧୯ରୁ ୧୮।୦୯।୨୦୧୯	୧୮।୦୯।୨୦୧୯	NSAP MGN-REGA	ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ	ପ୍ରାଧିକୃତ ଅଧିକାରୀ	

ସ୍ୱା./- ଘୋଷ୍ଟୀ ଉନ୍ନୟନ ତଥା କାର୍ଯ୍ୟକ୍ରମ ଅଧିକାରୀ, ବାସୁଦେବପୁର

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ

Tel. Phone: 06658-271025, E-mail ID: ori-khaprakhol@nic.in

ପତ୍ର ସଂଖ୍ୟା: ୨୬୬୫ ତାରିଖ: ୧୧।୦୭।୧୯

ବିଜ୍ଞାପନ

ଏତଦ୍ଦ୍ୱାରା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା୦୧।୦୪।୨୦୧୮ରୁ ତାଖା୧୦।୦୩।୨୦୧୯ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକ ସହିତ **ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ** ସାମାଜିକ ସମୀକ୍ଷା ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଗ୍ରାମ ପୁଡ଼ିରେ ସକାଳ ୧୦.୦୦ ଘଡିକାରୁ ଆରମ୍ଭ ହେବ। ତେଣୁ ସର୍ବସାଧାରଣ, ସମସ୍ତ ପଞ୍ଚାୟତ ଲୋକପ୍ରତିନିଧି, ନାଗରିକ, କୁଶଳୀ, ଅଙ୍କୁଶଳୀ ଓ ଅଶକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା, ଜାତୀୟ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀ ଆଦିଙ୍କୁ ବହୁ ସଂଖ୍ୟାରେ ପ୍ରବଳ କାର୍ଯ୍ୟସୂଚୀ ଗ୍ରାମସଭା ବିନ ନିଜ ନିଜ ଗ୍ରାମ ପଞ୍ଚାୟତରେ ଉପସ୍ଥିତ ରହିବାକୁ ଆହ୍ୱାନ କରାଯାଉଛି।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

ସମୟ: ଦିବା ୧୦ ଘଡିକାରୁ ଶେଷ ପର୍ଯ୍ୟନ୍ତ, ସ୍ଥାନ: ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ

ସାମାଜିକ ସମୀକ୍ଷା ପର୍ଯ୍ୟାୟ	ଗ୍ରାମପଞ୍ଚାୟତ ନାମ	ସାମାଜିକ ସମୀକ୍ଷା ଆରମ୍ଭ ତାରିଖ	ସାମାଜିକ ସମୀକ୍ଷା ଶେଷ ତାରିଖ	ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ	ଜନଶୁଣାଣି (ବ୍ଲକ ସ୍ତରୀୟ)	ନୋଡାଲ ଅଫିସର
ପ୍ରଥମ	୧. ଘୁନସର ୨. ବଗଲପାଲି ୩. ଧଣ୍ଡାମୁଣ୍ଡା ୪. ରେଙ୍ଗାଲି ୫. ଚେଲେନପାଲି	୧୬।୦୭।୧୯	୨୯।୦୭।୧୯	୩୧।୦୭।୧୯	୧୮।୧୦।୧୯	1. BPM 2. RWSS JE-I 3. RWSS JE-II 4. CDPO 5. CEO
ଦ୍ୱିତୀୟ	୬. ବୃଦ୍ଧଟିଆ ୭. ପଡ଼ିଆବାହାଲ ୮. ଖପ୍ରାଖୋଲ ୯. ଲାଠୋର ୧୦. ସାହାରପାଣି	୦୨।୦୮।୧୯	୧୭।୦୮।୧୯	୨୦।୦୮।୧୯		6. BPM 7. RWSS JE-I 8. RWSS JE-II 9. CDPO 10. CEO
ତୃତୀୟ	୧୧. ଲୁହାସିଂହା ୧୨. ଓଡ଼ିଆପାଲି ୧୩. ନାହୁସରା ୧୪. ଭାଳପୁର ୧୫. ବଙ୍ଗପାଣି	୨୧।୦୮।୧୯	୦୫।୦୯।୧୯	୦୬।୦୯।୧୯		11. BPM 12. RWSS JE-I 13. RWSS JE-II 14. CDPO 15. CEO
ଚତୁର୍ଥ	୧୬. ବେରନ୍ଦର ୧୭. କଲୁଆଁଝର ୧୮. ବାଘମୁଣ୍ଡ ୧୯. ମାଲପଡା ୨୦. ମହରାପଦର ୨୧. ମାଟିଆଇଟା	୦୭।୦୯।୧୯	୨୦।୦୯।୧୯	୨୩।୦୯।୧୯		16. BPM 17. RWSS JE-I 18. RWSS JE-II 19. CDPO 20. DEO 21. AO

ସ୍ୱା./– କାର୍ଯ୍ୟକ୍ରମ ଅଧିକାରୀ–ତଥା–ଘୋଷ୍ଟୀ ଉନ୍ନୟନ ଅଧିକାରୀ, ଖପ୍ରାଖୋଲ

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- BONEIKALA, DIST.- KEONJHAR, PIN: 758038 (ODISHA) , PHONE NO.: 7328829375, E-mail: ehtm.div.jod@optcl.co.in
CIN: U40102OR2004SGC007553

Letter No.: 255 Dated: 11.07.2019

TENDER CALL NOTICE NO.- 05/2019-2020

Sealed tenders are invited from the Civil & HT Contractors having valid "C" & "D" Class Civil Contractor licence issued by Govt. of Odisha/Military/Railways & having valid IT PAN Card/GST registration for the work of "SUPPLY, FITTING & FIXING OF PARKING TILES OUTSIDE OF DIVISION OFFICE, JODA" under EHT(O&M) Division, Joda. Cost of tender paper Rs.2240/-, EMD = Rs.5000/-. Sale of tender documents from Dt.16.07.2019 to 26.07.2019. Last date of submission of tender - 27.07.2019 upto 1.00 P.M. Date of opening of tender - 27.07.2019 at 3.00 P.M. For details visit our website: **www.optcl.co.in**.
Corrigendum if any will be published in the OPTCL website only.

Sd./- Dy. General Manager (Elect.), EHT (O&M) Division, Joda

NANDANKANAN
NANDANKANAN ZOOLOGICAL PARK
TENDER NOTICE

No.: 10 of 2019-20 Date: 12.07.2019

Deputy Director, Nandankanan Zoological Park invites sealed tender in prescribed form from interested individuals/firms/entrepreneurs/agencies/authorized dealers from eligible reputed manufacturers having experience in selling and installation of Animal Carcass Incinerator and Sewerage Treatment Plants for

1. **Supply and Installation of Animal Carcass Incinerator (2 Nos.)** of 100 Kg./Hour and 50 Kg./Hour Capacity (Last date of submission of tender - **25.07.2019 upto 5.30 P.M.**) and
2. **Supply and Installation of 5 Nos. of Sewerage Treatment Plants** (Last date of submission of Tender - **26.07.2019 upto 5.30 P.M.)** at Nandankanan Zoological Park.

Detailed terms and conditions along with prescribed Formats and Technical Specifications will be available separately for Incinerator and STP in the website of Nandankanan Zoological Park **(www.nandankanan.org)** from **15.07.2019**. The downloaded tender papers must be accompanied with a Bank Draft of **Rs.5900/-** (Rupees five thousand nine hundred) only (inclusive of 18% GST) in favour Deputy Director, Nandankanan Zoological Park payable at Bhubaneswar.

Sd./- Deputy Director
Nandankanan Zoological Park

The Odisha Small Industries Corporation Ltd.

(A Government of Odisha Undertaking))
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in

SHORT TENDER CALL NOTICE

Ref No. 2493 /OSIC Dt. 11.07.2019

The Managing Director, OSIC Ltd. invites percentage rate tender from experienced MSMEs duly empanelled with OSIC for the work, "Up-gradation of Conductor from 55 mm2 AAAC to 100 mm2 AAAC of 33 KV Feeder from Borigumma PSS to Sasahandi Tapping with Intermediate pole and line AB switch 400 Amp 3 pole 4 nos. DP with all accessories=13 Km amounting Rs. 57,00,000/- and Up-gradation of Conductor from 55 mm2 AAAC to 100 mm2 AAAC of 33 KV Feeder from Sasahandi Tapping to Kotpad PSS with Intermediate pole and line AB switch 400 Amp 3 pole 4 nos. DP with all accessories=15 Km amounting Rs. 60,00,000/-. The tender documents shall be available in OSIC website www.osicltd.in for above works

Period of availability of tender documents	16.07.2019 to 23.07.2019 up to 2.00 PM
Last date of submission of tender	23.07.2019 at 3.00 PM
Date of opening of tender	23.07.2019 at 3.15 PM
OSIC Service Charge	5% of BID Value
Validity of Tender	90 Calender days

The detailed tender call notice can be downloaded from the OSIC website www.osicltd.in . The tender for the work is to be dropped in the tender box kept in the office of the MD, OSIC Ltd, Cuttack by the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
(ER.Ranjan Kumar Kar)
CHIEF GENERAL MANAGER

MUNICIPAL COUNCIL, SONEPUR
"e" Procurement Notice
BID IDENTIFICATION No.SNP-MUN-1/2019-20
Tender Call Notice

No.1737 **Date: 11.07.19**

Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e www.tendersodisha.gov.in.

1.	Name of the Work	:	As per DTCN
2.	No. of Works	:	9 Nos.
3.	Amount put to Tender	:	As per DTCN
4.	Period of Completion	:	As per DTCN
5.	Starting Date & Time of Bidding	:	From Dt. 13.07.2019 from 11.00 A.M
6.	Last date & time for receipt of tenders through online	:	upto dt. 25.07.2019 upto 05.00 P.M
7.	Submission of Original Document	:	On or Before Dt.26.07.2019 within 05.00 P.M
8.	Bids received online shall be opened on	:	On Dt: 27.07.2019 at 11.00 A.M
9.	Name and Address of the Officer Inviting Bid	:	Executive Officer, Sonepur Municipality

Further details can be seen from the procurement portal i.e. www.tendersodisha.gov.in

Sd./-Executive Officer
Sonepur Municipality

DISTRICT PROJECT OFFICE SAMAGRA SHIKSHA, MALKANGIRI

E-mail: dpcmalkanssa.opepa@nic.in, Phone: 06861-230481(O)
**No

ବିଧାନସଭା ମୌସୁମୀ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

ପ୍ରଶ୍ନକାଳରେ ଜୋରଦାର ହେଲା କ୍ରୀଡ଼ା, ଶିଳ୍ପ ବିଭାଗର ଆଲୋଚନା

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ଷୋଡ଼ଶ ବିଧାନସଭା ପ୍ରଥମ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଶ୍ନକାଳ ମଧ୍ୟ ବିନା ବାଧାରେ ଏକଘଣ୍ଟା ଧରି ଚାଲିଥିଲା। କ୍ରୀଡା ଓ ଯୁବ ସେବା , ଶିଳ୍ପ ଏବଂ ଶକ୍ତି ବିଭାଗ ପରି ପ୍ରମୁଖ ବିଷୟରେ ବିଭାଗୀୟ ମନ୍ତ୍ରୀମାନେ ଉତ୍ତର ରଖିଥିଲେ। ଶିଳ୍ପ ବିଭାଗ ସମ୍ପର୍କିତ ପ୍ରଶ୍ନର ଉତ୍ତର ନ ରଖିଥିବା ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କେତେକ ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ନ ରଖିବାରୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଏବଂ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ କ୍ଷୋଭ ପ୍ରକାଶ କରିଥିଲେ। ସେହିଭଳି କ୍ରୀଡ଼ା ବିଭାଗ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ବିଭାଗୀୟ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ତର ରଖିଥିଲେ।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପ୍ରଶ୍ନ ସଂଖ୍ୟା-୧୮୩ର ଉତ୍ତର ରଖି ମନ୍ତ୍ରୀ ତୁଷାରକାନ୍ତି କହିଛନ୍ତି ଯେ, ରାଜ୍ୟର ୩୧୪ ବ୍ଲକସ୍ତରୀୟ ଓ ୧୪୯ଟି ସହରାଞ୍ଚଳ ମିନିଷ୍ଟାଡିୟମ ସମ୍ପୂର୍ଣ୍ଣ ହୋଇଛି। ତନ୍ମଧ୍ୟରୁ ୨୧୭ ମିନିଷ୍ଟାଡିୟମ ସମ୍ପୂର୍ଣ୍ଣ ହୋଇଛି। ୧୨୮ର କାର୍ଯ୍ୟ ଚାଲୁ ରହିଥିବା ବେଳେ ୧୧୮ଟିର କାର୍ଯ୍ୟ ଆରମ୍ଭ କରାଯିବ। ସେହିପରି ଫୁଟବଲ ଖେଳର ପ୍ରସାରପ୍ରଚାର ନିମିତ୍ତ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଉପରେ ମନ୍ତ୍ରୀ ତୁଷାରକାନ୍ତି ଉତ୍ତର ରଖିଥିଲେ। ଏହା ପରେ ପ୍ରଶ୍ନକର୍ତ୍ତା ସୁରେଶ ପୂର୍ବ ସରକାର ସମୟରେ କ୍ରୀଡାର ଭିତ୍ତିଭୂମି ଉନ୍ନତି ନେଇ କରାଯାଇଥିବା କାର୍ଯ୍ୟର ଅବତାରଣା କରିଥିଲେ। ସେହିପରି ରାଜ୍ୟରେ ଏକ ସଙ୍ଗରେ ୫ଟି ସ୍ଥାନରେ ବଡ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇ ପାରିବ କି ନାହିଁ, ସେ ନେଇ ପ୍ରଶ୍ନ ପଚାରିଥିଲେ। ଏହା ଉପରେ ବିଜେଡି ବିଧାୟକ ଭୂପିନ୍ଦର ସିଂ ଅତିରିକ୍ତ ପ୍ରଶ୍ନ କରିବା ସହ ଅଶୀ ଦଶକରେ ରାଜ୍ୟ କ୍ରୀଡା ଭିତ୍ତିଭୂମି ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରୀଡାର ଉନ୍ନତି ଆଥଲେଟିକ୍ସ ଉପରେ ନିର୍ଭରଶୀଳ, ତେଣୁ ସବୁସ୍ତରରେ ଆଥଲେଟିକ୍ସକୁ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ। ଖେଳ ଇଣ୍ଡିଆ ଯୋଜନାରେ କେନ୍ଦ୍ର ସରକାର ଯୋଗାଇ ଦେବାକୁ ସହାୟତା ନେଇ ବିବରଣୀ ମାଗିଥିଲେ। ମନ୍ତ୍ରୀ ସଭ୍ୟଙ୍କୁ ତଥ୍ୟ ଯୋଗାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ପଶ୍ଚିମ ଓଡ଼ିଶାରେ କ୍ରୀଡା ଏକାଡେମୀ ପ୍ରସ୍ତାବ ସମ୍ପର୍କରେ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ।

- ନିର୍ଦ୍ଦିଷ୍ଟ ଉତ୍ତର ମିଳୁ ନ ଥିବାରୁ ସଭ୍ୟଙ୍କ କ୍ଷୋଭ
- ଶିଳ୍ପମନ୍ତ୍ରୀଙ୍କୁ ଘେରିଲେ ମୋହନ, ତାରା

ହେଲେ ଏକାଡେମୀ ନେଇ କୌଣସି ବିଧିବଦ୍ଧ ପ୍ରସ୍ତାବ ଆସି ନ ଥିବା କ୍ରୀଡାମନ୍ତ୍ରୀ ଉତ୍ତର ରଖିଥିଲେ। ପରେ କଂଗ୍ରେସ ବିଧାୟକ ସୁରେଶ ରାଜ୍ୟରେ କୁସ୍ତି କସରତ ଭିତ୍ତିଭୂମି ଉନ୍ନୟନ ନେଇ ଅତିରିକ୍ତ ପ୍ରଶ୍ନ କରିଥିଲେ। ମୋହନ ମାଝୀଙ୍କ ପ୍ରଶ୍ନ ସଂଖ୍ୟା ୧୮୪ର ଉତ୍ତର ଦେଇ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, କେନ୍ଦୁଝର ଜିଲା ପଳାଶପଙ୍ଗାଠାରେ ଥିବା ଓଡ଼ିଶା ସ୍ପଞ୍ଜ ଆଇରନ ଆଣ୍ଡ ଷ୍ଟିଲ ଲିଃ ଅକ୍ଟୋବର ୧୪, ୨୦୧୨ଠାରୁ ଉତ୍ପାଦନ ବନ୍ଦ ରହିଛି। ଏହା ଦ୍ୱାରା ୪୦୦ ଚୁକ୍ତିଭିତ୍ତିକ କର୍ମଚାରୀ ଛଟେଇ ହୋଇଛନ୍ତି। ୪୫୪ ଜଣ ନିୟମିତ କର୍ମଚାରୀଙ୍କ ମଧ୍ୟରୁ ୨୪୭ ଜଣ ଅବସର/ମୃତ୍ୟୁବରଣ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ହେଲେ ଏଥିରେ ଭାଜପା ସଭ୍ୟ ମୋହନ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥା ବନ୍ଦ ହେବା ଏବଂ ତଦ୍ଦ୍ୱାରା ଛଟେଇ ନେଇ ପ୍ରଶ୍ନ କରିଥିଲେ ବି ଚଞ୍ଚକତା କରି ସରକାର ଉତ୍ତର ଦେଉ ନ ଥିବା ଅଭିଯୋଗ କରିଥିଲେ। ଛଟେଇ ପରେ ନିଯୁକ୍ତି ପାଇଁ ଅନଶନ ସମୟରେ ମୃତ୍ୟୁ ହୋଇଥିବା ଶ୍ରମିକଙ୍କ ସମ୍ପର୍କରେ ସରକାର ତଥ୍ୟ ରଖି ନ ଥିବା କହିଥିଲେ। ଏହା ପରେ ସ୍ପଞ୍ଜ ଆଇରନ ପୁନରୁଦ୍ଧାର କରାଯିବାକୁ ପିଏସ୍‌ୟୁ ସହ ଆଲୋଚନା ହୋଇଥିବା ମନ୍ତ୍ରୀ ଗୃହକୁ ଜଣାଇଥିଲେ। ଏହା ପରେ ଶାସକ ସଭ୍ୟ ବଦ୍ରି ପାତ୍ର ଅତିରିକ୍ତ ପ୍ରଶ୍ନ ପଚାରିବା ସହ କେଉଁ ପିଏସ୍‌ୟୁ ବନ୍ଦ ହୋଇଥିବା କାରାଖାନାକୁ ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ନିର୍ଦ୍ଦିଷ୍ଟ ଉତ୍ତର ଚାହିଁଥିଲେ। ଏହା ପରେ ମୋହନ ମାଝୀ ୟୁରିଆ ଶିଳ୍ପ ନେଇ ପ୍ରଶ୍ନ କରିବା ସହ ମନ୍ତ୍ରୀ ଗୃହକୁ ନିର୍ଦ୍ଦିଷ୍ଟ ଉତ୍ତର ନ ଦେଇ ବିଭ୍ରାନ୍ତି କରୁଥିବା ଅଭିଯୋଗ କରିଥିଲେ।

ଏହା ପରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନ ଉପରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉତ୍ତର ରଖିଥିଲେ। ତାରା କୋରାପୁଟରେ ନାଲ୍‌କୋକୁ ଦୃଷ୍ଟିରେ ରଖି ଗଢି ଉଠିଥିବା ଆନୁଷଙ୍ଗିକ ଶିଳ୍ପ ନେଇ ୧୦ ବର୍ଷର ବିବରଣୀ ନେଇ ପ୍ରଶ୍ନ କରିଥିଲେ। ହେଲେ ମନ୍ତ୍ରୀ ଗୃହରେ ପ୍ରଦାନ କରିଥିବା ଉତ୍ତରରେ ତାରା ସନ୍ତୁଷ୍ଟ ହୋଇ ନ ଥିଲେ। ତାରା କହିଥିଲେ ଯେ, ଶିଳ୍ପ ଗଢି ଉଠିଥିବା ଅଞ୍ଚଳ ଉପରେ ଆଦିବାସୀଙ୍କ ଅଧିକାର ରହିଛି। ଜମି, ଜଳ, ଜଙ୍ଗଲ ସବୁ ତାଙ୍କର ହେଲେ ବି ନିଯୁକ୍ତି ନାହିଁ। କୌଣସି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଉନାହିଁ। ଜୟପୁର ପିସ୍ ପେପଲ ମିଲ୍ ପ୍ରସଙ୍ଗ ଉଠାଇଥିଲେ। ବହୁ ପରିମାଣରେ କଞ୍ଚାମାଲ ନଷ୍ଟ ହେଉଥିବା ନେଇ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ଶିଳ୍ପ ସଚିବ, ମୁଖ୍ୟ ଶାସନ ସଚିବ ପ୍ରମୁଖଙ୍କ ଦୃଷ୍ଟିଆକର୍ଷଣ କରିଥିବା କଥା ପ୍ରକାଶ କରିଥିଲେ। ମେକ୍ ଇନ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ପାଇଁ କୋଟି କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି। ହେଲେ ବଡ ବଡ ଶିଳ୍ପ ସ୍ଥାନୀୟ ନିଯୁକ୍ତି ନେଇ କ'ଣ କରୁଛନ୍ତି, ସେ ନେଇ ସମୀକ୍ଷା କରୁ ନ ଥିବା ତାରା ଅଭିଯୋଗ କରିଛନ୍ତି। ତେଣୁ ଏନେଇ ତୁରନ୍ତ ଉଚ୍ଚସ୍ତରୀୟ ବୈଠକ ଡକାଯାଉ ବୋଲି ତାରା ଏବଂ ସୁରେଶ ରାଉତରାୟ କହିଥିଲେ। ଏହା ପରେ ଏସ୍‌ଟି,ଏସ୍‌ସି ବିଭାଗୀୟ ଉନ୍ନୟନ ମନ୍ତ୍ରୀ ନିଜ ବିଭାଗ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ରଖିଥିଲେ। ସେହିପରି ବରିଷ୍ଠ ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ଭଦ୍ରକ ଜିଲା କ୍ରୀଡା ଭିତ୍ତିଭୂମି ବିକାଶ ନେଇ ପ୍ରଶ୍ନ କରିଥିଲେ। କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହାର ଉତ୍ତର ରଖିଥିଲେ।

ଟ୍ରକ ମଡ଼ାଇ ୨ ଜଣଙ୍କୁ ହତ୍ୟା।

ଜଗନ୍ନାଥପ୍ରସାଦ,୧୨।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଧୀନ ଚଢ଼େୟାପଲ୍ଲୀ ଗ୍ରାମ ମୁଖ୍ୟ ରାସ୍ତାରେ ଗୁରୁବାର ରାତିରେ ଟ୍ରକ ମଡ଼ାଇ ୨ ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଦ୍ୱୟ ହେଲେ ଚଢ଼େୟାପଲ୍ଲୀର ରାମଚନ୍ଦ୍ର ଗୌଡ଼ ଓ କୃଷ୍ଣ ନାଇକ। ମୃତଦେହକୁ ତାଙ୍କ ଗ୍ରାମର ଉଲ୍ଲା ଗୌଡ଼ ଅନ୍ୟ ଏକ ବାଇକ୍‌ରେ ଯାଉଥିଲେ। ରାମଚନ୍ଦ୍ରଙ୍କ ବାଇକ ଚଢ଼େଆପଲ୍ଲୀ ଗ୍ରାମ ପାର ହେଉଥିବା ବେଳେ ପଛପଟୁ ଆସୁଥିବା ଏକ ଟ୍ରକ ତାଙ୍କ ଗାଡ଼ିକୁ ଧକ୍କାଦେଇ ପ୍ରାୟ ୧୦୦ ମିଟର ଦୂର ଘୋଷାଡ଼ି ନେଇଥିଲା। ପଛରେ ଆସୁଥିବା ଲକ୍ଷ୍ମଣ ଓ ଉଲ୍ଲା ଏହା ଦେଖି ନିଜ ଜୀବନ ବଞ୍ଚାଇବା ପାଇଁ ବାଇକକୁ ବୁଲାଇ ଅନ୍ୟ ଏକ ଗ୍ରାମକୁ

- ଥାନାରେ ଅଭିଯୋଗ କଲେ ମୃତକଙ୍କ ପରିବାର
- ପୂର୍ବ ଶତ୍ରୁତାକୁ ନେଇ ହୋଇଥିଲା ବଚସା
- ଥାନାକୁ ଯାଉଥିବା ବେଳେ ପଛରୁ ଧକ୍କା ଦେଲା ଟ୍ରକ
- ରାସ୍ତାରୁ ମୃତଦେହ ଉଦ୍ଧାର କଲା ପୋଲିସ

ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଶୁକ୍ରବାର ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି। କୃଷ୍ଣଙ୍କ ସମ୍ପର୍କୀୟ ଭାଇ ଲକ୍ଷ୍ମଣ ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୧୯/୧୯) ରୁଜୁ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟ୍ରକ (ମହାମାୟୀ,ନଂ.ଓଡି୦୭ଏନ୯୯୭୭)କୁ ଜବତ କରିବା ସହ ତା'ର ମାଲିକ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଛି। ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଚଢ଼େୟାପଲ୍ଲୀ ଗାଁ ଓ ଦୁର୍ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାମଚନ୍ଦ୍ରଙ୍କ ସହ ତାଙ୍କ ଗ୍ରାମର ଜଣେ ବ୍ୟକ୍ତି (ଟ୍ରକ ମାଲିକ)ଙ୍କ କୌଣସି କଥାକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗୁରୁବାର ରାତି ପ୍ରାୟ ୯ଟାରେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ୨ ଭଣଜାଙ୍କ ସହ ଆସି ରାମଚନ୍ଦ୍ରଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ। ଏ ନେଇ ରାମଚନ୍ଦ୍ର ଜଗନ୍ନାଥପ୍ରସାଦ ଥାନାକୁ ଫୋନ କରି ଜଣାଇଥିଲେ। ପୋଲିସ ଆସିବାରେ ବିଳମ୍ବ ହେବାରୁ ରାମଚନ୍ଦ୍ରଙ୍କ ସହ ଅନ୍ୟ ୩ ଜଣ ୨ଟି ବାଇକ୍‌ରେ ଥାନାକୁ ଯିବା ବାହାରି ଥିଲେ। ରାମଚନ୍ଦ୍ର ଓ କୃଷ୍ଣ ଗୋଟିଏ ବାଇକରେ ଆଗରେ ଯାଉଥିବା ବେଳେ ସେମାନଙ୍କ ପଛରେ ଲକ୍ଷ୍ମଣ ଓ ପଳାଇ ଯାଇଥିଲେ। ପରେ ସେମାନେ ଗାଁକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ଅନ୍ୟପଟେ ଗାଁରେ ଗଣ୍ଡଗୋଳ ଚାଲିଥିବା ଖବରପାଇ ଥାନାଧିକାରୀ ଯୁବରାଜ ସ୍ୱାଇଁ ସଦଳବଳ ଚଢ଼େୟାପଲ୍ଲୀ ଅଭିମୁଖେ ଆସୁଥିବା ବେଳେ କୁଶାପଲ୍ଲୀ ରାସ୍ତାରେ ରାମଚନ୍ଦ୍ର ଓ କୃଷ୍ଣ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସ୍ଥାନୀୟ ଦମକଳ ବାହିନୀ ସହାୟତାରେ ପୋଲିସ ସେମାନଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ଜଣାପଡିବା ପରେ ସେମାନଙ୍କ ପରିବାର ଲୋକେ ଡାକ୍ତରଖାନାକୁ ଆସିଥିଲେ। ଖବରପାଇ ଭଞ୍ଜନଗର ଏସ୍‌ଡିପିଓ ମିଶ୍ର ରାତିରେ ଚଢ଼େୟାପଲ୍ଲୀ ଗ୍ରାମକୁ ଯାଇ ପଚରାଉଚୁରା କରିଥିଲେ। ଜଗନ୍ନାଥପ୍ରସାଦ ଡାକ୍ତରଖାନା ପରିସରରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପୂର୍ବ ଶତ୍ରୁତାକୁ ନେଇ ଟ୍ରକ ମଡ଼ାଇ ରାମଚନ୍ଦ୍ର ଓ କୃଷ୍ଣଙ୍କୁ ହତ୍ୟା କରାଯାଇଛି ବୋଲି ଶୁକ୍ରବାର ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ କାହାରିକୁ ଗିରଫ କରିପାରିନି।

ରଶିଦ ଆଫଗାନିସ୍ତାନ କ୍ରିକେଟ ଦଳର ନୂଆ ଅଧିନାୟକ

କାବୁଲ, ୧୨।୭ (ପି.ଟି.)

ଷ୍ଟାର ସ୍ପିନର ରଶିଦ ଖାଁଙ୍କୁ ଶୁକ୍ରବାର ଆଫଗାନିସ୍ତାନ କ୍ରିକେଟ ଦଳର ସମସ୍ତ ଫର୍ମାଟ ପାଇଁ ନୂଆ ଅଧିନାୟକ ଭାବେ ନିଯୁକ୍ତି ମିଳିଛି। ବିଶ୍ୱକପ୍ ପୂର୍ବରୁ ଅଧିନାୟକ ପଦବୀରୁ ବହିଷ୍କୃତ ହୋଇଥିବା ଅସଘର ଆଫଗାନଙ୍କୁ ତାଙ୍କ ଡେପୁଟି କରାଯାଇଛି। ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ବିଶ୍ୱକପ୍ ପୂର୍ବରୁ ତିନୋଟି ଫର୍ମାଟ ପାଇଁ ପୃଥକ୍ ପୃଥକ୍ ଅଧିନାୟକ ମନୋନୀତ କରିଥିଲା। ରହମତ୍ ଶାହଙ୍କୁ ଟେଷ୍ଟ, ଗୁଲ୍‌ବଦିନ ନାଇବ୍‌ଙ୍କୁ ଅନ୍ତର୍ଜାତୀୟ ଦିନିକିଆ ଏବଂ ରଶିଦଙ୍କୁ ଟି୨୦ ଅଧିନାୟକ ଭାବେ ମନୋନୀତ କରିଥିଲା। ମାତ୍ର ଏହା କାର୍ଯ୍ୟାକାରୀ ହୋଇପାରିଲା ନାହିଁ। ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ତାନ ଭଳି ଦଳକୁ ହରାଇବା ଭଳି ପରିସ୍ଥିତି ସୃଷ୍ଟି କରିଥିବା ଅଫଗାନିସ୍ତାନ ୭ଟି ଗେମ୍‌ରୁ ଗୋଟିଏ ହେଲେ ଜିତିପାରି ନ ଥିଲା। ୧୦ଟି ଦଳକୁ ନେଇ ପଏଣ୍ଟ ଟେବୁଲରେ ଅନ୍ତିମ ସ୍ଥାନ ସହ ଅଭିଯାନ ଶେଷ କରିଥିଲା। ସୂଚନାଯୋଗ୍ୟ, ଷ୍ଟାର ଅସଘର ଏବଂ ୨୦ ବର୍ଷୀୟ ରଶିଦ ଏବଂ ପୁରୁଖା ଖେଳାଳି ମହମ୍ମଦ ନବି ଦୁଇ ଆଇପିଏଲ ଖେଳାଳି ବିଶ୍ୱକପ୍ ପୂର୍ବରୁ ଅସଘରଙ୍କ ବହିଷ୍କାର ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ରଶିଦ ଏପର୍ଯ୍ୟନ୍ତ ଦୁଇଟି ଟେଷ୍ଟ, ୬୮ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩୮ ଟି୨୦ ଖେଳିସାରିଛନ୍ତି। ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ଦଳର ବିଜୟହୀନ ଅଭିଯାନ ପାଇଁ ମୁଖ୍ୟ ଚୟନକର୍ତ୍ତା ଦୌଲତ ଖାଁ ଅହମ୍ମଦଜାଇ ଏବଂ ସିଓଇ ଅସାଦୁଲ୍ଲା ଖାଁ ବହିଷ୍କୃତ ହୋଇଛନ୍ତି। ପୂର୍ବତନ ଏସିବି ମିଡିଆ ମ୍ୟାନେଜର ଲୁତ୍‌ଫୁଲ୍ଲା ଷ୍ଟାନିକ୍‌ଜାଇଙ୍କୁ ନୂଆ ସିଇଓ ଭାବେ ମନୋନୀତ କରାଯାଇଛି।

୧୫ରୁ ଓଟିଇଟି ଫର୍ମ ପୂରଣ

କଟକ ଅଫିସ,୧୨।୭: ୧୫ତାରିଖରୁ ଆରମ୍ଭ ହେବ ଓଡ଼ିଶା ଟିଚର୍ ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ନିମନ୍ତେ ଅନ୍‌ଲାଇନରେ ଫର୍ମପୂରଣ। ଉକ୍ତଦିନ ପୂର୍ବାହ୍ନ ୧୦ଟାରୁ ଆସନ୍ତା ୨୬ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବସାଇଟ୍‌ରେ ଫର୍ମପୂରଣ ଲିଙ୍କ୍ ଉପଲବ୍ଧ ରହିବ। ଫର୍ମପୂରଣ ନିମନ୍ତେ ଦେୟ କେବଳ ଅନ୍‌ଲାଇନ ମାଧ୍ୟମରେ କରାଯିବ। ଜୁଲାଇ ୨୯ତାରିଖ ଅପରାହ୍ନ ୪ଟା ସୁଦ୍ଧା ଦେୟ ପ୍ରଦାନ କରିବାର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ଗତ ୨୦୧୮ ଓଟିଇଟି ପରୀକ୍ଷାରେ ଯେଉଁମାନେ ବୋର୍ଡ ପକ୍ଷରୁ ରୋଲ୍ ନମ୍ବର ପାଇଛନ୍ତି ସେମାନେ ବିନା ଦେୟରେ ଫର୍ମପୂରଣ କରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

'ଗଣିତ କଳିକା' କାର୍ଯ୍ୟକ୍ରମ ସମ୍ପ୍ରସାରିତ ହେବ

ଭୁବନେଶ୍ୱର, ୧୨।୭ (ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅକ୍ଷରା ଫାଉଣ୍ଡେଶନ ସହଯୋଗରେ 'ଗଣିତ କଳିକା' କାର୍ଯ୍ୟକ୍ରମ ଆଉ ୨୮ଜିଲାକୁ ସମ୍ପ୍ରସାରିତ ହେବ। ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଗଣିତ ପାଠ୍ୟକ୍ରମରେ ଶ୍ରେଣୀ ଉପଯୋଗୀ ଦକ୍ଷତା ହାସଲ ପାଇଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାକୁ ପ୍ରଥମେ ବଲାଙ୍ଗୀର ଓ ରାୟଗଡ଼ା ଜିଲାରେ ପରୀକ୍ଷାମୂଳକ ଭାବେ ପ୍ରଚଳନ କରାଯାଇଥିଲା। ଏହି ଦୁଇ ଜିଲାର ୪୨୦୦ ପ୍ରାଥମିକ ବିଦ୍ୟାଳୟକୁ ଏହି ଯୋଜନାରେ ଗଣିତ କିଟ୍ ଯୋଗାଇ ଦିଆଯାଇଥିଲା। ଏଥିରେ ଶିକ୍ଷାଦାନ ନିମନ୍ତେ ୩୫୦ଜଣଙ୍କୁ ପ୍ରଧାନ ସାଧନ ଶିକ୍ଷକ ଭାବେ ଢେଙ୍କାନାଳ ଓ ପୁରୀ ଜିଲା ସମେତ ବାଙ୍ଗାଲୋରଠାରେ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯାଇଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ବିରୋଧୀ ଦଳ ନେତା ପଦକୁ ନେଇ ଅଡୁଆ

ଦଳରୁ ନେବା ନୁହେଁ ଦେବା ଶିଖିଛି: ଜୟନାରାୟଣ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ରାଜ୍ୟ ରାଜନୀତିରେ ଭାଜପାର ପୂର୍ବାପେକ୍ଷା ଶକ୍ତି ବୃଦ୍ଧି ଘଟିଛି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଏହାର ପ୍ରମାଣ ମିଳିସାରିଛି। ପ୍ରଥମ ଥର ଲାଗି ରାଜ୍ୟରେ ଦଳ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିବା ସାଙ୍ଗକୁ ମୁଖ୍ୟ ବିରୋଧୀ ଦଳ ଭୂମିକା ହାତେଇ ପାରିଛି। ଲୋକଙ୍କ ଏଭଳି ଆସ୍ଥାଭାଜନ ହୋଇପାରିଥିବା ବିରୋଧୀ ଭାଜପାରେ କିନ୍ତୁ ବର୍ତ୍ତମାନ ଦାୟିତ୍ୱ ବଣ୍ଟନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ବିରୋଧୀ ଦଳ ଆସନକୁ ନେଇ ଦଳର ଦୁଇ ବରିଷ୍ଠ ନେତା ଜୟନାରାୟଣ ମିଶ୍ର ଏବଂ ପ୍ରଦୀପ୍ତ ନାଏକଙ୍କ ମଧ୍ୟରେ ମତଭେଦ ଥିବା ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଦୀର୍ଘଦିନର ନୀରବତା ପରେ ବିରୋଧୀ ଦଳ ନେତା ପଦ ତାଙ୍କୁ କାହିଁକି ମିଳିଲା ନାହିଁ ବୋଲି ଶୁକ୍ରବାର ଜୟନାରାୟଣ କ୍ଷୋଭ ପ୍ରକାଶ କରିଛନ୍ତି। ଏପରି କି ସେ ଦଳରୁ ସେ କିଛି ନେବା ନୁହେଁ ବରଂ ଦେବା ଶିଖିଛନ୍ତି ବୋଲି କହିଛନ୍ତି।

ଜୟନାରାୟଣ କହିଛନ୍ତି ଯେ, ବିରୋଧୀ ଦଳ ନେତା ଚୟନ ସମୟରେ ବହୁ ବିଧାୟକ ସ୍ପଷ୍ଟ ମତ ଦେଇସାରିଥିଲେ। ତାଙ୍କୁ ଏହି ପଦବୀ ମିଳିବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଥିଲା। କେନ୍ଦ୍ରୀୟ ନେତୃତ୍ୱଙ୍କ କହିବାନୁଯାୟୀ ସେ କାମ ମଧ୍ୟ ଆରମ୍ଭ କରିଦେଇଥିଲେ। ବିଧାୟକମାନଙ୍କୁ ଶପଥ ଗ୍

ସଂକ୍ଷେପରେ

ମୁଦ୍ରାସ୍ଫୀତି ଜୁନ୍‌ରେ ୩.୧୮%କୁ ବୃଦ୍ଧି

ନୂଆଦିଲ୍ଲୀ,୧୨-୭: ଖାଦ୍ୟଶସ୍ୟ, ଡାଲି, ମାଂସ, ମାଛ ଆଦି ପ୍ରୋଟିନଯୁକ୍ତ ଖାଦ୍ୟପଦାର୍ଥର ଦର ବୃଦ୍ଧି ଯୋଗୁ ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୩.୧୮ ପ୍ରତିଶତକୁ ବୃଦ୍ଧି ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ଗତବର୍ଷ ଜୁନ୍‌ରେ ୪.୯୨ ପ୍ରତିଶତ ରହିଥିଲା। ଚଳିତବର୍ଷ ମେ'ରେ ଏହା ୩.୦୫% ରହିଥିଲା। ଖୁଚୁରା ମୁଦ୍ରାସ୍ଫୀତି ଚଳିତବର୍ଷ ଜାନୁୟାରୀରୁ କ୍ରମାଗତ ବୃଦ୍ଧି ପାଇଚାଲିଛି। ଜାନୁୟାରୀରେ ଏହା ୧.୯୭% ରହିଥିଲା। ଶୁକ୍ରବାର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ପରିସଂଖ୍ୟାନ ଅନୁସାରେ ଖାଦ୍ୟ ମୁଦ୍ରାସ୍ଫୀତି ଜୁନ୍‌ରେ ୨.୧୭% ରହିଛି, ଯାହାକି ମେ'ରେ ୧.୮୩% ରହିଥିଲା। ଅଣ୍ଡା, ମାଂସ, ମାଛ ଭଳି ପ୍ରୋଟିନଯୁକ୍ତ ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ଜୁନ୍‌ରେ ୯.୦୧% ରହିଛି। ଫଳର ମୁଦ୍ରାସ୍ଫୀତି ଧିମା ହୋଇଛି। ଏହା ଜୁନ୍‌ରେ ଶୂନ୍ୟରୁ ୪.୧୮% ତଳକୁ ରହିଛି। ଅନ୍ୟପକ୍ଷରେ ପନିପରିବା ମୁଦ୍ରାସ୍ଫୀତି ହ୍ରାସ ପାଇ ୪.୬୬% ରହିଛି।

ମେ'ରେ ଔଦ୍ୟୋଗିକ ଉତ୍ପାଦନ ହାର ୩.୧%କୁ ହ୍ରାସ

ନୂଆଦିଲ୍ଲୀ,୧୨-୭: ଖଣି ଖନନ ଓ ବିନିର୍ମାଣ କ୍ଷେତ୍ରରେ ପ୍ରଦର୍ଶନ ଦୁର୍ବଳ ହେବା କାରଣରୁ ଔଦ୍ୟୋଗିକ ଉତ୍ପାଦନ(ଆଇଆଇପି) ବୃଦ୍ଧି ହାର ମେ'ରେ ହ୍ରାସ ପାଇ ୩.୧% ହୋଇଛି। ଶୁକ୍ରବାର ଜାରି ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଗତବର୍ଷ ମେ'ରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ହାର ୩.୮% ରହିଥିଲା। ଚଳିତବର୍ଷ ଏପ୍ରିଲରେ ଏହା ୪.୩% ଓ ମାର୍ଚ୍ଚରେ ୦.୪% ରହିଥିଲା। ସମୀକ୍ଷାଧୀନ ମାସରେ ଖଣି ଖନନ କ୍ଷେତ୍ରରେ ବୃଦ୍ଧି ହାର ୩.୨% ରହିଛି। ଗତବର୍ଷ ଏହି ସମୟରେ ଏହା ୫.୮% ରହିଥିଲା। ସେହିଭଳି ବିନିର୍ମାଣ କ୍ଷେତ୍ରରେ ବୃଦ୍ଧି ହାର ହ୍ରାସ ପାଇ ୨.୫% ହୋଇଛି। ଗତବର୍ଷ ଏହି ଅବଧିରେ ଏହା ୩.୬% ରହିଥିଲା।

ଫ୍ଲିପକାର୍ଟ ଆଣିଲା କ୍ରେଡିଟ କାର୍ଡ

ମୁମ୍ବାଇ,୧୨-୭: ଅନ୍‌ଲାଇନ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଗ୍ରାହକଙ୍କ ଲାଗି ନିଜସ୍ୱ କ୍ରେଡିଟ କାର୍ଡ ଲଞ୍ଚ କରିଛି। ଗ୍ରାହକ ନିଜ ପାଖରେ ଅର୍ଥ ନ ଥିଲେ ମଧ୍ୟ ଏହି କାର୍ଡ ଜରିଆରେ ଫ୍ଲିପକାର୍ଟରୁ କିଣାକିଣି କରିପାରିବେ। ଆକ୍ସିସ୍ ବ୍ୟାଙ୍କ ଓ ମାଷ୍ଟରକାର୍ଡ ସହିତ ମିଶି କମ୍ପାନୀ ଏହି କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଆଣିଛି। କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଲଞ୍ଚ କରିବାରେ ଆମାଜନ, ପେଟିଏମ୍ ଓ ଓଲା ଭଳି ଇଣ୍ଟରନେଟ କମ୍ପାନୀଙ୍କ ଗ୍ରୁପ୍‌ରେ ଫ୍ଲିପକାର୍ଟ ସାମିଲ ହୋଇଛି। ଏହି କ୍ରେଡିଟ କାର୍ଡ ମାମଲାରେ ରିସ୍କ ଆନାଲିସିସ୍, କାର୍ଡ ଜାରି କରିବା, ପେମେଣ୍ଟ ପ୍ରୋସେସ୍ କରିବା, କେଓ୍ୱାଇସି, ଅଣ୍ଡରରାଇଟିଂ ଏବଂ ଡିସ୍‌କାଉଣ୍ଟ-କ୍ୟାଶବ୍ୟାକ ମ୍ୟାନେଜ କରିବା କାମ ଆକ୍ସିସ୍ ବ୍ୟାଙ୍କ କରିବ।

> ଗୋଟିଏ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ହ୍ରାସ ଯୋଗୁ ଅର୍ଥନୀତି ଧିମା ପଡିଯାଇଛି ବୋଲି ଭାବିବା ଅତ୍ୟଧିକ ନୈରାଶ୍ୟବାଦର ପରିଚୟ ଦିଏ।
>
> – ଆଦିତ୍ୟ ପୁରୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସିଇଓ ତଥା ଏମ୍‌ଡି

> ଆର୍ଥିକ ବର୍ଷ ୨୦୨୦ରେ ଇନ୍‌ଫୋସିସ୍ ଅଭିବୃଦ୍ଧି ଆଡକୁ ଦୃଢ଼ ଭାବେ ଅଗ୍ରସର ହେଉଛି। ଗ୍ରାହକଙ୍କ ଚାହିଦା ଉପରେ କମ୍ପାନୀ ଫୋକସ୍ କରି ଏହା ହାସଲ କରିବ।
>
> – ସଲିଲ ପାରେଖ, ଇନ୍‌ଫୋସିସ୍ ସିଇଓ ତଥା ଏମ୍‌ଡି

୨୦୨୫ରେ ଜାପାନକୁ ଟପିବ ଭାରତ

ନୂଆଦିଲ୍ଲୀ,୧୨–୭

- ତୃତୀୟ ବୃହତ ଅର୍ଥନୀତି ହେବ
- ଚଳିତ ବର୍ଷ ବ୍ରିଟେନକୁ ଟପିବ
- ୨୦୧୯-୨୩ ଜିଡିପି ଅଭିବୃଦ୍ଧି ୭% ଆକଳନ

ଚଳିତ ବର୍ଷ ବ୍ରିଟେନକୁ ଟପି ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହେବ। ସେହିଭଳି ୨୦୨୫ରେ ଏହା ଜାପାନକୁ ଟପି ତୃତୀୟ ବୃହତ ଅର୍ଥବ୍ୟବସ୍ଥା ହେବାକୁ ଯାଉଛି ବୋଲି ଶୁକ୍ରବାର ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। କେନ୍ଦ୍ରରେ ଭାଜପା ଶାସନାଧୀନ ସରକାର ପୁଣିଥରେ କ୍ଷମତାକୁ ଫେରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦେଶର ଅର୍ଥନୈତିକ ରୋଡମ୍ୟାପ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ୨୦୧୯ରେ ୩ ଟ୍ରିଲିୟନ ଡଲାର ଏବଂ ୨୦୨୫ ସୁଦ୍ଧା ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଥିରେ କୁହାଯାଇଛି। ଭାରତକୁ ଉଚ୍ଚ ମଧ୍ୟମ ଆୟକାରୀ ବର୍ଗର ଦେଶ ଭାବେ ରୂପାନ୍ତରିତ କରିବା ଲାଗି ରୂପରେଖ ପ୍ରସ୍ତୁତ ହୋଇଛି। ଭାରତ ଚଳିତ ବର୍ଷ ବ୍ରିଟେନକୁ ଟପିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ସେହିଭଳି ୨୦୨୫ ବେଳକୁ ଭାରତର ଜିଡିପି ଜାପାନକୁ ଅତିକ୍ରମ କରିବାର କ୍ଷମତା ରଖିଛି ବୋଲି ଆଇଏଚ୍‌ଏସ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ୨୦୧୯ରେ ଭାରତର ଖାଉଟି ବଜାର ୧.୯ ଟ୍ରିଲିୟନ ଡଲାରରୁ ବୃଦ୍ଧି ଘଟି ୨୦୨୫ ବେଳକୁ ୩.୬ ଟ୍ରିଲିୟନ ଡଲାର ହୁଇଁବ। ଭାରତର ଜିଡିପି ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ ହେଉଥିବା ବେଳେ ଏହା ବିଶ୍ୱ ଜିଡିପି ଅଭିବୃଦ୍ଧିକୁ ମଧ୍ୟ ଯୋଗଦାନ ରଖୁଛି। ଏହାବାଦ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ଭାବେ କାର୍ଯ୍ୟ କରିବ। ଏହି ଅଞ୍ଚଳରେ ବାଣିଜ୍ୟ ଏବଂ ନିବେଶ ଆଗମନକୁ ତ୍ୱରାନ୍ୱିତ କରିବାରେ ଭାରତ ସହାୟତା କରିବ ବୋଲି ଆଇଏଚ୍‌ଏସ୍ ପକ୍ଷରୁ କୁହାଯାଇଛି। ଏହି ଲକ୍ଷ୍ୟ ହାସଲ ଲାଗି ଆଗାମୀ ୫ ବର୍ଷରେ ଦେଶରେ ନିବେଶ ବୃଦ୍ଧି, ସଞ୍ଚୟ ଏବଂ ରପ୍ତାନି ବଢ଼ାଇବା ଉପରେ ଧ୍ୟାନ ଦେବାକୁ ହେବ। ଉଦ୍ଭାବନ, ତ୍ୱରିତ ଉତ୍ପାଦକତା ବୃଦ୍ଧି, ନୂଆ ଟେକ୍ନୋଲୋଜି ଆପଣାଇବା, ନିଯୁକ୍ତି ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ନିବେଶର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଦେଶରେ ନୂଆ ଇକୋନୋମୀ ଷ୍ଟାର୍ଟଅପ ସୃଷ୍ଟି ସହ ମୂଲ୍ୟଯୁକ୍ତ ଏବଂ କୁଶଳୀ ନିଯୁକ୍ତି ଭିତ୍ତିକ ଅଭିବୃଦ୍ଧି ଉପରେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ମୋଦି ସରକାରଙ୍କ ପ୍ରଥମ ପାଳିରେ ନୂଆ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ବନ୍ଦର, ଶକ୍ତି କ୍ଷେତ୍ର, ନିୟାମକ ବୋଝ ହ୍ରାସ, ସରକାରୀ ନାଲିଫିତାର ପ୍ରଭାବ ହ୍ରାସ ଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ନୂଆ ନୀତି ଉପରେ କାର୍ଯ୍ୟ କରିବାକୁ ରିପୋର୍ଟରେ କୁହାଯାଇଛି। ୨୦୧୯ରେ ପ୍ରକାଶିତ ବିଶ୍ୱ ବ୍ୟାଙ୍କ ଇଜ ଅଫ୍ ଡୁଇଙ୍ଗ ବିଜନେସ ର‍ୟାଙ୍କିଙ୍ଗରେ ଭାରତ ୧୯୦ ଦେଶ ମଧ୍ୟରୁ ୭୭ତମ ସ୍ଥାନରେ ରହିଛି। ଚଳିତ ବର୍ଷର ଅର୍ଥନୈତିକ ସର୍ଭେରେ ଆଇନ ବ୍ୟବସ୍ଥାରେ ସଂସ୍କାର, ଡୁଇଙ୍ଗ ବିଜନେସ ର‍ୟାଙ୍କିଙ୍ଗରେ ଉନ୍ନତିକୁ ଗୁରୁତ୍ୱ ଦିଆଯାଇଛି। କଞ୍ଜ୍ୟୁକ୍ଟ ଲାଗୁ କରିବା କ୍ଷେତ୍ରରେ ଭାରତ ବର୍ତ୍ତମାନ ୧୬୩ ତମ ସ୍ଥାନରେ ରହିଛି। ଏହା ଏକ ଚିନ୍ତାରବିଷୟ ବୋଲି ଉଲ୍ଲେଖ କରାଯାଇଛି। ନ୍ୟାୟିକ ବ୍ୟବସ୍ଥାରେ ମାମଲାଗୁଡିକୁ ତ୍ୱରିତ ଫଇସଲା କରିବା ଲାଗି ଅତିରିକ୍ତ ବିଚାରପତି ନିଯୁକ୍ତି, ଶ୍ରମ ଆଇନରେ ସଂସ୍କାର ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। ଏହି ସବୁ ପ୍ରସଙ୍ଗ କ୍ଷେତ୍ରରେ ଭାରତ ତୁର୍କୀ (୪୩ତମ), ଚାଇନା (୪୬ତମ) ଏବଂ ମେକ୍ସିକୋ (୫୪ତମ) ଠାରୁ ବହୁ ନିମ୍ନ ର‍ୟାଙ୍କରେ ରହିଛି।

୨୦୧୫ରୁ ୨୦୫୦ ମଧ୍ୟରେ ଦେଶର ଜନସଂଖ୍ୟା ୩୫୦ ନିୟୁତକୁ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ଆବଶ୍ୟକତା ମୁତାବକ ଭିତ୍ତିଭୂମି ସୁବିଧା ଯୋଗାଣ, ବିଦ୍ୟୁତ, ପରିମଳ,ସୁଲଭ ବାସଗୃହ ଏବଂ ସରକାରୀ ପରିବହନ ସେବା ଯୋଗାଇବା ସରକାରଙ୍କ ଲାଗି ବିତ୍ତୀୟ ଚ୍ୟାଲେଞ୍ଜ ସୃଷ୍ଟି କରିବ। ସେହିଭଳି ଜନସଂଖ୍ୟା ଅଭିବୃଦ୍ଧି ଆଗାମୀ ୨ ଦଶନ୍ଧିରେ ଧିମା ହେବା ନେଇ ଆକଳନ କରାଯାଇଛି। ବୟସ୍କଙ୍କ ସଂଖ୍ୟା ବଢିବାରୁ ଏହି ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣ, ପେନସନ ଏବଂ ସାମାଜିକ ନିରାପତ୍ତା ଯୋଗାଇବା ସରକାରଙ୍କ ଲାଗି ଚ୍ୟାଲେଞ୍ଜ ହେବ। ଦେଶ ସାମ୍ନାରେ ବିଭିନ୍ନ ଅର୍ଥନୈତିକ ଚ୍ୟାଲେଞ୍ଜ ରହିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନାଧୀନ ସରକାର ପାଇଁ ଇକୋନୋମିକ ଆଉଟଲୁକ ସକାରାତ୍ମକ ରହିଛି। ୨୦୧୯–୨୩ ପର୍ଯ୍ୟନ୍ତ ଦେଶର ଅଭିବୃଦ୍ଧି ୭% ରହିବ ବୋଲି ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ କୁହାଯାଇଛି।

ଆଇଏମ୍‌ପିଏସ୍‌କୁ ଶୁଳ୍କମୁକ୍ତ କଲା ଏସ୍‌ବିଆଇ

ନୂଆଦିଲ୍ଲୀ,୧୨–୭

ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଏସ୍‌ବିଆଇ ଇମିଡିଏଟ୍ ପେମେଣ୍ଟ ସର୍ଭିସ୍ (ଆଇଏମ୍‌ପିଏସ୍) ଉପରେ ଲାଗୁଥିବା ଚାର୍ଜ ଅଥବା ଶୁଳ୍କକୁ ସମ୍ପୂର୍ଣ୍ଣ ଛାଡ କରିଦେଇଛି। ଏବେ ଗ୍ରାହକ ଅନ୍‌ଲାଇନରେ ଆଇଏମ୍‌ପିଏସ୍ ମାଧ୍ୟମରେ ଟଙ୍କା ପଠାଇବା ଉପରେ କୌଣସି ଶୁଳ୍କ ଦେବେ ନାହିଁ। ଏହି ନୂଆ ନିୟମ ଅଗଷ୍ଟ ପହିଲାରୁ ଲାଗୁ ହେବ। ଏଥିପୂର୍ବରୁ ଏସ୍‌ବିଆଇ ସମେତ ଦେଶର ସମସ୍ତ ବ୍ୟାଙ୍କ ଜୁଲାଇ ପହିଲାରୁ ଆର୍‌ଟିଜିଏସ୍ ଏବଂ ଏନ୍‌ଇଏଫ୍‌ଟି ମାଧ୍ୟମରେ ଅନ୍‌ଲାଇନରେ ଟଙ୍କା ପଠାଇବା ଉପରେ ଶୁଳ୍କ ଆଦାୟକୁ ପ୍ରତ୍ୟାହାର କରିନେଇଥିଲେ। ଏସ୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏହା ସାରା ଦେଶରେ ଡିଜିଟାଲ ପ୍ଲାଟଫର୍ମ ୟୋନୋ, ଇଣ୍ଟରନେଟ ବ୍ୟାଙ୍କିଙ୍ଗ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ ଗ୍ରାହକଙ୍କ ଲାଗି ଜୁଲାଇ ପହିଲାରୁ ଉକ୍ତ ଦୁଇଟି ପେମେଣ୍ଟ ବ୍ୟବସ୍ଥାକୁ ଶୁଳ୍କମୁକ୍ତ କରିଛି। ଜୁଲାଇ ପୂର୍ବରୁ ଏସ୍‌ବିଆଇ ଏନ୍‌ଇଏଫ୍‌ଟି ପାଇଁ ୧ରୁ ୫ ଟଙ୍କା ଏବଂ ଆର୍‌ଟିଜିଏସ୍ ପାଇଁ ୫ରୁ ୫୦ ଟଙ୍କା ଶୁଳ୍କ ଆଦାୟ କରୁଥିଲା। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୬ କୋଟି ଏସ୍‌ବିଆଇ ଗ୍ରାହକ ଇଣ୍ଟରନେଟ ବ୍ୟାଙ୍କିଙ୍ଗ୍ ଏବଂ ୧.୪୧ କୋଟି ମୋବାଇଲ ଫୋନ ବ୍ୟାଙ୍କିଙ୍ଗ ସେବା ବ୍ୟବହାର କରୁଛନ୍ତି। ମୋବାଇଲ ବ୍ୟାଙ୍କିଙ୍ଗ ନେଶଦେଶରେ ଏସ୍‌ବିଆଇର ବଜାର ଅଂଶ ୧୮ ପ୍ରତିଶତ ରହିଛି। ସେହିପରି ୟୋନୋ(ୟୁ ଓନ୍‌ଲି ନିଡ୍ ୱାନ୍)ରେ ୧ କୋଟି ଗ୍ରାହକ ଟ୍ରାଞ୍ଜାକସନ୍ କରୁଛନ୍ତି।

୮% ଜିଡିପି ବୃଦ୍ଧି ଜରୁରୀ: ରଙ୍ଗରାଜନ୍

ହାଇଦ୍ରାବାଦ,୧୨–୭

୫ ଲକ୍ଷ କୋଟି ଡଲାର ଅର୍ଥନୀତି

ଆସନ୍ତା ୫ ବର୍ଷରେ ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚାଇବାକୁ ହେଲେ ଦେଶକୁ ୮% ହାରରେ ବାର୍ଷିକ ଅଭିବୃଦ୍ଧି ହାସଲ କରିବାକୁ ହେବ। ଏଥିସହିତ ଏ ଦିଗରେ ସ୍ପଷ୍ଟ ରୂପରେଖ ଜାରି କରିବା ମଧ୍ୟ ଜରୁରୀ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ସି.ରଙ୍ଗରାଜନ୍ ଶୁକ୍ରବାର ପ୍ରକାଶ କରିଛନ୍ତି।

ଏଠାରେ ଆଇସିଏଫ୍‌ଏଆଇର ଫାଉଣ୍ଡେଶନ ଫର୍ ଏକ୍ସୁକେଶନର ୯ମ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ରଙ୍ଗରାଜନ କହିଛନ୍ତି ଯେ, ଆର୍ଥିକ ଅଭିବୃଦ୍ଧିକୁ ଦ୍ରୁତ ଗତିରେ ଆଗେଇ ନେବା ଲାଗି ନିବେଶ ଏକ ଡ୍ରାଇଭର ଭାବେ କାମ କରିବ। ଏଥିଲାଗି ନୀତିନିର୍ଦ୍ଧାରକଙ୍କୁ ନିବେଶ ବୃଦ୍ଧି ଲାଗି ଏକ ଅନୁକୂଳ ବାତାବରଣ ତିଆରି କରିବାକୁ ହେବ। ସେ କହିଛନ୍ତି ଯେ, ଦେଶ ନିକଟରେ ଉଚ୍ଚ ଜୀବନଯାପନ ମାନଦଣ୍ଡ ହାସଲ କରିବା ଏବେ ସବୁଠାରୁ ବଡ଼ ଆହ୍ୱାନ ହେଲାଣି। ଆସନ୍ତା କିଛିବର୍ଷ ଭିତରେ ଆମ ସମ୍ମୁଖରେ ୫ ଲକ୍ଷ ଡଲାର ଅର୍ଥନୀତିରେ ପହଞ୍ଚିବାର ଲକ୍ଷ୍ୟ ରହିଛି। ୮% ହାରରେ କିପରି ଅଭିବୃଦ୍ଧି ହାସଲ ସମ୍ଭବ ହେବ ସେଥିପାଇଁ ଆମ ନିକଟରେ ଏକ ସ୍ପଷ୍ଟ ରୂପରେଖ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଓଡ଼ିଶା ବଜାରରେ ରେନୋର ନୂଆ ଡଷ୍ଟର

ଭୁବନେଶ୍ୱର,୧୨–୭(ଟ୍ୟୁରୋ)

ରେନୋ ଇଣ୍ଡିଆ ପକ୍ଷରୁ ନୂଆ ଡଷ୍ଟର ମଡେଲ ଯାନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ପାହାଲସ୍ଥିତ ରେନୋ ଭୁବନେଶ୍ୱରର ନର୍ଥ ଶୋ'ରୁମଠାରେ ଏହାକୁ ସୁପରସେଲ୍‌ସ ଅଟୋମୋବାଇଲସ୍ ପ୍ରାଇଭେଟ ଲିମିଟେଡର ସ୍ୱତ୍ୱାଧିକାରୀ ବିଶାଲ ଧାଓ୍ୱନ, ଏସ୍‌ବିଆଇ ଡିଜିଏମ୍ ରବୀନ୍ଦ୍ର କୁମାର ତ୍ରିବେଦୀ ଉନ୍ମୋଚନ କରିଥିଲେ। ଏଥିରେ ୨୫ ନୂଆ ଫିଚର ଏବଂ ଟେକ୍ନୋଲୋଜି ରହିଛି। ମଡେଲଟିରେ ଆକର୍ଷଣୀୟ ଏକ୍ସଟେରିୟର, ମନଲୋଭା ଇଣ୍ଟେରିୟର ଏବଂ ଉନ୍ନତ ଉପକରଣକୁ ସ୍ଥାନିତ କରାଯାଇଛି। ଏଥିରେ ୧୭.୬୪ ସେମିର ଟଚ୍ ସ୍କ୍ରିନ ମିଡିଆ ନାଭ୍, ଆପଲ କାର୍ ପ୍ଲେ, ଆଣ୍ଡ୍ରଏଡ ଅଟୋ, ଭଏସ ରିକଗନିଶନ, ଇକୋ ଗାଇଡ ଗ୍ରାହକ ପାଇପାରିବେ। ମଡେଲଟି ପେଟ୍ରୋଲ ସିଭିଟି, ଡିଜେଲ ଏଏମ୍‌ଟି ଏବଂ ଡିଜେଲ ଏଡବ୍ଲୁଡି ବିକଳ୍ପରେ ଆସୁଛି। କାସ୍ମିଆନ ବ୍ରୁ ମାହୋଗାନି ବ୍ରାଉନ ରଙ୍ଗରେ ଏହା ଉପଲବ୍ଧ । ଏଥିରେ ପରିବର୍ତ୍ତିତ ନିରାପତ୍ତା ଫିଚରକୁ ସାମିଲ କରାଯାଇଛି। ଏହାର ମୂଲ୍ୟ ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

■ ପାର୍ଲାମେଣ୍ଟରେ ହେଲା ନୂଆ ରେକର୍ଡ

ମଧ୍ୟରାତ୍ରି ଯାଏ ଚାଲିଲା ରେଳ ବଜେଟ ଆଲୋଚନା

ନୂଆଦିଲ୍ଲୀ,୧୨–୭

ବଜେଟରେ ରେଲୱେକୁ ମିଳିବାକୁ ଥିବା ଅନୁଦାନ ଉପରେ ଗୁରୁବାର ଲୋକ ସଭାରେ ଦୀର୍ଘ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ହୋଇଥିଲା। ଏହା ଏକ ନୂଆ ରେକର୍ଡ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ କହିଛନ୍ତି। ରେଳୱେକୁ ମିଳିବାକୁ ଥିବା ଅନୁଦାନ ନେଇ ଆଲୋଚନା ଗୁରୁବାର ରାତ୍ର ୧୧.୫୮ ପର୍ଯ୍ୟନ୍ତ ଚାଲିଥିଲା। ପ୍ରତ୍ୟେକ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଶୁକ୍ରବାର କହିଛନ୍ତି। ଦୀର୍ଘ ୧୮ ବର୍ଷ ପରେ ପ୍ରଥମ ଥର ନିମ୍ନ ସଦନରେ ଆଲୋଚନା ଦୀର୍ଘସମୟ ଧରି ଚାଲିଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ସାଂସଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ସେ କହିଛନ୍ତି। ରେଳ ସେବାରେ ଉନ୍ନତି ଆଣିବା ପରିବର୍ତ୍ତେ ସରକାର ଏହାର ସମ୍ପତ୍ତିକୁ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ଆଲୋଚନା କାଳରେ ଅଭିଯୋଗ ଆଣିଥିଲେ। ତେବେ ଏନ୍‌ଡିଏ ସରକାର ସମୟରେ ରେଲୱେ ଭିତ୍ତିଭୂମି ନିର୍ମାଣ ଏବଂ ସୁରକ୍ଷା ଦୃଷ୍ଟିରୁ ଦୈନିକ ରେକର୍ଡ କରିଚାଲିଛି ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। କଂଗ୍ରେସ, ତୃଣମୂଳ କଂଗ୍ରେସ, ଏନ୍‌ସିପି, ଡିଏମ୍‌କେ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ରେଲୱେର ଘରୋଇକରଣ କରାଯାଉଥିବା ଅଭିଯୋଗ ଆଣିଥିଲେ। ଏନ୍‌ଡିଏ ସରକାର ଲୋକଙ୍କୁ ବୁଲେଟ ଟ୍ରେନ୍‌ର ସ୍ୱପ୍ନ ଦେଖାଉଛନ୍ତି, ଯାହାକି ବାସ୍ତବଯୋଗ୍ୟ ନୁହେଁ। ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗଦି ଆଲୋଚନାରେ ହସ୍ତକ୍ଷେପ କରି ସରକାରଙ୍କ ସପକ୍ଷରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ସମୟରେ ରେଲୱେର ସୁରକ୍ଷା, ଭିତ୍ତିଭୂମି ନିର୍ମାଣ ଓ ସ୍ୱଚ୍ଛତା ବଢ଼ିଛି।

ରେଲୱେରେ ନିବେଶ ଜରୁରୀ: ଗୋୟଲ

ନୂଆଦିଲ୍ଲୀ,୧୨–୭: ରେଲୱେର ଘରୋଇକରଣ କରାଯିବ ନାହିଁ। ଏଥିରେ ସୁବିଧା ବୃଦ୍ଧି, ଉନ୍ନତ ସେବା ଯୋଗାଇବା ଲାଗି ନିବେଶ ଜରୁରୀ ବୋଲି ରେଳମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର କହିଛନ୍ତି। ଲୋକ ସଭାରେ ଆର୍ଥିକ ବର୍ଷ ୨୦୧୯–୨୦ ଲାଗି ରେଳ ମନ୍ତ୍ରଣାଳୟର ଅନୁଦାନ ଉପରେ ଆଲୋଚନାର ଉତ୍ତର ଦେଇ ରେଳମନ୍ତ୍ରୀ କହିଛନ୍ତି ଯେ, ରେଲୱେର ଘରୋଇକରଣ କରାଯିବ ନାହିଁ ବୋଲି

ক্রমশ বেপরোয়া হয়ে উঠছে ব্রাজিল, শাস্তি পাচ্ছে প্রতিপক্ষ

অমিত ভাদুড়ি

বিশ্বকাপ অনুশীলনে যে বর্ণবিদ্বেষমূলক মন্তব্যের ভিডিও ফুটেজ ধরা পড়েছে তাতে ব্রাজিলের ফুটবলার দানি আলভেস বলছেন, 'আমি ওদের বলেছি, আমরা এখানে ফুটবল খেলতে এসেছি, ওদের সঙ্গে নাচতে নয়।' ব্রাজিলের কোচ তিতে বলছেন, 'ওরা ওদের সংস্কৃতি নিয়ে মজা করছিল। আমরা ওদের সংস্কৃতিকে সম্মান করি।' ব্রাজিলের ফুটবলাররা যে ধরনের বর্ণবিদ্বেষী মন্তব্য করেছেন তা নিয়ে ব্রাজিলের সংবাদমাধ্যমে কোনও আলোচনা নেই। ব্রাজিলের সংবাদমাধ্যম বলছে, ওই ভিডিও ফুটেজ ফাঁস করে দেওয়ার পিছনে রয়েছে ব্রাজিলের প্রাক্তন ফুটবলার রোমারিও। তিনি এখন ব্রাজিলের বিরোধী রাজনীতিতে সক্রিয়। ব্রাজিলের সংবাদমাধ্যম বলছে, রোমারিও ব্রাজিলের ফুটবলকে রাজনীতিতে টেনে আনছেন। ব্রাজিলের ফুটবলাররা যে ধরনের বর্ণবিদ্বেষী মন্তব্য করেছেন তা নিয়ে

ସଂକ୍ଷେପରେ

ଅଜୟ୍ ସିଂଙ୍କ ରାଜ୍ୟଗୋଷ୍ଠୀ ରେକର୍ଡ

ଆପିଆ(ସାମୋଆ),୧୨।୭(ପି.ଟି.): ଭାରତୀୟ ଭାରୋତ୍ତୋଳନକାରୀ ଅଜୟ୍ ସିଂ ଶୁକ୍ରବାର ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ କ୍ଲିନ୍ ଓ ଜର୍କ ଇଭେଣ୍ଟରେ ନୂଆ ରେକର୍ଡ କରିଛନ୍ତି। ୨୨ ବର୍ଷୀୟ ଭାରୋତ୍ତୋଳକ ୮୧ କି.ଗ୍ରା. ବର୍ଗର କ୍ଲିନ୍ ଓ ଜର୍କ ଇଭେଣ୍ଟରେ ୧୯୦ କି.ଗ୍ରା. ଭାର ଉଠାଇଥିଲେ, ଯାହାକି ତାଙ୍କ ଓଜନର ଦୁଇଗୁଣରୁ ଅଧିକ। ଏସିଆନ ଯୁଥ୍ ଓ ଜୁନିୟର ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକଧାରୀ ସ୍ନାଚ୍ ଇଭେଣ୍ଟରେ ୧୪୮ କି.ଗ୍ରା. ଭାର ଉଠାଇଥିଲେ। ମୋଟରେ ସେ ୩୩୮ କି.ଗ୍ରା. (୧୯୦+୧୪୮ କି.ଗ୍ରା.) ଉତ୍ତୋଳନ କରିଥିଲେ। ଏହା ଅଜୟଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ସମାନ ଓଜନ ବର୍ଗରେ ଅଜୟଙ୍କ ପଛକୁ ଆଉ ଜଣେ ଭାରତୀୟ ପାପୁଲ ଚାଙ୍ଗ୍‌ମାଇ ରୌପ୍ୟ ପଦକ ହାତେଇଛନ୍ତି।

ସ୍ନାଇଡରଙ୍କ ସହ ଲଢ଼ିବେ ବିଜେନ୍ଦର

ନ୍ୟୁୟର୍କ, ୧୨।୭ (ପି.ଟି.): ଏକ ବର୍ଷ ପରେ ପ୍ରଫେଶନାଲ ବକ୍ସିଂକୁ ଫେରିବେ ଭାରତୀୟ ବକ୍ସିଂ ଷ୍ଟାର ବିଜେନ୍ଦର ସିଂ। ଶନିବାର ସେ ଏଠାରେ ଆମେରିକାର ମାଇକ୍ ସ୍ନାଇଡରଙ୍କ ସହିତ ୮ ରାଉଣ୍ଡ ବିଶିଷ୍ଟ ସୁପରମିଡଲୱେଟ୍ ମୁକାବିଲା କରିବେ। ଡବ୍ଲ୍ୟୁବିଓ ଓରିଏଣ୍ଟାଲ ଏବଂ ଏସିଆ ପ୍ୟାସିଫିକ୍ ସୁପର ମିଡଲୱେଟ୍ ଚାମ୍ପିୟନ ବିଜେନ୍ଦରଙ୍କର ୧୦-୦ (୭ ନକ୍‌ଆଉଟ୍) ରେକର୍ଡ ରହିଛି। ମୁକାବିଲା ପୂର୍ବରୁ ବିଜେନ୍ଦର କହିଛନ୍ତି, ସ୍ନାଇଡରଙ୍କ ସହିତ ଲଢ଼େଇ ପାଇଁ ମୁଁ ପ୍ରସ୍ତୁତ। ମୁଁ ଇତିମଧ୍ୟରେ ଟ୍ରେନର ଲି' ବିୟର୍ଡଙ୍କ ସମେତ ମୋ ଟିମ୍ ସହିତ ରଣକୌଶଳ ସମ୍ପର୍କରେ ଆଲୋଚନା କରିସାରିଛି। ଆମେରିକୀୟ ବକ୍ସରଙ୍କୁ ପ୍ରାରମ୍ଭିକ ରାଉଣ୍ଡରେ ମୁଁ ନକ୍‌ଆଉଟ୍ କରିବା ଲାଗି ଯୋଜନା କରିଛି। ଅନ୍ୟପକ୍ଷରେ ଭାରତୀୟ ବକ୍ସରଙ୍କୁ ପରାସ୍ତ କରିବାରେ ସେ ସଫଳ ହେବେ ବୋଲି ସ୍ନାଇଡର ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

ଇଣ୍ଡିଜ ଗସ୍ତରୁ କୋହଲି, ବୁମରା ବାଦ୍ ପଡ଼ିପାରନ୍ତି

ନୂଆଦିଲ୍ଲୀ,୧୨।୭- ଭାରତୀୟ ଅଧିନାୟକ ବିରାଟ କୋହଲି ଓ ପେସର ଯଶପ୍ରୀତ ବୁମରାଙ୍କୁ ସମ୍ଭବତଃ ସମ୍ପୂର୍ଣ୍ଣ ୱେଷ୍ଟଇଣ୍ଡିଜ ଗସ୍ତରୁ ବିଶ୍ରାମ ଦିଆଯାଇପାରେ। ଅଗଷ୍ଟ ୩ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଗସ୍ତରେ ଭାରତୀୟ ଦଳ ୩ ଲେଖାଏ ଟି୨୦ ଓ ଦିନିକିଆ ପରେ ଦୁଇ ଟେଷ୍ଟ ମ୍ୟାଚ୍ ଖେଳିବ। ଟେଷ୍ଟ ସିରିଜ୍ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ, ଯାହାକି ୨୦୧୯ରୁ ୨୧ ପର୍ଯ୍ୟନ୍ତ ଖେଳାଯିବ। ଏହାର ଫାଇନାଲ ୨୦୨୧ରେ ଇଂଲଣ୍ଡଠାରେ ହେବ। କୋହଲି ଓ ବୁମରା ଗତ ଏକ ବର୍ଷ ହେଲା କ୍ରମାଗତ କ୍ରିକେଟ ଖେଳିଆସୁଛନ୍ତି। ଦେଶର ଦୁଇ ଶ୍ରେଷ୍ଠ କ୍ରିକେଟରଙ୍କୁ ଲମ୍ବା ଘରୋଇ ସିଜନ ଲାଗି ଆହତ ସମସ୍ୟାରୁ ଦୂରେଇ ରଖିବା ପାଇଁ ଚୟନ କମିଟି ବିଶ୍ରାମ ଦେଇପାରେ। କୋହଲିଙ୍କ ଅନୁପସ୍ଥିତିରେ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଟେଷ୍ଟ ଫର୍ମାଟରେ ଦଳର ନେତୃତ୍ୱ ନେବେ। ସେହିଭଳି ଦିନିକିଆ ଓ ଟି୨୦ରେ ରୋହିତ ଶର୍ମା ଅଧିନାୟକ ଦାୟିତ୍ୱ ତୁଲାଇବେ। ଜାତୀୟ ଚୟନ କମିଟି ଖୁବ୍ ଶୀଘ୍ର ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ବୈଠକ ଆୟୋଜନ କରିବ। ପୂର୍ବରୁ କୋହଲି ଓ ବୁମରାଙ୍କୁ ଦିନିକିଆ ଓ ଟି୨୦ ଫର୍ମାଟରୁ ବିଶ୍ରାମ ଦିଆଯିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଥିଲା।

ଫାଇନାଲରେ ଜୋକୋଭିଚ୍

ୱିମ୍ବେଲଡନ ଟେନିସ୍

ଲଣ୍ଡନ, ୧୨।୭(ପି.ଟି.)



ଶୁକ୍ରବାର ସେମିଫାଇନାଲ ମ୍ୟାଚ୍ ଅବସରରେ ନୋଭାକ ଜୋକୋଭିଚ୍।

ଗତଥରର ଚାମ୍ପିୟନ ସର୍ବୀୟ ତାରକା ନୋଭାକ ଜୋକୋଭିଚ୍ ଏଥର ମଧ୍ୟ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବର୍ଷର ଏହି ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସେମିଫାଇନାଲରେ ଶୁକ୍ରବାର ସେ ସ୍ପେନର ରୋବେର୍ତୋ ବତିସ୍ତା ଅଗୁଟଙ୍କୁ ୬-୨, ୪-୬, ୬-୩, ୬-୨ ସେଟରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଏଥିସହିତ ଜୋକୋଭିଚ୍ ଷଷ୍ଠଥର ପାଇଁ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଫାଇନାଲ ଟିକେଟ ହାସଲ କରିଛନ୍ତି। ବିଶ୍ୱର ୧ ନମ୍ବର ଖେଳାଳି ଜୋକୋଭିଚ୍‌ଙ୍କୁ ଏହି ମ୍ୟାଚ୍ ଜିତିବା ପାଇଁ ବେଶ୍ କଷ୍ଟ କରିବାକୁ ପଡିଥିଲା। ରବିବାର ଫାଇନାଲରେ ସେ ସ୍ପେନ୍‌ର ରାଫାଲ ନାଡ଼ାଲ କିମ୍ବା ସ୍ୱିଜରଲାଣ୍ଡର ରୋଜର ଫେଡେରରଙ୍କୁ ଭେଟିବେ। ଦ୍ୱିତୀୟ ସେମିରେ ନାଡ଼ାଲ ଓ ଫେଡେରର ମୁହାଁମୁହିଁ ହେବାର କାର୍ଯ୍ୟକ୍ରମ ରହିଛି। ମୋଟ ଉପରେ ୩୨ ବର୍ଷୀୟ ଜୋକୋଭିଚ୍ କ୍ୟାରିୟରରେ ୨୫ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥର ସଫଳ ହେଲେ ସେ ପଞ୍ଚମ ୱିମ୍ବେଲଡନ ଟାଇଟଲ ଜିତିବେ।

କୋହଲି, ଶାସ୍ତ୍ରୀ ଫେରିବା ପରେ ପ୍ରଦର୍ଶନ ନେଇ ତର୍ଜମା ହେବ

ଲଣ୍ଡନ,୧୨।୭(ପି.ଟି.)

ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା କ୍ରିକେଟ ପ୍ରଶାସକ କମିଟି (ସିଓଏ) ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ନେଇ ତର୍ଜମା କରିବ। ଅଧିନାୟକ କୋହଲି ଓ ହେଡ୍ କୋଚ୍ ରବି ଶାସ୍ତ୍ରୀ ସ୍ୱଦେଶ ଫେରିବା ପରେ ସିଓଏ ଭାରତର ଖେଳାଳିମାନଙ୍କ ପ୍ରଦର୍ଶନ ନେଇ ଆଲୋଚନା କରିବ। ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟରେ ଦଳ ଚୟନ ଉପରେ ଫୋକସ କରାଯିବ।

ଅଧ୍ୟକ୍ଷ ବିନୋଦ ରାଏଙ୍କ ନେତୃତ୍ୱରେ ସିଓଏର ଅନ୍ୟ ସଦସ୍ୟା ଯଥା ଡାଏନା ଇଡୁଲଜୀ ଓ ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ ରବି ଥୋଡଗେ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କ ସହ ଆଲୋଚନ କରିବେ। ଖାସ୍ କରି ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ର ରୋଡମ୍ୟାପ୍ ତଥା ଯୋଜନା ସମ୍ପର୍କରେ ଏହି ଆଲୋଚନା କରାଯିବ ବୋଲି କୁହାଯାଇଛି। କୋହଲି ଓ ଶାସ୍ତ୍ରୀ ସ୍ୱଦେଶ ଫେରିଲେ ତାଙ୍କ ସହ ଆଲୋଚନା କରାଯିବ ବୋଲି ବିନୋଦ କହିଛନ୍ତି। ତେବେ ଏନେଇ ତାରିଖ ବା ସମୟ ଧାର୍ଯ୍ୟ କରାଯାଇ ନାହିଁ। କେବେଳ ସେତିକି ନୁହଁ ମୁଖ୍ୟ ଚୟନକର୍ତ୍ତାଙ୍କ ସହ ମଧ୍ୟ ଆଲୋଚନା କରାଯିବ ବୋଲି ବିନୋଦ କହିଛନ୍ତି।

ଗତ ବୁଧବାର ଭାରତ ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ୧୮ ରନରେ ପରାସ୍ତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଥିଲା। ରବିବାର କୋହଲିଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳି ବିମାନ ଯୋଗେ ମୁମ୍ବାଇରେ ଅବତରଣ କରିବେ। ଲିଗ୍ ପର୍ଯ୍ୟାୟରେ ଭାରତ ମାତ୍ର ଗୋଟିଏ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା ଓ ପଏଣ୍ଟ ତାଲିକାର ଶୀର୍ଷରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ରିଭ୍ୟୁ ମିଟିଂ ବା ତର୍ଜମା ବୈଠକ ସମ୍ପର୍କରେ ସିଓଏ ମୁଖ୍ୟ ଅଧିକ କିଛି ସୂଚନା ଦେଇନାହାନ୍ତି। ବିଶ୍ୱକପ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ତେବେ କିଭଳି, କାହିଁକି ଓ କେତେବେଳେ ସେ ସମ୍ପର୍କରେ ଅଧିକ କିଛି କହିବି ନାହିଁ ବୋଲି ବିନୋଦ କହିଛନ୍ତି। ତେବେ କୋହଲି, ଶାସ୍ତ୍ରୀ ଓ ଚୟନ କମିଟି ମୁଖ୍ୟଙ୍କୁ କିଛି ପ୍ରଶ୍ନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଶେଷ ମୁହୂର୍ତ୍ତରେ ବିଶ୍ୱକପ୍ ଦଳରୁ ବାଦ୍ ପଡିଥିବା ଅମ୍ବାତି ରାୟୁଡୁଙ୍କ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ଯଦି ୪ ନମ୍ବର ସ୍ଥାନ ପାଇଁ ରାୟୁଡୁ ଯୋଗ୍ୟ ନ ଥିଲେ ତେବେ ତାଙ୍କୁ ବିଶ୍ୱକପ୍‌ର ଠିକ୍ ପୂର୍ବରୁ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜରେ କାହିଁକି ଖେଳାଯାଇଥିଲା। ଏ ନେଇ ମଧ୍ୟ ପ୍ରଶ୍ନ କରାଯିବ। ବିଶ୍ୱକପ୍ ଦଳରେ ରାୟୁଡୁ ରିଜର୍ଭ ଖେଳାଳି ଭାବେ ସାମିଲ ହୋଇଥିଲେ। କେତୋଟି ଆଘାତ ସମସ୍ୟା ପରେ ତାଙ୍କୁ ଦଳରେ ସାମିଲ କରାଯାଇ ଖେଳାଯାଇ ପାରିଥାନ୍ତା। କନ୍ତୁ ଶେଷରେ ତାଙ୍କୁ ସାମିଲ କରାଗଲା ନାହିଁ। ଯାହା ଫଳରେ ସେ ଅଭିମାନରେ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ।

ସେହିପରି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଦଳରେ ୩ଜଣ ଉଇକେଟକିପରଙ୍କୁ ଖେଳାଯିବା ନେଇ ମଧ୍ୟ ପ୍ରଶ୍ନ କରାଯିବ। ବହୁଦିନ ଧରି ଦୀନେଶ କାର୍ତ୍ତିକ ଦିନିକିଆରେ ଭଲ ପ୍ରଦର୍ଶନ କରି ନ ଥିଲେ। ଏପରିକି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ସେ ଭଲ ପ୍ରଦର୍ଶନ କରି ନ ଥିଲେ। ଏପରିସ୍ଥଳେ ତାଙ୍କୁ ଦଳରେ ସାମିଲ କରାଯିବା ନେଇ ମଧ୍ୟ ପ୍ରଶ୍ନ ହେବ। ଧୋନୀ, କାର୍ତ୍ତିକଙ୍କ ସମେତ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ମଧ୍ୟ ଦଳରେ ସାମିଲ ହୋଇଥିଲେ। ସେମିଫାଇନାଲରେ ଧୋନୀଙ୍କୁ ବ୍ୟାଟିଂ କ୍ରମରେ ପରିବର୍ତ୍ତନ କରି ତାଙ୍କୁ ନିମ୍ନକ୍ରମରେ ଖେଳାଇବା ମଧ୍ୟ ଆଶ୍ଚର୍ଯ୍ୟଜନକ ଥିଲା। ୫ ରନରେ ୩ ଉଇକେଟ ହରାଇ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ଧୋନୀଙ୍କୁ ୪ ନମ୍ବରରେ ଖେଳା ନ ଯାଇ ୭ ନମ୍ବରରେ ଖେଳାଯିବା ନେଇ ପ୍ରଶ୍ନ କରାଯିବ। ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର ଧୋନୀଙ୍କ ବ୍ୟାଟିଂ କ୍ରମ ନେଇ ନିଷ୍ପତ୍ତି ନେଇଥିଲେ। ଶାସ୍ତ୍ରୀଙ୍କୁ ମଧ୍ୟ ଏ ନେଇ ପ୍ରଶ୍ନ ପଚରାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆଗାମୀ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପର୍ଯ୍ୟନ୍ତ ଏବେକାର ୫ଜଣିଆ ଚୟନ କମିଟି କାର୍ଯ୍ୟ କରିବ। ଅନ୍ୟ ଚୟନକର୍ତ୍ତା ସରନଦୀପ ସିଂ ଓ ଦେବାଙ୍ଗ ଗାନ୍ଧୀ ମଧ୍ୟ ବୈଠକରେ ନିଜ ଆଡୁ ପର୍ଯ୍ୟାପ୍ତ ମତାମତ ଦେଇ ନ ଥିଲେ। ତେଣୁ ସବୁ ଦୃଷ୍ଟିକୋଣରୁ ବିଚାର ଆଲୋଚନା ହେବ ବୋଲି ସିଓଏ ତରଫରୁ କୁହାଯାଇଛି।

ଆୟୁଷ୍ମାନ, ପ୍ରତ୍ୟୁଷା ଟପ୍‌ସିଡ

ରାଜ୍ୟ ୯ବର୍ଷରୁ କମ୍ ଚେସ ଆରମ୍ଭ

ପ୍ରଥମ ଦିବସ ଖେଳ ଅବସରରେ ପ୍ରତିଯୋଗୀମାନେ।

କଟକ ଅଫିସ,୧୨।୭

ପୂର୍ବତଟ ରେଲୱେ ପ୍ରତିଷ୍ଠାନ ପରିସରରେ ରାଜ୍ୟ ୯ବର୍ଷରୁ କମ୍ ଚେସ ଚାମ୍ପିୟନଶିପ ଶୁକ୍ରବାର ଆରମ୍ଭ ହୋଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓପନ ବର୍ଗରେ ୮୩ ଓ ବାଳିକା ବର୍ଗରେ ୩୭ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ୧୦ଟି ଜିଲାରୁ ମୋଟ ୧୨୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୫ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଅଛନ୍ତି। ଓପନ ବର୍ଗରେ ପୁରୀର ଆୟୁଷ୍ମାନ ମହାନ୍ତି ଓ ବାଳିକା ବର୍ଗରେ କଟକର ପ୍ରତ୍ୟୁଷା ଜେନା ଟୁର୍ନାମେଣ୍ଟର ଟପସିଡ ଖେଳାଳି ଅଛନ୍ତି। କଟକ ଜିଲା ଚେସ୍ ସଂଘ ଓ ନିଖିଳ ଓଡ଼ିଶା ଚେସ୍ ସଂଘର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହେବ। ଶୁକ୍ରବାର ଖେଳାଯାଇଥିବା ୨ ରାଉଣ୍ଡ ଶେଷ ସୁଦ୍ଧା ଓପନ ବର୍ଗରେ ଆୟୁଷ୍ମାନ ମହାନ୍ତି, ପ୍ରତ୍ୟୁଷ ନାୟକ, ଶ୍ରୀୟାଂଶ ଦେ, ଆୟୁଷ ଆର୍ଯନ ମହାପାତ୍ର, ସ୍ୱସ୍ତିକ ଶୁଭମ ପଟ୍ଟନାୟକ, ତନ୍ମୟ ତଲିନ ବେହେରା, ଆଦିତ୍ୟ ବିକ୍ରମ ମିଶ୍ର, ସାଇ ଅମ୍ରିତ ପରିଜା, ବାଳିକା ବର୍ଗରେ ସାଇ ସମ୍ପ୍ରଦା ମହାନ୍ତି, ସାନିଧା ସ୍ୱାଇଁ, ଶ୍ରୁତି ସ୍ନେହି, ଶୁଭଶ୍ରୀ ରାଉତ, ଆୟୁଷି ଦାସ, ଜ୍ୟୋତିକା ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଶ୍ରଦ୍ଧା ମିଶ୍ର ୨ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ଅଛନ୍ତି। ରାଜେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ନିହାର ରଞ୍ଜନ ସାସମଲ ଖେଳ ପରିଚାଳନା କରୁଛନ୍ତି। ସେକ ମନସୂର ଅଲ୍ଲୀ, ସାହେବ ଅଖତାର ସହାୟତା କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତଟ ରେଳବାଇ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଡା. ସେକ ରହେମତୁଲ୍ଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଚେସ ସଂଘ ସଭାପତି ବିବେକ ତିବେରୱାଲ, ସମ୍ପାଦକ ରଞ୍ଜନ ମହାନ୍ତି, ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ଫନୀନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

ଜାତୀୟ ଉଡ୍‌ବଲ୍‌ରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୧୨।୭(କ୍ରୀଡ଼ା ପ୍ରତିନିଧି): ମହାରାଷ୍ଟ୍ରର ନାଗପୁରଠାରେ ଚଳିତମାସ ୧୪ରୁ ୧୭ ପର୍ଯ୍ୟନ୍ତ ୧୭ତମ ଜାତୀୟ ସିନିୟର ଉଡ୍‌ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶା ଦଳ ଶୁକ୍ରବାର ନାଗପୁର ଯାତ୍ରା କରିଛି। ଜି. ପ୍ରକାଶ ରାଓ(ଅଧିନାୟକ), ଉଲ୍ଲାସ ପରିଡ଼ା, ଶ୍ରୀକାନ୍ତ ସିଂ, ମହମ୍ମଦ ସାହିଲ କମାଲ, ସୁନୀଲ କୁମାର ଜେନା, ଦିବ୍ୟଜ୍ୟୋତି ନାୟକ, କୋଚ୍ ମହମ୍ମଦ ଅନସାର ଉଲ୍ ହକ୍, ଉପସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଦଳସହ ନାଗପୁର ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ ଉଡ୍‌ବଲ ଆସୋସିଏଶନ ସଭାପତି ଚିନ୍ମୟ କୁମାର ଦାସ, ସାଧାରଣ ସମ୍ପାଦକ ମହମ୍ମଦ ଆଜାମ ଓ ବାସୁଦେବ ଓଝା ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

୧୪ରେ ମୁମ୍ବାଇ ଫେରିବ ଟିମ୍ ଇଣ୍ଡିଆ

ଲଣ୍ଡନ,୧୨।୭(ପିଟି)

ଚଳିତ ବିଶ୍ୱକପ୍ ସେମିଫାଇନାଲରେ ପରାସ୍ତ ହୋଇଥିବା ଭାରତୀୟ ଦଳ ଆସନ୍ତା ରବିବାର ସ୍ୱଦେଶ ଫେରିବେ। ଦୁଇ ଦିନ ଧରି ମାଞ୍ଚେଷ୍ଟରଠାରେ ଖେଳାଯାଇଥିବା ସେମିଫାଇନାଲରେ ଭାରତୀୟ ଦଳ ୧୮ ରନ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାଜୟ ବରଣ କରିଥିଲା। ଭାରତୀୟ ଦଳର ଖେଳାଳିମାନେ ଅଲଗା ଅଲଗା ହୋଇଯାଇଛନ୍ତି। ସେମାନେ ଶନିବାର ଲଣ୍ଡନଠାରେ ଏକାତ୍ରିତ ହେବେ। ୧୪ ତାରିଖରେ ସମସ୍ତେ ଏକାସଙ୍ଗେ ଲଣ୍ଡନରୁ ମୁମ୍ବାଇ ଆସିବେ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ସମାନ ଦିନ ଖେଳାଯିବାର ଅଛି। ପୂର୍ବରୁ ଭାରତୀୟ ଖେଳାଳିମାନେ ଭିନ୍ନ ଭିନ୍ନ ସ୍ଥାନକୁ ଯିବା ନେଇ ଆଲୋଚନା ହେଉଥିଲା। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଉପରେ ସଭିଙ୍କ ନଜର ରହିବ। ସେ ମୁମ୍ବାଇରେ ପହଞ୍ଚିବା ପରେ ନିଜ ଭବିଷ୍ୟତ ଯୋଜନା ସ୍ପଷ୍ଟ କରିପାରନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ମଧ୍ୟ ନେଇପାରନ୍ତି। ୩୮ ବର୍ଷୀୟ କ୍ରିକେଟର ମୁମ୍ବାଇରୁ ରାଞ୍ଚି ଯିବେ। ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କ ବିଶ୍ୱକପ୍ ଆଭରେଜ ଥିଲା। ସେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ୫୦ ରନ୍ କରିଥିଲେ। ଏହା ତାଙ୍କ କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇପାରେ ବୋଲି ଆଶା କରାଯାଉଛି। ୨୦୦୭ ବିଶ୍ୱ ଟି୨୦ ଓ ୨୦୧୧ ଆଇସିସି ବିଶ୍ୱକପ୍ ଦଳର ଅଧିନାୟକଙ୍କୁ ଧୋନୀ ବ୍ୟାଟିଂ ଲାଗି ଏବେ ପ୍ରବଳ ସମାଲୋଚନାର ଶିକାର ହେବାକୁ ପଡ଼ିଛି।

Birthday Wish

Jayjeet (Jeet)
Wish you a magical Birthday
May this day bring you tons of Happiness and joy into your life.
Birthday wish from: Papa, Mama, Chachu, Chachi, Mausa, Mausi, Maa, Aae, Chintu, Pinu, Juhi, Rishi.
D-13387

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

Dibyanshu Parida (Joy)
ପବିତ୍ର ପୁନାବେଶ ତିଥି ରେ ମୋର ସାନ ନାତି ଆୟୁଷ୍ମାନ Dibyanshu (Joy) ର ଉଜ୍ଜ୍ୱଳ ଭବିଷ୍ୟତ ବିର୍ଘାୟୁ କାମନା କରି ପ୍ରଥମ ସ୍ୱନକ୍ଷତ୍ର ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କାମନା କରୁଛି।
'ଇତି' କେଜେମା: ଶ୍ରୀମତୀ ଶାନ୍ତିଲତା ପରିଡ଼ା, ସାନକେଜେ, ସାନ ମା, ଅଜା, ଆଈ, ବଡ଼ବାପା, ବଡ଼ବୋଉ, ବାପା, ମା, ଭାଇ ଓ ଭଉଣୀ ମାନେ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୧୩୩୮୧

୨୫ ତମ ବିବାହ ରୌପ୍ୟ ବାର୍ଷିକରେ ଶୁଭେଚ୍ଛା

ଜଗତ୍‌ସିଂହପୁର, ବାଲିକୁଦା, ନାଗପୁର ନିବାସୀ ଶ୍ରୀଯୁକ୍ତ ଶୈଳେନ୍ଦ୍ର କୁମାର ବିଶ୍ୱାଳ (ଇଂ) ଏବଂ ସହିତା ସ୍ୱାଇଁ (ଶିକ୍ଷୟିତ୍ରୀ) ଙ୍କ ୨୫ ତମ ଶୁଭ ବିବାହ ବାର୍ଷିକୀ ଉତ୍ସବରେ ସେମାନଙ୍କ ଜୀବନଧାରା ଈଶ୍ୱରଙ୍କ କୃପାରୁ ମଙ ଜଳମୟ ହେଉ, ଏହି ଶୁଭକାମନା ସହ: ନୃସିଂହ, ସୋନିଆ, ପ୍ରାଚୀ, ଓମ୍, ସତ୍ୟମ୍।
ଧ-୧୨୯୧୬

BODY LINE
Inspiring Fitness
Mega Monsoon Sale
UPTO 50% OFF*
ON ALL FITNESS EQUIPMENT
QUALITY ASSURED 100% Satisfactory Results LOWEST PRICE GUARANTEED
Motorised Treadmill T460 ₹ 49,900 ₹ 29,900
Multigym KH - 4700 ₹ 59,900 ₹ 39,900
Cross Trainer KH 690 ₹ 39,500 ₹ 21,900
Recumbent Bike KH 704 RB ₹ 28,700 ₹ 17,900
Vibra Plate V650 ₹ 28,900 ₹ 16,900
Massage Chair SLA 51 ₹ 1,78,000 ₹ 1,02,000
Leg Exerciser with Remote ₹ 13,650 ₹ 7,500
Reebok Fitness Accessories Flat 20% OFF
Easy installment schemes available
Low cost EMI
Interest free EMI
Powered by: BAJAJ FINS

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁଲାଇ ୧୩/୨୦୧୯ Sambalpur, Saturday, July 13 / 2019

ବର୍ଷାପାଣିରେ ବୁଡୁଛି ଅଣ୍ଡରବ୍ରିଜ୍

ଲାଞ୍ଜିଗଡ଼,୧୨।୭(ଡି.ଏନ.ଏ.)

ପୂର୍ବତଟ ରେଳପଥ ସମ୍ବଲପୁର ଡିଭିଜନ ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରେଳପଥର ବିଭିନ୍ନ ସ୍ଥାନରେ ନିର୍ମିତ ଅଣ୍ଡରବ୍ରିଜ୍ ଏବେ ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି। ଲୋକଙ୍କ ସୁବିଧାଜନକ ଯାତାୟାତ ପାଇଁ ନିର୍ମିତ ଏହି ଅଣ୍ଡରବ୍ରିଜ୍ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। କେତେକ ସ୍ଥାନରେ ଯୋଗାଯୋଗ ବନ୍ଦ ହୋଇଯାଇଛି। ସେଥିମଧ୍ୟରୁ ଏହି ରେଳପଥର ଜି. ରାମଚନ୍ଦ୍ରପୁର ପାସେଞ୍ଜର ହଲ୍ଟ ନିକଟରେ ନିର୍ମିତ ନୂତନ ଅଣ୍ଡରବ୍ରିଜ୍ ଯୋଗୁ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଗାଁ ଲୋକଙ୍କ ଯୋଗାଯୋଗ ବନ୍ଦ ହୋଇଯାଇଛି । ସାମାନ୍ୟ ବର୍ଷାରେ ଏହି ଅଣ୍ଡରବ୍ରିଜରେ ୩ ଫୁଟ୍ ପାଣି ଜମିବା ଦ୍ୱାରା ଲୋକଙ୍କ ସମସ୍ୟା ବୃଦ୍ଧି ପାଇଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସାମାଜିକ କର୍ମୀ ସୁଶୀଲ କୁମାର ବାଗ ଏହି ସମସ୍ୟାକୁ ନେଇ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଟୁଇଟ୍ କରିଥିଲେ। ବାଗ ଟୁଇଟ୍ କରିବା ପରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ତରଫରୁ ସମ୍ବଲପୁର ମଣ୍ଡଳ ପ୍ରବନ୍ଧକଙ୍କ ତରଫରୁ ଏହି ଅଣ୍ଡରବ୍ରିଜରୁ ବର୍ଷାଜଳ ନିଷ୍କାସନ ପାଇଁ ପମ୍ପ୍ ଲଗାଯାଇଛି ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଏଥିରେ ସତ୍ୟତା ନ ଥିବା ଦର୍ଶାଇ ବାଗ

ସମ୍ବଲପୁର ମଣ୍ଡଳ ପ୍ରବନ୍ଧକଙ୍କ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରାଯାଉଛି।

ପୁଣି କେନ୍ଦ୍ର ରେଳମନ୍ତ୍ରୀ ତଥା ସମ୍ବଲପୁର ପାଇଁ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ରେଳ ମଣ୍ଡଳଙ୍କୁ ରିଟୁଇଟ୍ କରିଥିଲେ। ଏହାପରେ ଶୁକ୍ରବାର ରେଳ ମନ୍ତ୍ରଣାଳୟ ନିର୍ଦ୍ଦେଶରେ ସିନିୟର ଡିଏଏନ୍ ରାଜୀବ କୁମାର, ଟିଟିଲାଗଡ଼ ଏଡିଏଏନ୍ କାଶୀ ଶାହ, ଜୁନିୟର ଇଞ୍ଜିନିୟର ଚିତ୍ତରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ ସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଡିଏଏନ୍ ରାଜୀବଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ମୋଟର ପମ୍ପ୍ ଲଗାଇ ବର୍ଷା ଜଳ ନିଷ୍କାସନ

- ରେଳମନ୍ତ୍ରୀଙ୍କୁ ଟୁଇଟ୍ ପରେ ତୁରନ୍ତ ପଦକ୍ଷେପ
- ସ୍ଥାୟୀ ସମାଧାନ ଦାବି କଲେ ଜନସାଧାରଣ

ହୃଦୟଙ୍ଗମ କରିଥିଲେ। ଏ ସମ୍ପର୍କରେ ଉପରିସ୍ଥ କର୍ମକର୍ତ୍ତାଙ୍କୁ ଜଣାଇବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ରେଳ ବିଭାଗ ହାତବାନ୍ଧି ବସି ରହିଥିବାବେଳେ ଠିକାଦାରଙ୍କ ନିମ୍ନମାନର କାମକୁ ମଧ୍ୟ ଆଖି ବୁଜି ଦେଇଥିଲେ। କିନ୍ତୁ ସାମାଜିକ କର୍ମୀ ବାଗଙ୍କ ଦ୍ୱାରା ରେଳମନ୍ତ୍ରୀଙ୍କ ଟୁଇଟ୍ ପରେ ତୁରନ୍ତ ପଦକ୍ଷେପ ନିଆଯାଇଛି। ଦେଇଥିଲେ। ବଡ ବର୍ଷା ହେଲେ ମୋଟର ପମ୍ପ୍ ମଧ୍ୟ କାମରେ ଲାଗିବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଥିଲେ ।

ସେହିପରି ଜି. ରାମଚନ୍ଦ୍ରପୁର ପାସେଞ୍ଜର ହଲ୍ଟର ପଶ୍ଚିମ ଦିଗରେ ଥିବା ଟେକରତୋଳା ଅଣ୍ଡରବ୍ରିଜ୍ ମଧ୍ୟ ଲୋକଙ୍କୁ ହଇରାଣ କରିବ ବୋଲି ଅଭିଯୋଗ କରିବା ପରେ ରାଜୀବ ଏହାକୁ ମଧ୍ୟ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ନିର୍ମାଣଜନିତ ତ୍ରୁଟି ଓ ଭୁଲ୍ ଡିଜାଇନିଂ ଯୋଗୁ ଏହି ଦୁଇଟି ଅଣ୍ଡରବ୍ରିଜ୍ କାମରେ ଆସି ପାରୁନାହିଁ ବୋଲି ଅଧିକାରୀମାନେ ଏହାସହ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ରେଳ ବିଭାଗ ଅଧିକାରୀଙ୍କ ଗସ୍ତ ବେଳେ ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ସମିତି ସଦସ୍ୟ ଚିତ୍ରସେନ ମାଝି, ପୂର୍ବତନ ସରପଞ୍ଚ କେତକୀ ମାଝି, ଶିକ୍ଷାବିତ୍ ଚକ୍ରଧର ପଣ୍ଡା, ପ୍ରସନ୍ନ ମିଶ୍ରଙ୍କ ସମେତ କିଶୋର ପୁରୋହିତ, ମନୋଜ ବେହେରା, ଅକ୍ଷୟ ସାହୁ, ଶମ୍ଭୁପ୍ରସାଦ ସାହୁ, ପ୍ରଭାତ ରଞ୍ଜନ ବେହେରା, ଲମ୍ବୋଦର ପତି, ବୀରେନ କୁମାର ପଣ୍ଡା ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା

ଜଣେ ମୃତ, ୨ ଗୁରୁତର

ମନମୁଣ୍ଡା, ୧୨।୭ (ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଡାକ୍ତରଖାନା ନିକଟସ୍ଥ ଦୁମଦୁମି ନାଳ ପାଖରେ ଦୁଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ଜୟମଙ୍ଗଳପ୍ରସାଦ ଗ୍ରାମର ପ୍ରତାପ ଜୁଝାର ସିଂଙ୍କ ପୁଅ ଦିବାକର ଓରଫ ରାକେଶ ସିଂ(୧୯) । ଏହି ଦୁର୍ଘଟଣାରେ ଦଶପଲ୍ଲା ମଧ୍ୟଖଣ୍ଡ ଗାଁର ରାଜେଶ ନାଏକ (୩୦) ଏବଂ ଉତ୍ତରପ୍ରଦେଶ ବାଲିଆ ଜିଲା ମନିଅର ଥାନା ନିପାନିଆ ଗ୍ରାମର ହରିକେଶ ଯାଦବ (୨୫) ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମନମୁଣ୍ଡା ପୋଲିସ ଏ ନେଇ ଏକ ମାମଲା (ନଂ. ୧୨୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ସାଢ଼େ ୩ଟା ସମୟରେ ମନମୁଣ୍ଡା ପଟରୁ ବୌଦ୍ଧ ଅଭିମୁଖେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବୋଝେଇ ଟ୍ରକ (ନଂ.ଆରଜେ୩୧ଜିଏ ୮୯୦୬) ଯାଉଥିଲା । ଏହି ସମୟରେ ଖୋର୍ଦ୍ଧାରୁ ବଲାଙ୍ଗୀର ଆସୁଥିବା ବିଦେଶୀ ମଦ ବୋଝେଇ ଟ୍ରକ (ନଂ.ଓଆର୍୦୫ଏଡି ୨୫୨୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମଦ ବୋଝେଇ ଟ୍ରକ୍ ଚଳାଉଥିବା ଉକ୍ତ ଗାଡିର ହେଲପର ଦିବାକରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ମନମୁଣ୍ଡା ପୋଲିସ ଘଟଣାସ୍ଥଳକୁ ଯାଇ ଆହତଦ୍ୱୟଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲା ।

ବୃଦ୍ଧାଙ୍କୁ ଗଣବଳାତ୍କାର

ବଡଗାଁ,୧୨।୭(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଇତମା ଝରମୁଣ୍ଡା ଅଞ୍ଚଳରେ ଜଣେ ୬୫ ବର୍ଷୀୟା ବୃଦ୍ଧାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ଥାନାରେ ଏକ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ୯ ତାରିଖ ରାତି ପ୍ରାୟ ୮ଟାରେ ବୃଦ୍ଧା ଜଣକ ପଡୋଶୀ ଘରକୁ କୌଣସି କାମରେ ଯାଇଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ୨ଜଣ ବ୍ୟକ୍ତି ବୃଦ୍ଧାଙ୍କୁ ଅଟକାଇ ନିକଟସ୍ଥ ସ୍କୁଲକୁ ଟେକି ନେଇ ବଳାତ୍କାର କରିଥିଲେ। ଅନ୍ୟପକ୍ଷେ ବୃଦ୍ଧା ଜଣକ ୧୦ ତାରିଖ ସକାଳେ ଏକ ବିଲରେ ଅଚେତ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ଏନେଇ ପରିବାର ଲୋକେ ବଡଗାଁ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୦୧/୧୯) ରୁଜୁ କରି ଘଟଣା ତଦନ୍ତ ଚଳାଇଛି। ହେଲେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ହୋଇଯାଇଛି। ସୂଚନାଯୋଗ୍ୟ, ଗତ ୨ ସପ୍ତାହ ତଳେ ଶଙ୍କରାପୋଷ ଅଞ୍ଚଳର ଜଣେ ବୃଦ୍ଧାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା।

ସେଲ୍‌ଫି କର୍ନର

ଲକ୍ଷ୍ମୀକାନ୍ତ

ସୌରଭ

ୟାଦବ

ବିକାଶ

ସେଲ୍‌ଫି ଭଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ନିଜର ଦଦ୍‌ରା କୁରିଆ ଆଗେ ଦିବ୍ୟାଙ୍ଗ ଦମ୍ପତି।

■ ଚରମ ସୀମାରେ ପରଶାସନିକ ଅବହେଳା

ଭଂଗା କୁରିଆରେ ଜୀବନ୍ ବିତଉଛନ୍ ଅଁଧ୍ ଦମ୍ପତି

ଭବାନୀପାଟଣା,୧୨।୭ (ଡି.ଏନ୍.ଏ.)

ଗରିବ୍ ଦୁଖି, ବିଧବା, ଦିବ୍ୟାଙ୍ଗମାନଙ୍କର ଲାଗି ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଅନେକ ଯୋଜନା କରିକୋଟି କୋଟି ଟଙ୍କା ଖରଚ୍ କରୁଛନ୍ତ। ହେଲେ ସରକାରୀ ସର୍ଭେରେ ଭୁଲଭଟକା, ଅଧିକାରୀମାନଙ୍କର ବେପରୁଆ କାମକାଜ୍ ଲାଗି ଅନେକ ଜାଗାରେ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ ପାଏବାରୁ ବଂଚିତ୍ ହେଉଛନ୍। ଏନ୍‌ତା ଗୁଟେ ସରକାରୀ ଅଧିକାରୀମାନଙ୍କର ଚରମ ଅବହେଲାର ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା। କଲମପୁର ବ୍ଲକ ମଣ୍ଡଳ ପ�ଂଚେତ୍ ଅଧୀନ ଭାଟିଗାଁରେ।

ସୂଚନା ଅନ୍‌ସାରେ ଭାଟିଗାଁର ଦିବ୍ୟାଙ୍ଗ ଦମ୍ପତି ହେଉଛନ୍ ଚୈତନ୍ୟ ଭୋଇ ଆର ମାଏକିନା ଅଞ୍ଜନା ଭୋଇ। ଇ ଦିବ୍ୟାଙ୍ଗ ଦମ୍ପତି ଗୁଟେ ଗାଁର ଆର ଜନ୍‌ମୁ ଅଁଧ୍ ହେଇଥିଲାବେଳେ ପରିବାରର ସହମତିରେ ବିହାଚୁରା ହେଇ ଘର ସଂସାର କରିଛନ୍। ଚୈତନ୍ୟ କଳାହାଣ୍ଡି ଜିଲା ଅନ୍ଧ ମୂକ ବଧିର ସ୍କୁଲରେ ୭ ଶ୍ରେଣୀ ତକ୍ ପଢ଼ିଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଳେ ଆଏଜ୍ ବି ଦିବ୍ୟାଙ୍ଗ ଦମ୍ପତି ଅନେକ ସରକାରୀ ଯୋଜନାରୁ ବଂଚିତ୍ ହେଇ ରହିଛନ୍। ଦମ୍ପତିକେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ ଆର ଚୈତନ୍ୟକେ ମାସିକ ୬ଶହ ଟଂକା ଭିନ୍ନକ୍ଷମ ଭତା ମିଳୁଛେ ସତ୍। ହେଲେ ଅଞ୍ଜନା ଆଏଜ୍ ବି ଦିବ୍ୟାଙ୍ଗ ଭତା ପାଏବାରୁ ବଂଚିତ୍ ହେଇ ରହିଛନ୍। ଏହେଦେ ଇ ଦମ୍ପତି ପାଉଥିବାର ସରକାରୀ ସାହାଯ୍ ତାକର ପେଟକେ ଅଁଟ୍‌ଲେ ଦିହିକେ ନାଇଁ। ସେନ୍‌ତା ଅଭାବ ଅନାଟନ ଲାଗି ଦୁଇ ପରାନୀ ଗୁଟେ ଭଂଗା ଦଦ୍‌ରା କୁରିଆରେ ଜୀବନ୍‌କେ ପାଏନ୍‌ଛଡ଼େଇ ରହୁଛନ୍। ଭିନେ ଭିନେ ସମିଆରେ ସରକାରୀ ସୁବିଧା ସୁଯୋଗ ଲାଗି ଇ ଦମ୍ପତି ୱାର୍ଡ ମେମ୍ବରନୁ ମୂଲ କରି ବିଧାୟକ, ଏମ୍.ପି. ଆର ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀକଁରନୁ ଜିଲାପାଳକଁର ତକ୍ ଗୁହାରି କରି ନିରାଶ ହେଇଛନ୍। ଦିନାକେତେ ତଳେ କଲମପୁରେ ଅନୁଷ୍ଠିତ ହେଇଥିବାର ଜିଲାପାଳକଁର ଜନ ଅଭିଯୋଗ ଶୁନାନି ଶିବିରରେ ଇ ଦିବ୍ୟାଙ୍ଗ ଦମ୍ପତି ନିଜର ଦୁଖ୍ ଗୁହାରିଥିଲେ। ଜିଲାପାଳ ରେଡକ୍ରସରୁ ୩ ହଜାର ଟଂକା ସଂଗେ ଦମ୍ପତିକେ ଗୁଟେ ଘର ଯୁଗେଇ ଦେବାକେ ବିଡିଓକୁଁ ନିରଦେଶ ଦେଇଥିଲେ। ସେନ୍‌ତା ଘର ତିଆରି ଆଗରୁ ଦମ୍ପତିକେ ଗୁଟେ ପଲିଥିନ୍ ଦେବାକେ ଜିଲାପାଳ ତହସିଲଦାରକୁଁ ପରାମଶ ଦେଇଥିଲେ। ହେଲେ ଦୁଖର କଥା ଜନ ଅଭିଯୋଗ ଶୁନାନିକେ ଆଏଜ୍‌କେ ଅନେକ ଦିନ୍ ବିତିଯାଇଥିଲେ ବି ଜିଲାପାଳ ବିଡିଓ ଆର ତହସିଲଦାରକୁଁ ଦେଇଥିବାର ନିରଦେଶ ପାନିର ଗାର ପାଲଟିଯାଇଛେ। ଦିବ୍ୟାଙ୍ଗ ଦମ୍ପତି ଆଏଜ୍‌ତକ କେହେନ୍‌ସି ପରକାର ସାହାଯ୍ ନାଇଁ ପାଇପାରି। ଏହେଦେ ଇ ଦମ୍ପତି ଉପେ ଶୂଇନ୍ ହେଇ ନିଜର ଭାଏଗ୍‌କେ ଆଦ୍‌ରି ଆସର ପାସର ଗାଁରେ ଭିଖ୍‌ମାଗି ନିଜର ପେଟ ପାଲୁଛନ୍। ଇ ବାବ୍‌ଦେ ବିଡିଓ ହେମସାଗର ଭୋଇକୁଁ ପଚରାଲାରୁ ଏସଇସିସି ତାଲିକାରେ ଚୈତନ୍ୟକଁର ନାଁ ନାଁଇଁନ। ଯେନ୍‌ଥିରଲାଗି ଆବାସ ଯୋଜନାରେ ଘର ଯୁଗେଇ ଦେବାରେ ଅସ୍‌ବିଧା ହେଉଛେ। ହେଲେ ଯେତେ ଜଲଦି ହେବା ତାହାକୁ ଘରଖଁଡ଼େ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।
- ରାମାନୁଜ

ସଂକ୍ଷେପରେ

ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

ନୂଆପଡା ଅଫିସ,୧୨।୭- ନୂଆପଡା ଜିଲା ଲଖନା ଥାନା ଟେଙ୍ଗନାବସା ଗାଁର ଖୁସିରାମ ମାଝି (୪୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଗାଁରେ ଥିବା ବିଜୁଳୀ ତାର ଛିଣ୍ଡି ତଳେ ପଡିଥିଲା । ଖୁସିରାମ ଘରୁ ବାହାରି ରାସ୍ତାକୁ ଯିବା ବେଳେ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଲଖନା ଥାନା ପୋଲିସ ମୃତଦେହ ଜବତ କରିଥିବାବେଳେ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି । ଗରିବ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।

ଲୋକ ସଭାରେ ବରଗଡ଼ ଏମ୍‌ପିଙ୍କ ଦାବି

ଓଡ଼ିଶାକୁ ଗୋଟିଏ ରେଲୱେ ଜୋନ୍‌ରେ ରଖାଯାଉ

ନୂଆଦିଲ୍ଲୀ,୧୧।୭

ଓଡ଼ିଶାର ସମସ୍ତ ରେଲୱେ ଷ୍ଟେଶନକୁ ଗୋଟିଏ ଜୋନ୍‌ରେ ରଖିବା ଲାଗି ଭାଜପାର ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଛନ୍ତି। ଲୋକ ସଭାରେ ରେଳ ଅନୁଦାନ ସମ୍ପର୍କରେ ଆଲୋଚନା ଚାଲିଥିବାବେଳେ ଓଡ଼ିଶାକୁ ପୂର୍ବତଟ ରେଲୱେରେ ରଖିବାକୁ ସେ ଦାବି କରିଥିଲେ। ସେ କହିଥିଲେ, ବରଗଡ଼ ନିର୍ବାଚନ ମଣ୍ଡଳୀର ଗୋଟିଏ ଭାଗ ପୂର୍ବତଟ ରେଲୱେରେ ରହିଥିବାବେଳେ ଅନ୍ୟଭାଗଟି ଦକ୍ଷିଣ- ପୂର୍ବ ରେଲୱେର ବିଳାସପୁର ଡିଭିଜନରେ ରହୁଛି। ସାରା ଓଡ଼ିଶାର ରେଲୱେ ଷ୍ଟେଶନକୁ ଗୋଟିଏ(ପୂର୍ବତଟ) ଜୋନରେ ରଖିଲେ ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଏଥିସହ ପୂଜାରୀ ବରଗଡ଼ରୁ ନୂଆପଡ଼ା ଭାୟା ବିଜାପୁର ଓ ପଦମପୁର ନୂଆ ରେଳଲାଇନ କାମ ଆରମ୍ଭ କରିବା ଓ ଝାରସୁଗୁଡ଼ାକୁ ରେଲୱେ ଡିଭିଜନ କରିବା ଲାଗି ସେ କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

ଲାଞ୍ଚ ନେଇ ଅତିରିକ୍ତ ତହସିଲଦାର ଗିରଫ

ବଲାଙ୍ଗୀର ଅଫିସ
୧୨।୭(ଡି.ଏନ.ଏ.)

ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଦେଓଗାଁ ତହସିଲର ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ଚୌଧୁରୀଙ୍କୁ ଶୁକ୍ରବାର ଭିଜିଲାନ୍ସ ଟିମ୍ ଗିରଫ କରିଛି। ସରକାରୀ ଲିଜ୍ ସ୍ଥାନରୁ ବାଲି ଉଠାଣ ଓ ସ୍ଥାନାନ୍ତରଣ ପାଇଁ ଟ୍ରାନ୍ସିଟ୍ ପାସ୍‌ବୁକ୍ ଇସ୍ୟୁ କରିବା ପାଇଁ ବୀରେନ୍ ଦଲାଇ ନାମକ ଜଣେ ବ୍ୟକ୍ତି ଅତିରିକ୍ତ ତହସିଲଦାର ଚୌଧୁରୀଙ୍କୁ ନିବେଦନ କରିଥିଲେ। ଏହା ଇସ୍ୟୁ କରିବାକୁ ଚୌଧୁରୀ ୨୦ହଜାର ଟଙ୍କା ଦାବି କରିଥିଲେ। ବୀରେନ୍ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସେ ୨୦ହଜାର ଟଙ୍କା ଚୌଧୁରୀଙ୍କୁ ଦେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା।

ଶମ୍ବର ଶିକାର ଘଟଣା

ପୁଣି ୨୩ଜଣଙ୍କୁ ଗିରଫ କଲା ବନବିଭାଗ

ନୂଆପଡା ଅଫିସ/ଖଡିଆଳ, ୧୨।୭

ବନ ବିଭାଗ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନେ ।

ଗିରଫ ସଂଖ୍ୟା ୨୮ରେ ପହଞ୍ଚିଲା

ନୂଆପଡା ଜିଲା ଖଡିଆଳ ବନଖଣ୍ଡ ଅଧୀନ ବୋଡେନ ଥାନା ଅଞ୍ଚଳର ଡଣ୍ଡେଇବସା ଏବଂ ଟେମରୀ ଗାଁରେ ଏକ ସମ୍ବରକୁ ମାରି ମାଂସ ଭାଗ ବଣ୍ଟା କରୁଥିବାବେଳେ ବୋଡେନ ଫରେଷ୍ଟ ବିଭାଗ ପ୍ରଥମ ଦିନରେ ୫ ଜଣଙ୍କୁ ଗିରଫ କରିଥିବାବେଳେ ପୁଣି ୨୩ ଜଣଙ୍କୁ ଗିରଫ କରାଯାଇଛି । ଫଳରେ ଗିରଫ ସଂଖ୍ୟା ୨୮ରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଗତ ବୁଧବାର ଡଣ୍ଡେଇସା ଏବଂ ଟେମରୀ ଗାଁ ମଝିରେ ଏକ ସମ୍ବର ପାଣି ପିଇବାକୁ ଚାଲିଆସିଥିଲା । ଏହାକୁ ଦେଖି ଗ୍ରାମବାସୀ ତାକୁ ମାରି ମାଂସ କାଟିଥିଲେ। ପରେ ଭାଗବଣ୍ଟା କରୁଥିବା ସମୟରେ ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ଗାଁରେ ଚଢାଉ କରିଥିଲା । ସେହି ଦିନ ୫ଜଣଙ୍କୁ ଗିରଫ କରିଥିବାବେଳେ ପୁଣି ଗୁରୁବାର ସନ୍ଧ୍ୟାରେ ୨୩ଜଣଙ୍କୁ ଗିରଫ କରାଯାଇ ଶୁକ୍ରବାର ପୂର୍ବାହ୍ନରେ କୋର୍ଟ ଚାଲାଣ କରାଯାଇଛି ।

ବେକରେ ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା: ପ୍ରେମିକଙ୍କୁ ଦାୟୀ କଲେ ଯୁବତୀ

ନୂଆପଡା ଅଫିସ,୧୨।୭

ନୂଆପଡା ଜିଲା ବେଲଗୁକୁରୀ ଥାନା ଅନ୍ତର୍ଗତ ଆମୋଦି ଟାଣ୍ଡାପଡାର ସୁନିତା ନାଏକ (୧୯) ନାମ୍ନୀ ଜଣେ ଯୁବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ବିବରଣୀମତେ ଗୁରୁବାର ରାତି ଘରେ ସମସ୍ତେ ଶୋଇପଡିବା ପରେ ସୁନୀତା ଉପର ମହଲାକୁ ଚଢିଯାଇ ସେଠାରେ ଛାତରେ ଏକ ରସିଲଗାଇ ଆତ୍ମହତ୍ୟା କରିଥିଲେ । ସକାଳେ ପରିବାର ଲୋକ ସେଠାକୁ ଯାଇ ଦେଖିବାବେଳକୁ ତାଙ୍କ ମୃତଦେହ ଝୁଲି ରହିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ସେଠାରୁ ଏକ ସୁଇସାଇଡାଲ ନୋଟ ମଧ୍ୟ ଉଦ୍ଧାର କରିଛି । ଯୁବତୀଙ୍କ ସହ ସେହି ଗାଁର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଯୁବତୀଙ୍କ ପରିବାର ଲୋକଙ୍କ ଅରାଜି ସତ୍ତ୍ୱେ ଯୁବକ ଜଣକ ବାରମ୍ବାର ବିବାହ କରିବାକୁ ବାଧ୍ୟ କରୁଥିଲେ । ଅନନ୍ୟୋପାୟ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ସୁନୀତା ଚିଠିରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଯୁବକଙ୍କୁ ଦାୟୀ କରିଥିବା ପ୍ରକାଶ । ପୋଲିସ ଏ ସମ୍ପର୍କରେ ସବିଶେଷ ତଦନ୍ତ ଚଳାଇଛି।

ସୁଇସାଇଡାଲ ନୋଟ ଉଦ୍ଧାର

NOTICE

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ.MSM-BIOTOILET-SBP-19

କାର୍ଯ୍ୟର ନାମ : ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର କୋଚିଙ୍ଗ୍ ଡିପୋ ର କୋଚ୍‌ଗୁଡ଼ିକରେ ଜୈବ-ଶୌଚାଳୟ (DRDE ଟାଇପ୍) ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଚୁକ୍ତି (AMOC) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,47,15,347.80, **EMD (ଟଙ୍କାରେ)** : 2,73,600/-, **ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ)** : 11,800/-, **କାର୍ଯ୍ୟ ଶେଷ ହେବା ଅବଧି** : 03 (ତିନି)ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.08.2019 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ୍ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ)
PR-227/K/19-20 ସମ୍ବଲପୁର

Odisha State PSUs Employees Welfare Society
1st Floor, IDCOL House, Near IG Park, Bhubaneswar

Group Health Insurance Scheme – KALYANI

A boon for State Government and State owned PSU Employees for Better Health care facilities in time of need.

A Group Health Insurance Policy **KALYANI** implemented by **Odisha State PSUs Employees Welfare Society (OSPEWS)** has been a great success for extending health care facilities to more than 10,300 employees, retired employees and members of the OSPEWS since last three years.

For the year 2019-20, Star Health Insurance is the coverage provider to the members of OSPEWS.

Who are eligible for membership:
- All serving Government officials/PSU Employees/Outsourced / Contractual Employees/Retired employees
- Onetime fee of Rs.500/- applicable per family.
- Insurance coverage is available till the age of 80 years.

Policy Highlights with unique features:
- Coverage from Birth - 80 years
- Coverage for family of 6 persons - Husband + wife, 2 children & parents / Parents in law.
- Annual coverage up to 5 Lakhs per family.
- Coverage from day one.
- Cashless claim settlement with hospitals and reimbursement.
- Pre-hospitalisation for 30 days/post hospitalisation benefit for 60 days.
- Day care treatment in hospitals.
- Maternity benefit for women employees admissible without any waiting period.
- Cataract, hernia and hysterectomy up to Rupees one lakh.

How the Insurance claims can be made and settled:
- Star Health Insurance is the Partner Company to settle all medical claims as per procedure.
- Mobile app & SMS facility for communication with Star Health Insurance
- Yearly premium of Rs. 14,500/- per family.
- Bank loan facility is available for payment, if required. Bank will pay your premium up front and recover over one year period.
- 6500 Speciality hospitals of country are currently empanelled.

For more details please refer policy document.
Contact Person:- Sri P.K.Pattanaik, Executive Director, OSPEWS, IDCOL House, Near Indira Gandhi Park, Bhubaneswar, Mob:9776854108

ODISHA JOINT ENTRANCE EXAMINATION-2019 (OJEE - 2019)

No: 322/OJEE19 **Date: 12.07.2019**

NOTICE

Schedule of Medical Board for Physically Challenged (PC) Candidates of MBA/MCA/LE-MCA/M.TECH/M.ARCH/M.PLAN/ M.PHARM and B.PHARM rank holders of OJEE2019

The Physically Challenged **(PC)** Category Candidates under MBA/MCA/LE-MCA/M.TECH/M.ARCH/M.PLAN/M.PHARM and B.PHARM of OJEE2019 rank holders, who are interested to take admission in **PC** Category OJEE 2019 Counselling are required to attend the Medical Board at **LT – II, SCB Medical College, Cuttack on 18-07-2019 at 10.00 AM.** Candidates are required to bring their **Admit Card /Rank Card and Photo Identity** to the Medical Board. Decision of Medical Board is final and binding. Admission to PC category will be made only as per the result of this board.

Sd/-
CHAIRMAN, OJEE

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ

ସାମାଜିକ ସମୀକ୍ଷା MGNREGA ଏବଂ NSAP ବର୍ଷ ୨୦୧୯-୨୦

ଗ୍ରା.ପ	ତାରିଖ	ଗ୍ରାମସଭା
ବଡ଼ସାଇମରା, ବାନ୍ଧୁପଲା, ଚଲକି		
ଚଣାବାହାଲ, ଇଚ୍ଛାପଡ଼ା, ଗୁଡିଘାଟ	୧୬-୨୯ ଜୁଲାଇ ୨୦୧୯	୩୧ ଜୁଲାଇ
ମୁରିବାହାଲ, ଲଖନା, ପତ୍ରାପାଲି-ଖ		
ଗଡ଼ଗଡ଼ବାହାଲ	୦୨-୧୬ ଅଗଷ୍ଟ ୨୦୧୯	୨୦ ଅଗଷ୍ଟ
ପତ୍ରାପାଲି-କ	୦୨-୧୪ ଅଗଷ୍ଟ ୨୦୧୯	୧୬ ଅଗଷ୍ଟ
ହଳଦୀ, ଗଁରେଇ, ଗୋଇମୁଣ୍ଡ, ଲେବଡ଼ା		
ବାଙ୍କେଲ, ଡଙ୍ଗରପଡ଼ା	୨୧-୦୫ ସେପ୍ଟେମ୍ବର ୨୦୧୯	୦୬ ସେପ୍ଟେମ୍ବର
ବେଲପଦର, ବିଟାବନ୍ଧ, ମାଲିଶିରା		
ଟୁପାଉଡ଼ାର, ତେନ୍ତୁଳିଖୁଣ୍ଟି	୦୭-୨୦ ସେପ୍ଟେମ୍ବର ୨୦୧୯	୨୩ ସେପ୍ଟେମ୍ବର

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁରିବାହାଲ ବ୍ଲକ

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝାରବନ୍ଧ

ପତ୍ର ସଂଖ୍ୟା: ୮୪୪ ତା।୦୭।୨୦୧୯

ଏତଦ୍‌ଦ୍ୱାରା ଝାରବନ୍ଧ ପଞ୍ଚାୟତ ସମିତିର ବରଷାଧାରଣଙ୍କ ଅବଗତି ପାଇଁ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୮-୧୯ (୧ ଏପ୍ରିଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯) ଆର୍ଥିକ ବର୍ଷରେ ସାମାଜିକ ପରୀକ୍ଷଣ ପ୍ରକଳ୍ପ ଚୁକ୍ତିବଦ୍ଧ ଶତ ପ୍ରତିଶତ ମଷ୍ଟରରୋଲର ଯାଞ୍ଚ ତଥା ପ୍ରାମାନସ୍ୱ ଯାଚନା (NSAM) ୨୦୧୮-୧୯ ବାବଦରେ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ ଗ୍ରା.ପ ଗୁଡ଼ିକରେ ସାମାଜିକ ସମୀକ୍ଷା ପାଇଁ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରା.ପ କାର୍ଯ୍ୟାଳୟମାନଙ୍କରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବେ। ଉକ୍ତ ଗ୍ରାମସଭା ଓ ସାମାଜିକ ସମୀକ୍ଷା ସମୟରେ ଜବ୍‌ସିଚିବ/ଜବ୍ ସାମାଜିକ ସମୀକ୍ଷକ ଏବଂ ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / ଜବ୍‌ସିଚିବ/ଜବ୍ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ଜୁନ ସାମାଜିକ ପରୀକ୍ଷକ / ଗ୍ରାମ ସାଧାରଣ ସଭାରେ ଉପସ୍ଥିତ ରହି ସମସ୍ତ ସେବା ସେବେର୍ଡ ତଥା ଅନ୍ୟାନ୍ୟ କାଗଜପତ୍ର ଉପସ୍ଥାପନ କରିବେ।

ଏହି ସଭାରେ ଉକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସବ୍ୟ/ସବ୍ୟା/ସ୍ୱୟଂ ସହାୟକ ଗୋଷ୍ଠୀ/ସେଚ୍ଛାସେବୀ ଅନୁଷ୍ଠାନ/ଜିର୍ବାଳିତ ପ୍ରତିନିଧି/ଯୁବକ-ଯୁବତୀ ଏବଂ ବରିଷ୍ଠ/ବୃଦ୍ଧାଙ୍କୁ ଶ୍ରମିକମାନଙ୍କୁ ଜିର୍ବାଚିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନ ତଥା ମଷ୍ଟରରୋଲର ଯାଞ୍ଚ ବାବଦକୁ ବସ୍ତୁତଥ୍ୟ ଜଣାଇବେ ଏବଂ ସାମାଜିକ ସମୀକ୍ଷା କରିବେ।

ନିମ୍ନ ପ୍ରବଲ କାର୍ଯ୍ୟସୂଚୀ ମତେ ଉକ୍ତ ପଞ୍ଚାୟତ ସମିତି ତରଫରୁ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ

କ୍ର.ନଂ.	ଗ୍ରା.ପ.ର ନାମ	ସାମାଜିକ ସମୀକ୍ଷା ତାରିଖ	ସମୟ	ସ୍ଥାନ	ଗ୍ରାମସଭା ତାରିଖ	ଜନଶୁଣାଣି	ନୋଡାଲ ଅଫିସର
୧	ବୁଢୁପାଲି, ଝାରବନ୍ଧ, ବଲା	୨୩।୦୭।୧୯ରୁ ୨୯।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୭।୧୯	୨୬।୭।୧୯	ସମ୍ବୁଲ ଗ୍ରାମ ରୋଜଗାର ସେବକ / ଜବ୍‌ସିଚିବ/ଜବ୍ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ପ୍ରାଧିକୃତ ଅଧିକାରୀ
୨	ଅମଠି, ବିଜାପୁର	୩୦।୦୭।୧୯ରୁ ୧୩।୦୮।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୧୪।୦୮।୧୯		ସମ୍ବୁଲ ଗ୍ରାମ ରୋଜଗାର ସେବକ / ଜବ୍‌ସିଚିବ/ଜବ୍ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ପ୍ରାଧିକୃତ ଅଧିକାରୀ
୩	ଲଭଡ଼ିବର୍ସା, ରୋପୁଝୁରା, ଜଯାବନ୍ଧର	୧୦।୦୮।୧୯ରୁ ୨୯।୦୮।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୮।୧୯		ସମ୍ବୁଲ ଗ୍ରାମ ରୋଜଗାର ସେବକ / ଜବ୍‌ସିଚିବ/ଜବ୍ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ପ୍ରାଧିକୃତ ଅଧିକାରୀ
୪	ଭଲାଡଙ୍ଗରା, ଭେଲିବାର୍ସା, ଜଯବନ୍ଧପୁର	୦୩।୦୮।୧୯ରୁ ୧୮।୦୮।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୧୯।୦୮।୧୯	୨୬।୭।୧୯	ସମ୍ବୁଲ ଗ୍ରାମ ରୋଜଗାର ସେବକ / ଜବ୍‌ସିଚିବ/ଜବ୍ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ପ୍ରାଧିକୃତ ଅଧିକାରୀ
୫	ଛୋଟଅନରା, ଚକ୍ତିଭଲା	୨୦।୦୮।୧୯ରୁ ୦୩।୧୦।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୦୪।୧୦।୧୯		ସମ୍ବୁଲ ଗ୍ରାମ ରୋଜଗାର ସେବକ / ଜବ୍‌ସିଚିବ/ଜବ୍ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ପ୍ରାଧିକୃତ ଅଧିକାରୀ
୬	ଭୁମିର	୨୦।୦୮।୧୯ରୁ ୧୮।୦୯।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୯।୧୯		ସମ୍ବୁଲ ଗ୍ରାମ ରୋଜଗାର ସେବକ / ଜବ୍‌ସିଚିବ/ଜବ୍ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ପ୍ରାଧିକୃତ ଅଧିକାରୀ

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଝାରବନ୍ଧ

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଟଲି, ବରଗଡ଼

ବିଜ୍ଞାପନ ସଂଖ୍ୟା: ୧୨୨୩ ତା: ୧୦।୭।୨୦୧୯

ଏତଦ୍‌ଦ୍ୱାରା ଭଟଲି ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଥିଲି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା ଯୋଜନା(NSAP)ର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ଜୁବ୍‌ସିଚିବ ପଞ୍ଚାୟତ ଅଫିସରଙ୍କ ଦ୍ୱାରା ପ୍ରବଳ ମଷ୍ଟରରୋଲ ଯାଞ୍ଚ ବାବଦକୁ ବସ୍ତୁତଥ୍ୟ ସମ୍ବଳିତ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବେ। ଉକ୍ତ ଗ୍ରାମସଭା ଓ ସାମାଜିକ ସମୀକ୍ଷା ସମୟରେ ଜବ୍‌ସିଚିବ/ଜବ୍ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ଜୁନ ସାମାଜିକ ପରୀକ୍ଷକ / ଗ୍ରାମ ସାଧାରଣ ସଭାରେ ଉପସ୍ଥିତ ରହି ସମସ୍ତ ସେବା ସେବେର୍ଡ ତଥା ଅନ୍ୟାନ୍ୟ କାଗଜପତ୍ର ଉପସ୍ଥାପନ କରିବେ। ୧. ପଞ୍ଚାୟତ ସମିତି ଅଞ୍ଚଳ ଅନ୍ତର୍ଗତ ସମସ୍ତ ସବ୍ୟ/ସବ୍ୟା, ଜଳସେଚୁଆଣି ଓ ବିଜୁଳି ଯୋଗାଣ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସେଚ୍ଛାସେବୀ ଅନୁଷ୍ଠାନ, ସମସ୍ତ ଜବ୍‌ସାଧ୍ୟାସୀ ଶ୍ରମିକ, କାଟୁଆ ସାମାଜିକ ପରୀକ୍ଷାରୀ କାର୍ଯ୍ୟକ୍ରମର ହିତାଧିକାରୀ ଓ ଉକ୍ତ ବସ୍ତି, ଜଳ ମହିଳା ନିର୍ବାଚିତ ପ୍ରତିନିଧି, ସମସ୍ତ ଗ୍ରାମପଞ୍ଚାୟତ ଓ ବିଭିନ୍ନ ଜାଇଜ ବିଭାଗ ଜରିଆରେ କାର୍ଯ୍ୟକାରୀ ସୋସାଇଟିର ପ୍ରକଳ୍ପ ଦୁଇବର୍ଷର ଜମାଦର ତଥା ମଷ୍ଟରରୋଲ ଯାଞ୍ଚ ବାବଦକୁ ବସ୍ତୁତଥ୍ୟ ପ୍ରତିପାଦନ କରି ସାମାଜିକ ସମୀକ୍ଷା କରିବେ। ଉକ୍ତ ବୈଠକରେ ନିମ୍ନଲିଖିତ ବିଷୟ ଉପରେ ବିଷଦ ଆଲୋଚନା ଓ ଯାଞ୍ଚ କରାଯିବ। ୧. ମଷ୍ଟରରୋଲ ବାବଦକୁ ସମସ୍ତ ଦେୟ ଉପରେ ଆଲୋଚନା ଓ ଯାଞ୍ଚ। ୨. ପରିବାର ପଞ୍ଜୀକରଣ ଉପରେ ସ୍ୱତ୍ୱଳା ପ୍ରତିପାଦନ। ୩. କାର୍ଯ୍ୟ ପତ୍ର ବଣ୍ଟନରେ ପରିବାର ଭିତ୍ତିକ ଅଗ୍ରାଧିକାର ନିୟୁପାଦନ। ୪. କାର୍ଯ୍ୟ ପାଇଁ ଆବେଦନ କରାଯାଇଥିବା ବଦ୍ଧବାର୍ଯ୍ୟାର୍ଥୀମାନଙ୍କୁ ଆଇନ୍ ଅନୁଯାୟୀ କାର୍ଯ୍ୟ ପ୍ରଦାନ। ୫. ପ୍ରକଳ୍ପ କାର୍ଯ୍ୟାରିମି ଓ ତଦାରଖ। ୬. ବେରୋଜଗାରୀ ଭତ୍ତା ପ୍ରଦାନ। ୭. ଅଭିଯୋଗ ଓ ପରଦେଖ ପ୍ରକ୍ରିୟା। ୮. ପ୍ରକଳ୍ପ ମୂଲ୍ୟାୟନ। ୯. ଏମ୍.ଆଇ.ଏସ୍.ରେ ତଥ୍ୟଚିତ୍ର ସମସ

ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ

ସଂକ୍ଷେପରେ

ଗୁରୁଦ୍ୱାରା କମିଟିର ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୧୨।୭

ଆସନ୍ତା ଅକ୍ଟୋବର ୨ତାରିଖରେ ଶ୍ରୀ ଗୁରୁନାନକ ଦେବଜୀ ମହାରାଜଙ୍କ ୫୫୦ ପ୍ରକାଶ ଉତ୍ସବ ଐତିହାସିକ ଯାତ୍ରା ବରଗଡ଼ରେ ପହଞ୍ଚିବ । ଏ ନେଇ ବରଗଡ଼ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ଯାତ୍ରା ଛତିଶଗଡ଼ ବୁଲିବା ପରେ ଗାନ୍ଧୀ ଜୟନ୍ତୀ ଦିନ ବରଗଡ଼ଠାରେ ପୂର୍ବାହ୍ନ ୧୦ଟାରେ ପହଞ୍ଚିବ । ଏହାକୁ ସମସ୍ତ ସମାଜ ତଥା ବରଗଡ଼ବାସୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ବରଗଡ଼ ଗୁରୁଦ୍ୱାରା କମିଟିର ସଭାପତି ବଳବନ୍ତ ସିଂ, ସମ୍ପାଦକ ସର୍ଦ୍ଦାର ପ୍ରୀତମ ସିଂ, ବଳଦେବ ସିଂ, ଇନ୍ଦରଜିତ ସିଂ, ବଳବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଗୁରୁଦ୍ୱାରା ସମ୍ବଲପୁର ଜୋନର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ନାରାୟଣନଗରରେ ବାହୁଡାଯାତ୍ରା ଚାଲିଛି (ବାମ) । ମନମୁଣ୍ଡା ଅଞ୍ଚଳରେ ଜଗନ୍ନାଥଙ୍କୁ ପହଣ୍ଡ କରି ରଥକୁ ନିଆଯାଉଛି ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କି ଘର ଛାଡ଼ିଲି, କି ବର ଛାଡ଼ିଲି;
କୁଣ୍ଡାପିଠା ପାଇଁ ଯୋଗିଆଣୀ ହେଲି ।

କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ମଜ୍ଜି ଯାଇଥାନ୍ତି। ବୈହିକ ସୁଖ ଲାଳସାରେ ଅନ୍ଧହୋଇ ନିଜ ଘର ପରିବାରର ମାନ ସମ୍ମାନକୁ ମାଟିରେ ମିଶାଇ ଦେଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ପରକୀୟା ପ୍ରୀତି ପାଇଁ ଘର ପରିବାର ତ୍ୟାଗ କରିଥିବା ବିଟପୀ ନାରୀ ନିଜ କୃତକର୍ମ ପାଇଁ ପଶ୍ଚାତ୍ତାପ ବା ଅନୁଶୋଚନା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କରମ ଲିଖନ,
କେ କରିବ ଆନ ।

କପାଳରେ ଯାହା ଲେଖାହୋଇଥାଏ ତାହା ହିଁ ଘଟିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳଭୋଗ କରିଥାଏ। ଏହାକୁ କାଟିବା ବା ବଦଳାଇବା ସହଜସାଧ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ବୌଦ୍ଧରେ ବାହୁଡ଼ା ଯାତ୍ରା : ଶ୍ରୀମନ୍ଦିରରେ ପହଞ୍ଚିଲେ ଶ୍ରୀଜୀଉ

ବୌଦ୍ଧ,୧୨।୭ (ସ୍ୱ.ପ୍ର)

ଗତଜାତ ବୌଦ୍ଧରେ ପ୍ରଭୁ ଜଗନ୍ନାଥ ନଅ ଦିନ ଧରି ମାଉସୀ ମା ଘରେ ଲୀଳାଖେଳା କରିବା ପରେ ଶୁକ୍ରବାର ନିଜ ମନ୍ଦିରକୁ ବାହୁଡିଛନ୍ତି । ମାଉସୀ ମା ମନ୍ଦିରରେ ସକାଳେ ନୀତିକାନ୍ତି ପରେ ପ୍ରଭୁଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା। ଅପରାହ୍ନ ୪ଟାରେ ତିନି ଠାକୁରଙ୍କୁ ମନ୍ଦିରରୁ ପହଣ୍ଡିରେ ରଥକୁ ନିଆଯାଇଥିଲା। ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ବଡଦାଣ୍ଡର ବିଭିନ୍ନ ସ୍ଥାନରେ ପରମ୍ପରା ମୁତାବକ ବାଟଭୋଗ ସବୁ ଲାଗି କରାଯାଇଥିଲା। ପ୍ରଭୁମାନଙ୍କୁ ରଥାରଢ ପରେ ପାରମ୍ପରିକ ରଥଛୁଆଁ ପର୍ବ ଓ ବୌଦ୍ଧ ରାଜାଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା। ଏହାପରେ ରଥଟଣା ହୋଇଥିଲା। ଠାକୁରଙ୍କ ବାଡୁଡାଯାତ୍ରା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ସେହିପରି ପୋଡାପୋଡା ସାହି ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ପାଳିତ ହୋଇ ଆସୁଥିବା ହରିଗୁଢି ଜଗନ୍ନାଥଙ୍କ ମଧ୍ୟ ବାହୁଡା ଯାତ୍ରା ହୋଇଥିଲା । ଏହି ରଥକୁ କେବଳ ମହିଳା ଭକ୍ତମାନେ ଟାଣିଥିଲେ । ଠାକୁରମାନଙ୍କୁ ରଥଖଳା ପର୍ଯ୍ୟନ୍ତ ଅଣାଯାଇଥିଲା । ସେଠାରେ ଶନିବାର ମହାପ୍ରଭୁ ସୁନାବେଶରେଭକ୍ତମାନଙ୍କୁଦର୍ଶନଦେବେ। ବାହୁଡା ଯାତ୍ରାରେ ଗହଳିକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ଜହ୍ନାପଙ୍କ, (ଡି.ଏନ.ଏ):

ବୌଦ୍ଧ ବ୍ଲକ ଅନ୍ତର୍ଗତ କମିରା, ପଦ୍ମନପୁର, ଧୁଡୁରୁବାହାଲ, ଆନନ୍ଦପୁର, ନାରାୟଣନଗରରେ ଶୁକ୍ରବାର ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ନୀତିକାନ୍ତ ସରିବା ପରେ ସେବକମାନେ ଜଗନ୍ନାଥଙ୍କୁ ମାଉସୀ ମା ମନ୍ଦିରରୁ ଧାଡି ପହଣ୍ଡିରେ ନେଇ ଅପରାହ୍ନ ୫ଟାରେ ରଥାରଢ଼ କରିଥିଲେ । ପରେ ରଥଛୁଆଁ ହୋଇଥିଲା । ଅପରାହ୍ନ ସାଢ଼େ ୫ଟାରେ ରଥଟଣା ହୋଇଥିଲା ଏବଂ ୭ଟାରେ ଶ୍ରୀ ମନ୍ଦିର ସମ୍ମୁଖରେ ରଥ ପହଞ୍ଚିଥିଲା। ନାରାୟଣନଗର ରଥ ପୁରୁଣା ମାଉସୀ ଗୁଡିଠାରେ ଅଟକିଥିଲା। କାରଣ ଏଠାରେ ୨ ଦିନ ବାହୁଡା ଯାତ୍ରା ପାଳିତ ହୋଇଥାଏ । ଶନିବାର ଏଠାରୁ ରଥ ଟଣା ଆରମ୍ଭ ହୋଇ ବଡଦାଣ୍ଡ ଶେଷ ପର୍ଯ୍ୟନ୍ତ ନିଆଯିବ । ବାହୁଡା ଯାତ୍ରାରେ ବ୍ରାହ୍ମଣ ସମାଜ, ପୋଲିସ ପ୍ରଶାସନ ଓ ଜନସାଧାରଣ ସହଯୋଗ କରିଥିଲେ । ଜଗତୀରେ ସୁଶୀଲ ପାଣିଗ୍ରାହୀ, ନାରାୟଣନଗରରେ ଅଜିତ ପାଣିଗ୍ରାହୀ, ଧୁଡୁରବାହାଲରେ ଜିତେନ୍ଦ୍ର ହୋତା, ଆନନ୍ଦପୁରରେ ଉପେନ୍ଦ୍ର ହୋତା, ପଦ୍ମନପୁରରେ ଅରୁଣ ହୋତାଙ୍କ ନେତୃତ୍ୱରେ ନୀତିକାନ୍ତ ସମ୍ପନ୍ନ ହୋଇଥିଲା । ବାହୁଡା ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ସମାଗମ ହୋଇଥିଲା।

ମନମୁଣ୍ଡା, (ଡି.ଏନ.ଏ): ମନମୁଣ୍ଡାରେ ବାହୁଡା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଅପରାହ୍ନରେ ମନ୍ଦିର ପୂଜକ ଗୋପିନାଥ ହୋତା ପୂଜାର୍ଚ୍ଚନା କଲାପରେ ମାଉସୀ ମନ୍ଦିର (ଶ୍ରୀ ଭଗବତ ମନ୍ଦିର) କମିଟି ତରଫରୁ ମହାଆଳତୀ ଓ ଭୋଗ କରାଯାଇଥିଲା। ପରେ ପ୍ରଭୁଙ୍କ ବେଶଭୂଷା କରାଯାଇଥିଲା। ବ୍ରାହ୍ମଣ ନିରଞ୍ଜନ ହୋତା, ଶିବ କୁମାର ରଥ, ବୈଦ୍ୟନାଥ ହୋତା ପ୍ରମୁଖ ମହାପ୍ରଭୁଙ୍କୁ ପହଣ୍ଡି କରି ରଥାରଢ଼ କରିଥିଲେ । ପହଣ୍ଡି ବେଳେ ଗ୍ରାମର ରାଧେଶ୍ୟାମ ସାହୁ ଛେରାପହଁରା ଏବଂ ଛନ୍ଦାଚରଣ ମେହେର ଝାଡୁ କରିଥିଲା ବେଳେ ସରୋଜ ମେହେର ଏବଂ ପ୍ରହଲ୍ଲାଦ ମେହେର ଆଲଟ ଚାରଣ କରିଥିଲେ। କୈବର୍ତ୍ତ ସମାଜର ତତ୍ତ୍ୱାବଧାନରେ ରଥ ଟଣା ହୋଇଥିଲା। ଛୋଟ ଛୁଆ ମାନଙ୍କ ରଥ ଛୁଆଁ ହୋଇଥିଲା । ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିଲା ପରେ ମହାପ୍ରଭୁଙ୍କୁ ପହଣ୍ଡି କରି ମନ୍ଦିରକୁ ବିଜେ କରାଯାଇଥିଲା। ମନ୍ଦିର କବାଟ ଫିଟାଇବା ପାଇଁ ଶ୍ରୀ ଜଗନ୍ନାଥ ଏବଂ ମାଁ ଲକ୍ଷ୍ମୀଙ୍କ କଳି ତଥା ଯୁକ୍ତିତର୍କ ଗୀତ ମାଧ୍ୟମରେ ଶୁଣିବା ଓ ଦେଖିବାକୁ ପ୍ରବଳ ଭିଡ ହୋଇଥିଲା। ଶ୍ରୀ ଜଗନ୍ନାଥଙ୍କ ତରଫରୁ ଶିବପ୍ରସାଦ ରଥ ଏବଂ ମାଁ ଲକ୍ଷ୍ମୀଙ୍କ ତରଫରୁ ସବିତା ହୋତା ଗୀତ ମାଧ୍ୟମରେ ଯୁକ୍ତିତର୍କ କରିଥିଲେ । ରଥ କମିଟି ସଭ୍ୟ ନରେନ୍ଦ୍ର ମେହେର, ବିପ୍ରଚରଣ ବେହେରା, ରାଜକୁମାର ଅଗ୍ରୱାଲ, ଗଣେଷ ଲୋଇ, ଗଣେଷ ତ୍ରିପାଠୀ, ସନ୍ତୋଷ ମେହେର, ଚନ୍ଦ୍ରଶେଖର ମେହେର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଆୟୋଜନକ୍ରମେ ଯାତ୍ରା ଅନୁଷ୍ଠିତ ହୋଇଥିଲା ।

ପୁଡ଼ା ମାଟିର କାରିଗର ମନବୋଧ

ଟେରାକୋଟା ବୁରତି ଦେଇଛେ ପରିଚଏ

ବରପାଲି, ୧୨।୭ (ଡି.ଏନ୍.ଏ)

ଆଗରୁ ପାଟଶାଢ଼ୀ ଆର ମଠା କାରିଗରୀର ଲାଗି ବରପାଲି ଦେଶ ବିଦେଶରେ ନାଁ କମେଇ ପାରିଛେ। ସେନ୍‌ତା ବରପାଲିର ସୁନାମ ଅରଜନଥି ଆରଗୁଟେ ଫରଦ୍ ବୁଡ଼ିଛନ୍ ପୁଡ଼ାମାଟିର କାରିଗର ଟେରାକୋଟା ଶିଳ୍ପୀ ମନବୋଧ ରଣା। ପିଲାବେଳୁ ମନବୋଧ ପରିବାରର କୁଳବୁରତି ହାଁଡ଼ି, ପାତ୍ରି, ମଠିଆ ଗଢ଼ାକେ ମନ୍‌ଦେଇ ଶିଖୁଥିଲେ। ପଛେ ନିଜର ଚେଷ୍ଟାରେ ସେ ଭିନେ ଭିନେ ପଶୁପକ୍ଷୀ, ଦେବାଦେବୀଙ୍କର ନିଖୁନ ମୂର୍ତ୍ତି ଗଢ଼ି ନାଁ କମେଇ ପାରିଛନ୍। ସେ ଜୀବନ୍‌ରେ କେଭେ ପଛକେ ଫେରି କରି ନାଇଁ ଦେଖି। ଟେରାକୋଟା ଲେଖେଁ ଗୁଟେ ମାଏଟ୍ କାରିଗରୀକେ ନିଜର ପେସା ହିସାବେ ଆଦରି ନେଇ ଗାଁଗଲିରୁ ବିଦେଶ ତକ୍ ନିଜର ଗୁଟେ ଖାସ୍ ପରିଚଏ ସୁରୁଖୁରି କରିପାରିଛନ୍ ମନବୋଧ। ବରଗଡ଼ ଜିଲା ବରପାଲି କୁମ୍ଭାର ପଡ଼ାରେ ୧୯୫୯ ସାଲେ ଜନମ୍ ହେଇଥିବାର ୬୦ ବର୍ଷରିଆ ମନବୋଧ ରଣା ସ୍କୁଲ ଶିକ୍ଷା ଶେଷ କରି ନାଇଁପାରି। ହେଲେ ଶିଳ୍ପକଳା ଉପରେ ତାକର ବଡ଼ଭାରି ରୁଚି ରହିଥିଲା। ଯୁବକ ବେଳେ ସେ ବହୁତ ପରିଶ୍‌ରମ କରି କଟକ, ପୁରୀ, ଭୁବନେଶ୍ୱର, ଦିଲ୍ଲୀ ଆର କଲିକତା ଲେଖେଁ ବଡ଼ ବଡ଼ ସହରମାନକେ ହେଉଥିବାର ଭିନେ ଭିନେ ପଦରଶନୀରେ ନିଜର କଳାକୁରତି ପଦରଶନ କରି ଜାତୀୟ ସ୍ତରରେ ବରପାଲି ଆର ନିଜର ଲାଗି ସୁନାମ ଆନିପାରିଛନ୍। ସେନ୍‌ତା ଭାରତ ସରକାରଙ୍କର ଟେକ୍ସଟାଇଲ ବିଭାଗ ଦୁଆରା ଆୟୋଜିତ ପଦରଶନୀରେ ୧୯୮୪ କିଲିକତା, ୧୯୮୫ ନୂଆଦିଲ୍ଲୀ ଆର ୧୯୮୯ରେ ମାଡ୍ରାସ, ବାଙ୍ଗାଲୋର, ଜାପାନ, ହଲିଆଣା ଆର ଡେନମାର୍କ ଲେଖେଁ ଜାଗାରେ ଦେଖ୍‌ରେଖରେ ଭାରତ ସରକାରଙ୍କର ସାହାଯ୍‌ରେ ୨୫ ଜନ୍ ଯୁବତୀଙ୍କୁ ଟେରାକୋଟା କଳାର ତାଲିମ ଦେଉଛନ୍। ନିଖୁନ ଟେରାକୋଟା କାରିଗରୀ ଲାଗି ୧୯୮୬ରେ ରାଷ୍ଟ୍ରପତି ସ୍ୱର୍ଗତ ଆର୍. ଭେଙ୍କଟରମଣ ଆର ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କରୁ ସନ୍‌ମାନୀତ ହେଇଥିଲେ। ଏହେଦେ ବି ମନବୋଧ ବଡ଼ଭାଗି ସମିଆ ଟେରାକୋଟା କାରିଗରୀ ଉପରେ ଦେଉଛନ୍। ଇ କାରିଗରୀକେ କେନ୍‌ଥେଇ ଆହୁରି ଆଗ୍‌କେ ନେଇ ହେବା ସେଥିରଲାଗି ଉଦ୍‌ଯମ ଜାରି ରଖିଛେଁ ବଲି ମନବୋଧ ଧରିତ୍ରୀକେ କହିଛନ୍।

ଟେରାକୋଟା ଶିଳ୍ପୀ ମନବୋଧ ଯୁବତୀମାନ୍‌କୁ ତାଲିମ ଦେଉଛନ୍ ।

ଉତ୍କେଲା ହାଇସ୍କୁଲରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଭବାନୀପାଟଣା,୧୨।୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉତ୍କେଲା ସରକାରୀ ହାଇସ୍କୁଲରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏହି ସ୍କୁଲରେ ଜଣେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି । ୨୦୧୫ରେ ପ୍ରଧାନ ଶିକ୍ଷକ ରାମେଶ୍ୱର ଦାସଙ୍କ ଅନ୍ୟତ୍ର ବଦଳି ହେବାରୁ ଏ ପର୍ଯ୍ୟନ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକରେ ସ୍କୁଲ ଚଳିଛି । ୨୦୧୫ ପରେ ପ୍ରସନ୍ନ ଲେଙ୍କା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ । କିନ୍ତୁ ସେ ମଧ୍ୟ ଅନ୍ୟତ୍ର ବଦଳି ହେବାରୁ ବର୍ତ୍ତମାନ ଗଣିତ ଶିକ୍ଷକ ଜିତେନ୍ଦ୍ର ପ୍ରଧାନ ଦାୟିତ୍ୱରେ ରହିଛନ୍ତି । ଫଳରେ ଛାତ୍ରଛାତ୍ରୀମାନଙ୍କୁ ଗଣିତ ପଢାଇବାରେ ଠିକ୍ ଭାବେ ସମୟ ଦେଇ ପାରୁ ନ ଥିବା ଜଣାପଡିଛି । ଏହି ସ୍କୁଲରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୨୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏମାନଙ୍କ ପଢାଇବା ପାଇଁ ମୋଟ ୬ ଜଣ ଶିକ୍ଷୟିତ୍ରୀ ଓ ୩ ଜଣ ଶିକ୍ଷକ ରହିଛନ୍ତି । ଆସନ୍ତା ବର୍ଷ ପୁଣି ବିଜ୍ଞାନ ଶିକ୍ଷକ ଶରତ ପ୍ରଧାନ ଅବସର ନେବେ । ଗୋଟିଏ କଳା ଶିକ୍ଷକ ପଦବୀ ୨୦୧୧ରୁ, ପିଇଟି ପଦବୀ ୨୦୧୨ରୁ ଖାଲି ପଡିଛି । ସେହିପରି ଏମ୍‌ଇ ବିଭାଗରେ ମଧ୍ୟ ଶଇକ୍ଷକ ପଦ ଖାଲି ପଡିଛି । ଅନ୍ୟ ସ୍କୁଲରୁ ଜଣେ ପିଇଟି ସପ୍ତାହକୁ ୩ ଦିନ ଆସୁଛନ୍ତି । ୧୯୬୪ରୁ ଏହି ସ୍କୁଲ ସ୍ଥାପିତ ହୋଇଥିଲେ ମଧ୍ୟ ଏବେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ଯାଉଛି । ଏଭଳି ପରିସ୍ଥିତି ପାଇଁ ପ୍ରତିବର୍ଷ ମାଟ୍ରିକ ଫଳ ଠିକ୍ ରହୁନାହିଁ । ପୂର୍ବରୁ ଏହି ସ୍କୁଲ ପାଠପଢ଼ାରେ ଅଞ୍ଚଳରେ ସୁନାମ ଅର୍ଜ୍ଜନ କରିଥିଲା କିନ୍ତୁ ଅତ୍ୟଧିକ ଛାତ୍ରୀଛାତ୍ର ଓ ସେହି ଅନୁପାତରେ କମ୍ ଶିକ୍ଷକ ଥିବାରୁ ପାଠପଢ଼ା ବିପର୍ଯ୍ୟସ୍ତ ହେଉଛି ।

ଶାଳକାଠ ସହ ଗାଡ଼ି ଜବତ

ଧମା, ୧୨।୭ (ଡି.ଏନ.ଏ.)- ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଅଧୀନ ବନ କର୍ମଚାରୀମାନେ ଏକ ମାରୁତି ଭ୍ୟାନ (ନଂ. ଓଆର ୧୭ ସି- ୪୭୨୯) ସହ ୫ଖଣ୍ଡ ଶାଳ କାଠ ଜବତ କରିଛନ୍ତି । ଡ୍ରାଇଭର ବଡବଜାରର ହର୍ଷ ମେହେରଙ୍କୁ ଗିରଫ କରାଯାଇଛି। ଗାଡିଟି ସୋନପୁର ପଟରୁ ସମ୍ବଲପୁରକୁ ଆସୁଥିଲା । ଖବର ପାଇ ଡିଏଫଓ ସଞ୍ଜିତ କୁମାର ଧମା ରେଞ୍ଜର ବିଦ୍ୟାଧର ସାହୁଙ୍କୁ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଧମା ଛକରେ ବନ ବିଭାଗ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଥିଲା ।

CLASSIFIED DISPLAY

MORE SPACE • SAME PRICE

TARIFF

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
——Help LINE——
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
——Helpline——
09485665198
PO- BARAHAGODA, BARAHAGODA, BARGARH, ODISHA 768040

BUSINESS BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଉଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ରୁ ଅଧ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

ଭାରତର ନଂ. 1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ ! ଲୋନ ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିନା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

EDUCATION EDUCATION

ADMISSION OPEN FOR 2019-

ରାମ ନାମ ପାପୀମାନଙ୍କ ପାଇଁ
ପରମ ଔଷଧ।
-ମହର୍ଷି ବାଲ୍ମୀକି

ସଂକ୍ଷେପରେ

ବିଜେପୁରର ଉନ୍ନୟନ ପାଇଁ ବୈଠକ

ବିଜେପୁର, ୧୨।୭ (ଡି.ଏନ.ଏ)
ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ପାଇଁ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦୀନବନ୍ଧୁ ଦେହେରୀଙ୍କ ଅଧକ୍ଷତାରେ ଶିକ୍ଷାବିତ୍ ମୀନକେତନ ପଧାନ, ରଜନୀକାନ୍ତ ଗଡତିୟା, କହ୍ନେଇ ମହାନନ୍ଦ, ଭୁବନେଶ୍ୱର ସାହୁ, ମାନସ ରଞ୍ଜନ ମେହେର ପ୍ରମୁଖ ବହୁ ସଚେତନ ନାଗରିକ ଯୋଗ ଦେଇଥିଲେ । ବିଜେପୁର ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମାନଗମନ, ସଂସ୍କୃତିର ବିକାଶ ପାଇଁ ଆଲୋଚନା ହୋଇଥିଲା । ଏହାର ସୁପରିଚାଳନା ନିମିତ୍ତ ଏହି ଅଞ୍ଚଳର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସାମିଲ କରି ଅଗଷ୍ଟ ୀରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ପରିଚାଳନା କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି ।

ପଦ୍ମପୁରରେ ଭଜନ ସମାରୋହ

ପଦ୍ମପୁର, ୧୨।୭ (ଡି.ଏନ.ଏ)
ପଦ୍ମପୁର ସାହୁପଡା ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା । ପ୍ରଦୀପ ସାହୁ ଓ ମହୀପାଳ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଞ୍ଜନ ପ୍ରଧାନ ସଂଯୋଜନା କରିଥିଲେ । ବ୍ରହ୍ମପୁରର ସୋନୁ ମହାରଣା, ସମ୍ବଲପୁରର ଶ୍ରୀକାନ୍ତ ସା, କିଶୋର, ପ୍ରଦୀପ ସାହୁ, ଶ୍ରାବଣୀ ଦାସ, ବିବେକା ଦାସ, ଆର୍ଯ୍ୟା ଆଦ୍ୟାଶକ୍ତି ତ୍ରିପାଠୀ ଭଜନ ପରିବେଷଣ କରିଥିଲେ । ଅନୀଲ ଗୁର୍ଲା, ସୁରୁ, ଡୋଲାମଣି ସାହୁ, ଅରୁଣ ପାଇକ, ରମେଶ ଗୁର୍ଲା ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ।

ରାଧାମୋହନ ମହାରଣାଙ୍କ ସ୍ମୃତିସଭା

ଭେଡେନ, ୧୨।୭ (ଡି.ଏନ.ଏ)
ଭେଡେନର ପୂର୍ବତନ ସରପଞ୍ଚ ତଥା ଭେଡେନ ରାମଲୀଳା କମିଟି ସଭାପତି ଥିବା ସ୍ୱର୍ଗତ ରାଧାମୋହନ ମହାରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ସନ୍ଧ୍ୟାରେ ବସଷ୍ଟାଣ୍ଡଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ରାମଲୀଳା କଳାକାର ମାନଙ୍କ ତରଫରୁ ଆୟୋଜିତ ଏହି ଶୋକସଭାରେ ଅଭିନେତା ମହେନ୍ଦ୍ର ସେଠ ସଭା ପରିଚାଳନା କରିଥିଲେ । କମିଟି କର୍ମକର୍ତ୍ତା ଦଶରଥ ମେହେର, ସରୋଜ ମିଶ୍ର, ରାଜ ବେହେରା, ଶଙ୍କର ଦାଶ, କିଶୋର ମେହେର, ଅଭିନେତା ସୁଶାନ୍ତ ସାହୁ, ସୁବାଷ ମହାରଣା, ରାଧେଶ୍ୟାମ ମେହେର, ଜପ ଅଦାବର, ଶାନ୍ତନୁ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ସ୍ୱର୍ଗତ ମହାରଣାଙ୍କ ସ୍ମୃତଚାରଣ କରିଥିଲେ।

■ ବରଗଡ଼ ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀ

ଅନ୍ତେବାସୀ ଅସୁସ୍ଥ, ମିଳୁନି ସ୍ୱାସ୍ଥ୍ୟସେବା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧୨।୭

ବରଗଡ଼ ସହରର ଘରୋଇ ବସ୍‌ଷ୍ଟାଣ୍ଡରେ ରହିଛି ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀ। ୧୮ କୋଠରୀ ତଥା ୪୦ ଶଯ୍ୟା ବିଶିଷ୍ଟ ଏହି ଆଶ୍ରୟସ୍ଥଳୀରେ ବର୍ତ୍ତମାନ ୧୩ଜଣ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣ ଲେଖାଏଁ ମହିଳା, ପୁରୁଷ ହୋଇଥିବା ବେଳେ ଆଉ ଜଣେ ଶିଶୁ ଅଛନ୍ତି। ଅନ୍ତେବାସୀମାନଙ୍କ ମଧ୍ୟରୁ କିଏ ଏକ ସପ୍ତାହ, ମାସେ ତ ଆଉ କେହି ବର୍ଷେ ପୂର୍ବରୁ ଆସି ଏଠାରେ ଆଶ୍ରୟ ନେଇଛନ୍ତି । ସେହିପରି ଏକ ଏନଜିଓ ଅନ୍ତେବାସୀଙ୍କ ଖାଦ୍ୟ, ପାନୀୟ ବ୍ୟବସ୍ଥା ବୁଝୁଛି । କିନ୍ତୁ ଅସହାୟ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଆଶ୍ରୟସ୍ଥଳୀରେ ସେମାନଙ୍କ ପାଇଁ କେହି ନାହାନ୍ତି। ପୌର ପରିଷଦ ଅଧୀନରେ ରହିଥିଲେ ମଧ୍ୟ ମାସ ମାସ ଧରି ସେଠାରେ ପୌର ଅଧିକାରୀ କିମ୍ବା କର୍ମଚାରୀଙ୍କ ପାଦ ସୁଦ୍ଧା ପଡୁନାହିଁ। ଫଳରେ ଆଶ୍ରୟସ୍ଥଳୀରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ଏବଂ ସେମାନଙ୍କ ସ୍ୱାସ୍ଥ୍ୟହାନି ଘଟୁଛି। ଶୁକ୍ରବାର ଆମେ ଏହି ଆଶ୍ରୟସ୍ଥଳୀକୁ ଯାଇ କିଛି ଅନ୍ତେବାସୀଙ୍କୁ ଭେଟିଥିଲୁ ।

ବରଗଡ଼ ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀ ।

ସେମାନେ ଯାହା କୁହନ୍ତି...

“ ମୁଁ ପଦ୍ମପୁର ସତୀଭଟା ଅଞ୍ଚଳର । ମା, ବାପାଙ୍କ ଦେହାନ୍ତ ହୋଇଛି। ବିବାହ ପରେ ସ୍ୱାମୀ ମୋତେ ସାଙ୍ଗରେ କଟକର ଏକ ଇଟାଭାଟିକୁ ନେଇଥିଲେ । ସେଠାରେ ଇଟା ଗଢ଼ି କିଛି ରୋଜଗାର କରି ଫେରିବା ବାଟରେ ବରଗଡ଼ ଘରୋଇ ବସଷ୍ଟାଣ୍ଡରେ ସ୍ୱାମୀ ଛାଡ଼ି ଚାଲି ଯାଇଥିଲେ । କିଛି ଲୋକ ସେଠାରୁ ଉଦ୍ଧାର କରି ଏଠାକୁ ଆଣିବା ପରେ ପିଲାବେଳୁ ଆଶ୍ରୟ ନେଇଛି । ନାକର ଗୋଟିଏ ପଟ ଦିନକୁ ଦିନ ଫୁଲୁଛି । ଅସୁସ୍ଥତା ଅନୁଭବ କରୁଛି । ପାଖରେ ଅର୍ଥ ନ ଥିବା ଯୋଗୁ ସେଥିପାଇଁ କେବେ ଡାକ୍ତରଖାନା ମଧ୍ୟ ଯାଇନାହିଁ । ଚିକିତ୍ସାରେ ସରକାର ସହଯୋଗ କଲେ ଭଲ ହେବି ବୋଲି ଆଶା ବାନ୍ଧିଛି । **-ପୂଜା ବଗର୍ତ୍ତି**

“ ମୁଁ ବରଗଡ଼ ଜିଲା ଅତାବିରା ଅଞ୍ଚଳର । ବର୍ଷେ ହେଲା ଏଠାରେ ଆଶ୍ରୟ ନେଇଛି । ମୋର ଘରଦ୍ୱାର କିମ୍ବା କେହି ସମ୍ପର୍କୀୟ ନାହାନ୍ତି । ଅତାବିରାରେ ଅସହାୟ ଅବସ୍ଥାରେ ପଡ଼ିଥିଲି । ପୂର୍ବତନ ଏନଏସି ଚେୟାରମ୍ୟାନ ସୁନୀତା ବାଗ ମୋତେ ଏଠାରେ ଆଣି ରଖିଛନ୍ତି । ମୋ ଆସିବାବେଳେ ଏଠାରେ ମାତ୍ର ୩ ଜଣ ଥିଲୁ। ଅନେକ ଆସୁଛନ୍ତି ଏବଂ କିଛିଦିନ ପରେ ଯାଉଛନ୍ତି । ହେଲେ ମୁଁ ଆଶ୍ରୟସ୍ଥଳୀ ଖୋଲିବା ଆରମ୍ଭରୁ ଏଠାରେ ରହୁଛି । ଖାଦ୍ୟ, ପାନୀୟ, ରହିବା, ଶୋଇବା ସବୁ ବ୍ୟବସ୍ଥା ଠିକ୍ ରହିଛି । କିନ୍ତୁ ଡାକ୍ତର କିମ୍ବା ଔଷଧ ବ୍ୟବସ୍ଥା ନାହିଁ । ଫଳରେ ଦେହ ବିଗିଡ଼ିଲେ ହଟହଟା ହେବାକୁ ପଡୁଛି । ମୋର ହାତଗୋଡ଼ ପଡ଼ିଗଲାଣି। ଚିକିତ୍ସା ବ୍ୟବସ୍ଥା ଟିକେ କଲେ ଭଲ ହୋଇଯିବି ବୋଲି ଭାବୁଛି । **-ରଞ୍ଜିତ ସାହୁ**



“ ମୁଁ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ପିଡବ୍ଲ୍ୟୁଡି ବିଭାଗରେ ହେଲପର୍ କାମ କରୁଥିଲି । ମୋର ୩ ଝିଅପୁଅ । ସାନପୁଅର ଦେହାନ୍ତ ହୋଇଛି । ଝିଅକୁ ବାହା ଦେଇ ସାରିଛି । ବଡ଼ପୁଅ ଓ ବୋହୂ ସହିତ ରହୁଥିଲି । କିନ୍ତୁ ବଡ଼ପୁଅ, ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଘର ଛାଡ଼ି ଚାଲି ଆସିଛି । ଘରକୁ ଆଉ ଫେରିବାର ଇଚ୍ଛା ନାହିଁ । ବଲାଙ୍ଗୀରରେ ଏକ ଶୌଚାଳୟକୁ ଯାଇଥିବାବେଳେ ଗୋଡ଼ ଖସି ଯାଇଥିଲା ଏବଂ ସେହିଦିନଠାରୁ ଗୋଡ଼ ଆଉ ଭଲ କାମ କରୁନାହିଁ । ଟିଟିଲାଗଡ଼ରେ କିଛିଦିନ ରହିବା ପରେ ବରଗଡ଼ ପଳାଇ ଆସିଥିଲି ଏବଂ ଏହି ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛି । ଆମକୁ ଦେଖାରଖା କରୁଥିବା ବାବୁ ଏଠାକୁ ଆଣି ମତେ ରଖିଛନ୍ତି । ଭଲ ଅଛି । ହେଲେ ଗୋଡ଼ର ଚିକିତ୍ସା ହୋଇ ପାରିଲେ ବହୁତ ଭଲ ହୁଅନ୍ତା । **-ନବୀନ କୁମାର ମିଶ୍ରା**

“ ମୁଁ ବରଗଡ଼ ଜିଲା ଅତାବିରା ବ୍ଲକ କାଦୋବାହାଲ ଗ୍ରାମର । ୬ ମାସ ହେଲାଣି ଏଠାରେ ରହୁଛି । ମୋର ଘରଦ୍ୱାର କିମ୍ବା କେହି ଆତ୍ମୀୟ ନାହାନ୍ତି ଅତାବିରା ଏନଏସିର ପୂର୍ବତନ ଚେୟାରମ୍ୟାନ ସୁନୀତା ବାଗ ମତେ ଏଠାକୁ ଆଣିଛନ୍ତି । ଯାହାହେଉ ରହିବା ପାଇଁ ଆଶ୍ରୟସ୍ଥଳୀଟିଏ ମିଳିଛି । ସେହିପରି ଖାଇବା, ପିଇବା ବ୍ୟବସ୍ଥା ମଧ୍ୟ ହୋଇଛି । କିନ୍ତୁ ଆଶ୍ରୟସ୍ଥଳୀରେ ଚିକିତ୍ସା ବ୍ୟବସ୍ଥା ଥିବା ଭଳି ଅନୁଭବ ହେଉନାହିଁ । ଫଳରେ ଦେହ ବିଗିଡ଼ିଲେ ମଧ୍ୟ ତାକୁ ଚାପିଚୁପି ରଖୁଛୁ । ଦେହ ଭଲ ନ ଲାଗିଲେ, ସେମିତି ରହୁଛୁ । ମଝିରେ ଡାକ୍ତରମାନେ ଏଠାକୁ ଆସି ଆମ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଲେ ଭଲ ହୁଅନ୍ତା ବୋଲି ଭାବୁଛି । **-ମୋତିଲାଲ ଗୁପ୍ତା**

ରେଳପଥ କାର୍ଯ୍ୟାରମ୍ଭ ଦାବିକଲେ ଏମ୍‌ପି

ବରଗଡ଼ ଅଫିସ୍,୧୨।୭

ବହୁ ପ୍ରତୀକ୍ଷିତ ବରଗଡ଼ ରୋଡ୍ ରେଳଷ୍ଟେଶନରୁ ପଦ୍ମପୁର ଦେଇ ନୂଆପଡ଼ା ପର୍ଯ୍ୟନ୍ତ ୧୪୨ କି.ମି ରେଳ ଲାଇନ ପାଇଁ ସର୍ଭେ ରିପୋର୍ଟ ଇତିମଧ୍ୟରେ ଇଷ୍ଟକୋଷ୍ଟ ରେଳ ଦ୍ୱାରା ରେଳ ମନ୍ତ୍ରଣାଳୟ ପାଖରେ ଦାଖଲ ହୋଇଛି । ୨୪୦୮ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ରେଳ ଲାଇନ ଓଡ଼ିଶାର ଅନ୍ୟତମ ତୀର୍ଥସ୍ଥଳୀ ନୃସିଂହନାଥକୁ ସଂଯୋଗ କରିବ । ତେଣୁ ଏହି ରେଳ ଲାଇନ କାର୍ଯ୍ୟ ଆରମ୍ଭ କରିବା ପାଇଁ ବରଗଡ଼ ଲୋକସଭା ସଦସ୍ୟ କସୁରେଶ ପୂଜାରୀ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ସେହିପରି ବିବୃତିରେ ଆହୁରି ଉଲ୍ଲେଖ ରହିଛି, ଟାଟା-ବିଳାସପୁର ରେଳ ଲାଇନରେ ରାଉରକେଲାରୁ ହିମଗିରି ପର୍ଯ୍ୟନ୍ତ ପ୍ରାୟ ୧୫୦କି.ମି ମଧ୍ୟରେ ଥିବା ଓଡ଼ିଶାର ରେଳଷ୍ଟେଶନ ମଧ୍ୟରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଦକ୍ଷିଣ ପୂର୍ବ ରେଳ ଜୋନ ଏବଂ ଚକ୍ରଧରପୁର ଡିଭିଜନ ଅଧୀନରେ ରହିଛି । ତେଣୁ ଏସବୁ ଷ୍ଟେଶନଗୁଡ଼ିକୁ ପୂର୍ବତଟ ରେଳଜୋନକୁ ଅଣାଯାଇ ଝାରସୁଗୁଡ଼ାଠାରେ ଏକ ନୂତନ ରେଳ ଡିଭିଜନ କରିବା ପାଇଁ ପୂଜାରୀ ରେଳ ବିଭାଗ ଠାରେ ଦାବି କରିଛନ୍ତି ।

ଅନ୍ତେବାସୀଙ୍କୁ ଭେଟିଲେ ବିଧାୟକ

ବରଗଡ଼ ଅଫିସ୍,୧୨।୭

ବରଗଡ଼ ସହରର ଘରୋଇ ବସଷ୍ଟାଣ୍ଡରେ ରହିଥିବା ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀକୁ ଶୁକ୍ରବାର ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ପରିଦର୍ଶନରେ ଯାଇଥିଲେ । ସେଠାରେ ଆଶ୍ରୟ ନେଇଥିବା ଅନ୍ତେବାସୀଙ୍କୁ ଭେଟି ସେ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। କିଛି ଅନ୍ତେବାସୀ ଅସୁସ୍ଥ ଥିବା ବିଧାୟକ ଜାଣିବାକୁ ପାଇଥିଲେ। ଏହାପରେ ଅସୁସ୍ଥ ଅନ୍ତେବାସୀଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେବା ପାଇଁ ଆଶ୍ରୟସ୍ଥଳୀ ଦାୟିତ୍ୱରେ ରହିଥିବା ଅବିନାଶ ଦାଶଙ୍କୁ ସେ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଯୁବନେତା ଉମେଶ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ବିଧାୟକ ଆଚାର୍ଯ୍ୟ ଆଶ୍ରୟସ୍ଥଳୀରୁ ଯିବା ପରେ ବରଗଡ଼ ପୌର ନିର୍ବାହୀ ଅଧିକାରୀ ସୁଶାନ୍ତ ରାଉତ୍ ସେଠାକୁ ପହଞ୍ଚିଥିଲେ ଏବଂ ଅଳ୍ପ ସମୟ ରହି ସେଠାରୁ ଯାଇଥିଲେ ।

ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଅନ୍ତେବାସୀଙ୍କୁ ଭେଟି ସମସ୍ୟା ପଚାରି ବୁଝୁଛନ୍ତି ।

ଲେବିଡି ହାଇସ୍କୁଲରେ ବନ ମହୋତ୍ସବ

ସୋହେଲା,୧୨।୭(ଡି.ଏନ.ଏ)

ସୋହେଲା ବ୍ଲକ ଲେବିଡି ହାଇସ୍କୁଲରେ ୭୦ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସକାଳ ୧୦ଟାରେ ଖେଳ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଗିରିଧାରୀ ଡନସନାଙ୍କ ନେତୃତ୍ୱରେ ପରିବେଶ ସଚେତନତା ରାଲି ଗ୍ରାମ ପରିକ୍ରମା କରିବା ପରେ ଖେଳ ପଡିଆରେ ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା । ଅପରାହ୍ନରେ ପ୍ରଧାନ ଶିକ୍ଷକ ଟଙ୍କଧର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଘେଁସ ରେଞ୍ଜର ରେବତୀ ରମଣ ଯୋଶୀ ମୁଖ୍ୟଅତିଥି, ଆମେରିକାରେ ଅବସ୍ଥାପିତ ଇଞ୍ଜିନିୟର ଗୋପାଳ କୃଷ୍ଣ ମିଶ୍ର ବିଶିଷ୍ଟ ଅତିଥି, ବିପ୍ଳବୀ କବି ନୀତିଶ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟବକ୍ତା, ଓଡିଶା ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ଶ୍ରୀମାନ ସରୋଜ, କୃଷକ ନେତା ସୁଶୀଲ ସାହୁ, ସୁଇଓଏଡ ଅଧିକାରୀ ସାଇନୀ ମାଡାମ, ପରିବେଶବିତ ତଥା ପ୍ରକୃତିବନ୍ଧୁ ମୀନକେତନ ସାହୁ, ଜୈବିକ ଚାଷୀ ସୁଦାମ ସାହୁ, କୋଶଳି କବି ରୋହିତ ମେହେର ଓ ମନୋରଞ୍ଜନ ଲୁହା ସମ୍ମାନିତ ଅତିଥି ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ବୈଠକରେ ଗୁରୁଦ୍ୱାରା କମିଟିର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି ।

■ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ଥାୟୀ, ଅସ୍ଥାୟୀ ପଦ୍ଧତି ଅବଲମ୍ବନ ଉପରେ ଗୁରୁତ୍ୱ

ସୋହେଲା,୧୨।୭(ଡି.ଏନ.ଏ)

ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଡାକ୍ତରଖାନା ପରିସରରେ ଥିବା ସଭାଗୃହରେ ଡାକ୍ତର ଶିବାନୀ ପ୍ରିୟଦର୍ଶନୀ ସାହୁଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଯଦୁମଣୀ ମହାନନ୍ଦ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଡାକ୍ତର ସୁନନ୍ଦା ମେହେର ଓ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶିଶିର କୁମାର ସାହୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ଥାୟୀ ଓ ଅସ୍ଥାୟୀ ପଦ୍ଧତି ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ । ଗାଁ ଗହଳରେ ଆଶା ଦିଦିମାନଙ୍କ ସହିତ ସମ୍ପର୍କ ରଖି ଜନ୍ମ ନିୟନ୍ତ୍ରଣ ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଆସନ୍ତା ୧୯ ତାରିଖରେ ସୋହେଲା ଡାକ୍ତରଖାନାରେ ପୁରୁଷ ବନ୍ଧ୍ୟାକରଣ ଓ ୨୭ତାରିଖରେ ବରଗଡ ଡାକ୍ତରଖାନାରେ ସ୍ତ୍ରୀ ବନ୍ଧ୍ୟାକରଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ସଭାରେ ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁମୁଖୀ ପୁରୁଷ ପରିଦର୍ଶକ, ପରିଦର୍ଶିକା ଯଥା ଉପେନ୍ଦ୍ର ଭୋଇ, ଜମ୍ବୋ ମାଝି, ବାୟାଣି ଜେନା ତଥା ବ୍ଲକର ବିଭିନ୍ନ ଗ୍ରାମର ଆଶା ଦିଦି ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଯୋଗ ଦେଇଥିଲେ । ପରେ ଜନସଂଖ୍ୟା ନିୟନ୍ତ୍ରଣ ସଚେତନତା ରଥକୁ ଡାକ୍ତର ସୁନନ୍ଦା ମେହେର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସୋହେଲା ବ୍ଲକର ପ୍ରତ୍ୟେକ ଗାଁକୁ ଯାଇ ଜନ୍ମନିୟନ୍ତ୍ରଣ ଉପରେ ସଚେତନତା ସୃଷ୍ଟି କରିବ ବୋଲି ଜଣାପଡିଛି ।

ଜନ୍ମବେଦିରୁ ରତ୍ନବେଦିକୁ ବାହୁଡିଲେ ମହାବାହୁ

ଭଟଲି,୧୨।୭(ଡି.ଏନ.ଏ)

ଭଟଲିଠାରେ ଦଧିବାମନ ଧାମରେ ଶୁକ୍ରବାର ବାହୁଡାଯାତ୍ରା ସମ୍ପନ୍ନ ହୋଇଛି । ମହାପ୍ରଭୁ ଦଧିବାମନ ଗୁଣ୍ଡିଚା ମନ୍ଦିରସ୍ଥ ଜନ୍ମବେଦୀ (ଆଡ଼ପମଣ୍ଡପ) ଛାଡ଼ି ରଥାରଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ଏହି ଯାତ୍ରା ପାଇଁ ଗୁରୁବାର ମଧ୍ୟରାତ୍ରିରେ ଦଧିବାମନଙ୍କୁ ତାଙ୍କର ଅତି ପ୍ରିୟ ପୁଡ଼ାପିଠା ଭୋଗ ଲାଗି କରାଯାଇଥିଲା । ପ୍ରତ୍ୟୁଷରୁ ପ୍ରଭୁଙ୍କ ବୈଦିକ ପୂଜାନୀତି ପରେ ପହଣ୍ଡିପୂଜା ହୋଇଥିଲା । ଭଟଲି ଗୌଡ଼ିଆଙ୍କ ଦ୍ୱାରା ଛେରାପହରା ଆରମ୍ଭ ହେବା ସହ ପ୍ରଭୁ ବଡ଼ଦାଣ୍ଡକୁ ବିଜେ କରିଥିଲେ। ଏହାପରେ ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଦଧିବାମନ ପୁରୋହିତଙ୍କ କର ଦୋଳିରେ ପହଣ୍ଡ ହୋଇ ରଥକୁ ଆସିଥିଲେ । ରଥରେ ବେଶ କରାଯାଇ ପୂଜାପାଠ ସହ ମଙ୍ଗଳ ଆଳତୀ କରାଯାଇଥିଲା । ଆଳତୀ ପରେ ନବଜନ୍ମିତ ଶିଶୁ ମାନଙ୍କୁ ରଥଛୁଆଁ ଯାଇଥିଲା । ଏହାପରେ ରଥ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲା। ଅପରାହ୍ନ ପ୍ରାୟ ୨ଟାରେ ରଥଟଣା ଆରମ୍ଭ ହୋଇ ପ୍ରାୟ ୫ଟାରେ ରଥ ପଡ଼ିଆରେ ରଥ ପହଞ୍ଚିଥିଲା। ସେଠାରେ ପୂଜାନୀତି ସମାପନ ପରେ ପ୍ରଭୁ ଦଧିବାମନଙ୍କୁ ପହଣ୍ଡ କରି ଶ୍ରୀମନ୍ଦିରକୁ ନିଆଯାଇଥିଲା। ସେଠାରେ ଅଭିମାନିନୀ ଲକ୍ଷ୍ମୀ ପ୍ରଭୁଙ୍କ ବାଟ ଓଗାଳିଥିଲେ । ଏହାଦେଖି ପ୍ରଭୁ ଦଧିବାମନ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିବା ପରେ ଲକ୍ଷ୍ମୀ ଗମ୍ଭୀରା ନିକଟସ୍ଥ ଜୟବିଜୟ ଦ୍ୱାର ଖୋଲିଥିଲେ। ଏହାସହ ପ୍ରଭୁଙ୍କୁ ରତ୍ନସିଂହାସନରେ ବିଜେ କରାଯାଇଥିଲା। ପରେ ତାଙ୍କୁ ରସଗୋଲା ଭୋଗ ଲାଗି କରାଯାଇଥିଲା । ଶନିବାର ଦଧିବାମନ ରତ୍ନ ସିଂହାସନରେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ପାଇକମାଳ, (ଡି.ଏନ.ଏ):
ପାଇକମାଳ ମାଉସୀ ମା ମନ୍ଦିରରୁ ତିନି ଠାକୁର ନୃସିଂହନାଥକୁ ରଥରେ ବସି ଫେରିଆସିଛନ୍ତି । ମାଉସୀ ମା ମନ୍ଦିରରେ ଆଠ ଦିନ ରହି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଶୁକ୍ରବାର ସକାଳେ ତିନି ଠାକୁରଙ୍କୁ ନୂତନ ବେଶରେ ସୁସଜ୍ଜିତ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ଅପରାହ୍ନ ୩ଟାରେ ଠାକୁରମାନ



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ

ସଂକ୍ଷେପରେ

ଟ୍ରାକ୍ଟର ଚାପାରେ ଛାତ୍ର ମୃତ, ଉତ୍ତେଜନା

ଲୋଇସିଂହା, ୨।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବିନ୍ଧାପାଲି ଗାଁରେ ଟ୍ରାକ୍ଟର ଚାପାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ଜିଲା ଗାଇସିଲାଟ ବ୍ଲକ ଭୂତିବାହାଲ ଗ୍ରାମର ନାଗର ଜୁଏଡଙ୍କ ପୁଅ ଡିଲେଶ୍ୱର ଜୁଏଡ(୧୫) । ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଟ୍ରାକ୍ଟରକୁ ପୋଡି ଦେଇଛନ୍ତି। ଆଗଲପୁର ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭାମଭୋଇ ମେଡିକାଲକୁ ପଠାଇଛି। ଡିଲେଶ୍ୱର ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଜେମାପାଲିକୁ ନିୟମିତ ଟ୍ୟୁସନ ଆସନ୍ତି। ଶୁକ୍ରବାର ସବୁଦିନ ପରି ସେ ଟ୍ୟୁସନ ସାରି ବିନ୍ଧାପାଲି ଦେଇ ଘରକୁ ଚାଲି କରି ଫେରୁଥିଲେ। ଏହି ସମୟରେ ଡିଲେଶ୍ୱରକୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା ।

କୁକିଆରେ ଭଜନ ସମାରୋହ

ଉଲୁଣ୍ଡା, ୧୨।୭(ଡି.ଏନ.ଏ.): ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତର କୁକିଆ ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ଯାତ୍ରା ଅବସରରେ ରଘୁନାଥ ନାଟ୍ୟ କଳା ପରିଷଦର ପୃଷ୍ଠପୋଷକତା କ୍ରମେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଦାମୋଦର ମେହେରଙ୍କ ସମେତ ଡ.ଅନିରୁଦ୍ଧ କୁରକୁରିଆ, ଗୌରଚନ୍ଦ୍ର ପରିଛା, କାହ୍ନୁଚରଣ ନାୟକ, ଶରତ ମେହେର ପ୍ରମୁଖ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଭଜନ ପରିବେଷଣ କରିଥିଲେ।

ବିନିକା, ସିଂଘିଯୁବାରେ ବାହୁଡା ଯାତ୍ରା ସମ୍ପନ୍ନ

ବିନିକା,୧୨।୭(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଓ ସିଂଘିଯୁବା ଗ୍ରାମରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିନିକା ସହରସ୍ଥିତ ଜଗନ୍ନାଥ ମନ୍ଦିର ପୂଜକ ମାନଭଞ୍ଜନ ପୂଝାରୀ ଓ ବ୍ରାହ୍ମଣମାନେ ପୂର୍ବାହ୍ନ ୧୦ଟାରେ କଂସାରୀପଡାସ୍ଥିତ ମାଉସୀ ମନ୍ଦିରରୁ ପହଣ୍ଡି ଯାତ୍ରା ପାଇଁ ପ୍ରଭୁ ଜଗନ୍ନାଥ ଭଲଭଦ୍ର ଓ ସୁଭଦ୍ରାଙ୍କ ଆଜ୍ଞାଘେନା କରିଥିଲେ। ପହଣ୍ଡି ଯାତ୍ରା ବେଳେ ବିନିକା ତହସିଲଦାର ଅଲେଖ ଘୁଟା ଛେରାପହରା କରିଥିଲେ । ପରେ ବିନିକା ରଥପଡାସ୍ଥିତ ଜଗନ୍ନାଥ ମନ୍ଦିର ଅଭିମୁଖେ ବାହାରିଥିଲେ ତିନି ଠାକୁର । ଜଗନ୍ନାଥ ମହାପ୍ରଭୁ ଗୋଟିଏ ରଥରେ ବିଜେ କରିଥିବା ବେଳେ ବଳଭଦ୍ର ଓ ସୁଭଦ୍ରା ଅନ୍ୟ ଏକ ରଥରେ ବିଜେ ହୋଇଥିଲେ । ଜଗନ୍ନାଥଙ୍କ ରଥ କଳ୍ପନା ପଡା କଲ୍ୟାଣ ମଣ୍ଡପ ଯାଏଁ ଟଣା ହୋଇଥିବା ବେଳେ ବଳଭଦ୍ର ଓ ସୁଭଦ୍ରା ବିଜେ କରିଥିବା ରଥ ଚଣ୍ଡିପଡା ଯାଏଁ ଯାଇଛି । ସେହିପରି ସିଂଘିଯୁବା ଗ୍ରାମରେ ତିନି ଠାକୁରଙ୍କ ପହଣ୍ଡି ବିଜେ ଓ ରଥଟଣା ପର୍ବ ବେଶ୍ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ସିଂଘିଯୁବା ମାଉସୀ ମନ୍ଦିରରୁ ତିନି ଠାକୁରଙ୍କୁ ରଥାରୁଢ କରାଯାଇ ସିଂଘିଯୁବା ଇନ୍ଦ୍ରା କଲୋନୀ ଯାଏଁ ରଥ ଟଣାଯାଇଥିଲା ।

ନିମ୍ନମାନର ଅଭିଯୋଗରେ କାମ ବନ୍ଦ ଘଟଣା

ତଦାରଖ କଲେ ବିଭାଗୀୟ ଯନ୍ତ୍ରୀ

ଅମରପାଲି, ୧୨।୭ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୁଖ୍ୟ ଛକଠାରୁ ରେଢ଼ାଖୋଲ–ବୀରମହାରାଜପୁର ସୀମାବର୍ତ୍ତୀ ଅମରପାଲି ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ହେଉଥିବା ରାସ୍ତା କାମ ନିମ୍ନମାନର ଅଭିଯୋଗରେ ଅମରପାଲି ଗ୍ରାମବାସୀ ଗୁରୁବାର କାମ ବନ୍ଦ କରିଥିଲେ। ବିଭାଗୀୟ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ କାମ କରାଇ ନଦେବାକୁ ଦାବି କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବିଭାଗୀୟ ଯନ୍ତ୍ରୀ ମହେଶ୍ୱର ପାସା କାମ ସ୍ଥଳୀକୁ ଆସିଥିଲେ। ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ ଓ ଗ୍ରାମର ପ୍ରଫୁଲ୍ଲ ସାହୁ, ଜ୍ଞାନରଞ୍ଜନ ସାହୁ, ଜନ୍ମେଜୟ ପଧାନ, ଦେବ ସାହୁ, ଗୌରାଙ୍ଗ ଭରାସାଗର, ଚମ୍ପେଶ୍ୱର ସାହୁ, ରମେଶ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନରେ ନିର୍ମାଣ କାମର ତଦନ୍ତ କରିଥିଲେ। ତଦନ୍ତରୁ ଜଣାପଡିଲା ଯେ, ରାସ୍ତାର ଉଭୟ ପାର୍ଶ୍ୱରେ ଆବଶ୍ୟକଠାରୁ କମ୍ ମାଟି ଖୋଳା ଯାଇଥିଲା। ଏପରିକି ସେଠାରେ ବାଲି, ଡଷ୍ଟ ଓ ଚିପ୍ସ ଦିଆଯାଇଥିବା ଯନ୍ତ୍ରୀ ମଧ୍ୟ କହିଥିଲେ । ଉକ୍ତ କାମକୁ ଆଉ ଥରେ ଠିକ୍‌ରେ କରିବାକୁ କହିଥିଲେ।

ସୂଚନାଯୋଗ୍ୟ ଯେ, ବୀରମହାରାଜପୁରଠାରୁ ଅମରପାଲି ପର୍ଯ୍ୟନ୍ତ ୨୩ କିମି ୫୫୦ ମିଟର ରାସ୍ତାକୁ ପ୍ରାୟ ୨୬ କୋଟି ୨୯ ଲକ୍ଷ ୩୮ ହଜାର ଟଙ୍କା ଅଟକଳରେ ନିର୍ମାଣ ହେଉଛି। ଉକ୍ତ କାମକୁ ବ୍ରିଲିଏଣ୍ଟ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ କାର୍ଯ୍ୟାଦେଶ ପାଇଛି। କାମଟି ୫ ଡିସେମ୍ବର, ୨୦୨୦ରେ ସମାପନ ହେବାର ସୂଚନା ଫଳକରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏବେ ରାସ୍ତାର ଉଭୟ ପାର୍ଶ୍ୱ ଖୋଳି ସେଥିରେ ବାଲି, ଚିପ୍ସ ଓ ଡଷ୍ଟର ଅନୁପାତ ମଧ୍ୟ ଠିକ ରହୁ ନ ଥିବା ଅଭିଯୋଗ କରିଥିଲେ। ସୂଚନା ଅନୁସାରେ ଉକ୍ତ ରାସ୍ତା ଉକ୍ତ ଅଞ୍ଚଳର ଜୀବନରେଖା ସଦୃଶ ଅଟେ। ପ୍ରାୟ ୫୦୦ରୁ ଅଧିକ ଗ୍ରାମର ଲୋକେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଛନ୍ତି। ତେଣୁ ଉକ୍ତ ରାସ୍ତାକୁ ଠିକ୍‌ରେ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଅଭିଯୋଗ ପରେ ନିର୍ମାଣ କାମର ତଦାରଖ କରାଯାଉଛି ।

- ଅମରପାଲି-ବୀରମହାରାଜପୁର ରାସ୍ତା
- ଯନ୍ତ୍ରୀ ମାନିଲେ କାମ ନିମ୍ନମାନର
- ଆଉଥରେ ହେବ ନିର୍ମାଣ କାମ

ଲୋକଙ୍କୁ ମିଳୁନି ପାଇପ ପାଣି

ତରଭା, ୧୨।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଡଭାଇଁରୋ ପଞ୍ଚାୟତର ସଦର ଗାଁ ବଡଭାଇଁରୋରେ ଏବେ ଲୋକଙ୍କୁ ମିଳୁନି ପାଇପ ପାଣି। ଜଳଯୋଗାଣ ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇ ପଡିଛି। ନିର୍ମାଣ କାମ କେବେ ସରିବ ତାର କୌଣସି ସଠିକ ସୂଚନା ନାହିଁ। ସରକାରଙ୍କ ନିୟମ ଅନୁଯାଇ ପ୍ରକଳ୍ପ ଆରମ୍ଭ ହେବା ସମୟରେ ସୂଚନା ଫଳକ ଲାଗିବା କଥା । ହେଲେ ଏଠାରେ ସୂଚନା ଫଳକ ଲାଗି ନ ଥିବାରୁ ଗ୍ରାମବାସୀ ପ୍ରକଳ୍ପ ସମ୍ପର୍କରେ ସୂଚନା ପାଇପାରୁ ନାହାନ୍ତି । ୧୪ଶହ ଲୋକସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ୪ଟି ନଳକୂପ ରହିଥିବା ବେଳେ ୨ଟିରୁ କମ୍ ପାଣି ବାହାରୁଛି । ଫଳରେ ଗ୍ରାମବାସୀ ହାଇସ୍କୁଲରେ ଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି । ପାତାଳ ବୋରିଂ ଖୋଳାଯାଇ ଗ୍ରାମକୁ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା । ହେଲେ ଆଜକୁ ଏକ ମାସରୁ ଊର୍ଦ୍ଧ୍ୱ ହେବ ଉକ୍ତ ଜଳ ଯୋଗାଣ କେନ୍ଦ୍ରର ପମ୍ପ ପୋଡି ଯାଇଥିବାରୁ ଗ୍ରାମବାସୀ ପାଣି ପାଇ ନ ପାରି ଡହଳବିକଳ ହେଉଛନ୍ତି । ଏ ନେଇ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ସାହୁଙ୍କୁ ପଚାରିବାରୁ ଦୁଇରୁ ତିନି ମାସ ମଧ୍ୟରେ ଓଭରହେଡ ଟାଙ୍କି ନିର୍ମାଣ କାମ ଶେଷ କରି ଜନସାଧାରଣଙ୍କୁ ପାଇପ ଯୋଗେ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

- ଫେଲ ମାରିଛି ଜଳ ଯୋଗାଣ ପ୍ରକଳ୍ପ
- ଓଭରହେଡ ଟାଙ୍କି ନିର୍ମାଣ ଅଧାପନ୍ତରିଆ

ବୀରମହାରାଜପୁରରେ ବାହୁଡା ଯାତ୍ରାରେ ପହଣ୍ଡି କରାଯାଉଛି ।

ବୀରମହାରାଜପୁରରେ ବାହୁଡ଼ା ଯାତ୍ରା

ଅମରପାଲି, ୧୨।୭ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଅନୁଷ୍ଠିତ ବାହୁଡା ଯାତ୍ରା ପାଇଁ ପୂର୍ବ ନୀତି ନିର୍ଘଣ୍ଟ ଅନୁଯାୟୀ କରାଯାଇଥିଲା। ସକାଳୁ ଦ୍ୱାରଫିଟା, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା କରାଯାଇଥିଲା। ଚତୁର୍ଦ୍ଧା ବିଗ୍ରହଙ୍କୁ ମଙ୍ଗଳ ଆଳତୀ ପରେ ଖେଚୁଡି ଭୋଗ ଲାଗି କରାଯାଇଥିଲା । ଏହାପରେ ଶ୍ରୀଜୀଉଙ୍କୁ ବେଶ କରାଯାଇ ଶେଷ ଆଡପ ଆଳତୀ ଓ ଆଡପ ନୀତି କରାଯାଇଥିଲା। ଅପରାହ୍ନରେ ଉଫୁଲାସ୍ଥିତ ମାଉସୀ ମନ୍ଦିରରୁ ଶ୍ରୀଜିଉଙ୍କୁ ବାହୁଡା ଗୋଟି ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ବିଷ୍ଣୁଚରଣ ପଣ୍ଡା ରଥାରୁଢ଼ ଠାକୁରଙ୍କୁ ଛେରାପହଁରା କରିଥିଲେ। ଏହାପରେ ପ୍ରଥମେ ବଳଭଦ୍ର ତାପରେ ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କ ରଣ ଟଣା ହୋଇଥିଲା। ସବୁବର୍ଷ ପରି ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ଯାତ୍ରା ସମୟରେ ଭୂଷଣ ପାତ୍ର ଓ ରାମକୃଷ୍ଣ ହୋତା ବାହୁଡା ଯାତ୍ରାର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଘଣ୍ଟବାଦ୍ୟ, ମହିଳା ଓ ପୁରୁଷ ସଂକୀର୍ତ୍ତନ୍ୟ ପରିବେଷଣ କରାଯାଇଥିଲା । ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଏହାବାଦ ମୁର୍ଗୁଣ୍ଡୀ, ଲୁଟୁରପଙ୍କ, ବହଳପଦର, ଖଇରମାଳ, ବର୍ତ୍ତାକଟା, ଖଣ୍ଡହତା, ଟିକ୍ରାପଡା, ସୁବଳୟା, ଉଫୁଲା, କମଳପୁର, କେନ୍ଦୁପାଲି, ଷଣ୍ଢା, ବାଗବର ଆଦି ଗ୍ରାମରେ ମଧ୍ୟ ବାହୁଡା ଯାତ୍ରା ସମାପନ ହୋଇଯାଇଛି ।

ବେଆଇନ ଜବରଦଖଲ, ରାସ୍ତା ସଙ୍କୁଚିତ

ସୋନପୁର,୧୨।୭(ନି.ପ୍ର.)

ସହରରେ ବଢୁଛି ଟ୍ରାଫିକ୍ ସମସ୍ୟା

ବେଆଇନ ପାର୍କିଂ ଯୋଗୁଁ ସୋନପୁର ଷ୍ଟେଟ୍‌ବ୍ୟାଙ୍କ ସମ୍ମୁଖ ରାସ୍ତାରେ ଟ୍ରାଫିକ୍ ସମସ୍ୟା ।

ଯୋଜନାବଦ୍ଧ ବିକାଶ ହେଉ ନ ଥିବାରୁ ସୁବର୍ଣ୍ଣପୁର ସହରର ଟ୍ରାଫିକ୍ ସମସ୍ୟା ବଢିବାରେ ଲାଗିଛି। ଦୁର୍ଘଟଣା ମଧ୍ୟ ଘଟୁଛି। ଜନସଂଖ୍ୟା ବୃଦ୍ଧି ସହିତ ତାଳଦେଇ ଯାନବାହାନ ସଂଖ୍ୟା ବଢିଛି। ସହର ମଧ୍ୟ ସମାନୁପାତିକ ଭାବେ ବଢୁଛି। କିନ୍ତୁ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ଲୋକଙ୍କ ମଧ୍ୟରେ ସରକାରୀ ଜମି, ଦେବୋତ୍ତର ଜମି, ରାସ୍ତା ଓ ଡ୍ରେନ୍ ଜବରଦଖଲ କରିବାର ମନୋବୃତ୍ତି ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ସହରର ପ୍ରମୁଖ ରାସ୍ତା ଜବରଦଖଲକାରୀଙ୍କ ଅକ୍ତିଆରକୁ ଚାଲିଗଲାଣି। ପ୍ରଶାସନ କେବଳ ନିଦାବିଷ୍ଟ ସାଜିଛି। ଏଭଳି ଅପରିଣାମଦର୍ଶିତା ପାଇଁ ବ୍ଲକ ଅଫିସଠାରୁ ଜୟଗୁରୁ ମର୍କେଟ ପର୍ଯ୍ୟନ୍ତ ଏବେ ନୂତନ କରି ଡେଲି ମାର୍କେଟ ସୃଷ୍ଟି ହୋଇଛି। ବ୍ୟବସାୟୀମାନେ ନିଜର ଦୋକାନ ବଢାଇବାରେ ଲାଗିଛନ୍ତି। ମୁଖ୍ୟ ରାସ୍ତା ଉପରେ ଯାନବାହାନ ରଖି ଲୋକେ ପନିପରିବା କିଣୁଛନ୍ତି। ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥରେ ସବୁବେଳେ ଯାନବାହାନ ଭିଡ ରହୁଥିବାରୁ ଅଘଟଣ ଘଟିବାର ସମ୍ଭାବନା ରହିଛି। କିନ୍ତୁ ପ୍ରଶାସନିକ ଅଧିକାରୀ, ପୌରପାଳିକାର ଦୃଷ୍ଟି ପଡୁନି। ସଂକୀର୍ଣ୍ଣ ରାସ୍ତା ପାଇଁ ଭାରୀଯାନ ଯଥା ୧୦ ଚକିଆ ଓ ୧୪ ଚକିଆ ଯାନ ଯାତାୟାତରେ ସମସ୍ୟା ହେଉଛି। ବ୍ୟବସାୟର ମୁଖ୍ୟସ୍ଥଳ ବିନ୍ଧୁ ପଟ୍ଟନାୟକ ଛକରେ ଗାଡି ମୋଟର ସବୁ ରାସ୍ତା ଉପରେ ରହୁଛି। ବିନ୍ଧୁ ପଟ୍ଟନାୟକ ଛକରୁ ଗଙ୍ଗାଧର ମେହେର ଛକ ଓ ବଡବଜାର ରାସ୍ତାରେ ଡ୍ରେନ୍‌ଗୁଡିକ ଜବରଦଖଲରେ ରହିଛି। ସେହିପରି ବୀରମିତ୍ର ସିଂଦେଓ ଛକରୁ ନଳିନୀ ଛକ ପର୍ଯ୍ୟନ୍ତ ରାସ୍ତା ସବୁବେଳେ ଭିଡ ରହୁଛି। ବେଆଇନ ପାର୍କିଂ ଯୋଗୁଁ ଷ୍ଟେଟ୍‌ବ୍ୟାଙ୍କ ସମ୍ମୁଖ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବେଆଇନ ପାର୍କିଂ ମଧ୍ୟ ଟ୍ରାଫିକ୍ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ସହର ଦେଇ ଯାଉଥିବା ମୁଖ୍ୟରାସ୍ତା ଓ ଆଭ୍ୟନ୍ତରୀଣ ରାସ୍ତାର ବିଭିନ୍ନ ସ୍ଥାନରେ ଗୋରୁ ଓ ଷଣ୍ଢ ବୁଲୁଛନ୍ତି। ଭୋକ ଯୋଗୁଁ ସେମାନେ ଲୋକଙ୍କ ଘର, ପରିବା ମାର୍କେଟ ଓ ବିଭିନ୍ନ ଦୋକାନକୁ ପଶି ଜିନିଷପତ୍ର ଖାଇବାକୁ ଟାଣି ଆଣୁଥିବା ମଧ୍ୟ ଦେଖିବାକୁ ମିଳୁଛି। ପ୍ରଶାସନ, ପୌରପାଳିକା ଓ ପୋଲିସ ଏଥିପ୍ରତି ଦୃଷ୍ଟିଦେବା ଜରୁରୀ ହୋଇ ପଡିଛି। ବେଆଇନ ଜବରଦଖଲ ଉଚ୍ଛେଦ ସହିତ ଟ୍ରାଫିକ୍ ସମସ୍ୟା ସୁଧାରିବାକୁ ପ୍ରଶାସନ ତତ୍ପର ହେଲେ ଦୁର୍ଘଟଣାକୁ ଅନେକାଂଶରେ ନିୟନ୍ତ୍ରଣ କରା ଯାଇପାରିବ ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ ମତପ୍ରକାଶ ପାଉଛି ।

ପାତାଳି ଶ୍ରୀକ୍ଷେତ୍ରରେ ବାହୁଡାରେ ମହାପ୍ରଭୁଙ୍କୁ ପହଣ୍ଡି କରି ନିଆଯାଉଛି।

ପାତାଳି ଶ୍ରୀକ୍ଷେତ୍ର, ବାହୁଡିଲେ ଶ୍ରୀଜୀଉ

ଉଲୁଣ୍ଡା, ୧୨।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ବାହୁଡା ଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଛି। ସକାଳ ୫ଟାରେ ଦ୍ୱାର ଫିଟା, ୫.୩୦ରେ ସୂର୍ଯ୍ୟପୂଜା, ୬ଟାରେ ମଙ୍ଗଳ ଆଳତି, ୭ଟାରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଖେଚୁଡି ଭୋଗ ଲାଗି କରାଯାଇଥିଲା। ସେହିପରି ୮.୩୦ରୁ ୯.୩୦ଟା ପର୍ଯ୍ୟନ୍ତ ସେବାୟତମାନେ ଠାକୁରଙ୍କୁ ବେଶ କରିଥିଲେ। ପୂର୍ବାହ୍ନ ୯।୩୦ରୁ ୧୦।୩୦ ପର୍ଯ୍ୟନ୍ତ ଆଡପ ଆଳତି ଦିଆଯାଇଥିଲା। ପୂର୍ବାହ୍ନ ୧୧ରେ ବାହୁଡା ପହଣ୍ଡି କରାଯାଇଥିଲା। ଗୋପାଳ ପଣ୍ଡା ଏବଂ ନରସିଂହ ପଧାନ ପହଣ୍ଡ ଛେରା ପହଁରା ଓ ଗୌଡିଆ ଚମରା ଅମାତ ତିନି ରଥରେ ଛେରାପହଁରା କଲା ପରେ ରଥଟଣା ଆରମ୍ଭ ହୋଇଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା ସେବାୟତମାନେ ପହଣ୍ଡି କରିଥିବାବେଳେ କୁକିଆ ଗାଁର ମହିଳା ସଂକୀର୍ତ୍ତନ ଏବଂ ଖୁଣ୍ଟୁଲାପାଲିର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପାତାଳି ଶ୍ରୀକ୍ଷେତ୍ର କଳା ପରିଷଦ ତରଫରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପଙ୍କଜ ସାହୁ ଏବଂ ସୁଧାଂଶୁ ଶେଖର ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପୂର୍ଣ୍ଣଚନ୍ଦ୍ର ପାଢୀ।

ରଥାରୂଢ ହେଲେ ତିନିଠାକୁର

ଦଧିବାମନ, ବୃନ୍ଦାବନ ବିହାରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ ମହାପ୍ରଭୁ

ସୋନପୁର,୧୨।୭(ନି.ପ୍ର.)

ମହାପ୍ରଭୁଙ୍କ ବାହୁଡା ରଥଯାତ୍ରା। ଏଥିପାଇଁ ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀ ଉତ୍ସବମୁଖର। ଶୁକ୍ରବାର ସକାଳେ ମାଉସୀ ମା' ମନ୍ଦିରମାନଙ୍କରେ ଦୈନିକ ପୂଜାନୀତି ସମାପନ ହୋଇଥିଲା। ସନ୍ଧ୍ୟାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପହଣ୍ଡି ବେଶ ଅନୁଷ୍ଠିତ ହୋଇଛି। ଏଥିପାଇଁ ସହରର ଗଡଭିତରର ଜଗନ୍ନାଥ ମନ୍ଦିର, ଘୋଟାଘାଟପଡାର ଦଧିବାମନ ମନ୍ଦିର, ରାୟଗୁରୁପଡାର ବୃନ୍ଦାବନ ବିହାରୀ ମନ୍ଦିର ଓ ଥନାପତିପଡାର ଚନ୍ଦ୍ରଶେଖର ପାଠାଗାର ଅଧିକ ଚଳଚଞ୍ଚଳ ହୋଇ ଉଠିଥିଲା। ଗୁଣ୍ଡିଚା ମନ୍ଦିରରେ ମଙ୍ଗଳାର୍ପଣ ହୋଇ ଅପରାହ୍ନ ସାଢେ ୫ଟାରେ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ବଡଭାଇ ବଳଭଦ୍ର, ପରେ ଦେବୀ ସୁଭଦ୍ରା ଓ ଶେଷରେ ଜଗନ୍ନାଥ ପହଣ୍ଡି ହୋଇଥିଲେ। ଉପନ ଭୋଗ ଓ ଛେରା ପହଁରା ନୀତି ବଢି ରାତିରେ ଚତୁର୍ଦ୍ଧା ବିଗ୍ରହ ରଥାରୂଢ ହୋଇଥିଲେ। ଶନିବାର ରଥ ଜଗନ୍ନାଥ ମନ୍ଦିର ଅଭିମୁଖେ ଯାତ୍ରା କରିବ। ଅନ୍ୟପକ୍ଷେ ସହରର ଘୋଡାଘାଟପଡାସ୍ଥିତ ଦଧୀବାମନ ଜୀଉ ମନ୍ଦିର ଓ ବୃନ୍ଦାବନ ବିହାରୀ ମନ୍ଦିରର ମହାପ୍ରଭୁ ଶୁକ୍ରବାର ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ମଝିପଡାସ୍ଥିତ ରାମଜୀ ମନ୍ଦିର ଓ ନୂଆପଡା ସ୍ଥିତ ମାଉସୀ ମା' ମନ୍ଦିରରୁ ଯଥାରୀତି ଶ୍ରୀଜୀଉଙ୍କ ପହଣ୍ଡି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତିନି ଠାକୁର ରଥାରୂଢ ହେବା ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ଥନାପତିପଡାରେ ମଧ୍ୟ ଶୁକ୍ରବାର ରଥଟଣା ସମ୍ପନ୍ନ ହୋଇଛି । ସୋନପୁର ବ୍ଲକର ଖର୍‌ଗୁରା, ନାରାୟଣପୁର, ଦେଉଳପଦର, ଗଡିଆ, ମଲିକମୁଣ୍ଡା, ଲଛିପୁର ଓ ଖଲିଆପାଲିସ୍ଥିତ ଜଗନ୍ନାଥ ମନ୍ଦିରରେ ପହଣ୍ଡି ବିଜେ ନୀତି ଅନୁଯାୟୀ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି। ଦେବୋତ୍ତର ବିଭାଗ ଓ ରଥଯାତ୍ରା କମିଟି ପକ୍ଷରୁ ନୀତି ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

ବାହୁଡା ଯାତ୍ରା ପାଇଁ ମାଉସୀ ମା ମନ୍ଦିରରୁ ଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ଅଣାଯାଉଛି ।

ଆଜି ରଥଟଣା

ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।
- ରାମାନୁଜ

ସଂକ୍ଷେପରେ

ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

ନୂଆପଡା ଅଫିସ,୧୨।୭- ନୂଆପଡା ଜିଲା ଲଖନା ଥାନା ଟେଙ୍ଗନାବସା ଗାଁର ଖୁସିରାମ ମାଝି (୪୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଗାଁରେ ଥିବା ବିଜୁଳୀ ତାର ଛିଣ୍ଡି ତଳେ ପଡିଥିଲା । ଖୁସିରାମ ଘରୁ ବାହାରି ରାସ୍ତାକୁ ଯିବା ବେଳେ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଲଖନା ଥାନା ପୋଲିସ ମୃତଦେହ ଜବତ କରିଥିବାବେଳେ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି । ଗରିବ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।

ବାହୁଡ଼ିଲେ ତିନି ଠାକୁର

ନୂଆପଡା ଅଫିସ,୧୨।୭

ଛତିଶଗଡ ସୀମାନ୍ତବର୍ତ୍ତୀ ନୂଆପଡା ଜିଲା ସଦର ମହକୁମାରେ ବାହୁଡା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଶୁକ୍ରବାର ଅପରାହ୍ନ ୫ଟାବେଳେ ମାଉସୀମା ମନ୍ଦିରରୁ ବାହୁଡା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସ୍ଥାନୀୟ ଇରିଗେସନ କଲୋନୀସ୍ଥିତ ରାଧାରାଣୀ ମନ୍ଦିରରେ ରହିଥିବା ସାର୍ବଜନୀନ ବାହୁଡାଯାତ୍ରାରେ ତିନିଠାକୁର ଗୋଟିଏ ପଟେ ବାହାରିଥିବାବେଳେ ଅନ୍ୟପଟେ ବହଦାର ପରିବାର ତରଫରୁ ଟଣାଯାଉଥିବା ରଥ ମଧ୍ୟ ପହଞ୍ଚିଥିଲା । ଏଠାରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଏଥିରେ ବିଶେଷତା ଦେଖାଯାଇଥିଲା ଯେ ସାର୍ବଜନୀନ ରଥକୁ ଇରିଗେସନ କଲୋନୀଠାରୁ

ନୂଆପଡା ସହର ମଧ୍ୟରେ ବାହୁଡା ରଥ ପରିକ୍ରମା କରୁଛି ।

ଠିକ ସେହି ସମୟରେ ବାହାରିଥିଲା । ଏକତା ଛକ ନିକଟରେ ଦୁଇରଥ ପରସ୍ପରକୁ ଭେଟିଥିଲେ । ଏହି ସମୟରେ ଦୀର୍ଘ ଦୂର ପର୍ଯ୍ୟନ୍ତ ମହିଳାମାନେ ଟାଣି ଟାଣି ନେଇଥିଲେ । ଏଥିରେ ଶିଶୁଠାରୁ ବୃଦ୍ଧାଯାଏଁ ଜଗନ୍ନାଥ ନାମରେ ମଜ୍ଜିଯାଇଥିବା ଦେଖାଯାଇଥିଲା । ଢୋଲ କୀର୍ତ୍ତନରେ ସମଗ୍ର ସହର ଦୁଲୁକିପଡିଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିବାକୁ ଥାନାଧିକାରୀ ଆଦିତ୍ୟ ମହାକୁଡଙ୍କ ନେତୃତ୍ୱରେ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲା । ଏହି କାର୍ଯ୍ୟକ୍ରମ ଦେଖିବାକୁ ନୂଆପଡାର ଆଖପାଖ ଅଞ୍ଚଳ ସମେତ ପଡୋଶୀ ଛତିଶଗଡ ଅଞ୍ଚଳରୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା ।

ଶମ୍ବର ଶିକାର ଘଟଣା

ପୁଣି ୨୩ଜଣଙ୍କୁ ଗିରଫ କଲା ବନବିଭାଗ

ନୂଆପଡା ଅଫିସ/ଖଡିଆଳ, ୧୨।୭

ନୂଆପଡା ଜିଲା ଖଡିଆଳ ବନଖଣ୍ଡ ଅଧୀନ ବୋଡେନ ଥାନା ଅଞ୍ଚଳର ଡଣ୍ଡେଇବସା ଏବଂ ଟେମରୀ ଗାଁରେ ଏକ ସମ୍ବରକୁ ମାରି ମାଂସ ଭାଗ ବଣ୍ଟା କରୁଥିବାବେଳେ ବୋଡେନ ଫରେଷ୍ଟ ବିଭାଗ ପ୍ରଥମ ଦିନରେ ୫ ଜଣଙ୍କୁ ଗିରଫ କରିଥିବାବେଳେ ପୁଣି ୨୩ ଜଣଙ୍କୁ ଗିରଫ କରାଯାଇଛି । ଫଳରେ ଗିରଫ ସଂଖ୍ୟା ୨୮ରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଗତ ବୁଧବାର ଡଣ୍ଡେଇସା ଏବଂ ଟେମରୀ ଗା ମଝରେ ଏକ ସମ୍ବର ପାଣି ପିଇବାକୁ ଚାଲିଆସିଥିଲା । ଏହାକୁ ଦେଖି ଗ୍ରାମବାସୀ ତାକୁ ମାରି ମାଂସ କାଟିଥିଲେ। ପରେ ଭାଗବଣ୍ଟା କରୁଥିବା ସମୟରେ ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ଗାଁରେ ଚଢାଉ କରିଥିଲା । ସେହି ଦିନ ୫ଜଣଙ୍କୁ ଗିରଫ କରିଥିବାବେଳେ ପୁଣି ଗୁରୁବାର ସନ୍ଧ୍ୟାରେ ୨୩ଜଣଙ୍କୁ ଗିରଫ କରାଯାଇ ଶୁକ୍ରବାର ପୂର୍ବାହ୍ନରେ କୋର୍ଟ ଚାଲାଣ କରାଯାଇଛି ।

ବନ ବିଭାଗ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନେ ।

ଗିରଫ ସଂଖ୍ୟା ୨୮ରେ ପହଞ୍ଚିଲା

ବେକରେ ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା: ପ୍ରେମିକଙ୍କୁ ଦାୟୀ କଲେ ଯୁବତୀ

ନୂଆପଡା ଅଫିସ,୧୨।୭

ସୁଇସାଇଡାଲ ନୋଟ ଉଦ୍ଧାର

ନୂଆପଡା ଜିଲା ବେଲଟୁକୁରୀ ଥାନା ଅନ୍ତର୍ଗତ ଆମୋଦି ଟାଣ୍ଡାପଡାର ସୁନିତା ନାଏକ (୧୯) ନାମ୍ନୀ ଜଣେ ଯୁବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ବିବରଣୀମତେ ଗୁରୁବାର ରାତି ଘରେ ସମସ୍ତେ ଶୋଇପଡିବା ପରେ ସୁନୀତା ଉପର ମହଲାକୁ ଚଢିଯାଇ ସେଠାରେ ଛାତରେ ଏକ ରସିଲଗାଇ ଆତ୍ମହତ୍ୟା କରିଥିଲେ । ସକାଳେ ପରିବାର ଲୋକ ସେଠାକୁ ଯାଇ ଦେଖିବାବେଳକୁ ତାଙ୍କ ମୃତଦେହ ଝୁଲି ରହିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ସେଠାରୁ ଏକ ସୁଇସାଇଡାଲ ନୋଟ ମଧ୍ୟ ଉଦ୍ଧାର କରିଛି । ଯୁବତୀଙ୍କ ସହ ସେହି ଗାଁର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଯୁବତୀଙ୍କ ପରିବାର ଲୋକଙ୍କ ଅରାଜି ସତ୍ତ୍ୱେ ଯୁବକ ଜଣକ ବାରମ୍ବାର ବିବାହ କରିବାକୁ ବାଧ୍ୟ କରୁଥିଲେ । ଅନନ୍ୟୋପାୟ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ସୁନୀତା ଚିଠିରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଯୁବକଙ୍କୁ ଦାୟୀ କରିଥିବା ପ୍ରକାଶ । ପୋଲିସ ଏ ସମ୍ପର୍କରେ ସବିଶେଷ ତଦନ୍ତ ଚଳାଇଛି।

NOTICE

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.MSM-BIOTOILET-SBP-19

କାର୍ଯ୍ୟର ନାମ : ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର କୋଚିଙ୍ଗ୍ ଡିପୋ ର କୋଚ୍‌ଗୁଡ଼ିକରେ ଜୈବ-ଶୌଚାଳୟ (DRDE ଟାଇପ୍) ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଚୁକ୍ତି (AMOC) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,47,15,347.80, **EMD (ଟଙ୍କାରେ) :** 2,73,600/-, **ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) :** 11,800/-, **କାର୍ଯ୍ୟ ଶେଷ ହେବା ଅବଧି :** 03 (ତିନି) ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.08.2019 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ୍ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାଜତ କରି ଦିଆଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ)
ସମ୍ବଲପୁର
PR-227/K/19-20

Odisha State PSUs Employees Welfare Society
1st Floor, IDCOL House, Near IG Park, Bhubaneswar

Group Health Insurance Scheme – KALYANI
A boon for State Government and State owned PSU Employees for Better Health care facilities in time of need.

A Group Health Insurance Policy **KALYANI** implemented by **Odisha State PSUs Employees Welfare Society (OSPEWS)** has been a great success for extending health care facilities to more than 10,300 employees, retired employees and members of the OSPEWS since last three years.
For the year 2019-20, Star Health Insurance is the coverage provider to the members of OSPEWS.

Who are eligible for membership:
- All serving Government officials/PSU Employees/Outsourced / Contractual Employees/Retired employees
- Onetime fee of Rs.500/- applicable per family.
- Insurance coverage is available till the age of 80 years.

Policy Highlights with unique features:
- Coverage from Birth - 80 years
- Coverage for family of 6 persons - Husband + wife, 2 children & parents / Parents in law.
- Annual coverage up to 5 Lakhs per family.
- Coverage from day one.
- Cashless claim settlement with hospitals and reimbursement.
- Pre-hospitalisation for 30 days/post hospitalisation benefit for 60 days.
- Day care treatment in hospitals.
- Maternity benefit for women employees admissible without any waiting period.
- Cataract, hernia and hysterectomy up to Rupees one lakh.

How the Insurance claims can be made and settled:
- Star Health Insurance is the Partner Company to settle all medical claims as per procedure.
- Mobile app & SMS facility for communication with Star Health Insurance
- Yearly premium of Rs. 14,500/- per family.
- Bank loan facility is available for payment, if required. Bank will pay your premium up front and recover over one year period.
- 6500 Speciality hospitals of country are currently empanelled.

For more details please refer policy document.
Contact Person:- Sri P.K.Pattanaik, Executive Director, OSPEWS, IDCOL House, Near Indira Gandhi Park, Bhubaneswar, Mob:9776854108

ODISHA JOINT ENTRANCE EXAMINATION-2019 (OJEE - 2019)

No: 322/OJEE19 **Date: 12.07.2019**

NOTICE

Schedule of Medical Board for Physically Challenged (PC) Candidates of MBA/MCA/LE-MCA/M.TECH/M.ARCH/M.PLAN/ M.PHARM and B.PHARM rank holders of OJEE2019

The Physically Challenged **(PC)** Category Candidates under MBA/MCA/LE-MCA/M.TECH/M.ARCH/M.PLAN/M.PHARM and B.PHARM of OJEE2019 rank holders, who are interested to take admission in **PC** Category OJEE 2019 Counselling are required to attend the Medical Board at **LT – II, SCB Medical College, Cuttack on 18-07-2019 at 10.00 AM**. Candidates are required to bring their **Admit Card /Rank Card and Photo Identity** to the Medical Board. Decision of Medical Board is final and binding. Admission to PC category will be made only as per the result of this board.

Sd/-
CHAIRMAN, OJEE

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ
ସାମାଜିକ ସମୀକ୍ଷା MGNREGA ଏବଂ NSAP ବର୍ଷ ୨୦୧୯-୨୦

ଗ୍ରା.ପ	ତାରିଖ	ଗ୍ରାମସଭା
ବଡ଼ସାଇମରା, ବାନ୍ଧୁପଲା, ଚଲକି		
ଚଣାବାହାଲ, ଇଚ୍ଛାପଡ଼ା, ଗୁଡିଘାଟ	୧୬-୨୯ ଜୁଲାଇ ୨୦୧୯	୩୧ ଜୁଲାଇ
ମୁରିବାହାଲ, ଲଖନା, ପତ୍ରାପାଲି-ଖ		
ଗଡ଼ଗଡ଼ବାହାଲ	୦୨-୧୬ ଅଗଷ୍ଟ ୨୦୧୯	୨୦ ଅଗଷ୍ଟ
ପତ୍ରାପାଲି-କ	୦୨-୧୪ ଅଗଷ୍ଟ ୨୦୧୯	୧୬ ଅଗଷ୍ଟ
ହଳଦୀ, ଗଁରେଇ, ଗୋଇମୁଣ୍ଡ, ଲେବଡ଼ା		
ବାଙ୍କେଲ, ଡଙ୍ଗରପଡ଼ା	୨୧-୦୫ ସେପ୍ଟେମ୍ବର ୨୦୧୯	୦୬ ସେପ୍ଟେମ୍ବର
ବେଲପଦର, ବିଟାବନ୍ଧ, ମାଲିଶିରା		
ଟୁପାଉଡ଼ାର, ତେନ୍ତୁଳିଖୁଣ୍ଟି	୦୭-୨୦ ସେପ୍ଟେମ୍ବର ୨୦୧୯	୨୩ ସେପ୍ଟେମ୍ବର

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁରିବାହାଲ ବ୍ଲକ

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝାରବନ୍ଧ

ପତ୍ର ସଂଖ୍ୟା: ୮୪୪ ତାଂ।୦୬।୨୦୧୯

ଏତଦ୍‌ଦ୍ୱାରା ଝାରବନ୍ଧ ପଞ୍ଚାୟତ ସମିତିର ବରଷାଧାରଣଙ୍କ ଅବଗତି ପାଇଁ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୮-୧୯ (୧ ଏପ୍ରିଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯) ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶତ ପ୍ରତିଶତ ମଷ୍ଟରରୋଲର ଯାଞ୍ଚ ତଥା ପ୍ରଦାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ବିଦ୍ୟୁତୀକରଣ ସହ ତଥା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ୨୦୧୮-୧୯ ବାବଦରେ ସାମାଜିକ ସମୀକ୍ଷା ନିମନ୍ତେ ଗତ ୨୫ଶୁ ଗ୍ରା.ପ ଗୁଡ଼ିକର ସାମାଜିକ ସମୀକ୍ଷା ଦଳ ତଥା ଜାତୀୟ ଗ୍ରାମୀଣ ପିଇଜଳ ଓ ପରିମଳ ମନ୍ତ୍ରଣାଳୟର ଜାତୀୟ ଗ୍ରାମୀଣ ପିଇଜଳ ମିଶନ ଅଧିକାରୀମାନେ ବିଭିନ୍ନ ସମୟରେ ଆସି ଯାଞ୍ଚ କରିଛନ୍ତି । ଉକ୍ତ ଗ୍ରାମସଭା ମାନଙ୍କରେ ଉପସ୍ଥିତ ରହି ଜଳ ଓ ପରିମଳ ମନ୍ତ୍ରଣାଳୟର ଜାତୀୟ ଗ୍ରାମୀଣ ପିଇଜଳ ମିଶନ ଅଧିକାରୀମାନେ ବିଭିନ୍ନ ସମୟରେ ଆସି ଯାଞ୍ଚ କରିଛନ୍ତି । ଉକ୍ତ ଗ୍ରାମସଭା ମାନଙ୍କରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିବେ ଏବଂ ଗ୍ରାମ ରୋଜଗାର ସେବକ / ଜଳନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ବୁଦ ସାମାଜିକ ସମୀକ୍ଷକ / ଗ୍ରାମ ସାଧାରଣ ବର୍ମା ଉପସ୍ଥିତ ରହି ସମସ୍ତ ସେବ୍ ଭେରଟି ତଥା ଅନ୍ୟାନ୍ୟ ଜାରକାର ଉପସ୍ଥାପନ କରିବେ।

ଏହି ସଭାରେ ଉକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସବ୍ୟ/ସବ୍ୟା/ସ୍ୱୟଂ ସହାୟକ ଗୋଷ୍ଠୀ/ସେଚ୍ଛାସେବୀ ଅନୁଷ୍ଠାନ/ନିର୍ବାଚିତ ପ୍ରତିନିଧି/ଯୁବକ-ଯୁବତୀ ଏବଂ ବରିଷ୍ଠ/ବୟସ୍କ ଶ୍ରୁତିଜୀବୀଙ୍କୁ ନିର୍ବାଚିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନ ତଥା ମଷ୍ଟରରୋଲର ଯାଞ୍ଚ ସାବବତ୍ୱ ବସ୍ତୁତଃ କରିବେ ଏବଂ ସାମାଜିକ ସମୀକ୍ଷା କରିବେ।

ନିମ୍ନ ପ୍ରବଲ କାର୍ଯ୍ୟସୂଚୀ ମତେ ଉକ୍ତ ପଞ୍ଚାୟତ ସମିତି ତରଫରୁ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ

କ୍ର.ନଂ.	ଗ୍ରା.ପ.ର ନାମ	ସାମାଜିକ ସମୀକ୍ଷା ତାରିଖ	ସମୟ	ସ୍ଥାନ	ଗ୍ରାମସଭା ତାରିଖ	ଦଳଭୁକ୍ତ ଅଫିସର	ନୋଡାଲ ଅଫିସର
୧	ବୁଢୁପାଲି, ଝାରବନ୍ଧ, ବଲା	୨୩।୦୭।୧୯ରୁ ୨୯।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୭।୧୯	୨୬।୨୭।୧୯	ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / ଜଳନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୨	ଅମଠି, ବିଜାପଦର	୩୦।୦୭।୧୯ରୁ ୧୩।୦୮।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୧୪।୦୮।୧୯		ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / ଜଳନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୩	ଲଭଡ଼ିବର୍ସା, ଚୋପୁଲ୍ପା, ଲଭାବଙ୍ଗର	୧୬।୦୮।୧୯ରୁ ୨୦।୦୮।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୮।୧୯	୨୬।୨୭।୧୯	ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / ଜଳନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୪	ଲଭାଗୁଡ଼ା, ଲେଖାବାରୀ, ଲଭବନପୁର	୨୧।୦୮।୧୯ରୁ ୨୩।୦୮।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୧୯।୦୮।୧୯		ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / ଜଳନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୫	ଛୋଟଅନରା, ଚକ୍ତିଭଟା	୨୩।୦୮।୧୯ରୁ ୨୩।୦୯।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୦୪।୧୦।୧୯		ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / ଜଳନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ
୬	ଭୂମିର	୨୩।୦୮।୧୯ରୁ ୨୩।୦୯।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୮।୧୯		ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / ଜଳନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଉନ୍ନୟନ ଅଧିକାରୀ

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଝାରବନ୍ଧ

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଟଲି, ବରଗଡ଼

ବିଜ୍ଞାପନ ସଂଖ୍ୟା: ୧୨୨୩ ତା: ୧୦।୭।୨୦୧୯

ଏତଦ୍‌ଦ୍ୱାରା ଭଟଲି ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଥିଲି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା ଯୋଜନା(NSAP)ର ସାମାଜିକ ସମୀକ୍ଷା ସଭା ନିମ୍ନ ପ୍ରବଳ ୨୦୧୮-୧୯ (୧ ଏପ୍ରିଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ) ଆର୍ଥିକ ବର୍ଷରେ ସମ୍ପାଦିତ ପ୍ରକଳ୍ପ ଗୁଡ଼ିକର ଶତ ପ୍ରତିଶତ ଯାଞ୍ଚ ତଥା ସାମାଜିକ ସମୀକ୍ଷା ନିମନ୍ତେ ଗତ ୨୫ଶୁ ଗ୍ରା.ପ ଗୁଡ଼ିକର ସାମାଜିକ ସମୀକ୍ଷା ଦଳ ତଥା ଜାତୀୟ ଗ୍ରାମୀଣ ପିଇଜଳ ଓ ପରିମଳ ମନ୍ତ୍ରଣାଳୟର ଜାତୀୟ ଗ୍ରାମୀଣ ପିଇଜଳ ମିଶନ ଅଧିକାରୀମାନେ ବିଭିନ୍ନ ସମୟରେ ଆସି ଯାଞ୍ଚ କରିଛନ୍ତି । ଉକ୍ତ ଗ୍ରାମସଭା ମାନଙ୍କରେ ଉପସ୍ଥିତ ରହି ଜଳ ଓ ପରିମଳ ମନ୍ତ୍ରଣାଳୟର ଜାତୀୟ ଗ୍ରାମୀଣ ପିଇଜଳ ମିଶନ ଅଧିକାରୀମାନେ ବିଭିନ୍ନ ସମୟରେ ଆସି ଯାଞ୍ଚ କରିଛନ୍ତି । ଉକ୍ତ ଗ୍ରାମସଭା ମାନଙ୍କରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିବେ ଏବଂ ଗ୍ରାମ ରୋଜଗାର ସେବକ / ଜଳନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ବୁଦ ସାମାଜିକ ସମୀକ୍ଷକ / ଗ୍ରାମ ସାଧାରଣ ବର୍ମା ଉପସ୍ଥିତ ରହି ସମସ୍ତ ସେବ୍ ଭେରଟି ତଥା ଅନ୍ୟାନ୍ୟ ଜାରକାର ଉପସ୍ଥାପନ କରିବେ।

ଏହି ସଭାରେ ଉକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସବ୍ୟ/ସବ୍ୟା/ସ୍ୱୟଂ ସହାୟକ ଗୋଷ୍ଠୀ/ସେଚ୍ଛାସେବୀ ଅନୁଷ୍ଠାନ/ନିର୍ବାଚିତ ପ୍ରତିନିଧି/ଯୁବକ-ଯୁବତୀ ଏବଂ ବରିଷ୍ଠ/ବୟସ୍କ ଶ୍ରୁତିଜୀବୀଙ୍କୁ ନିର୍ବାଚିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନ ତଥା ମଷ୍ଟରରୋଲର ଯାଞ୍ଚ ସାବବତ୍ୱ ବସ୍ତୁତଃ କରିବେ ଏବଂ ସାମାଜିକ ସମୀକ୍ଷା କରିବେ।

ନିମ୍ନ ପ୍ରବଲ କାର୍ଯ୍ୟସୂଚୀ ମତେ ଉକ୍ତ ପଞ୍ଚାୟତ ସମିତି ତରଫରୁ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ

କ୍ର.ନଂ.	ଗ୍ରାମପଞ୍ଚାୟତର ନାମ	ଗ୍ରାମ ସାଧନ ବର୍ମା ଦଳ ନଂ.	ସାମାଜିକ ସମୀକ୍ଷା ଆରମ୍ଭ ତାରିଖ	ସାମାଜିକ ସମୀକ୍ଷା ଶେଷ ତାରିଖ	ବଦ ଗ୍ରାଣ୍ଟ / ସାମାଜିକ ସମୀକ୍ଷା ଗ୍ରାମସଭା ଗ୍ରାମ ପଞ୍ଚାୟତରେ	ସମୟ	ପ୍ରାଧିକୃତ ଅଧିକାରୀ
୧	ନାରଜୁପୁର	୧	୧୬।୦୭।୨୦୧୯	୨୯।୦୭।୨୦୧୯	୩୦।୦୭।୨୦୧୯	ପ୍ରଜାନ ୧୦.୩୦ ପ.	ମହମ୍ମଦ ଜୁମାର ସରପଞ୍ଚା, ବଲୁଭଓ
	ଭଟଲି	୨				

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

ସଂକ୍ଷେପରେ

୧୪୩ ନମ୍ବରକେ ଚାକିଛନ୍ ନିସାହା ବିମଳା

ବରଷା ଦିନେ ରହିବାକେ ଘର ନାଇଁ

ପଲମ, ୧୨।୭(ଡି.ଏନ୍.ଏ)- କଳାହାଣ୍ଡି ଜିଲା କେସିଙ୍গା ବ୍ଲକ ବେଲଖଣ୍ଡି ପଁଚେତ୍ ଅଧୀନ ସାହାଜପାଟି ଗାଁର ବିଧବା ମହିଳା ବିମଳା ଚୌଧୁରୀ। ଆଏଜ୍‌କେ ବଛରେ ତଲେ ତାକର ଘରଟା ଭାଂଗି ଯାଇଥିଲା, ସେ ସରକାରୀ ଯୋଜନାରେ ଘର ଖଁଡ଼େର ଲାଗି କେସିଙ୍গା ବିଡିଓଙ୍କୁ ଆବେଦନ କରିଥିଲେ। ସେହିସାବେ ୧୪୩ ନମ୍ବରରେ ସେ ସରକାରୀ ଯୋଜନାରେ ପକାଘର ଖଁଡ଼େ ପାଏବାର ଧାଯ୍ ହେଇଛେ। ଯେନ୍‌ଟା ପଁଚେଡ୍‌ର ତାଲିକା ବୋର୍ଡରେ ବି ଲେଖା ହେଇଛେ। ହେଲେ ଏହେଦେ ତାକର ରହେବାର ଲାଗି ଘର ନାଇଁଥିଲାବେଳେ ବରଷା ଦିନେ କାଣା କରବେ ସେ ଚିନ୍‌ତାରେ ହରମେଶା ଘାରି ହେଉଛନ୍। ଇ ବାବ୍‌ଦେ ବେଲଖଣ୍ଡି ପଁଚେଡ୍ ନିର୍ବାହୀ ଅଧିକାରୀ ପ୍ରସାଦି ସାହୁଙ୍କୁ ପଚରାଲାରୁ ତାକର ନମ୍ବର ଆଏଲେ ନିହାତି ଭାବେ ତାହାକୁ ଘର ଯୁଗେଇ ଦିଆଯିବା, ନମ୍ବର ହିସାବେ ହିତାଧିକାରୀମାନକୁ ଘର ଯୁଗେଇ ଦେବାକେ ବିଡିଓଙ୍କର ବି ନିରଦେଶ ଅଛେ ବଲି ସେ କହିଥିଲେ। ହେଲେ ଇ ଦିଗେ ଜିଲା ପରଶାସନ ଦୁରୁଖ୍‌ଟି ଦେଇ ନିସାହା ବିଧବା ମହିଳା ବିମଳାର୍କର ଥଇଥାନ କରବାକେ ସାଧାରନରେ ଦାବି ହେଉଛେ।

ଉକ୍ରେଲା ହାଇସ୍କୁଲରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଭବାନୀପାଟଣା, ୧୨।୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା କେସିଙ୍গା ବ୍ଲକ ଅନ୍ତର୍ଗତ ଉକ୍ରେଲା ସରକାରୀ ହାଇସ୍କୁଲରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏହି ସ୍କୁଲରେ ଜଣେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି । ୨୦୧୫ରେ ପ୍ରଧାନ ଶିକ୍ଷକ ରାମେଶ୍ୱର ଦାସଙ୍କ ଅନ୍ୟତ୍ର ବଦଳି ହେବାରୁ ଏ ପର୍ଯ୍ୟନ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକରେ ସ୍କୁଲ ଚଳିଛି । ୨୦୧୫ ପରେ ପ୍ରସନ୍ନ ଲେଙ୍କା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ । କିନ୍ତୁ ସେ ମଧ୍ୟ ଅନ୍ୟତ୍ର ବଦଳି ହେବାରୁ ବର୍ତ୍ତମାନ ଗଣିତ ଶିକ୍ଷକ ଜିତେନ୍ଦ୍ର ପ୍ରଧାନ ଦାୟିତ୍ୱରେ ରହିଛନ୍ତି । ଫଳରେ ଛାତ୍ରଛାତ୍ରୀମାନଙ୍କୁ ଗଣିତ ପଢାଇବାରେ ଠିକ୍ ଭାବେ ସମୟ ଦେଇ ପାରୁ ନ ଥିବା ଜଣାପଡିଛି । ଏହି ସ୍କୁଲରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୨୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏମାନଙ୍କ ପଢାଇବା ପାଇଁ ମୋଟ ୬ ଜଣ ଶିକ୍ଷୟିତ୍ରୀ ଓ ୩ ଜଣ ଶିକ୍ଷକ ରହିଛନ୍ତି । ଆସନ୍ତା ବର୍ଷ ପୁଣି ବିଜ୍ଞାନ ଶିକ୍ଷକ ଶରତ ପ୍ରଧାନ ଅବସର ନେବେ । ଗୋଟିଏ କଳା ଶିକ୍ଷକ ପଦବୀ ୨୦୧୧ରୁ, ପିଇଟି ପଦବୀ ୨୦୧୨ରୁ ଖାଲି ପଡିଛି । ସେହିପରି ଏମ୍‌ର ବିଭାଗରେ ମଧ୍ୟ ଶଇକ୍ଷକ ପଦ ଖାଲି ପଡିଛି । ଅନ୍ୟ ସ୍କୁଲରୁ ଜଣେ ପିଇଟି ସପ୍ତାହକୁ ୩ ଦିନ ଆସୁଛନ୍ତି । ୧୯୬୪ରୁ ଏହି ସ୍କୁଲ ସ୍ଥାପିତ ହୋଇଥିଲେ ମଧ୍ୟ ଏବେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ଯାଉଛି । ଏଭଳି ପରିସ୍ଥିତି ପାଇଁ ପ୍ରତିବର୍ଷ ମାଟ୍ରିକ ଫଳ ଠିକ୍ ରହୁନାହିଁ । ପୂର୍ବରୁ ଏହି ସ୍କୁଲ ପାଠପଢ଼ାରେ ଅଞ୍ଚଳରେ ସୁନାମ ଅର୍ଜ୍ଜନ କରିଥିଲା କିନ୍ତୁ ଅତ୍ୟଧିକ ଛାତ୍ରୀଛାତ୍ର ଓ ସେହି ଅନୁପାତରେ କମ୍ ଶିକ୍ଷକ ଥିବାରୁ ପାଠପଢ଼ା ବିପର୍ଯ୍ୟସ୍ତ ହେଉଛି । ତୁରନ୍ତ ଏହି ସ୍କୁଲର ସମସ୍ୟା ସମାଧାନ କରିବା ପାଇଁ ଅଞ୍ଚଳବାସୀ ଓ ଅଭିଭାବକମାନେ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ଅନ୍ୟଥା ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

ଶାଳକାଠ ସହ ଗାଡ଼ି ଜବତ

ଧମା, ୧୨।୭ (ଡି.ଏନ.ଏ.)- ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଅଧୀନ ବନ କର୍ମଚାରୀମାନେ ଏକ ମାରୁତି ଭ୍ୟାନ (ନଂ. ଓଆର ୧୭ ସି- ୪୭୨୯) ସହ ୫ଖଣ୍ଡ ଶାଳ କାଠ ଜବତ କରିଛନ୍ତି । ଡ୍ରାଇଭର ବଡବଜାରର ହର୍ଷ ମେହେରଙ୍କୁ ଗିରଫ କରାଯାଇଛି। ଗାଡିଟି ସୋନପୁର ପଟରୁ ସମ୍ବଲପୁରକୁ ଆସୁଥିଲା । ଖବର ପାଇ ଡିଏଫଓ ସଞ୍ଜିତ କୁମାର ଧମା ରେଞ୍ଜର ବିଦ୍ୟାଧର ସାହୁଙ୍କୁ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଧମା ଛକରେ ବନ ବିଭାଗ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଥିଲା ।

ମଣ୍ଡିରେ ଧାନ ଗଜା ଘଟଣା

ପଦଯାତ୍ରାରେ ଆସି ଜିଲାପାଳଙ୍କୁ ଭେଟିଲେ ଚାଷୀ

ନୂଆପଡ଼ା ଅଫିସ, ୧୨।୭

ପଦଯାତ୍ରାରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଆସୁଛନ୍ତି ।

ଗୁରୁବାର ସକାଳୁ ବେଲଗୁଜୁରୀ ମଣ୍ଡିରୁ ପଦଯାତ୍ରାରେ ବାହାରିଥିବା ଚାଷୀମାନେ ଶୁକ୍ରବାର ମଧ୍ୟାହ୍ନରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କୁ ଦେଖାକରି ଧାନ କିଣା ଉପରେ ପଦକ୍ଷେପ ନେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଶୁକ୍ରବାର ନୂତନ ଜିଲାପାଳ ମଧୁସ୍ମିତା ସାହୁ ଯୋଗ ଦେବାର ପ୍ରଥମ ଦିନରେ ପ୍ରଥମ ଗୁହାରୀ ଚାଷୀମାନଙ୍କ ଥିଲା । ଏହା ଉପରେ ପଦକ୍ଷେପ ନେବା ଆଶା ନେଇ ଚାଷୀମାନେ ଆନ୍ଦୋଳନକୁ ସ୍ଥଗିତ କରିଥିଲେ।

ପ୍ରକାଶ ଯେ, ଜିଲାବ୍ୟାପି ବିଭିନ୍ନ ମଣ୍ଡିରେ ୩୦ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡିରହିଥିବାବେଳେ ରାଜ୍ୟ ସରକାର ମଣ୍ଡି ବନ୍ଦ କରିବାକୁ ଘୋଷଣା କରିଛନ୍ତି । ଏପଟେ ଧାନସବୁ ଗଜା ହେବାରେ ଲାଗିଛି। ଚାଷୀ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ପରେ ମଧ୍ୟ ସୁଫଳ ନ ମିଳିବାରୁ ଶେଷରେ ପଦଯାତ୍ରା କରି ପ୍ରତିବାଦ ଜଣାଇଛନ୍ତି । ଗୁରୁବାର ଛତିଶଗଡ ସୀମାନ୍ତବର୍ତ୍ତି ବେଲଗୁଜୁରୀ ମଣ୍ଡିରୁ ପଦଯାତ୍ରାରେ ଶତାଧିକ ଚାଷୀ ବାହାରି ୩୦ କି.ମି. ଦୂର ଚାଲି ଆସି ଶୁକ୍ରବାର ପୂବାହ୍ନ ୧୧ଟାରେ ନୂଆପଡାରେ ପହଞ୍ଚିଥିଲେ। ଏଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଷରେ ଜିଲାପାଳ ଚାଷୀ ପ୍ରତିନିଧିମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ । ଦୀର୍ଘ ସମୟ ଧରି ଆଲୋଚନା ପରେ ଏହା ଉପରେ ସେ ବିଚାର କରିବେ । ଚାଷୀମାନଙ୍କ ସ୍ୱାର୍ଥକୁ ବିଚାରକୁ ନିଆଯିବ ବୋଲି କହିଥିଲେ । ଅପରପକ୍ଷେ ଜିଲାରେ ମିଲର୍ସ ରାଜ ଚାଲିଛି। ଏଥିରେ କିଛି ବିଭାଗୀୟ ଅଧିକାରୀମାନେ ମଧ୍ୟଚନ୍ଦ୍ରିକା କରି ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ କରିଥିଲେ । ଏହା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବି କରିଥିଲେ। ମିଲର୍ସମାନେ ସବୁବେଳେ ପଡୋଶୀ ଛତିଶଗଡରୁ ଧାନ ଆଣି ଫଲସ ଏଣ୍ଟ୍ରି କରୁଛନ୍ତି । ଏଠିକାର ଚାଷୀ ହଇରାଣ ହେଉଥିବାବେଳେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏହାକୁ ଗତ ଦିନରେ ଜିଲା ପ୍ରଶାସନ ମୌନ ସମର୍ଥନ କରିଆସୁଛି । ଏହାକୁ ନୂତନ ଜିଲାପାଳ ନିଶ୍ଚିତ ଭାବେ ଧ୍ୟାନ ଦେବେ ବୋଲି ଆଶା ପୋଷଣ କରିଥିଲେ । ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଚାଷୀ ବଞ୍ଚାଅ ପଦଯାତ୍ରାରେ ଆବାହକ ରବୀନ୍ଦ୍ର ମଙ୍ଗରାଜ, ପ୍ରେମଲାଲ ନାଏକ, ପ୍ରସନ୍ନ କୁମାର ପାଢୀ, ଯଦୁମଣୀ ପାଣିଗ୍ରାହୀ, ଚତୁର୍ଭୁଜ ଶର୍ମା, ଅନରଚାନ୍ଦ ଚନ୍ଦ୍ରକାର, ଚନ୍ଦ୍ରଶେଖର ଚନ୍ଦ୍ରକାର, ସନି ସାହୁ, ପ୍ରେମ ତାଣ୍ଡି, ଜଗତ ବାଗ, ଚଗଲୁ ମିଶ୍ର ପ୍ରମୁଖ ସାମିଲ ଥିଲେ।

ନୂତନ ଜିଲାପାଳଙ୍କୁ ପ୍ରଥମ ଗୁହାରି

ଜିଲାକୁ ପ୍ରଗତି ପଥେ ନେବା ପ୍ରମୁଖ ଲକ୍ଷ୍ୟ ରହିବ: ନୂତନ ଜିଲାପାଳ

ନୂଆପଡ଼ା ଅଫିସ, ୧୨।୭

ଖବରଦାତାମାନଙ୍କୁ ସାକ୍ଷାତକାର ଦେବା ଅବସରରେ ଜିଲାପାଳ ମଧୁସ୍ମିତା ସାହୁ ।

ପୂର୍ବତନ ଜିଲାପାଳ ଡା. ପୋମା ଟୁଡୁଙ୍କ ବଦଳି ପରେ ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ ନୂତନ ଜିଲାପାଳ ଭାବେ ମଧୁସ୍ମିତା ସାହୁ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି ଏହି ଅବସରରେ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ସୌଜନ୍ୟମୂଳକ ସାକ୍ଷାତ କରିଥିବାବେଳେ ଜିଲାର ପ୍ରମୁଖ ଖବରଦାତାମାନଙ୍କୁ ସାକ୍ଷାତକାର ଦେଇଥିଲେ। ଏହି ପ୍ରସଙ୍ଗରେ ନୂଆପଡା ଭଳି ପଛୁଆ ଜିଲାର ସାମଗ୍ରୀକ ପ୍ରଗତି ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି କହିଥିଲେ। ଜିଲାପାଳ ସାହୁ କାର୍ଯ୍ୟାଳୟକୁ ଆସିବା ପରେ ଅଧିକାରୀମାନଙ୍କ ସୂଅ ଛୁଟିଥିଲା । ଜଣକ ପରେ ଜଣେ ଅଧିକାରୀ ନିଜର ସହକର୍ମୀମାନଙ୍କ ସହ ଆସି ଜିଲାପାଳଙ୍କୁ ଫୁଲତୋଡା ଦେଇ ନୂଆପଡା ଭଳି ଜିଲାରେ ପଦାର୍ପଣ କରି କ'ଣ ଆଭିମୁଖ୍ୟ ରଖିଛନ୍ତି ସେ ଉପରେ ଆଲୋଚନା କରିଥିଲେ । ନୂଆପଡା ଏକ ଉପାନ୍ତ ଜିଲା। ଏଠାରେ ମାଓବାଦୀ ସମସ୍ୟା ସାଙ୍ଗକୁ ଜଙ୍ଗଲ ଇଲାକାରେ ରହୁଥିବା ବନବାସୀ ଆଦିବାସୀଙ୍କ ଜୀବନ ଜିବିକା ଦୁର୍ବିସହ ଥିବା ଖବରଦାତାମାନେ କହିଥିଲେ। ଏଠାରେ ଗମନାଗମନ ବ୍ୟବସ୍ଥା ଦୋହଲିପଡିଛି । ନୂଆପଡାରୁ ଖଡିଆଳ ଜାତୀୟ ରାଜପଥ ଏହାର ଏକ ନମୁନା ବୋଲି କହିଥିଲେ। ଜିଲାପାଳ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମହିଳାଙ୍କ ଜିବିକା ଭଳି ସାମଗ୍ରୀକ ଭାବେ ଜିଲାର ପ୍ରଗତି ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି କହିଥିଲେ । ଜିଲାପାଳଙ୍କ ସାକ୍ଷାତକାର ସମୟରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଉପଜିଲାପାଳ ତରଣୀସେନ ନାଏକ, ଡିପି ଡିଆରଡିଏ ବୃଷଭ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କି ଘର ଛାଡ଼ିଲି, କି ବର ଛାଡ଼ିଲି;
କୁଣ୍ଡାପିଠା ପାଇଁ ଯୋଗିଆଣୀ ହେଲି ।

କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ମଜ୍ଜି ଯାଇଥାନ୍ତି। ଦୈହିକ ସୁଖ ଲାଳସାରେ ଅନ୍ଧହୋଇ ନିଜ ଘର ପରିବାରର ମାନ ସମ୍ମାନକୁ ମାଟିରେ ମିଶାଇ ଦେଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ପରକୀୟା ପ୍ରୀତି ପାଇଁ ଘର ପରିବାର ତ୍ୟାଗ କରିଥିବା ବିଟପୀ ନାରୀ ନିଜ କୃତକର୍ମ ପାଇଁ ପଶ୍ଚାତ୍ତାପ ବା ଅନୁଶୋଚନା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କରମ ଲିଖନ,
କେ କରିବ ଆନ ।

କପାଳରେ ଯାହା ଲେଖାହୋଇଥାଏ ତାହା ହିଁ ଘଟିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳଭୋଗ କରିଥାଏ। ଏହାକୁ କାଟିବା ବା ବଦଳାଇବା ସହଜସାଧ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ବିବାହ ବେଦିରେ ଗୋଳମାଳ

ବିବାହିତ ଯୁବକଙ୍କ ଦ୍ୱିତୀୟ ବିବାହ ଅଭିଯୋଗ

ନୂଆପଡ଼ା ଅଫିସ, ୧୨।୭

କନ୍ୟା ଘରକୁ ବରପକ୍ଷ ବାଜାରୋଶଣୀରେ ସ୍ୱାଗତ ହୋଇ ପଶିଆସିଥିଲେ । ଭୋଜିଭାତର ଆସର ଚାଲିଥିବାବେଳେ ବରକନ୍ୟା ବେଦୀରେ ବସି ସାରିଥିଲେ। ସେତିକିବେଳେ ବରଙ୍କ ତଥାକଥିତ ପୂର୍ବ ସ୍ତ୍ରୀ ଆସି ହସ୍ତକ୍ଷେପ କରିଥିଲେ। ବରଙ୍କୁ ସେ ଟାଣି ନେଇ ସିଧା ଥାନାରେ ହାଜର କରିଦେଲେ। କ୍ଷଣକେ ସବୁ କାର୍ଯ୍ୟ ଓଲଟପାଲଟ ହୋଇଗଲା। ଏଭଳି ଏକ ଅଭାନୀୟ ଘଟଣା ଘଟିଛି ନୂଆପଡ଼ା ଜିଲା ସ୍ଥାନୀୟ ଖରିଆରରୋଡ ଥାନା ଅନ୍ତର୍ଗତ କଲ୍ୟାଣପୁର ଗାଁରେ । ସମ୍ବଲପୁର ସହରସ୍ଥିତ ଚୋରୁଆପଡା ଅନ୍ତର୍ଗତ ୟୁଧିଷ୍ଠିର ହାତୀ (୨୭) ନାମକ ଯୁବକ ବରବେଶରେ ସ୍ଥାନୀୟ କଲ୍ୟାଣପୁରସ୍ଥିତ ତାଙ୍କର ଜନୈକ ମାମୁଁ ସମ୍ପର୍କୀୟଙ୍କୁ ଘରକୁ ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଠିକ ବରପକ୍ଷ ବେଦୀରେ ବସିବାବେଳକୁ ତାଙ୍କର ପୂର୍ବ ସ୍ତ୍ରୀ କହୁଥିବା ଜଣେ ମହିଳା ଆସି ହସ୍ତକ୍ଷେପ କରିଥିଲେ। ବରଙ୍କୁ ଧରି ସିଧା ଥାନାକୁ ଟାଣି ଟାଣି ନେଇଥିଲେ। ବିବାହ ବେଦୀ ସ୍ତବ୍ଧ ହୋଇଯାଇଥିଲା। ବିବାହ ଘରକୁ ଆସିଥିବା ସମସ୍ତ ସମ୍ପର୍କୀୟ ହତବାକ ହୋଇପଡିଲେ । ଭୋଜିଭାତ ଧୂଳିସାତ୍ ହୋଇଗଲା। ଏହାକୁ ନେଇ ସମ୍ପୃକ୍ତ ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହା ଉପରେ ବିଚାର କରାଯାଉଛି । ସବିଶେଷ ତଦନ୍ତ ପରେ ସବୁକିଛି ଜଣାପଡିବ ବୋଲି ଥାନାଧିକାରୀ ଯୁଗଳ କୁମାର ମଲ୍ଲିକ କହିଛନ୍ତି । ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ ଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଭାରତର ନଂ. 1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ ! ଲୋନ ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place,

ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

ସଂକ୍ଷେପରେ

ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ଚୌଧୁରୀ।

ଲାଞ୍ଚ ନେଇ ଅତିରିକ୍ତ ତହସିଲଦାର ଗିରଫ

ବଲାଙ୍ଗୀରଅଫିସ/ଦେଓଗାଁ,୧୨।୭ (ଡି.ଏନ.ଏ.): ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବଲାଙ୍ଗୀର ଜିଲା ଦେଓଗାଁ ତହସିଲର ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ଚୌଧୁରୀଙ୍କୁ ଶୁକ୍ରବାର ଭିଜିଲାନ୍ସ ଟିମ୍ ଗିରଫ କରିଛି। ସରକାରୀ ଲିଜ୍ ସ୍ଥାନରୁ ବାଲି ଉଠାଣ ଓ ସ୍ଥାନାନ୍ତରଣ ପାଇଁ ଟ୍ରାନ୍ସିଟ୍ ପାସ୍‌ବୁକ୍ ଇସ୍ୟୁ କରିବା ପାଇଁ ବୀରେନ୍ ଦଲାଇ ନାମକ ଜଣେ ବ୍ୟକ୍ତି ଅତିରିକ୍ତ ତହସିଲଦାର ଚୌଧୁରୀଙ୍କୁ ନିବେଦନ କରିଥିଲେ। ଏହି ଟ୍ରାନ୍ସିଟ୍ ପାସ୍‌ବୁକ୍ ଇସ୍ୟୁ କରିବାକୁ ଅତିରିକ୍ତ ତହସିଲଦାର ୨୦ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ବୀରେନ୍ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ୍ ବୀରେନ୍ ୨୦ହଜାର ଟଙ୍କା ନେଇ ଶୁକ୍ରବାର ପୂର୍ବାହ୍ନରେ ତହସିଲ ଅଫିସକୁ ଯାଇ ଅତିରିକ୍ତ ତହସିଲଦାର ଚୌଧୁରୀଙ୍କୁ ଭେଟି ଟଙ୍କା ଦେଇଥିଲେ। ଏତିକି ବେଳେ ପାଖରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ଚୌଧୁରୀଙ୍କୁ କାବୁ କରିନେଇଥିଲା। ତାଙ୍କ ପାଖରୁ ଲାଞ୍ଚ ବାବଦକୁ ନିଆଯାଇଥିବା ୨୦ ହଜାର ଟଙ୍କା ଜବତ୍ ହୋଇଥିଲା। ପରେ ତାଙ୍କୁ ଗିରଫ କରାଯାଇ ବଲାଙ୍ଗୀର ଭିଜିଲାନ୍ସ ଅଫିସକୁ ଅଣାଯିବା ପରେ କୋର୍ଟଚାଲାଣ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବାହୁଡା ଅବସରରେ ଭଜନ ସମାରୋହ

ଲୋଇସିଂହା,୧୨।୭(ଡି.ଏନ.ଏ.)
ବାହୁଡା ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ମାଉସୀ ମା' ମନ୍ଦିର ଆନୁକୂଲ୍ୟରେ ଭଜନ ସମାରୋହ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗିରଧାରୀ ଥନାପତି, ସିଲିପ ସାହୁ, ସଦାନନ୍ଦ ସାହୁ, ଜ୍ୟୋସ୍ନାମୟୀ ଦୀକ୍ଷିତ, ସୃଷ୍ଟିକା ବାରିକ, ଡୋଲାମଣୀ ପଧାନ, ଦେବେନ୍ଦ୍ର କୁମାର ବାଗ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଭଜନ ସମାରୋହକୁ ଜ୍ୟୋତି ପ୍ରକାଶ ସାହୁ ସଂଯୋଜନା କରିଥିଲେ। ରାମଚନ୍ଦ୍ର ସାହୁ, ନାରାୟଣ ସାହୁ, ନୀଳକଣ୍ଠ ଥନାପତି, ଆନନ୍ଦ ସାହୁଙ୍କ ସମେତ ମାଉସୀ ମା' ମନ୍ଦିର କମିଟି ସଦସ୍ୟ ଏଥିରେ ସହଯୋଗ କରିଥିଲେ।

ବାହୁଡିଲେ ଶ୍ରୀଜୀଉ, ଆଜି ସୁନାବେଶ

ଟିଟିଲାଗଡ, ୧୨।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଧବଳେଶ୍ୱର ଦଧିବାମନ ଟ୍ରଷ୍ଟ ଆୟୋଜିତ ବାହୁଡା ଉତ୍ସବ ଅବସରରେ ତିନି ଠାକୁର ମାଉସୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ନେଇ ଶୁକ୍ରବାର ସହରରେ ଭକ୍ତଙ୍କ ପ୍ରବଳ ଗହଳି ଲାଗି ରହିଥିଲା। ସନ୍ଧ୍ୟାରେ ତିନି ଠାକୁର ମନ୍ଦିର ସମ୍ମୁଖରେ ପହଞ୍ଚିଛି। ଶ୍ରଜାଉମାନେ ରାତ୍ରୀରେ ରଥରେ ରହଣୀ କରିବେ। ଶନିବାର ସୁନାବେଶ ପରେ ତିନି ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ଦିର ଟ୍ରଷ୍ଟ ଅଧକ୍ଷ ତଥା ଉପଜିଲାପାଳ ସୁଧାକର ନାୟକ, ବରିଷ୍ଠ ସଭ୍ୟ ଭବାନୀ ପ୍ରସାଦ ହୋତା, ବୃନ୍ଦାବନ ପାଢୀ, ଅଲେଖ ଦଲବେହେରା, ମନ୍ଦରଧର ପଣ୍ଡା, ପଞ୍ଚାନନ ପାଢୀ, ରାଜୁ ମିଶ୍ର, ସଞ୍ଜିବ ପାଢୀ, କୃଷ୍ଣସିଂ ପାତ୍ର, ସନତ ପାଢୀ, ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ଅଶୋକ ପାଢୀ ପ୍ରମୁଖ ବହୁ ଭକ୍ତ, ସେବାୟତ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରୁଥିଲେ। କଣ୍ଟାବାଞ୍ଜି କେଭି କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର, ଅଧାପକ ଲୋହିତାକ୍ଷ ଯୋଷୀ, ଟିଟିଲାଗଡ ବ୍ରାହ୍ମଣ ସମାଜ ସଭାପତି ବିଶ୍ୱରାମ ଠାକୁର ଜଗନ୍ନାଥ ସଂସ୍କୃତି ନେଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଜଗନ୍ନାଥ ସେବା ସଦନର ଯୁବ ସ୍ୱେଚ୍ଛାସେବୀ ରଥ ସୁରକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ।

ଭ୍ୟାନ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୧୨।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟୁରେକେଲା ଥାନା ଅନ୍ତର୍ଗତ ଲର୍କି ଗାଁ ନିକଟରେ ଶୁକ୍ରବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ମା' ଗୁରୁତର ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଧକ୍କା ଦେଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଜାଳି ଦେଇଛନ୍ତି। ପରେ ସେମାନେ କଣ୍ଟାବାଞ୍ଜି–ଟୁରେକେଲା ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଟୁରେକେଲା ଥାନା ଲର୍କି ଗାଁ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ କଣ୍ଟାବାଞ୍ଜି ଆସୁଥିବା ଏକ ପିକଅପ୍ ଭ୍ୟାନ୍ (ନଂ.ସିଜି୦୪ଏଲଏଚ୍ ୮୨୭୯) ଏକ ନୟର ବିହୀନ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ସମୀର ପାତ୍ର (୧୮)ଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ପଛରେ ବସିଥିବା ସମୀରଙ୍କ ମା' ପ୍ରେମଲତା ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଭ୍ୟାନ୍ ଛାଡି ନିକଟସ୍ଥ ଜଙ୍ଗଲକୁ ଖସି ପଳାଇ ଥିଲେ। ସ୍ଥାନୀୟ ଲୋକେ ଗୁରୁତର ପ୍ରେମଲତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଯାଇଥିଲେ। ଏ କଥା ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌ରେ ନିଆଁ ଲଗାଇ ଦେଇଥିଲେ। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ଦାବି କରି ଆନ୍ଦୋଳନକାରୀ ମୃତଦେହକୁ ରାସ୍ତା

ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଉପରେ ରଖି ଅପରାହ୍ନ ୫ଟା ଯାଏଁ ଧାରଣାରେ ବସିଥିଲେ। ଟୁରେକେଲା ଓ କଣ୍ଟାବାଞ୍ଜି ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, କଣ୍ଟାବାଞ୍ଜି ତହସିଲଦାର ଅଶୋକ କୁମାର ମାଝି, ଟୁରେକେଲା ବିଡିଓ ପ୍ରଭାସ କୁମାର ସାହୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଦୁର୍ଘଟଣାରେ ମୃତ ଯୁବକଙ୍କ ପରିବାରରେ ତାଙ୍କ ବାପା ଏବଂ ୪ ଭଉଣୀ ଦୃଷ୍ଟିହୀନ ଥିବାବେଳେ ସମୀର ଏକମାତ୍ର ଉପାର୍ଜନକ୍ଷମ ଥିଲେ। ଘଟଣାସ୍ଥଳକୁ ଟୁରେକେଲା ସରପଞ୍ଚ ଆସି ନ ଥିଲେ। ଶିକ୍ଷକ ଥିବା ତାଙ୍କ ସ୍ୱାମୀ ଘଟଣାସ୍ଥଳକୁ ଆସିବାରୁ ସେଠାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଭାଜପା ଜିଲା ଉପସଭାପତି ଲକ୍ଷ୍ମଣ ବାଗ ଘଟଣାସ୍ଥଳକୁ ଆସି ଏସଡିପିଓ, ତହସିଲଦାର, ବିଡିଓଙ୍କ ଉପସ୍ଥିତିରେ ଆନ୍ଦୋଳନରତ ଲୋକଙ୍କୁ ବୁଝାଇଥିଲେ। ସେଠାରେ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା, ବ୍ଲକରୁ ୨୦ ହଜାର ଟଙ୍କା, ପଞ୍ଚାୟତରୁ ହରିଣ୍ଡ୍ର ଯୋଜନାରେ ୨ ହଜାର ଟଙ୍କା ଏବଂ ସରପଞ୍ଚଙ୍କ ପକ୍ଷରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିଲା। ଏହାବାଦ୍ ମୃତକଙ୍କ ପରିବାରକୁ ବିଜୁ ପକ୍କା ଘର, ୪ ଡିସମିଲ ଜମି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଯୁବକଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଇଥିଲେ। ଶନିବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

- ଗୁରୁତର ମା' ମେଡିକାଲରେ ଭର୍ତ୍ତି
- ଉତ୍ତେଜନା, ପିକ୍‌ଅପ୍ ଭ୍ୟାନକୁ ଜାଳି ଦେଲେ
- ମୃତଦେହ ରଖି ରାସ୍ତାରୋକୋ
- ମୃତକଙ୍କ ପରିବାରରେ ବାପାଙ୍କ ସହ ୪ ଭଉଣୀ ଦୃଷ୍ଟିହୀନ

ସ୍କୁଲ ନଳକୂପ ମରାମତି ଦାବି

ଲୋଇସିଂହା, ୧୨।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଗେର୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନଳକୂପ ମାସାଧିକ କାଳ ଅଚଳ ହୋଇ ପଡିଛି। ନଳକୂପ ମରାମତି ଦିଗରେ ପଞ୍ଚାୟତ କିମ୍ବା ବିଭାଗୀୟ କର୍ମଚାରୀ ଦୃଷ୍ଟି ଦେଉନାହାନ୍ତି। ଫଳରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛତ୍ର ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଗେର୍ଡି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ବିଦ୍ୟାଳୟରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ପରିସର ନଳକୂପ ପାଣି ଉପରେ ନିର୍ଭର କରନ୍ତି। ହେଲେ ଦୀର୍ଘ ଦେଢମାସ ହେଲା ନଳକୂପ ଅଚଳ ହୋଇ ପଡିଛି। ଏନେଇ ଶିକ୍ଷକ, ଶିକ୍ଷା କମିଟି ପକ୍ଷରୁ ସ୍ଥାନୀୟ ସରପଞ୍ଚ ଏବଂ ଆରଡବ୍ଲୁଏସଏସକୁ ଜଣାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାଣି ପାଇ ସ୍କୁଲ ସମୟରେ ତହବିକଳ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ନଳକୂପ ମରାମତି ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି।

ଟ୍ରାକ୍ଟର ଚାପାରେ ଛାତ୍ର ମୃତ, ଉତ୍ତେଜନା

ଲୋଇସିଂହା, ୧୨।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ଅନ୍ତର୍ଗତ ବିନ୍ଧାପାଲି ଗାଁରେ ଟ୍ରାକ୍ଟର ଚାପାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ଜିଲା ଗାଇସିଲାଟ ବ୍ଲକ ଭୂତିବାହାଲ ଗ୍ରାମର ନାଗର ଜୁଏଡଙ୍କ ପୁଅ ଡିଲେଶ୍ୱର ଜୁଏଡ(୧୫)। ଦୁର୍ଘଟଣା ଘଟାଇ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଉତ୍ତ୍ୟକ୍ତ ଲୋକେ ଟ୍ରାକ୍ଟରକୁ ପୋଡି ଦେଇଛନ୍ତି। ଆଗଲପୁର ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି। ଏ ନେଇ ଲୋଇସିଂହା ଥାନାରେ ଏକ ମାମଲା (ନଂ. ୧୪୭/୧୯)ରୁଜୁ ହୋଇଛି। ପ୍ରାପ୍ତମତେ, ଡିଲେଶ୍ୱର ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଜେମାପାଲିକୁ ନିୟମିତ ଟ୍ୟୁସନ ଆସନ୍ତି। ଶୁକ୍ରବାର ସବୁଦିନ ପରି ସେ ଟ୍ୟୁସନ ସାରି ବିନ୍ଧାପାଲି ଦେଇ ଘରକୁ ଚାଲି କରି ଫେରୁଥିଲେ। ଏହି ସମୟରେ ଡିଲେଶ୍ୱରକୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଖବର ପ୍ରଚାରିତ ହେବା ପରେ ଭୂତିବାହଲ ଏବଂ ସ୍ଥାନୀୟ ଅଞ୍ଚଳର ଲୋକେ ଘଟଣାସ୍ଥଳକୁ ଆସି ପ୍ରତିବାଦ କରିଥିଲେ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଟ୍ରାକ୍ଟରରେ ନିଆଁ ଲଗାଇ ଦେଇଥିଲେ। ମୃତ ଛାତ୍ରଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା ଗାଡି ଏବଂ ଡ୍ରାଇଭରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ପରେ ଆଗଲପୁର ଫାଣ୍ଡି ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ।

ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରରେ ଲୋକେ ନିଆଁ ଲଗାଇ ଦେଇଛନ୍ତି।

ଭତା ପାଏଲେ ଦୁଇ ଦିବ୍ୟାଙ୍ଗ ବହେନ୍

ଲୋଇସିଂହା,୧୨।୭(ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଁଚେଟ୍ ସଦର ଗାଁର ଦୁଇ ଦିବ୍ୟାଙ୍ଗ ବହେନ୍ ଚାର ଭୋଇ(୪୫) ଆର ସୁଦ୍ରା(୪୦)। ବ୍ଲକ ପରଶାସନ ତରଫୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରି ଲୋଇସିଂହା ବିଡିଓ ରାମଚନ୍ଦ୍ର ଖାଡ଼ିଆ ସେମାନଙ୍କୁ ଗୁଟେ ମାସର ଭତା ଦେଇଛନ୍। ଭତା ଟଙ୍କା ପାଏଲା ଉତାରୁ ଦୁଇ ବହେନ୍ ଖୁସିରେ ଗଦ୍‌ଗଦେଇ ଯାଇଥିଲେ। ପୂରବର ସୂଚନା ହିସାବେ ବାଦିବାହାଲ ଗାଁର ବେହେରା ପଡ଼ାର ଅମର ଭୋଇ (୯୦)। ୧୫ ବଛର ଆଗରୁ ତାକର ମାଏକିନାର ମୁରରୁ ହେଇଛେ। ବୁରୁଧି ଅମର ବଏସ୍ ଅଧିକା ହେବାର ଲାଗି ଏହେଦ୍‌କା ଅପାରୁ ହେଇଯାଇଛନ୍। ଇଆଡ଼େ ଦୁଇ ଦିବ୍ୟାଙ୍ଗ ଝି' ଚାର ଆର ସୁଦ୍ରା କେହେନ୍‌ସି କାମ୍‌ବୁତା ନାଇଁ କରିପାର ବାର। ଇଆଡ଼େ ଇ ଦୁଖି ପରିବାର ଆଏନ୍‌ତକ ସରକାରକଁର ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ଦିବ୍ୟାଙ୍ଗ ଦୁଇ ବହେନ୍ ଚାର ଆର ସୁଦ୍ରା ଭତା ଯୋଜନାରୁ ବଁଚିତ୍ ହେଇ ରହିଥିଲେ। ଇ ବାବ୍‌ଦେ ଗଲା ୭ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ବୁରୁଧିକଁର ଉପରେ ଦୁଇ ଦିବ୍ୟାଙ୍ଗ ଝି'ର ବୋଝ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ କେତେ ସାମାଜିକ ସଂଗଠନ, ନିରବାଚିତ ଜନ ପରତିନିଧି ଆର ପରଶାସନ ତତ୍‌ପରତା ଦେଖେଇଥିଲେ। ଗୁରୁବାର ଲୋଇସିଂହା ବିଡିଓକଁରନୁ ଦୁଇ ବହେନ୍ ଭତା ଚଁକା ଛିନୁଛନ୍।

ଧରିତ୍ରୀ ପ୍ରଭାବ

ବିଧାୟକ ଡ.ମୁକେଶ ମହାଲିଙ୍ଗ ବାଦିବାହାଲ ଗାଁର ଦୁଇ ଦିବ୍ୟାଙ୍ଗ ବହେନ୍‌କେ ଯେତେ ଜଲଦି ହେବା ଭତା ଯୋଜନାରେ ସାମିଲ କରବାକେ ବିଡିଓ ରାମଚନ୍ଦ୍ର ଖାଡ଼ିଆକୁ ନିରଦେଶ ଦେଇଥିଲେ। ଶୁକୁରବାର ବାଦିବାହାଲର ଯୁବମୋର୍ଚ୍ଚା ସଦସ୍ୟ ସୁନୀଲ ଦାସ, ଗୋପବନ୍ଧୁ ବଗର୍ତ୍ତି ଆର ମାହେଶ୍ୱରୀ ସଂଗଠନର କରମକରତାକଁର ଉପସ୍ଥିତିରେ ଦୁଇ ଦିବ୍ୟାଙ୍ଗ ବହେନ୍‌କେ ବିଡିଓ ଖାଡ଼ିଆ ପହେଲା ମାସର ଭତା ଦେଇଥିଲେ। ଇ ଦୁଖି ପରିବାରକେ ଯେତେ ଜଲଦି ହେବା ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଲ ଆର ପକାଘର ଖଁଡ଼େ ଯୁଗେଇ ଦେବାକେ ଦୁଇ ସଂଗଠନ୍‌ର କରମକରତା ଦାବି କରିଥିଲେ।

ସରିଲା ବାହୁଡା ଯାତ୍ରା: ମନ୍ଦିର ଫେରିଲେ ତିନି ଠାକୁର

ବଲାଙ୍ଗୀର ଅଫିସ/ଦେଓଗାଁ/ଗୁଡ଼ଭେଲା/ଟିକ୍ରାପଡା/ଖପ୍ରାଖୋଲ,୧୨।୭(ଡି.ଏନ.ଏ.)

ଶୁକ୍ରବାର ବାହୁଡା ଯାତ୍ରାରେ ତିନି ଠାକୁର ମନ୍ଦିରକୁ ଫେରିଛନ୍ତି। ବଲାଙ୍ଗୀର ସହରରେ ଶୁକ୍ରବାର ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ମାଉସୀ ମା'ମନ୍ଦିରରୁ ତିନି ବିଗ୍ରହଙ୍କୁ ପହଣ୍ଡି କରି ରଥାରୂଢ କରାଯାଇଥିଲା। ଏହାପରେ ତିନି ବିଗ୍ରହଙ୍କ ରଥକୁ ଶ୍ରଦ୍ଧାଳୁମାନେ ଗୋପାଳଜୀ ମନ୍ଦିରକୁ ଟାଣି ଆଣିଥିଲେ। ଟିକ୍ରାପଡା ଗାନ୍ଧୀ ପାଠାଗାର ମାଉସୀ ମା'ମନ୍ଦିରରୁ ତିନି ଠାକୁର ବାହୁଡା ଯାତ୍ରାରେ ଜଗନ୍ନାଥପଡା ମନ୍ଦିରକୁ ଫେରିଥିଲେ। ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରସ୍ଥିତ ମାଉସୀ ମା'ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କଲା ପରେ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ତେଲିମାର୍କେଟସ୍ଥିତ ରାମଚରିତ ମାନସ ମନ୍ଦିର ପରିସରସ୍ଥ ମାଉସୀ ମା'ମନ୍ଦିରରୁ ଟିକ୍ରାପଡା ଚାନ୍ଦ ମନ୍ଦିରକୁ ରଥ ଫେରିଥିଲା। ମାଳପଡା ମାଉସୀ ମନ୍ଦିରରୁ ଶୈଳଶ୍ରୀ ପ୍ୟାଲେସକୁ ରଥ ବାହୁଡା ହୋଇଥିଲା। ସାହାଣୀ ରଥ ଏବିଏସ୍‌ଏସ୍ ରୋଡସ୍ଥିତ ମନ୍ଦିରକୁ ଫେରିଥିଲା। ଏହା ସହିତ ରାଧାରାଣୀପଡା, ପ୍ୟାଲେସ ଲାଇନ୍, ତୁଳସୀ ନଗର, କଳାମଣ୍ଡଳପଡା, ଏବିଏସଏସ, ତାଲପାଲିପଡା, ବରପାଲିପଡା, ଗୋପବନ୍ଧୁନଗର, ଗାନ୍ଧୀନଗରପଡା, ରାଧାରାଣୀପଡାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବାହୁଡା ଯାତ୍ରାର ଧାରା ବିବରଣୀ ପ୍ରଦାନ କରାଯାଇଥିଲା।

ସେହିପରି ଦେଓଗାଁ ବ୍ଲକର ସଦର ଗାଁ ଦେଓଗାଁ ଓ କଛାରପାଲିରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ପୂଜକ ଭାବେ ପ୍ରଦ୍ୟୁମ୍ନ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ଗଉନ୍ତିଆ ଭକ୍ତ ଚରଣ ସାହୁ, ବେଣୁ ଦଲାଇ, ଚକାମନ ବାରିକ, ସୁବାଷ ରଣା ପ୍ରମୁଖ ରଥ ପରିଚାଳନାରେ ସହଯୋଗ କରିଥିଲେ। ଅର୍ଡାରେ ଚଳିତ ବର୍ଷ ୧୬ଚକିଆ ରଥ ନିର୍ମାଣ କରାଯାଇ ନିର୍ବାହ କରିଥିଲେ। ମୁରସିଂ ନିକଟସ୍ଥ ଅଭିନବ ଶ୍ରୀକ୍ଷେତ୍ର ରେଙ୍ଗଲପଡାଠାରେ ବିଜୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ଅଞ୍ଚଳବାସୀଙ୍କ ସହଯୋଗରେ ବାହୁଡା ଯାତ୍ରା ଆରମ୍ଭ ହୋଇଛି।

ତୁଷରା ମାଉସୀ ମା' ମନ୍ଦିରରୁ ତିନି ଠାକୁରଙ୍କୁ ରଥାରୁଢ ପରେ ରଥ ଟଣା ଆରମ୍ଭ ହୋଇଥିଲା। ରଥ ସହରର ମୁଖ

ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା

ସଂକ୍ଷେପରେ

ଘର ଆଜବେଷ୍ଟ ପଡ଼ି ୨ଜଣ ଗୁରୁତର

ପଲମ,୧୨।୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ତିତକେଲା ଗ୍ରାମରେ କଛିଦିନ ପୂର୍ବରୁ ଭ୍ରମର ବାପଙ୍କ ମାଟି ଘରର ଆଜବେଷ୍ଟ ଓ ଖପର ଖସିପଡି ଯାଇଛି। ଫଳରେ ଘର ଭିତରେ ଶୋଇଥିବା ୨ଜଣ ପୁଅ ସୁରଜ ଓ ରାଜ ଆହତ ହୋଇଥିଲେ । ସେମାନଙ୍କ ଉପରେ ଆଜବେଷ୍ଟର ଓ ଖପର ପଡିଯିବାରୁ ଚିତ୍କାର କରିଥିଲେ। ପଡୋଶୀ ଲୋକମାନେ ଚିତ୍କାର ଶୁଣି ଦୌଡି ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ସେ ଜଣେ ଗରିବ ଶ୍ରେଣୀର ଓ ଭୂମୀହୀନ ହୋଇଥିବା ଯୋଗୁ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି ହେଉଛି । ଇନ୍ଦିରାଆବାସ ପାଇଁ ଭ୍ରମର ପଞ୍ଚାୟତରେ ଅନେକ ଥର ଦାବି କରି ଆସୁଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ବାବଦ ନେଇ ସ୍ଥାନୀୟ ଆରଆଇ ତୁଲାପଡା ଓ ନର୍ଲା ବିଡିଓ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାର ଉଚିତ ତଦନ୍ତ କରାଯାଇ ଗରିବ ଶ୍ରେଣୀ ବ୍ୟକ୍ତିଙ୍କ ପ୍ରତି ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

କାର୍ଯ୍ୟକ୍ଷମ ହେଉନି ଆଦିବାସୀ ଛାତ୍ରୀ ନିବାସ

ଭବାନୀପାଟଣା,୧୨।୭ (ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ନୂଆପଡା ଛାୟାଦେବୀ ଉଚ୍ଚ ବିଦ୍ୟାଳୟଠାରେ ନିର୍ମିତ ୧୦୦ ଶୟ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନୀବାସ ନିର୍ମାଣ କରାଯାଇଛି। ଦୀର୍ଘ ୮ ବର୍ଷ ହେବ ନିର୍ମାଣ କାମ ଶେଷ ହୋଇଥିଲେ ହେଁ ବିଭାଗୀୟ ଅବହେଳା ଯୋଗୁ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ୨୦୧୧–୨୦୧୨ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳରାମପୁର, ଭଭବାନୀପାଟଣା ତରଫରୁ ଅଞ୍ଚଳର ଗରିବ ଆଦିବାସୀ ଛାତ୍ରୀମାନଙ୍କୁ ମାଗଣାରେ ରହିବା, ଖାଇବା ଓ ପାଠପଢାର ସୁଯୋଗ ସୃଷ୍ଟି ପାଇଁ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଛାତ୍ରୀ ନିବବାସ କରାଯାଇଛି। କିନ୍ତୁ ଛାତ୍ରୀ ନିବାସ ନିର୍ମାଣ ଶେଷ ହୋଇ ଦୀର୍ଘ ୮ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଯାଏଁ ହସ୍ତାନ୍ତର ପାଇଁ କୌଣସି ପଦକ୍ଷେପ

ଛାୟାଦେବୀ ଉଚ୍ଚ ବିଦ୍ୟାଳୟଠାରେ ନିର୍ମିତ ଆଦିବାସୀ ଛାତ୍ରୀ ନିବାସ ।

୮ ବର୍ଷ ବିତିଲା

ନେଇ ନାହାନ୍ତି। ଫଳରେ ଛାତ୍ରୀ ନିବାସ ଚାରିପଟେ ଘାସ ଉଠିବା ସହ ବିଭିନ୍ନ ଅଳିଆ ଆବର୍ଜନାରେ ଛାତ୍ରୀନିବାସ ଭୂତ କୋଠିରେ ପରିଣତ ହୋଇଯାଇଛି। ବର୍ତ୍ତମାନ ଯାଏଁ ଛାତ୍ରୀ ନିବାସରେ ବିଦ୍ୟୁତ୍‌କରଣ କାର୍ଯ୍ୟ ମଧ୍ୟ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାୟାଦେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରୁ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ବହୁ ଦିନରୁ ଶେଷ ହୋଇଛି। ତେବେ ବିଦ୍ୟୁତକରଣ ହୋଇ ନ ଥିବା ଓ ଛାତ୍ରୀ ନିବାସ ଘର ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିବା ସମ୍ପର୍କରେ ବିଭାଗୀୟ ପିଆଇଙ୍କୁ ଜଣାଇଥିବା ପ୍ରକାଶ କରିଥିଲେ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟର ପରିଚାଳନା ସମିତି ସଭାପତି ମୀନକେତନ ମିଶ୍ର, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ଜିଲା ପରିଷଦ ସଦସ୍ୟା ପିଙ୍କି ସାହୁ, କିଶୋର ଚନ୍ଦ୍ର ମିଶ୍ର, ଗୋପାଳ ଦୁର୍ଗା, କମ୍ବୁପାଣି ସାହୁ, ନାଏବସରପଞ୍ଚ ପ୍ରଫୁଲ୍ଲ ସାହୁ, କମ୍ବୁପାଣୀ ପଧାନ, ହର ମାଝି, କେଦାରନାଥ ପଧାନ, ଜିଲା ଆଦିବାସୀ ସଂଘ ସଭାପତି ସାଗର, ମାଝି, ଭିକ୍ଷ ସେନାପତି, ଜୟ ସାହୁ, ଗଣାଧିପ ସାହୁ, ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ସୁଧା ଛାତ୍ରୀନିବାସ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ କରିବା ସହ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ସମ୍ପର୍କରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଭବାନୀପାଟଣା ପିଏ ବିରଞ୍ଚି ନାରାୟଣ ଦରୁଆନଙ୍କୁ ପଚାରିବାରୁ ଉକ୍ତ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ଶିକ୍ଷା ବର୍ଷରୁ ଛାତ୍ରୀମାନଙ୍କ ନାମଲେଖା ଆରମ୍ଭ କରି ହଷ୍ଟେଲରେ ରଖିବାର ବ୍ୟବସ୍ଥା କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ଓ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖି ଥିବା ପ୍ରକାଶ କରିଛନ୍ତି।

ଉତ୍କ୍ରେଲା ଉଡ଼ାଜାହାଜ ପଡ଼ିଆର ଉନ୍ନତୀକରଣ ଉପଲକ୍ଷେ

ଜମି ଅଧିଗ୍ରହଣ ପାଇଁ ଜନ ଶୁଣାଣି

କେସିଙ୍ଗା,୧୨।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉତ୍କ୍ରେଲାସ୍ଥିତ ଉଡାଜାହାଜ ପଡିଆର ଉନ୍ନତିକରଣ ପାଇଁ ଜମି ଅଧିଗ୍ରହଣ ଜନଶୁଣାଣି ଶିବିର ଉଡାଜାହାଜ ପଡିଆ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ମିଦ୍ଧା ଟପ୍ପୋଙ୍କ ଅଧକ୍ଷରେ ଉତ୍କ୍ରେଲା ଗ୍ରାମର ୫ଜଣ ଚାଷୀଙ୍କ ୮ ଏକର ୫୨ ଡେସିମିଲ ଜମି ଅଧିଗ୍ରହଣ କରିବା ପାଇଁ ଏହି ଜନଶୁଣାଣି ହୋଇଥିଲା । ଏଥିରେ ପିଡବ୍ଲ୍ୟୁଡିର ଏକଜ୍ୟୁକେଟିଭ ଅଫିସର ଅଜିତ କୁମାର ବାବୁ, ଡେପୁଟି ଇଞ୍ଜିନିୟର ବୈଦ୍ୟନାଥ ଦାଶଙ୍କ ସମେତ ଅତିରିକ୍ତ ଜିଲାପାଳ କୈଳାଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଉତ୍କ୍ରେଲା ଏୟାରଷ୍ଟିପ୍ ପାଇଁ ସ୍ୱଳ୍ପକାଳୀନ ଯୋଜନାରୁ ୧୬.୭ କୋଟି ଏବଂ ଦୀର୍ଘ କାଳୀନ ଯୋଜନାରୁ ୫୫ କୋଟି କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି । ଜମି ଅଧିଗ୍ରହଣ ପରେ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସୁବିଧା କରାଯିବା ପାଇଁ ଚାଷୀମାନେ ଦାବି କରିଥିଲେ । ଏ ନେଇ ପୂର୍ବବିଭାଗର ଏକଜ୍ୟୁକେଟିଭ ଇଞ୍ଜିନିୟର ଅଜିତ ବାବୁଙ୍କୁ ପଚାରିବାରୁ ଆସନ୍ତା ଡିସେମ୍ବର ସୁଦ୍ଧା ଉତ୍କ୍ରେଲାଠାରୁ ଭୁବନେଶ୍ୱରକୁ ବିମାନ ଚାଲିବ ବୋଲି ପ୍ରକାଶ କରିଥିଲେ ।

ଜମି ଅଧିଗ୍ରହଣ ଶିବିରରେ ଉପଜିଲାପାଳଙ୍କ ସମେତ ଉପସ୍ଥିତ ଅନ୍ୟ ପଦାଧିକାରୀବୃନ୍ଦ।

ଗଉଡ଼ପଡ଼ାବାସୀ ପିଉଛନ୍ତି ଦୂଷିତ ପାଣି

ଭବାନୀପାଟଣା,୧୨।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଚାଞ୍ଚେର ପଞ୍ଚାୟତ ଗଉଡପଡାରେ ୪୦ ପରିବାର ପାଇଁ ଏକ ସରକାରୀ ନଳକୂପ ଅଛି । ଏହାକୁ ଲାଗି ୫ ଫୁଟ ଦୂରରେ ଗାଁର ଜଣେ ବ୍ୟକ୍ତି ନିଜ ଜାଗାରେ ଏକ ଗୋବର ଖତ କରିଛନ୍ତି । ଫଳରେ ନଳକୂପ ପାଣି ଏହି ଖତରେ ମିଶୁଛି ଓ ଦୁର୍ଗନ୍ଧ ହେଉଛି । ଏଥିଯୋଗୁ ଲୋକେ ଉକ୍ତ ନଳକୂପର ପାଣି ବ୍ୟବହାର କରୁ ନ ଥିବା ଅଭିଯୋଗ ହେଉଛି । ଏ ନେଇ ପଡାବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ ।

ଟ୍ରାନ୍ସଫର୍ମର ପଡ଼ିବାର ୨୮ ଦିନ ବିତିଲା

ଅନ୍ଧାରରେ ଯୋରାଡବ୍ରା ବସ୍ତି ଗ୍ରାମବାସୀ

କର୍ଲାମୁଣ୍ଡା,୧୨।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରାବସ୍ତିଠାତେ ଗତ ଜୁନ ୧୫ ତାରିଖ ଟ୍ରାନ୍ସଫର୍ମର ପ୍ରବଳ ବର୍ଷାରେ ପଡିଯାଇଥିଲା । ଦୀର୍ଘ ୨୮ ଦିନ ବିତିଥିଲେ ହେଁ ବିଦ୍ୟୁତ୍ ବିଭାଗ ପାକ୍ଷରୁ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ମତେ ଜୁନ ୧୫ ତାରିଖରେ ପ୍ରବଳ ବର୍ଷା ସହ ଝଡତୋଫାନ ଯୋଗୁ ଯୋରାଡବ୍ରା ବସ୍ତିଠାରେ ଥିବା ଟ୍ରାନ୍ସଫରମ ପଡିଥିଲା । ଫଳରେ ଗ୍ରାମବାସୀ ଅନ୍ଧାରରେ ରହୁଥିଲେ ହେଁ ବିଦ୍ୟୁତ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କୁ ଫୋନ ଯୋଗେ ପଚାରିବାରୁ ଟ୍ରାନ୍ସଫର୍ମର ବସାଇବା ସ୍ଥାନକୁ ନେଇ ବିବାଦ ଉପୁଜି ଥିବାରୁ ବିଦ୍ୟୁତ ସଂଯୋଗ ବିଳମ୍ବ ହେଉଥିବା ପ୍ରକାଶ କରିବା ସହ ୧୫ ଦିନ ଭିତରେ ସମାଧାନ କରାଯିବ ବୋଲି କହିଥିଲେ।

୨୮ ଦିନ ତଳେ ପ୍ରବଳ ବର୍ଷାରେ ପଡିଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ।

ଜନସଂଖ୍ୟା ସ୍ଥିରତା ଓ ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

କୋକସରା,୧୨।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୁରୁବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜନସଂଖ୍ୟା ସ୍ଥିରତା ଓ ସଚେତନତା ରଥକୁ କୋକସରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ ତତ୍ତ୍ୱଦର୍ଶୀ ଦାସ ପତକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜନସଂଖ୍ୟା ନିୟନ୍ତ୍ରଣ ଉପରେ ସଚେତନତା ଆଣିବା ପାଇଁ ଏହି ରଥ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ବୁଲି ସଚେତନତା କରାଇବାରେ ସହାୟକ ହେବ ବୋଲି ସେ କହିଥିଲେ । ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ୱାର୍ଡ଼ସଭ୍ୟ, ଜେକେଏସ ସଭ୍ୟ ଓ ସ୍ୱାସ୍ଥ୍ୟ ସୁପରଭାଇଜରମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସନ୍ତାନ ଜନ୍ମକ୍ଷମ ଦମ୍ପତିମାନଙ୍କୁ ଜନ୍ମ ବ୍ୟବଧାନ ପାଇଁ ଅନ୍ତରା ପ୍ରତିଶେଧକ ଟିକା ଓ କପରଟି ବଣ୍ଟନ କରାଯାଇଥିଲା। ଉପକେନ୍ଦ୍ରସ୍ତରରେ ମଧ୍ୟ ଏହି ଦିବସକୁ ପାଳନ କରାଯିବା ସହ ଜନସଂଖ୍ୟା ନିୟନ୍ତ୍ରଣ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ପରିଚାଳନା କରିଥିବାବେଳେ ବିପିଏମ ଏମ. ରାଜଶେଖର ଧନ୍ୟବାଦ ଅର୍ପଣ କରିଥିଲେ।

ଟେମରା ମହିମା ରାସ୍ତା କାଦୁଅ ହେବା ଘଟଣା

ତଦନ୍ତ କଲେ ବ୍ଲକ୍ ପ୍ରଶାସନ

କୋକସରା,୧୨।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଟେମରା ପଞ୍ଚାୟତରୁ ମହିମା ପଞ୍ଚାୟତକୁ ସଂଯୋଗ କରୁଥିବା ଟେମରା ଭାଟି ଛକଠାରୁ ମହିମା ପର୍ଯ୍ୟନ୍ତ ରାସ୍ତା ଅଳ୍ପ ବର୍ଷାରେ ଆଣ୍ଠୁଏ କାଦୁଅ ହେଉଛି । ଗତ ୨ ବର୍ଷ ତଳେ ମହିମା ଓ ମାଲପଡ଼ା ଗ୍ରାମ ଲୋକମାନେ ରାସ୍ତା ମରାମତି ପାଇଁ ବ୍ଲକ୍ ଅଫିସ ଘେରାଉ କରି ଦାବି କରିଥିଲେ। ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଏହି ରାସ୍ତା ସମ୍ପର୍କିତ ଏକ ଖବର ଗତ ୧୦ ତାରିଖରେ ପ୍ରକାଶ ହେବା ପରେ ବ୍ଲକ୍ ପ୍ରଶାସନର ଚେତା ପଶିଛି। ବୋଲି କହିଛନ୍ତି ।

ଗୁରୁବାର କୋକସରା ବିଡିଓ ବସନ୍ତ କୁମାର ସେଠୀ, ସହକାରୀ ଯନ୍ତ୍ରୀ ତିତ୍ତୋତମା ମାଝି ଓ କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ନାଥ ପଟ୍ଟନାୟକ ଘଟଣାସ୍ଥଳକୁ ଯାଇ ଏହି ରାସ୍ତାର ଅବସ୍ଥା ତଦାରଖ କରିବା ସହ ମରାମତି ପାଇଁ ଅଣ୍ଟା ଭିଡିଛନ୍ତି । ଏ ନେଇ କୋକସରା ବିଡିଓ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ଏହି ରାସ୍ତା ବ୍ଲକ୍ ଅନୁଦାନରୁ କାମ ଚାଲିଛି, ପୂର୍ବରୁ ମୋରମ ପକାଇବା ଯୋଗୁ ବର୍ଷାରେ କାଦୁଅ ହେଉଛି, ପୁଣି ଏବେ ମେଟାଲ ଓ ଚିପ୍ସ ପକାଇ ୩୫୦ ମିଟର ରାସ୍ତା ମରାମତି କରାଯିବ ଓ ଆଗାମୀ ଦିନରେ ରାସ୍ତା ପାଇଁ ଯେମିତି ଲୋକେ ଅସୁବିଧା ନ ଭୋଗନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ।

ବ୍ଲକ ପ୍ରଶାସନ ରାସ୍ତାର ଅବସ୍ଥା ଅନୁଧ୍ୟାନ କରୁଛନ୍ତି ।

ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ ଚତୁର୍ଦ୍ଧାମୂର୍ତ୍ତି

ଜୁନାଗଡ଼,୧୨।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନରେ ଶୁକ୍ରବାର ୩୬ଟି ସ୍ଥାନରେ ବାହୁଡା ଯାତ୍ରା ପାଳିତ ହୋଇଯାଇଛି। ଜୁନାଗଡ ସହରରେ ୪ଟି ସ୍ଥାନରେ ବାହୁଡା ଯାତ୍ରା ପାଳିତ ହୋଇଥିଲା । ଏହି ସମୟରେ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିଲେ। ସେହିପରି ବ୍ଲକର ଚିଚୈଗୁଡା, ନୂଆଗୁଡା, ମହିଚଲା, ଭେଜିପଦର, ଆଟିଗାଁ, ତଳମଲା, କଳିଆକୁଣ୍ଡଲ, ପିଳିକିଆ, ଛୋରିଆଗଡ ବାଲିଛଡା ଆଦି ସ୍ଥାନରେ ମଧ୍ୟ ବାହୁଡା ଯାତ୍ରା ପାଳିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଥିଲା।

କର୍ଲାମୁଣ୍ଡା, (ଡି.ଏନ.ଏ.): କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ବସ୍ତିଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାଆଡମ୍ବରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରାଙ୍କୁ ଗୋଟିଏ ରଥରେ ବସାଇ ଭକ୍ତମାନେ ରଥ ଟାଣିଥିଲେ। ପୂଜକ ରାଧେଶ୍ୟାମ ଷଡଙ୍ଗୀ, ଭାରତ ଭୂଷଣ ଷଡଙ୍ଗୀ, ଭାଗୀରଥି ଷଡଙ୍ଗୀ, ପଣ୍ଡିତ ପ୍ରଦୀପ ମିଶ୍ର, ଧିରୋଜ ଦାସ, ରୋହିତ ମିଶ୍ର, ପ୍ରଭାନନ୍ଦ ମହାପାତ୍ର ପ୍ରମୁଖ ରହିଥିଲେ। ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ପାଇଁ ସମ୍ପାଦକ ନନ୍ଦି କିଶୋର ଭୋଇ, ସଭାପତି ହିରାମଣୀ ସାହୁ, କୋଷାଧକ୍ଷ ଘନରାମ ସାହୁ ଦାୟିତ୍ୱରେ ରହିଥିଲେ। ରାଜପୁର ଗ୍ରାମପଞ୍ଚାୟତ ସାଲେପାଲି ଗାଁର ମହିଳା କିର୍ତ୍ତନ ଦଳ ଦର୍ଶକଙ୍କ ମନମୁଗ୍ଧ କରିଥିଲା।

କଲମପୁର, (ଡି.ଏନ.ଏ.): କଲମପୁର ବ୍ଲକର ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କ ବାହୁଡା ଯାତ୍ରା ମହାସମାରୋହରେ ସମାପନ ହୋଇଯାଇଛି। ଦଶମୀ ଦିନ ୩ ଠାକୁର ବାହୁଡିଲେ। ଏହି ସମୟରେ ହଜାର ହଜାର ଭକ୍ତ ଠାକୁରଙ୍କୁ ଦର୍ଶନ କରିଥିଲେ। ଭକ୍ତମାନଙ୍କ ଦ୍ୱାରା ରଥକୁ ଟାଣି ଟାଣି ମନ୍ଦିରକୁ ଅଣାଯାଇଥିଲା। କଲମପୁର ବ୍ଲକର ୫ଟି ସ୍ଥାନ କଲମପୁର, ଦେପୁର, ଭାଟିଗାଁ, ମଣ୍ଡଲ, ନୂଆଗାଁ ଆଦି ସ୍ଥାନରେ ଧୁମଧାମରେ ସହ ବାହୁଡା ଯାତ୍ରା ପାଳିତ ହୋଇଯାଇଛି ।

ରିଷିଡା, (ଡି.ଏନ.ଏ.): କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଶୁକ୍ରବାର ବାହୁଡା ଯାତ୍ରା ସମାପନ ହୋଇଛି । ପାରମ୍ପରିକ ରୀତିନୀତିରେ ଅପରାହ୍ନ ୪ଟାରେ ପହଣ୍ଡି କରାଯାଇ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଚଳିତବର୍ଷ ଅନୁକୂଳ ପାଗଥିବା ଯୋଗୁ ପ୍ରବଳ ଭିଡ ହୋଇଥିଲା । ସେହିପରି ମାଉସୀ ମା' ମନ୍ଦିର ପରିସରରେ ଚାଲିଥିବା ଦଶାବତାର ବେଶ ଗୁରୁବାର କଳକୀ ଅବତାର ବେଶ ସହିତ ସମାପନ ହୋଇଥିଲା । ଏହି ବେଶ ସମୟରେ ପୂଜକ କୈଳାଶ ଚନ୍ଦ୍ର କର ଓ ମଧୁସୂଦନ ଦାଶ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ସେହିପରି ଗଜବାହାଲ, ପୌରକେଲାଠାରେ ଅନୁରୂପ ବାହୁଡାଯାତ୍ରା ସମାପନ ହୋଇଛି ।

ପଲମ, (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଧରଣୀପଡା ମାଉସୀ ମା'ଙ୍କଠାରୁ ଚତୁର୍ଦ୍ଧାମୂର୍ତ୍ତି ନିଜ ଧାମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ମାଉସୀ ମନ୍ଦିରଠାରେ ପାରମ୍ପାରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଭକ୍ତଙ୍କ ମେଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ର ଗୁଣ୍ଡିଚା ମନ୍ଦିରକୁ ଆସିଛନ୍ତି । ଗୁଣ୍ଡିଚା ମନ୍ଦିରଠାରେ ଭକ୍ତିଯୁକ୍ତ ପୂଜାର୍ଚ୍ଚନା କରାଯାଇ ତିନି ଦିଅଁଙ୍କୁ ସ୍ଥାପନ କରାଯାଇଥିଲା । ଏହି ଉତ୍ସବରେ ଅନେକ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇ ବାଦ୍ୟନାଦ ଓ ମହିଳାମାନଙ୍କ ହୁଳହୁଳି ଶବ୍ଦରେ କମ୍ପିତ ହୋଇଥିଲା । ତତସଙ୍ଗେ ମହିଳାମାନେ ବହୁ ଆଗ୍ରହ ସହ ଭଗବାନଙ୍କ ପୂଜାର୍ଚ୍ଚନା କରିଥିଲେ ।

ଜୁନାଗଡ଼ ବ୍ଲକ ନୂଆଗୁଡାରେ ଅନୁଷ୍ଠିତ ବାହୁଡାଯାତ୍ରା ।

କଲମପୁରଠାରେ ଅନୁଷ୍ଠିତ ବାହୁଡାଯାତ୍ରା ।

କର୍ଲାମୁଣ୍ଡାଠାରେ ଅନୁଷ୍ଠିତ ପୂଜାରେ ପୂଜକମାନେ ଠାକୁରଙ୍କୁ ପହଣ୍ଡି ବିଜେ କରୁଛନ୍ତି।

ରିଷିଡା ବାହୁଡା ଯାତ୍ରାରେ ଭକ୍ତମାନେ ରଥ ଟାଣୁଛନ୍ତି ।

ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।
- ରାମାନୁଜ

ଝାରସୁଗୁଡ଼ାରେ ବାହୁଡ଼ାଯାତ୍ରା ସମ୍ପନ୍ନ

ଝାରସୁଗୁଡା ଅଫିସ୍/ଲଖନପୁର, ୧୨।୭(ଡି.ଏନ୍.ଏ.)

ବନ୍ଧବାହାଲ ଜଗନ୍ନାଥ ମନ୍ଦିର ବାହୁଡାଯାତ୍ରାରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

ଝାରସୁଗୁଡ଼ା ଜିଲାର ବିଭିନ୍ନ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନେ ଜୟଜଗନ୍ନାଥ ଧ୍ୱନୀଦେଇ ମହାପ୍ରଭୁଙ୍କ ରଥ ଟାଣି ଥିଲେ। ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା' ମନ୍ଦିରରୁ ପହଣ୍ଡି ବିଜେ କରି ରଥାରୂଢ ହୋଇ ମନ୍ଦିର ସମ୍ମୁଖରେ ପହଁଞ୍ଚି ଥିଲେ। ପରେ ମହାପ୍ରଭୂଙ୍କ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଝାରସୁଗୁଡ଼ାର ଝଣ୍ଟାଛକ, ଧର୍ମଶାଳା, ପୁରୁଣାବସ୍ତି, ବିଟିଏମ୍, କୁକୁରଜଙ୍ଘା, ବନ୍ଧବାହାଲ, ବ୍ରଜରାଜନଗର, ବେଲପାହାଡ଼, ଲଖନପୁର, କନକତୋରା, ଭୂତଆ, ପପଲକାନାରେ ବାହୁଡାଯାତ୍ରା ସମ୍ପନ୍ନ ହୋଇଛି। ଅନୁକୂଳ ପାଗ ଯୋଗୁ ବାହୁଡାଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ବନ୍ଧବାହାଲ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଭୂଙ୍କ ରୀତିନୀତି ମଧ୍ୟରେ ପହଡଫିଟା, ଅବକାଶ, ମଙ୍ଗଳ ଆଳତୀ, ଠାକୁରଙ୍କ ଦୈନନ୍ଦିନ ପୂଜା, ପୁଷ୍ପାଞ୍ଜଳୀ ଆଦି ପୂଜାକାର୍ଯ୍ୟ ହୋଇଥିଲା। ପରେ ମଧ୍ୟାହ୍ନ ୧୨ଟାରୁ ସାଢେ ୧ଟା ପର୍ଯ୍ୟନ୍ତ ମହାପ୍ରଭୂଙ୍କ ପହଁଞ୍ଚିବିଜେ, ଅପରାହ୍ନ୫ଟାରେ ଛେରାପହଁରା, ସାଢେ ୫ଟାରେ ରଥଟଣା କାର୍ଯ୍ୟ ହୋଇଥିଲା। ରଥଯାତ୍ରା କମିଟି ପକ୍ଷରୁ ଏମ୍ସଏଲ୍ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହଙ୍କୁ ତାଙ୍କ ବାସଭବନରୁ ବରଣ କରାଯାଇ ଏକ ଶୋଭାଯାତ୍ରାରେ ମାଉସୀ ମା' ମନ୍ଦିରକୁ ଅଣାଯାଇଥିଲା। ରଥରେ ମହାପ୍ରବନ୍ଧକ ସିଂହ ଛେରାପହଁରା କରିଥିଲେ। ପରେ ରଥ ଡିଏଭିସ୍କୁଲ୍ ଓ ଷ୍ଟେଟ୍‌ବ୍ୟାଙ୍କ ଛକ ରାସ୍ତାଦେଇ ସାଢେ ୬ଟା ସମୟରେ ମନ୍ଦିର ସମ୍ମୁଖରେ ପହଁଞ୍ଚିଥିଲା। ରାସ୍ତାରେ ଅଟକି ମହାପ୍ରଭୂ ମାଉସୀ ମା'ଙ୍କ ପୋଡପିଠା ଖାଇଥିଲେ । ପରେ ମହାଲକ୍ଷ୍ମୀ ବିମାନରେ ଆସି ମହାପ୍ରଭୂଙ୍କ ରଥକୁ ଅଟକାଇଥିଲେ। ମହାପ୍ରଭୂଙ୍କ ସହିତ ମହାଲକ୍ଷ୍ମୀଙ୍କ ଭେଟଘାଟ ପରେ ରଥ ମନ୍ଦିର ଅଭିମୁଖେ ବାହାରିଥିଲା। ମନ୍ଦିର ସମ୍ମୁଖରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସନ୍ଧ୍ୟା ଆଳତୀ ହୋଇଥିଲା । ଏଥିରେ ମନ୍ଦିର ମୁଖ୍ୟ ପୂଜକ ବିଶ୍ୱନାଥ ତ୍ରିପାଠୀ, ବିଭୂତି ଭୂଷଣ ମହାପତ୍ରା, ରମାକାନ୍ତ ନାୟକ, ପ୍ରଫୁଲ ପାଢୀ, ବସନ୍ତ ସାବତ, ନିତ୍ୟାନନ୍ଦ ମହାପାତ୍ର, ବ୍ରାହ୍ମଣ ସମାଜ ସଭାପତି ବାଳକୃଷ୍ଣ ମିଶ୍ର, ସମ୍ପାଦକ ରାମଚନ୍ଦ୍ର ପଣ୍ଡା, ନିରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରଥଯାତ୍ରା କମିଟି ସଭାପତି ବିଜୟ ଦାସ, ସମ୍ପାଦକ ଦୋଳଗୋବିନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ଲଳିତ ମୋହନ କିଷାନ, ରମେଶ ମଲ୍ଲିକ, ରବୀନ୍ଦ୍ର ପ୍ରସାଦ, ବୁଲୁ ପାଣିଗ୍ରାହୀ, ସାଗର ପ୍ରଧାନ, ନିରଞ୍ଜନ ପଟେଲ, ରାଜେନ୍ଦ୍ର ନାୟକ, ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତି ରହି ସହଯୋଗ କରିଥିଲେ। ଜନମାଗମକୁ ଦୃଷ୍ଟିରେ ରଖି ବନହରପାଲି ଥାନା, ବନ୍ଧବାହାଲ ଫାଣ୍ଡି ପୋଲିସ୍ ଓ ଏମ୍‌ସିଏଲ୍ ସୁରକ୍ଷାକର୍ମୀଙ୍କ ମିଳିତ ଉଦ୍ୟମରେ ଟ୍ରାଫିକ୍ ନିୟନ୍ତ୍ରଣ ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଇଥିଲା। ଏଥିରେ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ, ଏଏସ୍‌ଆଇ ମନୋଜ ମିଶ୍ର, ପରକ୍ଷିତ ସାହୁ, ଜିତେନ ସାହୁ, ଏମ୍‌ସିଏଲ୍ ସିକ୍ୟୁରିଟ୍ ଅଫିସ୍‌ର ଅମିତ ନନି ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ । ରଥଯାତ୍ରା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଗୁଣ୍ଡିଚାଯାତ୍ରାରୁ ବାହୁଡାଯାତ୍ରା ପର୍ଯ୍ୟନ୍ତ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ଅବସରରେ ମାଉସୀ ମା'ଙ୍କ ମନ୍ଦିର ସମ୍ମୁଖ ପଡ଼ିଆରେ ମୀନାବଜାର ସାଙ୍ଗକୁ ବିଭିନ୍ନ ଦୋକାନ ବଜାର ଆଦି ଲାଗିଥିଲା। ଲୋକେ ଏଥିରୁ କିଣା ବିକା କରି ମଜା ଉଠାଇ ଥିଲେ।

ଜନ୍ମବେଦିରୁ କର୍ମ ବେଦିକୁ ବାହୁଡିଲେ ଶ୍ରୀଜୀଉ

କୋଲାବିରା, ୧୨।୭ (ଡି.ଏନ୍.ଏ.)

ଠାକୁରଙ୍କ ପହଣ୍ଡିବିଜେ।

ସରିଲା ଜନ୍ମ ବେଦୀରେ ଲୀଳା। ବଡଭାଇ ବଳଭଦ୍ର,ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ବାହୁଡିଛନ୍ତି ମହାବାହୁ। ଶୁକ୍ରବାର ଆଷାଢ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ରଥାରଢ ହୋଇ ଚତୁର୍ଦ୍ଧାମୂର୍ତ୍ତି ନିଜ ମନ୍ଦିର ଅଭିମୁଖେ ଆସିଛନ୍ତି। ଗୁରୁବାର ନବମୀ ତିଥିରେ ପ୍ରଭୁ ଶ୍ରୀ ଦଧିବାମନଙ୍କ ପ୍ରିୟ ଭୋଗ ପୋଡ଼ପିଠା ଲାଗି କରାଯାଇଥିଲା। ମାଉସୀ ମା'ଙ୍କ ଠାରୁ ହାତ ତିଆରି ପିଠା ଖାଇବା ପାଇଁ ଶ୍ରୀଜୀଉ ଇଚ୍ଛା ପ୍ରକାଶ କରିଥିଲେ। ତେଣୁ ଏହି ଅବସରରେ ମାଉସୀ ମା'ଙ୍କ ହାତ ତିଆରି ପୋଡ଼ ପିଠା ଲାଗି କରାଯାଏ ବୋଲି କିମ୍ବଦନ୍ତୀ ରହିଛି। ଅନ୍ୟ ସ୍ଥାନ ଅପେକ୍ଷା କୋଲାବିରାରେ ତିଆରି ପୋଡ଼ପିଠା ସ୍ୱତନ୍ତ୍ର। ଏହା ଅଟା, ଗୁଡ଼, ଘଅ, ଚାରମଞ୍ଜି, କାଜୁ, କିସମିସ, ଗୋଲମରିଚ, ଲବଙ୍ଗ, ଇଲାଚ୍ଚି, ତେଜପତ୍ର, ନଡିଆ ଓ ଚିନିରେ ତିଆରି ହୋଇଥାଏ। ନବମୀ ଅବସରରେ ପ୍ରଭୁଙ୍କୁ ଏହି ସ୍ୱତନ୍ତ୍ର ଭୋଗ ଲାଗ କରିବା ପରେ ଭକ୍ତମାନେ ପ୍ରସାଦ ପାଇଥିଲେ। ଶୁକ୍ରବାର ସକାଳେ ମହାପ୍ରଭୂଙ୍କ ପହଡଭଙ୍ଗ, ଦ୍ୱାରଫିଟା, ନୀତି ଓ ସକାଳଧୂପ ଆଦି ସରିବା ପରେ ଦିନ ପ୍ରାୟ ୧୧ଟା ସମୟରେ ବେଶ କରାଯାଇଥିଲା। ଅପରାହ୍ନରେ ଶ୍ରୀଜୀଉଙ୍କୁ ପହଣ୍ଡ କରାଯାଇ ରଥାରଢ କରାଯିବା ପରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ।

ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ ମେଳା

କିର୍ମିରା, ୧୨।୭(ଡି.ଏନ.ଏ.) କିର୍ମିରା ବ୍ଲକ ରାଜୀବ ସେବା କେନ୍ଦ୍ରର ଜିପିଓ ଭୂପାଳ ଚନ୍ଦ୍ର ଜୟପୁରିଆଙ୍କ ସଭାପତିତ୍ୱରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ତେଜିରାଜି ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ବିଡିଓ ଜୟନ୍ତ ସେଠୀ, ସରପଞ୍ଚ ଅର୍ତ୍ତା ଅଶ୍ୱିନୀ ଦଣ୍ଡପାଦ, ନଟବର ଅଗ୍ରୱାଲ, ଆରତୀ ସ୍ୱାଇଁ, ଲିଲିମା ବେହେରା ପ୍ରମୁଖ ଯୋଗଦେଇ ବ୍ଲକର ୮ଟି ପଞ୍ଚାୟତର ୧୦୮ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

NOTICE

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ.MSM-BIOTOILET-SBP-19

କାର୍ଯ୍ୟର ନାମ : ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର କୋଚିଙ୍ଗ୍ ଡିପୋ ର କୋଚ୍‌ଗୁଡ଼ିକରେ ଜୈବ-ଶୌଚାଳୟ (DRDE ଟାଇପ୍) ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଚୁକ୍ତି (AMOC) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,47,15,347.80, **EMD (ଟଙ୍କାରେ) :** 2,73,600/-, **ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) :** 11,800/-, **କାର୍ଯ୍ୟ ଶେଷ ହେବା ଅବଧି :** 03 (ତିନି)ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.08.2019 ତିଖି 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ୍ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ)
ସମ୍ବଲପୁର
PR-227/K/19-20

Odisha State PSUs Employees Welfare Society
1st Floor, IDCOL House, Near IG Park, Bhubaneswar

Group Health Insurance Scheme – KALYANI
A boon for State Government and State owned PSU Employees for Better Health care facilities in time of need.

A Group Health Insurance Policy **KALYANI** implemented by **Odisha State PSUs Employees Welfare Society (OSPEWS)** has been a great success for extending health care facilities to more than 10,300 employees, retired employees and members of the OSPEWS since last three years.
For the year 2019-20, Star Health Insurance is the coverage provider to the members of OSPEWS.

Who are eligible for membership:
- All serving Government officials/PSU Employees/Outsourced / Contractual Employees/Retired employees
- Onetime fee of Rs.500/- applicable per family.
- Insurance coverage is available till the age of 80 years.

Policy Highlights with unique features:
- Coverage from Birth - 80 years
- Coverage for family of 6 persons - Husband + wife, 2 children & parents / Parents in law.
- Annual coverage up to 5 Lakhs per family.
- Coverage from day one.
- Cashless claim settlement with hospitals and reimbursement.
- Pre-hospitalisation for 30 days/post hospitalisation benefit for 60 days.
- Day care treatment in hospitals.
- Maternity benefit for women employees admissible without any waiting period.
- Cataract, hernia and hysterectomy up to Rupees one lakh.

How the Insurance claims can be made and settled:
- Star Health Insurance is the Partner Company to settle all medical claims as per procedure.
- Mobile app & SMS facility for communication with Star Health Insurance
- Yearly premium of Rs. 14,500/- per family.
- Bank loan facility is available for payment, if required. Bank will pay your premium up front and recover over one year period.
- 6500 Speciality hospitals of country are currently empanelled.

For more details please refer policy document.
Contact Person:- Sri P.K.Pattanaik, Executive Director, OSPEWS, IDCOL House, Near Indira Gandhi Park, Bhubaneswar, Mob:9776854108

ODISHA JOINT ENTRANCE EXAMINATION-2019 (OJEE - 2019)

No: 322/OJEE19 **Date: 12.07.2019**

NOTICE

Schedule of Medical Board for Physically Challenged (PC) Candidates of MBA/MCA/LE-MCA/M.TECH/M.ARCH/M.PLAN/ M.PHARM and B.PHARM rank holders of OJEE2019

The Physically Challenged **(PC)** Category Candidates under MBA/MCA/LE-MCA/M.TECH/M.ARCH/M.PLAN/M.PHARM and B.PHARM of OJEE2019 rank holders, who are interested to take admission in **PC** Category OJEE 2019 Counselling are required to attend the Medical Board at **LT – II, SCB Medical College, Cuttack on 18-07-2019 at 10.00 AM**. Candidates are required to bring their **Admit Card /Rank Card and Photo Identity** to the Medical Board. Decision of Medical Board is final and binding. Admission to PC category will be made only as per the result of this board.

Sd/-
CHAIRMAN, OJEE

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ
ସାମାଜିକ ସମୀକ୍ଷା MGNREGA ଏବଂ NSAP ବର୍ଷ ୨୦୧୯-୨୦

ଗ୍ରା.ପ	ତାରିଖ	ଗ୍ରାମସଭା
ବଡ଼ସାଇମରା, ବାନ୍ଧୁପଲା, ଚଲକି		
ଚଣାବାହାଲ, ଇଚ୍ଛାପଡ଼ା, ଗୁଡିଘାଟ	୧୬–୨୯ ଜୁଲାଇ ୨୦୧୯	୩୧ ଜୁଲାଇ
ମୁରିବାହାଲ, ଲଖନା, ପତ୍ରାପାଲି–ଖ		
ଗଡ଼ଗଡ଼ବାହାଲ	୦୨–୧୬ ଅଗଷ୍ଟ ୨୦୧୯	୨୦ ଅଗଷ୍ଟ
ପତ୍ରାପାଲି–କ	୦୨–୧୪ ଅଗଷ୍ଟ ୨୦୧୯	୧୬ ଅଗଷ୍ଟ
ହଳଦୀ, ଗଁରେଇ, ଗୋଇମୁଣ୍ଡ, ଲେବଡ଼ା		
ବାଙ୍କେଲ, ଡଙ୍ଗରପଡ଼ା	୨୧–୦୫ ସେପ୍ଟେମ୍ବର ୨୦୧୯	୦୬ ସେପ୍ଟେମ୍ବର
ବେଲପଦର, ବିଟାବନ୍ଧ, ମାଲିଶିରା		
ଟୁପାଉଡ଼ାର, ତେନ୍ତୁଳିଖୁଣ୍ଟି	୦୭–୨୦ ସେପ୍ଟେମ୍ବର ୨୦୧୯	୨୩ ସେପ୍ଟେମ୍ବର

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁରିବାହାଲ ବ୍ଲକ

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝାରବନ୍ଧ

ପତ୍ର ସଂଖ୍ୟା: ୮୪୪ ତାଂ୦୬।୦୭।୨୦୧୯

ଏତଦ୍‌ଦ୍ୱାରା ଝାରବନ୍ଧ ପଞ୍ଚାୟତ ସମିତିର ବରଷାଧାରଣଙ୍କ ଅବଗତି ପାଇଁ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୮-୧୯ (୧ ଏପ୍ରିଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯) ଆର୍ଥିକ ବର୍ଷରେ ସାମାଜିକ ପରୀକ୍ଷଣ ପ୍ରକଳ୍ପ ଚୁକ୍ତିବଦ୍ଧ ଶତ ପ୍ରତିଶତ ମଷ୍ଟରରୋଲ ଯାଞ୍ଚ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ବିଦ୍ୟୁତୀକରା ଘର ତଥା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ୨୦୧୮-୧୯ ବାବଦରେ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ ଗ୍ରା.ପ ଗ୍ରାମସଭା ମତେ ସମ୍ପୃକ୍ତ ଗ୍ରା.ପ କାର୍ଯ୍ୟାଳୟମାନଙ୍କରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ। ଉକ୍ତ ଗ୍ରାମସଭା ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିବେ ଏବଂ ସମ୍ପୃକ୍ତ ଗ୍ରାମ ରୋଜଗାର ସେବକ / କାର୍ଯ୍ୟନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ଜୁନ ସାମାଜିକ ସମୀକ୍ଷକ / ଗ୍ରାମ ସାଧାରଣ ସମ୍ପାଦକ / ଗ୍ରାମ ସାଧାରଣ ସଭାରେ ଉପସ୍ଥିତ ରହି ସମସ୍ତ ସେବା ସେବେର୍ଡ ତଥା ଅନ୍ୟାନ୍ୟ କାଗଜପତ୍ର ଉପସ୍ଥାପନ କରିବେ।

ଏହି ସଭାରେ ଉକ୍ତ ଗ୍ରାମ ଶାସନ ଅନ୍ତର୍ଗତ ସମସ୍ତ ସବା/ସବା/ସ୍ୱୟଂ ସହାୟକ ଗୋଷ୍ଠୀ/ସେଚ୍ଛାସେବୀ ଅନୁଷ୍ଠାନ/ଚିର୍ଚାଚିତ ପ୍ରତିନିଧି/ଯୁବକ-ଯୁବତୀ ଏବଂ ବରିଷ୍ଠାଧାରୀ ଶ୍ରମିକମାନଙ୍କୁ ନିର୍ଦ୍ଦାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନ ତଥା ମଷ୍ଟରରୋଲର ଯାଞ୍ଚ ସାବଦକୁ ସହଯୋଗ କରିବେ ଏବଂ ସାମାଜିକ ସମୀକ୍ଷା କରିବେ।

ନିମ୍ନ ପ୍ରବଲ କାର୍ଯ୍ୟସୂଚୀ ମତେ ଉକ୍ତ ପଞ୍ଚାୟତ ସମିତି ତରଫରୁ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ

କ୍ର.ନଂ.	ଗ୍ରା.ପ.ର ନାମ	ସାମାଜିକ ସମୀକ୍ଷା ତାରିଖ	ସମୟ	ସ୍ଥାନ	ଗ୍ରାମସଭା ତାରିଖ	ଜନଶୁଣାଣି	ନୋଡାଲ ଅଫିସର
୧	ବୁଢୁପାଲି, ଝାବନ୍ଧ, ବଲା	୧୬।୦୭।୧୯ରୁ ୨୯।୦୭।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୭।୧୯	୨୬।୦୭।୧୯	ବ୍ଲକ୍ ଉନ୍ନୟନ ଅଧିକାରୀ / କାର୍ଯ୍ୟନିର୍ବାହୀ ଅଧିକାରୀ / ଜନିଷ୍ଟ ଯନ୍ତ୍ରୀ / ପଞ୍ଚାୟତ ସମିତିର ଗ୍ରାମ୍ୟଯନ୍ତ୍ରୀ ଅଧିକାରୀ
୨	ଅମଠି, ବିଜାପଦର	୩୦।୦୭।୧୯ରୁ ୧୩।୦୮।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୧୪।୦୮।୧୯		
୩	ଲଭଡ଼ିବର୍ସା, ଚୋପୁଲ୍ପା, ଲଭାବଙ୍ଗର	୧୬।୦୮।୧୯ରୁ ୨୯।୦୮।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୮।୧୯	୨୬।୦୮।୧୯	
୪	ଭଲାଉପୁର, ଭେରାବର୍ସା, ଭବଦଲପୁର	୦୩।୦୯।୧୯ରୁ ୧୮।୦୯।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୧୯।୦୯।୧୯		
୫	ଛୋଟଅନରା, ଚକ୍ତିଭଳା	୨୩।୦୯।୧୯ରୁ ୦୩।୧୦।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୦୪।୧୦।୧୯		
୬	ଭୂମିଉ	୨୩।୦୯।୧୯ରୁ ୧୯।୧୦।୧୯	୧୦.୦୦	ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ	୩୦।୦୯।୧୯		

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଝାରବନ୍ଧ

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଟଲି, ବରଗଡ଼

ବିଜ୍ଞାପନ ସଂଖ୍ୟା: ୧୨୨୩ ତା: ୧୦।୭।୨୦୧୯

ଏତଦ୍‌ଦ୍ୱାରା ଭଟଲି ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଥିଲି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ୨୦୧୮-୧୯ (ଅପ୍ରେଲ ୧ ତାରିଖ ୨୦୧୮ ଠାରୁ ମାର୍ଚ୍ଚ ୩୧ ତାରିଖ ୨୦୧୯ ପର୍ଯ୍ୟନ୍ତ) ଆର୍ଥିକ ବର୍ଷରେ ପଞ୍ଚାୟତ ସମିତିର ଗ୍ରାମ ପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ସମ୍ପାଦିତ ସମସ୍ତ ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟୟଭୂତ ହୋଇଥିବା ମଷ୍ଟରରୋଲର ଯାଞ୍ଚ ତଥା ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସଭା ଅନୁଷ୍ଠିତ ହେବ।

ଏହି ସଭାରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଜି.ପି.ଟି.ଏ., ଜେ.ଇ. ଜନସାଧାରଣ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ସମସ୍ତ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କର ବହୁଳ ଭାବରେ ଯୋଗଦାନ ପାଇଁ ଅନୁରୋଧ। ଏଥିନିମନ୍ତେ ସମସ୍ତ ସରପଞ୍ଚମାନଙ୍କ ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ପ୍ରତ୍ୟେକ ଗ୍ରାମରେ ନୋଟିସ ଏବଂ ଡେଙ୍ଗୁରା ମାଧ୍ୟମରେ ବହୁଳ ପ୍ରଚାର ପାଇଁ ପରାମର୍ଶ ଦିଆଗଲା।

ମଷ୍ଟର ରୋଲ୍ ଯାଞ୍ଚ କାର୍ଯ୍ୟସୂଚୀ

| କ୍ର. ନଂ. | ଗ୍ରା.ପ.ର ନାମ | NSAP | | MGNREGS | | ସାମାଜିକ ସମୀକ୍ଷା ଗ୍ରାମସଭା ତା. | ସମୟ | ଉପସ୍ଥିତ ହେବାକୁ ଥିବା ଅଧିକାରୀଙ୍କ ନାମ |
|---

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

ସଂକ୍ଷେପରେ

ଦେଉଳକୁ ବାହୁଡିଲେ ଠାକୁର

ରାଉରକେଲା ଅଫିସ,୧୨। ୭: ବଡ ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥଯାତ୍ରାରେ ଯାଇଥିବା ଜଗତର ନାଥ ଜଗନ୍ନାଥ ଶୁକ୍ରବାର ଭକ୍ତଙ୍କ ମେଳରେ ଦେଉଳକୁ ଫେରିଛନ୍ତି। ଏହି ଅବସରରେ ଷ୍ଟିଲ ସିଟିର ସର୍ବ ପୁରାତନ ଜଗନ୍ନାଥ ମନ୍ଦିରକୁ ଫେରିଛନ୍ତି ତିନି ଠାକୁର। ସେକ୍ଟର ୫ ମାଉସୀ ମା ମନ୍ଦିରରୁ ଛେରା ପହଁରା ପରେ ଅପରାହ୍ନ ୪ଟାରେ ଘଣ୍ଟଘଣ୍ଟା, ହରିବୋଲ ହୁଳହୁଳିରେ ଅହିରାବନ୍ଧ ମନ୍ଦିର ଅଭିମୁଖେ ରଥ ଗତିଥିଲା। ତିନି ରଥକୁ ଶ୍ରଦ୍ଧାଳୁ ଚିଂ ରୋଡ ଦେଇ ଦେଉଳକୁ ଟାଣି ଆଣିଥିଲେ। ସେହିଭଳି ଉଦିତନଗର, ସିଭିଲ ଟାଉନସିପ, ଛେଣ୍ଡ, ବାସନ୍ତୀ କଲୋନୀ, କୋଏଲ ନଗର, ସାରନଗରୀ, ଜଲଦା, ଆଇଡିଏଲ ଓ ଲାଠିକଟା ଅଞ୍ଚଳରେ ମଧ୍ୟ ରଥଯାତ୍ରା ସମ୍ପନ୍ନ ହୋଇଛି।

କାମରେ ଲାଗୁନି ସିଭିଲ ଟାଉନଶିପ, କୋଏଲନଗର ସୋସିଆଲ ହୋମ୍

ରାଉରକେଲା ଅଫିସ,୧୨। ୭

ଦୀର୍ଘ ଦିନ ହେବ ସିଭିଲ ଟାଉନସିପ ଓ କୋଏଲନଗର ସୋସିଆଲ ହୋମ କାମରେ ଲାଗୁନି। ବିବାଦରେ ଛନ୍ଦି ହୋଇ ରହିଛି ଏହି ଦୁଇ ଅନୁଷ୍ଠାନ। ଏଣୁ ଏଠାରେ ତାଲା ଝୁଲୁଛି। ସିଭିଲ ଟାଉନସିପର ୧୨ଟି ଦୋକାନ ଅବସ୍ଥା ମଧ୍ୟ ସମାନ। ସାଧାରଣ ଜନତାଙ୍କ ସ୍ୱାର୍ଥ ପୂରଣ ନେଇ ନିର୍ମାଣ କରାଯାଇଥିବା ସୋସିଆଲ ହୋମ ଓ ଦୋକାନ ଏବେ ଅଦରକାରୀ ହୋଇ ପଡି ରହିଛି। ଏଥିରୁ ଜିଲା ପ୍ରଶାସନ କିମ୍ବା ଜନତାଙ୍କୁ କାଣିଚାଏ ଲାଭ ମିଳୁନି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର। ଏ ଦିଗରେ ନୂଆ ଜିଲାପାଳ ପଦକ୍ଷେପ ନେବାକୁ ମହାପାତ୍ର ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ଦୁଇ ସୋସିଆଲ ହୋମ ଖୋଲାଯିବା ନେଇ ପଦକ୍ଷେପ ନିଆଗଲେ ସହରବାସୀ ଉପକୃତ ହେବେ ବୋଲି ମହାପାତ୍ର ଆଶା ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ଜିଲାପାଳଙ୍କଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ ରାଉରକେଲା ସରକାରୀ ମେଡିକାଲ କଲେଜର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ଏଠାରେ ଆବଶ୍ୟକୀୟ ଡାକ୍ତର, ଯନ୍ତ୍ରପାତି , ନର୍ସ ଓ ଷ୍ଟାଫ ନାହାନ୍ତି। ଶଯ୍ୟା ବୃଦ୍ଧି କରାଯାଉନି। ବାରମ୍ବାର ଦାବି ସତ୍ତ୍ୱେ ଏହାକୁ ସୁପର ସ୍ପେଶିଆଲିଟିରେ ପରିଣତ କରାଯାଉନି। ସେହିପରି ବନ୍ଧମୁଣ୍ଡା ଅଞ୍ଚଳରେ ଏକ ଭେଣ୍ଡିଂ ଜୋନ ନିର୍ମାଣ ନେଇ ନଷ୍ପତ୍ତି ନିଆଯାଇ ପାରୁନି। ଏହା ଅଭାବରୁ ଶତାଧିକ ବ୍ୟବସାୟୀ ରାସ୍ତା କଡରେ ବସି ଖରା ବର୍ଷାରେ ବ୍ୟବସାୟ କରିବାକୁ ବାଧ ହେଉଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ଏଠାରେ ୫ଶହ ଦୋକାନ ନିର୍ମାଣ କରାଯାଉ। ଏହା ଦ୍ୱାରା ଆରଏମସି ଲାଭବାନ ହେବା ସହ ଅଞ୍ଚଳ ବ୍ୟବସାୟୀ ଉପକୃତ ହେବେ। ଏଥି ସହିତ ରାଉରକେଲା ରେଳ ଷ୍ଟେସନ ଅଞ୍ଚଳରେ ଆଉ ଏକ ଭେଣ୍ଡିଂ ଜୋନ ନିର୍ମାଣ କରିବାକୁ ମହାପାତ୍ର ଦାବି କରିଛନ୍ତି। ଏହା ସ୍ଥାନୀୟ ବେକାରଙ୍କୁ କର୍ମ ନିଯୁକ୍ତି ଯୋଗାଇବାରେ ସହାୟକ ହୋଇ ପାରିବ। ମହାନଗର ନିଗମ ଅନ୍ତର୍ଭୁକ୍ତ ୪୨ ୱାର୍ଡ ବାସିନ୍ଦାଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନି। ବର୍ଷା ଆରମ୍ଭ ହୋଇ ଯାଇଥିବା ବେଳେ ପାଣି ନାଳ ସଫେଇ ଅଭିଯାନକୁ ତ୍ୱରାନ୍ୱିତ କରାଗଲାନି। ଆଗକୁ ସମସ୍ୟା ଉତ୍କଟ ହୋଇପାରେ ବୋଲି ମହାପାତ୍ର ଆଶଙ୍କା ବ୍ୟକ୍ତ କରିଛନ୍ତି। ପରିମଳ ଅବସ୍ଥା ପ୍ରତି ଦୃଷ୍ଟି ଦିଆ ନ ଗଲେ ପରିସ୍ଥିତି ଅଣାୟତ ହୋଇପାରେ ବୋଲି ମହାପାତ୍ର କହିଛନ୍ତି। ଏ ଦିଗରେ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଉରକେଲାକୁ ମହାନଗର, ସ୍ମାର୍ଟ ସିଟି ଘୋଷଣା କରାଯାଇଥିବା ବେଳେ ଗୁରୁତ୍ୱ ଦୃଷ୍ଟିରୁ ଏଠାରେ ଏକ ମେଡିକାଲ କଲେଜ କାହିଁକି ଖୋଲା ଯିବନି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସହରବାସୀଙ୍କ ସୁଖ ସୁବିଧା ପ୍ରତି ଅନେକ କ୍ଷେତ୍ରରେ ଆଖି ବୁଜି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଛେଣ୍ଡ ଅଞ୍ଚଳରେ ଲକ୍ଷାଧିକ ଲୋକଙ୍କ ପାଇଁ ପରିବା ହାଟ ସୁବିଧା କରାଯାଇନି। ସେହିଭଳି କୋଏଲନଗର ଓ ଶକ୍ତିନଗର ଅଞ୍ଚଳବାସୀ ମଧ୍ୟ ସମାନ ସମସ୍ୟାରେ ପଡିଛନ୍ତି। ଉପରୋକ୍ତ ଅଞ୍ଚଳବାସୀଙ୍କୁ ହାଟ ସୁବିଧା ଦେବାକୁ ହେଲେ ସ୍ଥାୟୀ ପଦକ୍ଷେପ ନିଆଯିବା ଆବଶ୍ୟକ। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବେ ବୋଲି ମହାପାତ୍ର ଆଶା ବ୍ୟକ୍ତ କରିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କି ଘର ଛାଡ଼ିଲି, କି ବର ଛାଡ଼ିଲି;
କୁଣ୍ଡାପିଠା ପାଇଁ ଯୋଗିଆଣୀ ହେଲି ।

କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ମଜ୍ଜି ଯାଇଥାନ୍ତି। ଦୈହିକ ସୁଖ ଲାଳସାରେ ଅନ୍ଧହୋଇ ନିଜ ଘର ପରିବାରର ମାନ ସମ୍ମାନକୁ ମାଟିରେ ମିଶାଇ ଦେଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ପରକୀୟା ପ୍ରୀତି ପାଇଁ ଘର ପରିବାର ତ୍ୟାଗ କରିଥିବା ବିଟପୀ ନାରୀ ନିଜ କୃତକର୍ମ ପାଇଁ ପଶ୍ଚାତ୍ତାପ ବା ଅନୁଶୋଚନା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କରମ ଲିଖନ,
କେ କରିବ ଆନ ।

କପାଳରେ ଯାହା ଲେଖାହୋଇଥାଏ ତାହା ହିଁ ଘଟିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳଭୋଗ କରିଥାଏ। ଏହାକୁ କାଟିବା ବା ବଦଳାଇବା ସହଜସାଧ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଆରଏସପି ଅଧିକାରୀ ଓ କର୍ମଚାରୀ।

ରିପେୟାର ଶପ୍ ମେକାନିକାଲ ସାମୁଦାୟିକଙ୍କ ପ୍ରୟାସ ସଫଳ

ରାଉରକେଲା ଅଫିସ,୧୨। ୭

ଆରଏସପି ପକ୍ଷରୁ ବିପୁଳ ସଞ୍ଚୟ ସାଧନ

ସେଲ ଅଧୀନ ମହାରତ୍ନ କମ୍ପାନୀ ରାଉରକେଲା ଇସ୍ପାତ କାରଖାନା(ଆରଏସପି) ନିମ୍ନମୁଖୀ ବିକ୍ରିଲବ୍ଧ ରାଶି ଏବଂ ଆହ୍ୱାନମୂଳକ ବଜାର ଅବସ୍ଥାକୁ ପ୍ରତିହତ କରି ପାରିଛି। କାରଣ କମ୍ପାନୀ ସର୍ବଦା ଖର୍ଚ୍ଚ କାଟ ଉପରେ ଗୁରୁତ୍ୱ ଦେଇ ଆସିଛି। ଏହି କ୍ରମରେ କାରଖାନାର ପ୍ରମୁଖ ଉତ୍ପାଦନ ୟୁନଟ ଗୁଡିକ ଲକ୍ଷ୍ୟ ହାସଲ କରିବାକୁ ସଫଳ ହୋଇ ପାରିଛି। ଆରଏସପି ଉଲ୍ଲେଖନୀୟ ଅଗ୍ରଗତି କରି ପାରିଛି। ରିପାୟର ସପ ମେକାନିକାଲ ବିଭାଗ ସାମୁଦାୟିକ ଏକ ପ୍ରମୁଖ ଯନ୍ତ୍ରୋପକରଣର ସଫଳତା ପୂର୍ବକ ମରାମତି ଏବଂ ଓଭର ହଲିଂ ଭଳି ପ୍ରଶଂସନୀୟ ପ୍ରୟାସ ଉଦାହରଣ ସୃଷ୍ଟ କରଛି। ବଭାଗୀୟ ସାମୁଦାୟକ ନିଜସ୍ୱ ସମ୍ବଳ ଓ ବୈଷୟିକ ଦକ୍ଷତାର ଉପଯୋଗ କରି ସର୍ବନିମ୍ନ ସମୟ ମଧ୍ୟରେ ଷ୍ଟିଲ ମେଲ୍ଟିଂ ସପ୍-୧ ବିଭାଗର ଟଣ୍ଡିସ କାରର ଏଲଏଡଏଫ, ସାଇଡ ଲିଫ୍ଟିଂ ବଲ ସ୍କ୍ରୁ ଡ୍ରାଇଭରେ ବ୍ରେକ ଡାଉନ ସଂଗଠିତ ହୋଇଥିଲା। ଏଥିଯୋଗୁ ଉପରିସ୍ଥ ଲକ ପ୍ଲେଟ ଭାଙ୍ଗିଯିବା ସହ ଆସେମ୍ବଲ ମଧ୍ୟରୁ ୨୫ଟି ବଲ ବାହାରି ଆସିଥିଲା। ବିଭାଗୀୟ ସାମୁଦାୟିକ ଏହି ଆହ୍ୱାନ ମୂଳକ କାର୍ଯ୍ୟକୁ ହାତକୁ ନେଇ ଏହାର ସଫଳତା ପୂର୍ବକ ମରାମତି କରବାକୁ ସକ୍ଷମ ହୋଇଛନ୍ତ। ଏହ ପ୍ରଶଂସନୀୟ ପ୍ରୟାସ ଯୋଗୁ କାରଖାନର ୬୦ ଲକ୍ଷ ଟଙ୍କା ସଞ୍ଚୟ ହୋଇ ପାରିଛି।

ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

ରାଉରକେଲା ଅଫିସ,୧୨।୭

ଛେଣ୍ଡ କଲୋନୀ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ଏହାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜଗତ ଜନନୀ ମାର୍କେଟ ନିକଟ ଗୋପବନ୍ଧୁ ପାଠାଗାରରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ନବଘନ ସାହୁ ଅଧକ୍ଷତା କରିଥିଲେ। ଅନୁଷ୍ଠାନର ସାଧାରଣ ସଂପାଦକ ଶଙ୍କରପ୍ରସାଦ ତ୍ରିପାଠୀ ସଂପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଇଗ୍ନେସ ହାଁସଦା ଆର୍ଥିକ ଆୟ ବ୍ୟୟ ବିରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ନୂଆ କମିଟି କରାଯାଇଛି। ନବଘନ ସାହୁ, ଆନନ୍ଦ ସାମଲ, ସୁବାଶ ମହାପାତ୍ର, ଶଙ୍କରପ୍ରସାଦ ତ୍ରିପାଠୀ, ହରିହର ନାୟକ, ଫକୀରମୋହନ ନାୟକ, ପ୍ରମୋଦ ମହାନ୍ତି, ନିରୋଦ ପଟ୍ଟନାୟକ, ମୁରାରୀ ପ୍ରଧାନ, କୁଳମଣି ସାହୁ, ବିଶ୍ୱାମିତ୍ର ଦାସ, ହରିହର ଶତପଥୀ, କୈଳାସ ସାମଲ, ବନୋଦ ବହାରୀ ଦାସ, ହରଶ୍ଚନ୍ଦ୍ର ଭୂମିଜ, ଅଜୟ ମହାନ୍ତି, ଚମ୍ପାବତୀ ପୃଷ୍ଠେଠଙ୍କୁ ବିଭିନ୍ନ ଦାୟିତ୍ୱ ଦିଆ ଯାଇଛି।

ଆଇନ ସହାୟକ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉ

ରାଉରକେଲା ଅଫିସ,୧୨। ୭

ଜିଲାପାଳଙ୍କ ସହ ଆଇନଜୀବୀମାନେ ଆଲୋଚନା କରୁଛନ୍ତି।

ଉଦିତନଗର ଆଇଟିଡିଏ ସମ୍ମିଳନୀ କକ୍ଷରେ ସୁନ୍ଦରଗଡ ଜିଲାପାଳ ନିଖିଳ ପୱନ କଲ୍ୟାଣଙ୍କୁ ବିଜୁ ଜନତା ଦଳ ଆଇନଜୀବୀ ସାଖ୍ଷ୍ୟ ଭେଟିଛି। ସୁନ୍ଦରଗଡ ଜିଲାର ବିଭିନ୍ନ ପଞ୍ଚାୟତରେ ମଧୁବାବୁ ଆଇନ ସହାୟକ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ଏହାସହ ଜିଲାର ବିଭିନ୍ନ କୋର୍ଟ କଚେରି, ଅଦାଲତରେ କାର୍ଯ୍ୟରତ ଆଇନଜୀବୀଙ୍କ ସମସ୍ୟା ବାବଦରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ନେଇ ୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ୨୭୯ ପଞ୍ଚାୟତ ମଧ୍ୟରୁ ଆଦ୍ୟାବଧି ୪୨ଜଣଙ୍କୁ ନିଯୁକ୍ତି ମିଳିଛି। ଆହୁରି ୨୩୭ ପଦ ଖାଲି ରହିଛି। ଖାଲି ସ୍ଥାନରେ ଅଗ୍ରାଧିକାର ଭିତ୍ତିରେ କିପରି ଆଇନ ସହାୟକ ନିଯୁକ୍ତି ପାଇବେ ସେ ନେଇ ପଦକ୍ଷେପ ନିଆଯାଉ। ଅନ୍ୟପକ୍ଷେ ବିଭିନ୍ନ କୋର୍ଟରେ କାର୍ଯ୍ୟରତ ସରକାରୀ ଆଇନଜୀବୀ ସେମାନଙ୍କ ଫି ବିଲ୍ ଜିଲା ସଦର ମହକୁମାରେ ଦାଖଲ କରୁଥିବାରୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ବିଲ୍ ଜମା କରାଯିବା ବ୍ୟବସ୍ଥା କରାଗଲେ ଆଇନଜୀବୀ ଉପକୃତ ହୁଅନ୍ତେ ବୋଲି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ତ ଅଭିଯୋଗ ଶୁଣିବା ପରେ ଜିଲାପାଳ କହିଥିଲେ ଯେ, ନିୟମାନୁସାରେ ଓ ପର୍ଯ୍ୟାୟ କ୍ରମେ ସମସ୍ୟାର ସମାଧାନ ନେଇ ପଦକ୍ଷେପ ନିଆଯିବ। ଏଥିରେ ସାଖ୍ଷ୍ୟର ଆଞ୍ଚଳିକ ଆବାହକ ସନ୍ତୋଷ ନାୟକ, ଜିଲା ଆବାହକ ଅଶୋକ ସ୍ୱାଇଁ, ରବୀନ୍ଦ୍ର ସେନାପତି, ସତ୍ୟନାରାୟଣ ମହାପାତ୍ର, ସୁଦାମ ଦାସ, ଅଞ୍ଜନ ବାରିକ, ବିଜୟ ଦାସ, ନୀରଞ୍ଜନ ମହାନ୍ତ, ସୁନ୍ଦରଗଡ ସଦର ମହକୁମାରୁ ଦେବାଶିଷ ମିଶ୍ର, କୀର୍ତ୍ତିକ୍ରିଷ୍ଣ ସାମନ୍ତରାୟ, ବଣାଇଁରୁ ପାର୍ଥସାରଥି ଦାସ, କୈଳାସ ପ୍ରଧାନ, ଦିଗସ୍ତର ପ୍ରଧାନ, ରାଜଗାଙ୍ଗପୁର ପ୍ରତିନିଧି ବିଜୟ ସାହୁ, ଆରତୀ ଚୌଧୁରୀ, ପ୍ରକାଶ ରାୟ, ଅକ୍ଷୟ ସାହୁ, ବିଜୟ ଥାଟୋଇ, ନାରାୟଣ ପ୍ରଧାନ, ସୁନୀଲ ତିର୍କୀ, ଧୀରେନ୍ଦ୍ର ଦାସ, ଅମୂଲ୍ୟ ପାତ୍ର, ଶଶକାନ୍ତ ନାୟକ, ବିଜୟ ହରିଚନ୍ଦନ ଓ ତନ୍ମୟ ଜେନା ପ୍ରମୁଖ ସରକାରୀ ଆଇନଜୀବୀ ଉପସ୍ଥିତ ଥିଲେ।

ଝିରପାଣି ବଳାତ୍କାର ଘଟଣା

ଥାନା ଘେରିଲେ ସରପଞ୍ଚଙ୍କ ସମର୍ଥକ

ରାଉରକେଲା ଅଫିସ,୧୨। ୭

ଝିରପାଣି ଅଞ୍ଚଳରେ ଗୁରୁବାର ଜଣେ ନବ ବିବାହିତା ଯୁବତୀଙ୍କୁ ଗଣ ବଳାତ୍କାର ଅଭିଯୋଗ ଆସିବା ପରେ ଘଟଣା ଶୁକ୍ରବାର ସନ୍ଧ୍ୟାରେ ଭିନ୍ନ ମୋଡ ନେଇଛି। ଝିରପାଣି ସରପଞ୍ଚ ପ୍ରଭା ଖାଲକୋ ତାଙ୍କର ଶତାଧିକ ସମର୍ଥକଙ୍କୁ ନେଇ ଥାନା ଘେରିଛନ୍ତି। ଘଟଣାରେ ସମ୍ପୃକ୍ତ ସରପଞ୍ଚଙ୍କ ସ୍ୱାମୀ ଅଜୟ ଖାଲକୋ (୪୨) ଓ ତାଙ୍କ ସହଯୋଗୀ ରାଜେଶ ଟପୋ (୪୨) ନିର୍ଦ୍ଦୋଶ ବୋଲି ଦାବି କରିଛନ୍ତି ମହିଳା ସରପଞ୍ଚ ପ୍ରଭା ଓ ତାଙ୍କ ସମର୍ଥକ। ବସ୍ତି ବାସିନ୍ଦା ତଥା ସରପଞ୍ଚ ସମର୍ଥକଙ୍କ କହିବା କଥା ହେଲା ଅଜୟଙ୍କୁ ଜାଣିଶୁଣି ରାଜନୈତିକ ଆକ୍ରୋଶ ରଖି ଫସା ଯାଇଛି। ଏମାନେ ବଳାତ୍କାରରେ ସମ୍ପୃକ୍ତ ନୁହନ୍ତି। ଏଣୁ ତଦନ୍ତ ସର୍ତକତା ସହ କରାଯିବା ଆବଶ୍ୟକ। ପ୍ରକୃତ ଦୋଷି ଯିଏ ତାକୁ ଧର। ବିନା କାରଣରେ ତାଙ୍କ ସ୍ୱାମୀଙ୍କୁ ଦୋଷ ଦିଆଯାଉଛି ବୋଲି ପ୍ରଭା ସଫେଇ ଦେଇଛନ୍ତି। ଏହାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଝିରପାଣି ଥାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରପଞ୍ଚଙ୍କ ପରିବର୍ତ୍ତେ ତାଙ୍କ ସମର୍ଥକ ଏକ ଲିଖିତ ଦାବି ପତ୍ର ପ୍ରଦାନ କରିଛନ୍ତି। ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଏଥିରେ କୁହାଯାଇଛି। ଅବଶ୍ୟ ବୁଝାସୁଝା ପରେ ସରପଞ୍ଚଙ୍କ ସମର୍ଥକ ଫେରିଯାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ୭ ତାରିଖରେ ସମ୍ପୃକ୍ତ ମହିଳାଙ୍କୁ ସରପଞ୍ଚଙ୍କ ସ୍ୱାମୀ ଓ ସହଯୋଗୀ ଚାଉଳ ଦେବାକୁ ଘରୁ ଡାକି ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ବଳାତ୍କାର କରିଥିଲେ। ମହିଳା ଜଣକ ଲୋକ ଲଜ୍ଜା ଭୟରେ ମୁହଁ ଖୋଲି ନ ଥିଲେ। କିଛିଦିନ ତଳେ ବିବାହ କରିଥିବା ଏହି ମହିଳାଙ୍କ ସ୍ୱାମୀ ଘଟଣା ବାବଦରେ ସୁରାକ ପାଇବା ପରେ ତାଙ୍କୁ ଛାଡି ଚାଲିଯିବାରୁ ସେ ବାଧ ହୋଇ ଝିରପାଣି ଥାନାରେ ଅଭିଯୋଗ କରିଥିଲେ। ପୀଡିତାଙ୍କୁ ଡାକ୍ତରୀ ମାଇନା କରାଯାଇଛି। ଘଟଣାରେ ସମ୍ପୃକ୍ତ ସରପଞ୍ଚ ଓ ତାଙ୍କ ସହଯୋଗୀ ଫେରାର ହୋଇ ଯାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ଝିରପାଣି ପୋଲିସ ତନାଘନା ଚଳାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଭାରତର ନଂ. 1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ସ୍ପୁତ୍ ଋଣ

ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା

ସଂକ୍ଷେପରେ

ବାହୁଡିଲେ ତିନି ଠାକୁର

ନୂଆଗାଁ,୧୨।୭ (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅଧୀନ ସୋରଡା, ନୂଆଗାଁ, ହାତିବାରୀରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋରଡାରେ ଅନୁଷ୍ଠିତ ବାହୁଡାଯାତ୍ରାରେ ରାଜକିଶୋର ସାହୁ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଜଗନ୍ନାଥ ମନ୍ଦିର କମିଟି ସମ୍ପାଦକ ପ୍ରଦୀପ କୁମାର ତ୍ରିପାଠୀ, ବସନ୍ତ କୁମାର ତ୍ରିପାଠୀ, ସୁଜିତ ପଣ୍ଡା, ମତିଲାଲ ପଣ୍ଡା, ହିମାଂଶୁଶେଖର ତ୍ରିପାଠୀ, ବାଜୟ ତ୍ରିପାଠୀ, ରାହୁଲ ତ୍ରିପାଠୀ, ମୁନୁ ପଣ୍ଡା, ବଳରାମ ପଣ୍ଡା, ବିର୍ସାମ ଓରାମ ପ୍ରମୁଖ ଉପସ୍ଥିତ ରହି ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଶ୍ୱା ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ହାତିବାରୀଠାରେ ଅନୁଷ୍ଠିତ ବାହୁଡାଯାତ୍ରାରେ ଅମ୍ବରଶେଖର ଦେଓ, କାର୍ତ୍ତିକେଶ୍ୱର ଶେଖର ଦେଓ, ଚମରା ସାହୁ, ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ରହି ରଥଟଣା ତଦାରଖ କରିଥିଲେ । କାର୍ତ୍ତିକେଶ୍ୱର ଶେଖର ଛେରାପହଁରା କରିଥିଲେ। ସେହିପରି ନୂଆଗାଁରେ ଶାନ୍ତି ଶୃଙ୍ଖଳାର ସହ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହାତିବାରୀ ଥାନା ପୋଲିସ ଓ ନୂଆଗାଁ ଫାଣ୍ଡି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।

ଶାନ୍ତି ଶୃଙ୍ଖଳା ସହ ବାହୁଡ଼ା ଯାତ୍ରା ସମ୍ପନ୍ନ

ସୁନ୍ଦରଗଡ଼/ବଡ଼ଗାଁ,୧୨।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ରାଜବାଟିସ୍ଥିତ ଜଗନ୍ନାଥ ମନ୍ଦିରର ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ମାଉସୀ ମା' ମଣ୍ଡପରୁ ପହଣ୍ଡି ବିଜେ କରି ରଥାରୂଢ କରାଯାଇଥିଲା। ପରେ ସୁନ୍ଦରଗଡ଼ର ରାଜା ସମରେନ୍ଦ୍ର ଶେଖର ଦେଓ ପାରମ୍ପରିକ ରୀତିନୀତି ଅନୁଯାୟୀ ଛେରାପହଁରା କରିଥିଲେନ୍। ଅପରାହ୍ନ ସାଢେ ୪ଟାରେ ରଥଟଣା ହୋଇ ରିଜେଣ୍ଟ ମାର୍କେଟଛକ ଦେଇ ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଗୋଟିଏ ରଥରେ ଜଗନ୍ନାଥ, ବଳଭଦ୍ରଙ୍କ ସହ ସୁଦର୍ଶନ ଓ ଅନ୍ୟ ଏକ ରଥରେ ଦେବୀ ସୁଭଦ୍ରାଙ୍କୁ ରଥାରୂଢ କରାଯାଇ ରଥଟଣା ହୋଇଥିଲା। ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ସେଠାରୁ ପହଣ୍ଡି ବିଜେ ହୋଇ ଶ୍ରୀଜୀଉ ମନ୍ଦିର ପ୍ରବେଶ କରିଥିଲେ । ଏହି ଅବସରରେ ମନ୍ଦିର ପ୍ରବେଶ ପୂର୍ବରୁ ମା' ଲକ୍ଷ୍ମୀ ଜଗନ୍ନାଥଙ୍କ କଳି ବଚନିକା କାର୍ଯ୍ୟକ୍ରମ ଅନ୍ୟତମ ମୁଖ୍ୟ ଆକର୍ଷଣ ରହିଥିଲା। ରାଜମାତା ପଦ୍ମିନୀ ଶେଖର ଦେଓ ତାଙ୍କ ପୁତ୍ର ରାଜା ସମରେନ୍ଦ୍ର ଶେଖର ଦେଓ ପୁତ୍ରବଧୂ ରାଣୀ ବିଜ୍ଞାନୀ କୁମାରୀ ଦେଓଙ୍କ ସହ ରାଜପରିବାରର ସଦସ୍ୟଙ୍କ ସହ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଲକ୍ଷ୍ମୀ–ଜଗନ୍ନାଥଙ୍କ କଳି ବଚନିକା ଶ୍ରବଣ କରିଥିଲେ। କଣ୍ଠ ଶିଳ୍ପୀ ସସ୍ମିତା ସାହୁ ଓ ପ୍ରଦୀପ ଗୁରୁ ବଚନିକା ଗାନ କରି ଶ୍ରଦ୍ଧାଳୁଙ୍କୁ ବାନ୍ଧି ରଖିଥିଲେ। ସେହିପରି ସୁନାରିପଡ଼ାସ୍ଥିତ ଭାଗବତ ମନ୍ଦିର ସ୍ଥିତ ଚତୁର୍ଦ୍ଧାମୂର୍ତ୍ତଙ୍କୁ ରଙ୍ଗାଢିପାସ୍ଥିତ ମାଉସୀ ମା' ମଣ୍ଡପରୁ ପହଣ୍ଡି ବିଜେ କରାଯାଇ ରଥାରୂଢ କରାଯିବା ପରେ ରଥଟଣା ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ କରାଯାଇ ମନ୍ଦିରରେ ପ୍ରବେଶ କରାଯାଇଥିଲା। ବାହୁଡା ଯାତ୍ରା ଅବସରରେ ସୁନ୍ଦରଗଡ ପବ୍ଲିକସ୍କୁଲ ସ୍କାଉଟ ଟିମ୍ ପକ୍ଷରୁ ସର୍ବତ ବଣ୍ଟ କାର୍ଯ୍ୟକ୍ରମ ସହ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

ସେହିପରି ସୁନ୍ଦରଗଡ ଜିଲା ବଡଗାଁରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଯାଇଛି। ଅପରାହ୍ନରେ ମାଉସୀ ମା ମନ୍ଦିରରେ ଘୁପୁଲୁ ପାଣିଗ୍ରାହୀ, ନିହାରରଞ୍ଜନ ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ, ହରିହର ପାଣିଗ୍ରାହୀ, ଗୁଡୁ ପାଣିଗ୍ରାହୀ ଶ୍ରୀଜୀଉଙ୍କୁ ପହଣ୍ଡି

ସୁନ୍ଦରଗଡ଼ରେ ଅନୁଷ୍ଠିତ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା।

କରାଇଥିଲା ବେଳେ ପରମାନନ୍ଦ ପାଣିଗ୍ରାହୀ ଛେରାପହଁରା କରିଥିଲେ । ସନ୍ଧ୍ୟା ପ୍ରାୟ ୭ଟାରେ ରଥ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଥିଲା।

କୁଆଁରମୁଣ୍ଡା, ବୀରମିତ୍ରପୁରରେ ବାହୁଡ଼ାଯାତ୍ରା ସମ୍ପନ୍ନ

କୁଆଁରମୁଣ୍ଡା,୧୨।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ନାଗରାଗଡ଼ରେ ଶୁକ୍ରବାର ଶ୍ରୀଜୀଉଙ୍କ ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଅନୁକୂଳ ପାଗ ଯୋଗୁ କୁଆଁରମୁଣ୍ଡା ଚେକ୍ ଗେଟ୍ ନିକଟରୁ ବଜରଙ୍ଗ ଛକ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରୀଜୀଉଙ୍କ ସମସ୍ତ ରୀତିନୀତି ଶେଷ ପରେ ଅପରାହ୍ନ ୫ଟା ୨୦ରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା୨୦ ସୁଦ୍ଧା ରାହାସପଡ଼ିଆସ୍ଥିତ ଜଗନ୍ନାଥ ମନ୍ଦିରରେ ରଥ ପହଞ୍ଚିଥିଲା। ବଜରଙ୍ଗଛକ ନିକଟସ୍ଥ ମାଉସୀ ମା' ମନ୍ଦିରରୁ ୧୪୩ ନମ୍ବର ଜାତୀୟ ରାଜପଥରେ ରାହାସପଡିଆସ୍ଥିତ ଜଗନ୍ନାଥ ମନ୍ଦିର ନିକଟକୁ ରଥଟଣା ବେଳେ ରାଜପଥ ଲୋକାରଣ୍ୟ ହୋଇପଡିଥିଲା। ବୀରମିତ୍ରପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାତ୍ର, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷୀକେଶ ବେହେରାଙ୍କ ସହ ପୋଲିସ ଟିମ୍ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ। ରଥଟଣା ସମୟରେ ଜାତୀୟ ରାଜପଥରେ ଗାଡି ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ପୋଲିସ ପକ୍ଷରୁ ଗାଡିଗୁଡିକୁ ଲିଙ୍କରୋଡ ଦେଇ ଛଡାଯାଇଥିଲା। ମନ୍ଦିର କମିଟି ପକ୍ଷରୁ କୁଆଁରମୁଣ୍ଡା ଜମିଦାର ସଞ୍ଜୀବ ପ୍ରତାପ ସିଂଦେଓଙ୍କ ତତ୍ତ୍ୱାବଧାନରେ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। କୁଆଁରମୁଣ୍ଡାର ବାହୁଡା ଯାତ୍ରାରେ ପ୍ରାୟ ୧୮ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡିଛି। ସେହିପରି ବୀରମିତ୍ରପୁର ପୌରାଞ୍ଚଳରେ ବାହୁଡାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ମାଝିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ପ୍ରଶାସନର ନିରବତା
ଗ୍ରାମ୍ୟ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ଲେଫ୍ରିପଡ଼ା,୧୨।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଧୀନ କୁଲାବିରା ପଞ୍ଚାୟତର କୁରୁମକେଲ ଗ୍ରାମରୁ କୁଲାବିରା ଗ୍ରାମ୍ୟ ରାସ୍ତାକୁ କୁରୁମକେଲ ଗ୍ରାମବାସୀ ଶୁକ୍ରବାର ମରାମତି କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ଅସରାଏ ବର୍ଷା ହେଲେ ରାସ୍ତାରେ କାଦୁଅ ହେବା ସହ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଗ୍ରାମବାସୀ ଏକାଠି ହୋଇ ଟଙ୍କା ଆଦାୟ କରି ରାସ୍ତାରେ ମୋରମ୍ ପକାଇ ମରାମତି କରିଛନ୍ତି। ରାସ୍ତା ମରାମତି କାର୍ଯ୍ୟରେ କୁରୁମକେଲ ଗ୍ରାମର ନାରାୟଣ ପଟେଲ, ଗୋଲାପ ପଟେଲ, ସୁମନ୍ତ ନାଏକ, ତୁଲାରାମ କିଷାନ, ପ୍ରଫୁଲ୍ଲ କିଷାନ, ଗୋକୁଲା ଭୋଷାଲ ପ୍ରମୁଖ ଗ୍ରାମବାସୀ ଯୋଗ ଦେଇଥିଲେ।

ମୋରମ୍ ପକାଇ ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ବେଦାନ୍ତ କାରଖାନାରୁ ନିର୍ଗତ ପାଉଁଶ ସ୍ଥାନାନ୍ତରଣ ପ୍ରସଙ୍ଗ
ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟିକା

ସୁନ୍ଦରଗଡ଼,୧୨।୭ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲାରେ ଥିବା ବିଭିନ୍ନ କଳକାରଖାନାଗୁଡିକରୁ ନିର୍ଗତ ପାଉଁଶ ପଡୋଶୀ ସୁନ୍ଦରଗଡ଼ ଜିଲାର ବିଭିନ୍ନ ରାସ୍ତାପାର୍ଶ୍ୱ ଚାଷଜମିରେ କିଛି ପରିବହନ ବ୍ୟବସାୟୀ ଆଣି ପକାଉଥିବାରୁ ଏହା ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସହ ଚାଷ ଜମିର ଉର୍ବରତା ହ୍ରାସ ହେଉଛି। ଏହି ପ୍ରସଙ୍ଗରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଶୁକ୍ରବାର ବିଧାନ ସଭାରେ ପ୍ରଶ୍ନ ଉଠାଇଥିଲେ। ବିଧାୟିକା ଟେଟେ ଝାରସୁଗୁଡ଼ାସ୍ଥିତ ବେଦାନ୍ତ କାରଖାନାରୁ ନିର୍ଗତ ହେଉଥିବା ପାଉଁଶ ସ୍ଥାନାନ୍ତର ପାଇଁ ସରକାର ସମ୍ପୃକ୍ତ କମ୍ପାନୀକୁ କେତେ ଜମି ଯୋଗାଇ ଦେଇଛନ୍ତି ଓ ଏହା ସତ୍ତ୍ୱେ ବେଦାନ୍ତ କମ୍ପାନୀ କାରଖାନାରୁ ନିର୍ଗତ ପାଉଁଶ ବେସରକାରୀ ଜମିରେ ପକାଯାଉଥିବାରୁ ଏହା ପ୍ରଦୂଷଣ ଆଇନର ବିରୁଦ୍ଧାଚରଣ କରୁଥିବାରୁ ସରକାର ଏଥିପ୍ରତି ଅବଗତ ଅଛନ୍ତି କି । ଯଦି ଅଛନ୍ତି ଏହାର ନିରାକରଣ ନିମନ୍ତେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେନେଇ ପ୍ରଶ୍ନ କରିଥିଲେ। ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୃହରେ ବିଧାୟିକାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ଝାରସୁଗୁଡ଼ାସ୍ଥିତ ବେଦାନ୍ତ କମ୍ପାନୀର ଆସପଣ୍ଡ ନିର୍ମାଣ ନିମନ୍ତେ ଇଡକୋ ପକ୍ଷରୁ ୪୨୨.୦୪ ଏକର ପରିମୀତ ଜମି ଯୋଗାଇ ଦିଆଯାଇଛି । ଏପରି କି ପାଉଁଶ ସ୍ଥାନାନ୍ତର ପାଇଁ ଝାରସୁଗୁଡ଼ା ଜିଲାପାଳଙ୍କ ଦ୍ୱାରା ପଞ୍ଚପଡାସ୍ଥିତ ଖାଲୁଆ ଅଞ୍ଚଳରେ ୫୧.୮୭ ଏକର ପରିମିତ ଜମି ଯୋଗାଇ ଦିଆଯାଇଛି। ତେବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କ ସମ୍ପ୍ରତିକ୍ରମେ ବିଭିନ୍ନ ଖାଲୁଆ ଅଞ୍ଚଳରେ ୬୪. ୯୪ ଏକର ପରିମୀତ ବେସରକାରୀ ଜମିରେ କମ୍ପାନୀ ଦ୍ୱାରା ପାଉଁଶ ବିସ୍ଥାପନ କାର୍ଯ୍ୟ ସମ୍ପନ୍ନ ହେଉଛି । ଖାଲୁଆ ଜମିପୂର୍ଣ୍ଣ ନିୟମାବଳୀ ମୁତାବକ ଏହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ବୋର୍ଡ ପକ୍ଷରୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି କମ୍ପାନୀର ପାଉଁଶ ସ୍ଥାନାନ୍ତର କାର୍ଯ୍ୟରେ କୌଣସି ନିୟମ ବିରୁଦ୍ଧାଚରଣ ସଂକ୍ରାନ୍ତ ଅଭିଯୋଗ ରାଜ୍ୟ ପ୍ରଦୂଷଣ ବୋର୍ଡଙ୍କ ହସ୍ତଗତ ହୋଇନାହିଁ। ଏପରି କୌଣସି ଅଭିଯୋଗ ଆସିଲେ କମ୍ପାନୀ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିଳ୍ପମନ୍ତ୍ରୀ ମିଶ୍ର ଉତ୍ତରରେ କହିଥିଲେ।

ବିଭିନ୍ନ ସ୍ଥାନରେ ଚୋରି ମାମଲା
୪ ନାବାଳକଙ୍କ ସମେତ ୬ ଗିରଫ

ସୁନ୍ଦରଗଡ଼,୧୨।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ସହରର ବିଭିନ୍ନ ସ୍ଥାନରେ ହୋଇଥିବା ଚୋରି ଘଟଣାରେ ଟାଉନ ଥାନା ପୋଲିସ ୪ଜଣ ନାବାଳକଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ନିକଟରୁ ଚୋରି ହୋଇଥିବା ୪ଟି ଦାମୀ ମୋବାଇଲ ଫୋନ୍ ଜବତ କରିଛି। ଶୁକ୍ରବାର ଟାଉନ୍ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବଳଭଦ୍ର ଦୀପ ଏହି ସୂଚନା ଦେଇଛନ୍ତି। ଚୋରି ର‍ୟାକେଟର ମାଷ୍ଟର ମାଇଣ୍ଡ ସ୍ଥାନୀୟ ପତ୍ରାପଡ଼ାର ଧୀରଜ ସାହୁ (୧୯) ଏବଂ ରାଉରକେଲା ସେକ୍ଟର ୬ ଏଚ୍ ବ୍ଲକ ମୁଣ୍ଡାରି ବସ୍ତିର ବିନୋଦ ବିନ୍(୨୭)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୪ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା।

ଗିରଫ ଅଭିଯୁକ୍ତମାନେ ସହରର ୪ଟି ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କହିଛି । ଅନ୍ୟପକ୍ଷେ ପୋଲିସ ପୃଥକ ୪ଟି ଚୋରି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଟାଉନ ଥାନା ଆଇଆଇସି ବିଭିସ ପ୍ରଧାନଙ୍କ ନେତୃତ୍ୱରେ ସବ୍ ଇନ୍ସପେକ୍ଟର ଲକ୍ଷ୍ମୀକାନ୍ତ ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଏକ ସ୍ୱାଡ୍ ଗଠନ ହୋଇଥିଲା। ସ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରି ର‍ୟାକେଟକୁ ଠାବ କରିବାରେ ସଫଳ ହୋଇଥିଲା। ଘଟଣାରେ ସଂପୃକ୍ତ ଅନ୍ୟ ୪ଜଣ ନାବାଳକ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ଗତ ଫେବୃୟାରୀ ୨୪ତାରିଖ ରାତିରେ ଆର୍‌ଡି ଅଫିସ ନିକଟରେ ଥିବା ଏକ ଠିକାସଂସ୍ଥା କ୍ୟାମ୍ପରେ ପଶି କର୍ମଚାରୀଙ୍କୁ ଭୟଭୀତ କରି ନଗଦ ୨୦ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ୍ ଓ କିଛି ଗୁରୁତ୍ୱପୂର୍ଣ୍ଣ ଚାବି ଲୁଟି ନେଇଥିଲେ। ସେହିପରି ମେ ୭ ତାରିଖ ରାତିରେ ଲୁହୁରାଡିପାସ୍ଥିତ ସରକାରୀ ଜିଏନ୍‌ଏମ୍ ଗାର୍ଲ୍ସ ହଷ୍ଟେଲରୁ ୪ଟି ମୋବାଇଲ ଫୋନ୍ ଓ ୫୦୦ଟଙ୍କା ଚୋରି ହୋଇଥିଲା। ୨୮ ତାରିଖ ରାତିରେ ପତ୍ରାପଡ଼ା ବାଇପାସରେ ଥିବା ମା' ତାରିଣୀ ସର୍ଭିସିଂ ସେଣ୍ଟରରୁ ୩ଟି ଦାମୀ ମୋବାଇଲ ଫୋନ୍ ଏବଂ ଦେଢ ହଜାର ଟଙ୍କା ଚୋରି ହୋଇଥିଲା। ଏପରି କି ଗତ ଫେବୃୟାରୀରେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଆସିଷ୍ଟାଣ୍ଟ ମ୍ୟାନେଜର ବିକ୍ରମ ସାହୁଙ୍କ ଅନୁପସ୍ଥିତିରେ ତାଲା ଭାଙ୍ଗି ଗୋଟିଏ ଲାପଟପ୍, ଟିଭି ଅଭିଯୁକ୍ତମାନେ ଚୋରି କରିଥିବା ପୋଲିସ କହିଛି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି ପ୍ରଧାନ, ସବ୍‌ଇନ୍ସପେକ୍ଟର ଲକ୍ଷ୍ମୀକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସିପିଆଇଏମ୍ ପକ୍ଷରୁ ଖବରଦାତା ସମ୍ମିଳନୀ
ଅଲାପକା ପଞ୍ଚାୟତରେ ପାଇଖାନା ନିର୍ମାଣରେ ଦୁର୍ନୀତି

ଲେଫ୍ରିପଡା,୧୨।୭ (ଡି.ଏନ,ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅଧୀନ ଅଲପକା ପଞ୍ଚାୟତରେ ସ୍ୱଚ୍ଛଭାରତ ଯୋଜନାରେ ପାଇଖାନା ନିର୍ମାଣରେ ଦୁର୍ନୀତି ହେବା ସହ ଟଙ୍କା ହଡପ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଶୁକ୍ରବାର ଲେଫ୍ରିପଡା ସିପିଆଇଏମ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସମ୍ପାଦକ ଅନନ୍ତ ଦାଶ ଏବଂ ଗୌରୀଶଙ୍କର ପାତ୍ର ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବ୍ଲକ ପ୍ରଶାସନର କିଛି ଅଧିକାରୀ ପାଇଖାନା ନିର୍ମାଣରେ ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ୍ କରିଛନ୍ତି। ଏନେଇ ଜିଲା ପ୍ରଶାସନ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ସିପିଆଇଏମ୍ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ବହୁ ସିପିଆଇଏମ୍ କର୍ମକର୍ତ୍ତା ଯୋଗ ଦେଇଥିଲେ।

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ

ବନ ମହୋତ୍ସବ ପଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ସୁନ୍ଦରଗଡ଼,୧୨।୭ (ଡି.ଏନ୍.ଏ.)

ଜିଲା ଆଇନ ସେବା ପ୍ରାଧିକରଣ ଏବଂ ସୁନ୍ଦରଗଡ଼ ବନଖଣ୍ଡର ମିଳିତ ଆନୁକୂଲ୍ୟରେ ୭୦ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭବାନୀପୁରସ୍ଥିତ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲାଜଜ୍ ପ୍ରଦୀପ କୁମାର ମାହନ୍ତ, ସମ୍ମାନିତ ଅତିଥି ଭାବେ ବିଚାରପତି ଲକ୍ଷ୍ମୀ ନାରାୟଣ ରାୟଚୌଧୁରୀ, ବରିଷ୍ଠ ଦେୱାନୀ ଜଜ୍ ଅଭିଜିତ ପଲେଇ, ଜିଲା ଆଇନ ସେବାପ୍ରାଧିକରଣ ସଚିବ ବିମଳ ରାଉଳ, ଡିଏଫ୍‌ଓ ଡ. ଅରୁଣ କୁମାର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଅବସରପ୍ରାପ୍ତ ପ୍ରାଧାପକ ଡ. ଆଶୁତୋଷ ନାଏକ, ସହକାରୀ ବନ ସଂରକ୍ଷକ ଟଙ୍କଧର ବେହେରାଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ। ଇକୋ କ୍ଲବର ପ୍ରଶିକ୍ଷକ ସୁଧାଂଶୁ ଚୌଧୂରୀ, ସଦର ରେଞ୍ଜ ଅଫିସର ରଣେନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

- ବିଭିନ୍ନ ସମସ୍ୟାର ସମାଧାନ ଦାବି

ସୁନ୍ଦରଗଡ଼,୧୨।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ନୂତନ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ପ୍ରତିନିଧି ଦଳ ସୁନ୍ଦରଗଡ଼ ଓ ତଳସରା ନିର୍ବାଚନମ